# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩୧/୨୦୧୯ (୨୦ ପୃଷ୍ଠା) | Bhubaneswar, Sunday, March 31/2019 | (ଛୁଟିଦିନ ସହ) | ★★★★★★

୪୫ଶ ଭାଗ ୧୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



ଫିନୋଲେକ୍ସ
ପାଇପ୍ସ

# THE TURN OF A WRIST




One turn.
With one turn,
Millions of houses,
Big and small,
Crowded and sparse,
Lively and quiet,
Are getting their water.
Some of you are doing it right now.
Witnessing engineering's biggest performance.
But the real action is happening beyond that tap.
Where an army of architects, builders, and plumbers
Are establishing the foundation. Setting the building blocks.
Creating a network of uncompromisable pipes,
Delivering the promise of unmatched quality.
It's an adventure. But it's also a responsibility.
Because on a hot day like today,
When you think about water
There's only one thing to do,
Look at that tap.
And turn that wrist.

Scan to know more

**finolexpipes.com | 1800 200 3466**

**OUR PARTNER DEALERS**

**Angul**: Manoranjan Sahoo, Ph: 9437040545; Odisha Sanitary Private Limited, Ph: 9437040567; S K Borewell, Ph: 9937602255; Vijaya Sanitations, Ph: 9438254892; **Balasore**: International Polymer, Ph: 9437016385; **Bargarh**: Deepak Enterprises, Ph: 9437051389; Kumar Electric & Mill Store, Ph: 9438820000; **Berhampur**: Konark Sales Corporation, Ph: 9861018777; Narayani Steel & Sanitary, Ph: 9437223069; Vijaya Sales Corporation, Ph: 8249103431; **Bhadrak**: Utkal Building Materials Pvt Ltd, Ph: 9437060364; **Bhubaneshwar**: Arise Marketing, Ph: 9556393210; Express Micro Irrigation & Services, Ph: 9439048008; Gupta General Stores, Ph: 9437072210; Hindustan Hardware & Paints, Ph: 9237125525; M R Enterprisers, Ph: 9437019869; Meera Sanitary & Electricals, Ph: 9861423277; Roys Micro Irrigation Enterprise, Ph: 9338232473; S. K. Sanitary, Ph: 8328876788; Shree Ganesh Sanitation, Ph: 9437010928; Siddheshwar Enterprise, Ph: 8249326592; Vasundhara Micro Irrigation & Services, Ph: 7752018970; **Bolangir**: Jain Traders, Ph: 9437070135; Kiran Sanitary & Machineries, Ph: 9437093206; Laxmi Sanitary, Ph: 9437146175; Manoharlal Debi Prasad, Ph: 9437224986; Shivshakti Trading Co., Ph: 9437038464; Shree Gayatri Hardware, Ph: 9437329980; **Cuttack**: Sidhi Vinayak Sanitary, Ph: 9861003064; **Dhenkanal**: Gobinda Enterprises, Ph: 9658333320; Shanti Steel & Sanitary, Ph: 9439349886; **Jagatsingpur**: Bharat Machinery & Sanitary, Ph: 9337711870; M/S Friends Enterprises, Ph: 9015655724; **Jajpur**: Chandikhole Sanitary & Hardware, Ph: 7008194722; R. D. Marble & Sanitaryware, Ph: 9437021099; **Jharsugda**: Inmo Fertilizers & Chemicals Pvt. Ltd., Ph: 9861423344; Mamta Marbles (Orissa), Ph: 9437072091; Mishra Pipes 'N' Tiles, Ph: 9938221388; **Kalahandi**: Kamani Hardware & Electricals, Ph: 9437074208; **Kendrapada**: Prasanta Traders, Ph: 9939272927; **Keonjhar**: Jagannath Enterprises, Ph: 9437395281; **Koraput**: Happy Home, Ph: 9583842610; **Mayurbhanj**: Balaji Enterprises, Ph: 9778597151; Basanti Enterprises, Ph: 9776764049; Sidhi Vinayak Traders, Ph: 8895703457; **Puri**: Marketing Division, Ph: 9040840185; Trishakti Sanitary Store, Ph: 9040541662; **Rayagada**: Royal Sanitation, Ph: 8895170022; **Rourkela**: Hariram Amit Kumar, Ph: 9937003580; Mayankraj, Ph: 9437043486; Sivani Enterprises, Ph: 9437002000; **Sambalpur**: Parida Sanitary, Ph: 9861337720; Vasista Sanitary And Machinary, Ph: 9853290857.







## କଟକରେ ଛିଡୁନି କଂଗ୍ରେସ ଅଙ୍କ

# 'ଏମ୍‌ପି ପ୍ରାର୍ଥୀଙ୍କୁ ନେଇ ଦଳରେ ବଡ଼ ଖେଳ'

**ନିର୍ମଳ ପଣ୍ଡା**
**କଟକ ଅଫିସ,୩୦।୩**

### ବଦଳିପାରନ୍ତି ସଦର ଆସନ ପ୍ରାର୍ଥୀ

କଟକରେ କଂଗ୍ରେସ ଅଙ୍କ ଛିଡୁନି। ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୩ଦିନ ତଳୁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଦଳର କଟକ ଏମ୍‌ପି ପ୍ରାର୍ଥୀଙ୍କ ନାମ ଅଦ୍ୟାବଧି ଘୋଷଣା ହୋଇନାହିଁ। ଦଳ ପକ୍ଷରୁ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କୁ ପ୍ରାର୍ଥୀ କରାଯିବ ବୋଲି ଏକପ୍ରକାର ଚୂଡାନ୍ତ ହୋଇଥିଲା। ମାତ୍ର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏମ୍‌ପି ପ୍ରାର୍ଥୀଙ୍କ ନାମ ଘୋଷଣା ଝୁଲେଇ ରଖିବା ନେଇ ଏବେ ରାଜନୀତି ମହଲରେ ନାନା ପ୍ରକାର ଆଲୋଚନା ହେଉଛି। କାରଣ ବିଜେଡି ମଧ୍ୟ କଟକ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। ଏଭଳି ସ୍ଥିତି ଉପୁଜିବା ପଛରେ କଂଗ୍ରେସର ତଳ ସ୍ତରର ନେତାମାନେ ଦଳର ଉଚ୍ଚସ୍ତରର ନେତାମାନଙ୍କୁ ସିଧା ସମାଲୋଚନା କରିଛନ୍ତି। ପିସିସି ଏସ୍‌ସି ସେଲର ସହଅଧକ୍ଷ ବାଙ୍କନିଧି ବେହେରା କଟକ ଏମ୍‌ପି ପ୍ରାର୍ଥୀ ଚୂଡାନ୍ତ ନ ହେବା ପଛରେ ଦଳ ଭିତରେ ବଡ଼ ଖେଳ ଚାଲିଥିବା କହିଛନ୍ତି। ବାଙ୍କନିଧି କହିଛନ୍ତି ଯେ, କଂଗ୍ରେସର ରାଜ୍ୟ ସ୍ତରର ଜଣେ ଶୀର୍ଷ ସ୍ତରର ନେତାଙ୍କ ଭାଇ କିମ୍ବା ଶତ୍ରୁ କଟକ ଆସନରୁ ବିଜେଡି ଏମ୍‌ପି ପ୍ରାର୍ଥୀ ହେବାର ସମ୍ଭାବନା ରହିଛି। ତେଣୁ ଦଳ ଜିଲାର ପ୍ରତ୍ୟେକ ବିଧାନସଭା ଆସନରେ ଜାଣିଶୁଣି ଦୁର୍ବଳ ପ୍ରାର୍ଥୀ ଦେଉଥିବାବେଳେ ଏମ୍‌ପି ପ୍ରାର୍ଥୀ ନାମ ଘୋଷଣାକୁ ମଧ୍ୟ ଝୁଲେଇ ରଖିଛି। ପଞ୍ଚାନନଙ୍କୁ ତାଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ପଚାରିବାରୁ ସେ କହିଥିଲେ, ଦଳ କାହିଁକି ତାଙ୍କ ନାମ ଘୋଷଣା କରୁନାହିଁ ସେ କଥା ଦଳର ହାଇକମାଣ୍ଡ ହିଁ କହିପାରିବେ।

ଅନ୍ୟପକ୍ଷରେ ଚୌଦ୍ୱାର-କଟକ, ସାଲେପୁର ଓ ବଡ଼ମ୍ବା ଆସନ ପାଇଁ ମଧ୍ୟ କଂଗ୍ରେସ ପ୍ରାର୍ଥୀଙ୍କ ନାମ ଚୂଡାନ୍ତ ହୋଇପାରିନାହିଁ। ସାଲେପୁରରେ ଦଳର ବିଧାୟକ ପ୍ରକାଶ ବେହେରା ଭାଜପାରେ ଯୋଗଦେଇଥିବା ବେଳେ ଦଳ ସେଠାରେ ପ୍ରକାଶଙ୍କ ବିକଳ୍ପ ସନ୍ଧାନରେ ରହିଛି। ଜିଲା କଂଗ୍ରେସ ସଭାପତି ଗୁରୁପଦ ନନ୍ଦ, ପୂର୍ବତନ ସାଲେପୁର ପଞ୍ଚାୟତ ସମିତି ଅଧକ୍ଷ ରବୀନ୍ଦ୍ର କରଙ୍କ ନାମ ଟିକେଟ ପାଇବା ଚର୍ଚ୍ଚାରେ ରହିଛି। ଚୌଦ୍ୱାର-କଟକରେ ରାଜସ୍ଥାନର ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଗଦୀଶ ଚନ୍ଦ୍ର ମହାନ୍ତିଙ୍କ ନାମ ଚର୍ଚ୍ଚା ହେଉଥିବା ବେଳେ ଯୁବନେତା ମାନସ ଚୌଧୁରୀ ମଧ୍ୟ ଟିକେଟ ଦୌଡ଼ରେ ରହିଛନ୍ତି। ସେହିପରି ବଡମ୍ବାରେ ବବି ମହାନ୍ତି, ସଞ୍ଜୟ ସାହୁ, ଶିଶିର ମିଶ୍ର, ଅମୁ ପଟ୍ଟନାୟକ ଓ ମନୋରଞ୍ଜନ ନାୟକ ଟିକେଟ ଦୌଡରେ ରହିଥିବାବେଳେ ଦଳ କାହା ନାମ ଚୂଡାନ୍ତ କରୁଛି ତାହା ଉପରେ ରାଜନୈତିକ ସମୀକ୍ଷକମାନେ ନଜର ରଖିଛନ୍ତି। ଜିଲା ସଭାପତି ନନ୍ଦ କୁହନ୍ତି, ଆଗାମୀ ଦିନେ ଦୁଇଦିନ ମଧ୍ୟରେ ସମସ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ।

ଅପରପକ୍ଷରେ କଟକ ସଦର ଆସନରୁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହୋଇଥିବା ରତ୍ନାକର ବେହେରାଙ୍କ ଅସୁସ୍ଥତା କାରଣରୁ ତାଙ୍କ ପରିବର୍ତ୍ତେ ଦଳର ସୋସିଆଲ ମିଡିଆ ଅଧକ୍ଷ ଅଭିଷେକ ମହାନନ୍ଦଙ୍କୁ ପ୍ରାର୍ଥୀ କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଦଳର ଜିଲା ସଭାପତି ଗୁରୁପଦ ନନ୍ଦଙ୍କୁ ସଦର ଆସନ ପ୍ରାର୍ଥୀ ପରିବର୍ତ୍ତନ ସମ୍ପର୍କରେ ପଚାରିବାରୁ ସେ ମଧ୍ୟ ଏହାକୁ ସ୍ୱୀକାର କରିଥିଲେ। କିନ୍ତୁ ରତ୍ନାକରଙ୍କ ବଦଳରେ ଦଳ କାହାକୁ ପ୍ରାର୍ଥୀ କରିବ ସେ ସମ୍ପର୍କରେ କିଛି ଚୂଡାନ୍ତ ନିଷ୍ପତ୍ତି ହୋଇ ନ ଥିବା ସେ କହିଥିଲେ। ଅଭିଷେକଙ୍କୁ ତାଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ପଚାରିବାରୁ ତାଙ୍କୁ ଦଳ ପକ୍ଷରୁ କୌଣସି ନିର୍ଦ୍ଦେଶ ମିଳିନାହିଁ। ଯଦି ଦଳ ତାଙ୍କୁ ପ୍ରାର୍ଥୀ କରେ ତେବେ ସେ ନିଶ୍ଚିତ ଲଢିବେ ବୋଲି କହିଛନ୍ତି। ସୂଚନାଥାଉକି, ଅଭିଷେକ ହେଉଛନ୍ତି ରାଜ୍ୟ ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ଅସୀମା ମହାନନ୍ଦଙ୍କ ପୁଅ। ଅସୀମା ୨୦୦୯ରେ କଟକ ସଦର ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ସ୍ୱର୍ଗତ କାଳିନ୍ଦୀ ବେହେରାଙ୍କଠାରୁ ପରାସ୍ତ ହୋଇଥିଲେ। କାଳିନ୍ଦୀ ୭୧ହଜାର ୬୩୧ ଖଣ୍ଡ ଭୋଟ ପାଇଥିବା ବେଳେ ଅସୀମା ୨୨ହଜାର ୨୮୭ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହି ନିର୍ବାଚନରେ ଭାଜପା ପ୍ରାର୍ଥୀ ଦିଲୀପ ମଲିକ ୧୫ହଜାର ୪୦୭ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୨୦୧୯ରେ ସଦର ଆସନରୁ ବିଜେଡି ପକ୍ଷରୁ କାଳିନ୍ଦୀଙ୍କ ପୁଅ ତଥା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଦ୍ୱିତୀୟଥର ପାଇଁ ଦଳୀୟ ପ୍ରାର୍ଥୀ ହୋଇଥିବା ବେଳେ ଭାଜପା ପକ୍ଷରୁ ଦଳର ରାଜ୍ୟ ସମ୍ପାଦକ ଦିଲୀପ ମଲିକ ମଧ୍ୟ ଏଠାରୁ ତୃତୀୟ ଥର ପାଇଁ ପ୍ରାର୍ଥୀ ହୋଇଛନ୍ତି। ଯଦି ଅଭିଷେକଙ୍କୁ କଂଗ୍ରେସ ପ୍ରାର୍ଥୀ କରେ ତେବେ ସେ ସମ୍ପୂର୍ଣ୍ଣ ନୂଆ ମୁହଁଭାବେ ଆବିର୍ଭାବ ହେବେ।

## ପଶ୍ଚିମ ଓଡ଼ିଶାରୁ ୧୭ ଲକ୍ଷ ଟଙ୍କା ଜବତ

**ପାଟଣାଗଡ଼(ଡି.ଏନ.ଏ.)/ସୋନପୁର/ବଣାଇ,୩୦।୩(ନି.ପ୍ର./ସ୍ୱ.ପ୍ର.)**

ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଶୁକ୍ରବାର ଓ ଶନିବାର ୧୭ଲକ୍ଷ ୭୦ହଜାର ଟଙ୍କା ଜବତ କରାଯାଇଛି। ଉକ୍ତ ଟଙ୍କା ନିର୍ବାଚନରେ ଖର୍ଚ୍ଚ କରାଯିବା ପାଇଁ ନିଆଯାଉଥିବା ସନ୍ଦେହ କରାଯାଉଛି। ଜବତ ଟଙ୍କାକୁ ସ୍କ୍ୱାଡ୍ ନିଜ ହେପାଜତକୁ ନେଇଛି।

ବଲାଙ୍ଗୀର ଜିଲା ପାଟଣାଗଡ ବର୍ଥଲା ଛକରେ ଶନିବାର ଏକ ମାରୁତି ବ୍ରିଜା ଗାଡି (ନଂ. ଓଡି.୦୩.ଏମ. ୪୯୯୫) ଯାଞ୍ଚ ବେଳେ ୮ ଲକ୍ଷ ଟଙ୍କା ଜବତ କରାଯାଇଛି। ଗାଡିରେ ଥିବା ଖପ୍ରାଖୋଲ ବ୍ଲକ ଓଡିଆପାଲି ଗ୍ରାମର ଚୂଡାମଣି କଟାଙ୍କ ପାଖରୁ ଉକ୍ତ ଟଙ୍କା ଜବତ କରାଯାଇଥିଲା। ମାଜିଷ୍ଟ୍ରେଟ



ଦାୟିତ୍ୱରେ ଥିବା ପାଟଣାଗଡ ଏଆରସିଏସ୍ ପ୍ରମୋଦ ବରିହା ଉକ୍ତ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଏହା କୌଣସି ରାଜନୈତିକ ଦଳର ଟଙ୍କା ନୁହେଁ, ତାଙ୍କ ନିଜ ଟଙ୍କା ବୋଲି ଚୂଡାମଣି କହିଛନ୍ତି। ତାଙ୍କର କପା ମିଲ ଅଛି। ସେ ଚାଷୀଙ୍କୁ ପଇଠ କରିବା ପାଇଁ ଉକ୍ତ ଟଙ୍କା ନେଉଥିବା କହିଛନ୍ତି।

ସେହିପରି ଶନିବାର ସୋନପୁରର ଅତିରିକ୍ତ ତହସିଲଦାର ତ୍ରିପୁରା ମହାନନ୍ଦଙ୍କ ନେତୃତ୍ୱରେ ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍ ଏକ କାରରୁ ନଗଦ ୩ ଲକ୍ଷ ଟଙ୍କା ଜବତ କରିଛି। ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ଖମ୍ବେଶ୍ୱରୀପାଲି ନିକଟରେ ଯାନବାହାନ ତନଖି ଚାଲିଥିବା ବେଳେ ତରଭା ଥାନା ବାଗବାହାଲି ଗ୍ରାମର ପ୍ରଭୁଦତ୍ତ ମିଶ୍ରଙ୍କ ସ୍ୱିଫ୍ଟ ଡିଜାୟାର କାର (ନଂ-ଓଡି୩୧ବି-୦୦୨୧)ରୁ ଏହି ଟଙ୍କା ମିଳିଥିଲା। ବ୍ୟବସାୟ କାମରେ ଲାଗିବା ପାଇଁ ଏହି ଟଙ୍କା ନେଉଥିବା ପ୍ରଭୁଦତ୍ତ କହିଛନ୍ତି। ଏ ନେଇ ସୋନପୁର ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ କାର୍‌କୁ ଛଡାଯିବା ସହ ଜବତ ଟଙ୍କା ଜିଲା କୋଷାଗାର ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଛି।

ଶୁକ୍ରବାର ବିଳମ୍ବିତ ରାତିରେ କୋଇଡା ନିକଟରୁ ଫ୍ଲାଇଂ ସ୍କ୍ୱାର୍ଡ ୬ଲକ୍ଷ ୭୦ହଜାର ଟଙ୍କା ଜବତ କରିଛି। ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କ ନେତୃତ୍ୱରେ ସ୍କ୍ୱାଡ୍ ଏକ ବୋଲେରୋ (ନଂ.ଓଆର୍ ୧୪ କ୍ୟୁ- ୭୭୦୮)କୁ ଯାଞ୍ଚ କରିଥିଲା। ଡ୍ରାଇଭର ପ୍ରଦୀପ କୁମାର ଅଗ୍ରୱାଲ ସେହି ଟଙ୍କା ନେଇ ଯାଉଥିବା ବେଳେ ଧରାପଡିଥିଲେ। ଜବତ ଟଙ୍କା ରଶ୍ମି ଟ୍ରାନ୍ସପୋର୍ଟର ବୋଲି ପ୍ରଦୀପ କହିଛନ୍ତି। ସେ ଉକ୍ତ ଟ୍ରାନ୍ସପୋର୍ଟ କମ୍ପାନୀର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ତେବେ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ଶନିବାର ଉକ୍ତ ଟଙ୍କା ବଣାଇ ଟ୍ରେଜେରିରେ ଦାଖଲ କରାଯିବା ସହ ତଦନ୍ତ ଜାରି ରହିଛି। ପ୍ରଦୀପଙ୍କ ରାଜନୈତିକ ସମ୍ପର୍କ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି।

## କାରରେ କୋଲକାତା ଯାଉଥିଲା ଟଙ୍କା
# ୩୪.୨୪ ଲକ୍ଷ ଜବତ




**ବିଶୋଇ,୩୦।୩ (ଡି.ଏନ.ଏ.)**

କେନ୍ଦୁଝର ଜିଲାର କାଳିମାଟି ଅଞ୍ଚଳରୁ ଏକ କାର ଯୋଗେ ଶୁକ୍ରବାର ରାତିରେ ୩୪ ଲକ୍ଷ ୨୪ ହଜାର ୮୩ ଟଙ୍କା କଲିକତା ଆଡକୁ ନିଆଯାଉଥିବା ବେଳେ ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ବିଶୋଇ ବଜାର ଛକ ନିକଟରୁ ପୋଲିସ ଏହାକୁ ଜବତ କରିଛି। ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ନାମକ ଏକ କମ୍ପାନୀର ଜଣେ ଅଧିକାରୀଙ୍କ ସମେତ ଗାଡି ଡ୍ରାଇଭର ଓ ଅନ୍ୟ ଜଣେ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଆଇଆଇସି କୁନି ବେଶ୍ରା, ଏସ.ଆଇ ବେଦପ୍ରକାଶ ନନ୍ଦ ଓ ଅତିରିକ୍ତ ତହସିଲଦାର ପ୍ରମୁଖ ଘଟଣା ସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। କେନ୍ଦୁଝର ଜିଲା କାଳିମାଟି ଟୋଲ ଗେଟରୁ ଗତ ମାର୍ଚ୍ଚ ୧୫ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ସଂଗ୍ରହ ହୋଇଥିବା ଟଙ୍କାକୁ କଲିକତା ସ୍ଥିତ ଏକ ବ୍ୟାଙ୍କରେ ଜମା କରିବା ପାଇଁ ନିଆଯାଉଥିଲା ବୋଲି ଅଟକ ବ୍ୟକ୍ତିମାନେ ବୟାନ ଦେଇଛନ୍ତି।

# ବିଜେଡିର ୩ ବିଧାନସଭା ଆସନକୁ ନେଇ ଉତ୍କଣ୍ଠା

**ହେମନ୍ତ ନାୟକ**
**ପୁରୀ ଅଫିସ,୩୦।୩**


ପ୍ରଦୀପ ମହାରଥୀ


ସୁରେନ୍ଦ୍ର ସେଠୀ


ସମୀର ରଞ୍ଜନ ଦାଶ

ତୃତୀୟ ଏବଂ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୧୮ଟି ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଛନ୍ତି। ଏଥିରେ କେବଳ ପୁରୀ ନିର୍ବାଚନମଣ୍ଡଳୀରୁ ମହେଶ୍ୱର ମହାନ୍ତିଙ୍କ ନାମ ଘୋଷଣା କରାଯାଇଛି। ଏବେ ବି ୩ଟି ବିଧାନସଭା ଆସନରେ କିଏ ବିଜେଡି ପ୍ରାର୍ଥୀ ହେବେ ସେନେଇ ଅନେକଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ଜିଲାର ମୋଟ ୬ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ସତ୍ୟବାଦୀ, ବ୍ରହ୍ମଗିରି ଓ ପୁରୀରୁ ବିଜେଡି ପ୍ରାର୍ଥୀ ଘୋଷଣା ହୋଇଥିବାବେଳେ ପିପିଲି, ନିମାପଡ଼ା ଓ କାକଟପୁର ଆସନ ପାଇଁ ନିଷ୍ପତ୍ତି ଝୁଲି ରହିଛି।

ପିପିଲି କଥା ଦେଖିଲେ ୨୦୦୦ ମସିହାରୁ ଲଗାତର ୪ଥର ଜିତିଛନ୍ତି ବିଜେଡିର ପ୍ରଦୀପ ମହାରଥୀ। ଏକାଧିକ ଥର ମନ୍ତ୍ରୀ ହୋଇଥିବା ମହାରଥୀ ମଝିରେ ମଝିରେ ବିବାଦୀୟ ମନ୍ତବ୍ୟ ପାଇଁ ମନ୍ତ୍ରୀ ପଦରୁ ହଟିଛନ୍ତି। ଅନେକ ସମୟରେ ତାଙ୍କ ପାଇଁ ବିଜେଡିକୁ ଘେରିଛନ୍ତି ବିରୋଧୀ। ତେଣୁ ଏଥର ମହାରଥୀଙ୍କୁ ଦଳ ପ୍ରାର୍ଥୀ କରିବ ନା ନୂଆ ମୁହଁକୁ ସୁଯୋଗ ଦେବ ତାକୁ ନେଇ ଦ୍ୱନ୍ଦ୍ୱ ରହିଛି। ଅନ୍ୟପକ୍ଷେ ଜଣେ ମହିଳା ପ୍ରାର୍ଥୀଙ୍କୁ ଏଠାରେ ସୁଯୋଗ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଏମିତି ସମୀକରଣକୁ ନେଇ ଅଡୁଆରେ ପଡିଥିବା ବିଜେଡି ଏଠାରୁ କାହାକୁ ପ୍ରାର୍ଥୀ କରିବ ତାହାକୁ ନେଇ ଭୋଟରଙ୍କ ମଧ୍ୟରେ ନାନା କଳ୍ପନାଜଳ୍ପନା ଲାଗିରହିଛି। ଏଠାରୁ ଭାଜପା ପ୍ରାର୍ଥୀ ଘୋଷଣା କରିସାରିଥିବାବେଳେ କଂଗ୍ରେସ ବି କାହାକୁ

### ପୁରୀ ଜିଲା

ପ୍ରାର୍ଥୀ କରିବ କିଛି ସ୍ପଷ୍ଟ କରିନାହିଁ। କିଏ ଆଗ ପ୍ରାର୍ଥୀ ଘୋଷଣା କରିବ ତାକୁ ନେଇ ବିଜେଡି ଓ କଂଗ୍ରେସ ମଧ୍ୟରେ ଛକାପଞ୍ଝା ଚାଲିଥିବା ଶୁଣିବାକୁ ମିଳୁଛି। ୨୦୦୦ ନିର୍ବାଚନ ପରଠାରୁ ଦେଖିଲେ ଏଠାରେ ମୁଖ୍ୟତଃ ବିଜେଡି ଓ କଂଗ୍ରେସ ମଧ୍ୟରେ ମୁକାବିଲା ହୋଇଆସୁଛି। ତେଣୁ କଂଗ୍ରେସ ଯଦି ପିପିଲିରୁ ନୂଆ ମୁହଁ ଦିଏ ତେବେ ବିଜେଡି ବି ମଇଦାନକୁ ନୂଆ ପ୍ରାର୍ଥୀ ଛିଡ଼ା କରିପାରେ ବୋଲି ଚର୍ଚ୍ଚା ଚାଲିଛି।

ନିମାପଡ଼ାରେ ସମୀର ରଞ୍ଜନ ଦାଶଙ୍କୁ ଦଳ ପ୍ରାର୍ଥୀ କରିପାରେ ବୋଲି ଦଳୀୟ କର୍ମୀଙ୍କ ମହଲରେ ଆଲୋଚନା ହେଉଛି। ତେବେ ଗତ ଦୁଇଟି ନିର୍ବାଚନରେ ବିଜୟୀ ହୋଇଥିବା ସମୀରଙ୍କୁ ପ୍ରାର୍ଥୀ କରିବାରେ ଯଦି କିଛି ଦ୍ୱନ୍ଦ୍ୱ ନାହିଁ ତେବେ ଦଳ କାହିଁକି ସମୟ ଗଡ଼ାଉଛି ବୋଲି ରାଜନୈତିକ ସମୀକ୍ଷକଙ୍କ ମନରେ ପ୍ରଶ୍ନ ଉଠୁଛି। ପିପିଲି ପରି ଏଠାରେ ମଧ୍ୟ କଂଗ୍ରେସ କାହାକୁ ପ୍ରାର୍ଥୀ ଘୋଷଣା କରି ନ ଥିବାବେଳେ ଭାଜପାରୁ ପ୍ରଭାତୀ ପରିଡ଼ା ପ୍ରାର୍ଥୀ ହୋଇ ପ୍ରଚାର ଅଭିଯାନ ଆରମ୍ଭ କରିଦେଲେଣି।

ସମାନ ସ୍ଥିତି କାକଟପୁର ନିର୍ବାଚନମଣ୍ଡଳୀ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏଠାରେ ଦଳୀୟ କନ୍ଦଳ ଯୋଗୁ ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା କରିପାରି ନ ଥିବା ଚର୍ଚ୍ଚା ହେଉଛି। କାହାକୁ ପ୍ରାର୍ଥୀ କଲେ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ନ ବଢିବ ତାହା ଉପରେ ବିଚାର ବିମର୍ଶ କରୁଛି ଦଳ। ଏଠାରେ ଗତଥର ଜିତିଥିବା ସୁରେନ୍ଦ୍ର ସେଠୀଙ୍କୁ ବିଜେଡି ଟିକେଟ ଦେଇପାରେ ବୋଲି ତାଙ୍କ ସମର୍ଥକମାନେ ନିଶ୍ଚିତ ଥିବାବେଳେ ପୂର୍ବତନ ବିଧାୟକ ସୁରେନ୍ଦ୍ର ନାୟକଙ୍କୁ ସମର୍ଥକ ଗୋଷ୍ଠୀ ମଧ୍ୟ ଟିକେଟ ପାଇଁ ଆଶାବାଦୀ ଅଛନ୍ତି। ଏଠାରେ ଆଶାୟୀଙ୍କ ତାଲିକା ବେଶ୍ ଲମ୍ବା। ଭାଜପା ଏଠାରେ ତୁଷାରକାନ୍ତି ବେହେରାଙ୍କୁ ପ୍ରାର୍ଥୀ ଘୋଷଣା କରିଥିବାବେଳେ କଂଗ୍ରେସର ବିଶ୍ୱଭୂଷଣ ଦାସ ପ୍ରାର୍ଥୀ ହୋଇଛନ୍ତି। ତେବେ ଉପରୋକ୍ତ ୩ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ସ୍ପଷ୍ଟ ନ ହେବା ନେଇ ଦଳୀୟ କର୍ମୀମାନେ ସନ୍ଦେହରେ ରହିଛନ୍ତି। ଦଳ କାହାକୁ ପ୍ରାର୍ଥୀ କରିବ, ସେମାନଙ୍କ ନେତୃତ୍ୱଙ୍କୁ ଦଳୀୟ ଟିକେଟ ମିଳିବ କି ନାହିଁ ଏସବୁ ନେଇ କର୍ମୀମାନେ ଆଶଙ୍କା ଭିତରେ ରହିଛନ୍ତି। ଏ ସମ୍ପର୍କରେ ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି, ଚତୁର୍ଥ ପର୍ଯ୍ୟାୟରେ ଆମର ନିର୍ବାଚନ ହେବ। ଏପ୍ରିଲ ୨ରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବ। ତେଣୁ ସେମିତି କିଛି ବିଳମ୍ବ ହୋଇନି। ଖୁବ୍‌ଶୀଘ୍ର ନିମାପଡ଼ା ନିର୍ବାଚନମଣ୍ଡଳୀ ଚିତ୍ର ସ୍ପଷ୍ଟ ହୋଇଯିବ। ସେହିପରି ବିଧାୟକ ସୁରେନ୍ଦ୍ର ସେଠୀ କହିଛନ୍ତି, ସେମିତି କିଛି ଦଳୀୟ ବିବାଦ ନାହିଁ, ଯାହା କିଛି ମତାନ୍ତର ଓ ମନାନ୍ତର ଅଛି ତାହା କ୍ଷଣିକ। ପରସ୍ପର ବସିଗଲେ ସବୁ ସମାଧାନ ହୋଇଯିବ। କାକଟପୁର ନିର୍ବାଚନମଣ୍ଡଳୀର ବହୁ କର୍ମୀ ଚାହିଁ ରହିଛନ୍ତି। ତାଙ୍କୁ ଟିକେଟ ମିଳିବ ବୋଲି ସେ ଦୃଢ଼ ଆଶା ରଖିଛନ୍ତି।

## ନବୀନ ନିବାସରେ ଭିଡ଼































ଶନିବାର ନବୀନ ନିବାସ ଆସିଥିବା ଆଶାୟୀ ଓ ବିଜେଡି ଟିକେଟ ପାଇଥିବା ନେତାମାନେ।

## ସପକ୍ଷ-ବିପକ୍ଷରେ ଦାବି




ଯାଜପୁର ଜିଲା ବରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟ ନାୟକଙ୍କୁ ବିଜେଡି ଟିକେଟ ଦେବା ଦାବିରେ ନବୀନ ନିବାସ ସମ୍ମୁଖରେ ଶନିବାର ସମର୍ଥକଙ୍କ ଭିଡ଼।



ଯାଜପୁର ଜିଲା ବରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ଦେବାଶିଷ ନାୟକଙ୍କୁ ବିଜେଡି ଟିକେଟ ଦେବା ଦାବିରେ ନବୀନ ନିବାସ ସମ୍ମୁଖରେ ଶନିବାର ସମର୍ଥକଙ୍କ ଭିଡ଼।



ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ଅମରେନ୍ଦ୍ର ଦାସଙ୍କୁ ବିଜେଡି ଟିକେଟ ଦେବା ଦାବିରେ ଶନିବାର ନବୀନ ନିବାସ ଆସିଥିବା ସମର୍ଥକ।



କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ବିରୋଧ କରି ଶନିବାର ନବୀନ ନିବାସ ଆସିଥିବା ସ୍ଥାନୀୟ ଅଞ୍ଚଳର କର୍ମୀମାନେ।



**ବାପାଙ୍କୁ ସମ୍ମାନ ଦେଇନାହିଁ ଭାଜପା: ସୋନାକ୍ଷୀ**

ଅଭିନେତାରୁ ରାଜନେତା ପାଲଟିଥିବା ଶତ୍ରୁଘ୍ନ ସିହ୍ନାଙ୍କୁ ଭାଜପା ଯଥାର୍ଥ ସମ୍ମାନ ଦେଇନାହିଁ ବୋଲି ତାଙ୍କ କନ୍ୟା ସୋନାକ୍ଷୀ ସିହ୍ନା ପ୍ରକାଶ କରିଛନ୍ତି।

୧୨

୧୭

**ଛକାରେ ଗେଲ୍‌ଙ୍କ ରେକର୍ଡ**

କିଙ୍ଗ୍ସ ଇଲେଭେନ ପଞ୍ଜାବ ଓପନର କ୍ରିସ ଗେଲ୍ ଆଇପିଏଲ୍ ଇତିହାସରେ ପ୍ରଥମ ଖେଳାଳି ଭାବେ ୩୦୦ ଛକା ମାରିବା ଗୌରବ ଅର୍ଜନ କରିଛନ୍ତି।




ବିଜୁ ଜନତା ଦଳ

**୫ବର୍ଷ ହେଲା ପଡିରହିଛି କୋଇଲା ରୟାଲିଟି**
**ଓଡ଼ିଶା ହରାଉଛି ହଜାର ହଜାର କୋଟି ।**
**ଓଡ଼ିଶାବାସୀଙ୍କ ପ୍ରତି କେନ୍ଦ୍ରର ଦରଦ ଏମିତି**

ଓଡ଼ିଶାର ହକ୍ ପାଇଁ ଲଢ଼ିବା
୨୧ ରୁ ୨୧ ରେ 'ଶଙ୍ଖ'କୁ ଜିତାଇବା ।


# ଯିଏ ଆସିଲେ ଟିକେଟ

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ବାତାବରଣ ସେତିକି ସରଗରମ ହେବାରେ ଲାଗିଛି। ରାଜ୍ୟରେ ୩ଟି ପର୍ଯ୍ୟାୟରେ ନିର୍ବାଚନ ପାଇଁ ବିଜ୍ଞପ୍ତି ଘୋଷଣା ହୋଇସାରିଛି। ଏହି ପର୍ଯ୍ୟାୟଗୁଡିକରେ ଭୋଟ ହେବାକୁ ଥିବା ୧୫ ଲୋକ ସଭା ଏବଂ ୧୦୫ଟିବିଧାନସଭା ଆସନ ପାଇଁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ଭାଜପା କାଁ ଭାଁ କେତୋଟି ସିଟ୍‌କୁ ବାଦ୍ ଦେଲେ ପ୍ରାୟତଃ ସମସ୍ତ ଆସନରେ ଟିକେଟ ବଣ୍ଟନ କରିସାରିଛନ୍ତି। ଦଳବଦଳକାରୀ ନେତାଙ୍କ ଯୋଗୁ ସଂଗଠନରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା ଯୁବନେତାମାନଙ୍କୁ ନିରାଶ ହେବାକୁ ପଡୁଛି। ଦଳ ବଦଳାଇଥିବା ବିଧାୟକ ଓ ନେତାମାନେ ନିଜ ରାଜନୈତିକ କ୍ୟାରିୟର ପାଇଁ ଭରପୁର ଫାଇଦା ଉଠାଉଛନ୍ତି। ୩ ପ୍ରମୁଖ ରାଜନୈତିକ ଦଳର ଟିକେଟ ବଣ୍ଟନକୁ ଅନୁଶୀଳନ କଲେ ଏହା ଜଳଜଳ ହୋଇ ଦେଖାଯାଉଛି।

ବିଜେଡିରୁ ଇସ୍ତଫା ଦେଇ ଯେଉଁମାନେ ଭାଜପାରେ ସାମିଲ ହେଉଛନ୍ତି ସେମାନଙ୍କୁ ତୁରନ୍ତ ଟିକେଟ ମିଳିଯାଉଛି। ୨୦୧୪ରେ ସୁନ୍ଦରଗଡ଼ ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ହୋଇଥିବା

## ଆଗରେ ଭାଜପା

କୁସୁମ ଟେଟେଙ୍କୁ ବିଜେଡି ଟିକେଟ ନ ଦେବାରୁ ସେ ନିଜ ସମର୍ଥକଙ୍କ ସହ ଆସି ଭାଜପାରେ ସାମିଲ ହେଲେ। ତାଙ୍କୁ ଦଳ ସୁନ୍ଦରଗଡରୁ ପ୍ରାର୍ଥୀ ଘୋଷଣା କରିଛି। ପାରାଦୀପ ବିଧାୟକ ଦାମୋଦର ରାଉତ ବିଜେଡିରୁ ନିଲମ୍ବନ ହେବା ପରେ ଭାଜପାରେ ଯୋଗଦେଇଛନ୍ତି। ଦଳ ତାଙ୍କୁ ଏରସମା-ବାଲିକୁଦାରୁ ପ୍ରାର୍ଥୀ କରିଛି। କଂଗ୍ରେସ ବିଧାୟକ ପ୍ରକାଶ ବେହେରା ଭାଜପାରେ ସାମିଲ ହେବା ପରେ ତାଙ୍କୁ ସାଲେପୁର ବିଧାନସଭା ଆସନରୁ ଟିକେଟ ମିଳିଯାଇଛି। ବିଜେଡିରୁ ନିଲମ୍ବିତ ହୋଇଥିବା ବାବୁ ସିଂଙ୍କୁ ଭାଜପା ଏକାମ୍ର ଭୁବନେଶ୍ୱରରୁ ପ୍ରାର୍ଥୀ କରିଛି। ସେହିପରି ବିଜେଡିରୁ ଆସି ଭାଜପାରେ ଯୋଗଦେଇଥିବା କେ. ନାରାୟଣ ରାଓ, ବିଜେଡି ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଦଶପଲ୍ଲା ଓ ଦେବରାଜ ମହାନ୍ତିଙ୍କୁ ଆସିକା ବିଧାନସଭା ପାଇଁ ଭାଜପା ଟିକେଟ ଦେଇଛି। ବିଜେଡିରୁ ଛାଡ଼ି ଭାଜପାରେ ଯୋଗଦେଇଥିବା ପୂର୍ବତନ ବିଧାୟକ ଭାଗିରଥୀ ସେଠୀଙ୍କୁ ଟିକେଟ ମିଳିଥିଲେ ମଧ୍ୟ ସେ ପୁଣି ବିଜେଡିକୁ ଫେରିଯାଇଛନ୍ତି।

ସେହିପରି ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝିଙ୍କୁ ବିଜେଡି ଟିକେଟ ନ ଦେବାରୁ ସେ ନିକଟରେ ଭାଜପାରେ ଯୋଗଦେଇଥିଲେ। ଯୋଗଦେବା ମାତ୍ରେ ଭାଜପା ତାଙ୍କୁ ନବରଙ୍ଗପୁର ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି। ଉତ୍କଳ ଭାରତ ସଭାପତି ତଥା ପୂର୍ବତନ ଏମ୍‌ପି ଐର ଖାରବେଳ ସ୍ୱାଇଁଙ୍କ ଭାଜପାରେ ଯୋଗଦେବାର ୨୪ ଘଣ୍ଟା ନ ପୂରୁଣୁ କନ୍ଧମାଳ ଲୋକ ସଭା ପାଇଁ ଭାଜପା ତାଙ୍କୁ ଟିକେଟ ଦେଇଛି। ସେହିପରି ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ର ଭାଜପାରେ ଯୋଗଦେବା ପରେ ତାଙ୍କୁ କଟକ ଲୋକ ସଭାରୁ ପ୍ରାର୍ଥୀ କରାଯାଇଛି। ଆହୁରି ଅନେକ ଆସନ ଫାଙ୍କା ରହିଥିବାରୁ ଶନିବାର ଦଳରେ ଯୋଗଦେଇଥିବା ଅର୍ଜୁନ ଚରଣ ସେଠୀ ଓ ମୋହନ ଜେନାଙ୍କୁ ଦଳ ଭଦ୍ରକ ଓ ଯାଜପୁର ଲୋକ ସଭାରୁ ଟିକେଟ ଦେବା ନେଇ ଚର୍ଚ୍ଚା ଜୋର୍ ଧରିଛି।

ବିଜେଡି ମଧ୍ୟ ଏହି ରେସ୍‌ରୁ ପଛରେ ନାହିଁ। ୩ଟି ପର୍ଯ୍ୟାୟରେ ବିଜେଡି ସମସ୍ତ ହେବିଓ୍ୱେଟ ମନ୍ତ୍ରୀ, ବିଧାୟକ ଏବଂ ଅନ୍ୟ ଦଳରୁ ଆସି ଯୋଗଦେଇଥିବା ବିଧାୟକମାନଙ୍କୁ ଭୟରେ ଟିକେଟ ଦେଇଥିବାବେଳେ ଦଳରେ ପ୍ରଭାବ ନ ଥିବା କିମ୍ବା ଜୋରଦାର ଲବି କରି ☞ପୃଷ୍ଠା-୨

■ ଓଡ଼ିଶା, ଛତିଶଗଡ଼କୁ ଟ୍ରିବ୍ୟୁନାଲଙ୍କ ପରାମର୍ଶ

# ଆଉ ଥରେ ଆଲୋଚନା କର

ଭୁବନେଶ୍ୱର, ୩୦।୩(ବ୍ୟୁରୋ)

**ମହାନଦୀ ଜଳ ବିବାଦ**

■ମେ ୧୧ରେ ପରବର୍ତ୍ତୀ ଶୁଣାଣି



ମହାନଦୀ ଜଳ ବିବାଦକୁ ନେଇ ଓଡିଶା ଏବଂ ଛତିଶଗଡ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଅନେକ ଥର ଆଲୋଚନା ହୋଇଥିଲେ ମଧ୍ୟ ଏହି ବିବାଦର ସମାଧାନ ହୋଇ ପାରୁନାହିଁ। ମାମଲାର ଶୁଣାଣି କରୁଥିବା ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ(ଏମ୍‌ଡବ୍ଲ୍ୟୁଡିଟି) ରାୟ ପ୍ରକାଶ କରିବା ପୂର୍ବରୁ ପୁଣି ଥରେ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ଉଭୟ ଓଡିଶା ଓ ଛତିଶଗଡ ସରକାରଙ୍କୁ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଏ.ଏମ୍. ଖାନଓ୍ୱିଲକର, ରବି ରଞ୍ଜନ ଏବଂ ଇନ୍ଦରମିତ୍ କୌରଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣିକୁ ମେ ୧୧ ତାରିଖ ଯାଏ ଘୁଞ୍ଚାଇ ଦେଇଛନ୍ତି। ଅଣମୌସୁମୀ ମାସ ପୂର୍ବରୁ କିଛି ବ୍ୟବସ୍ଥା କରିବା ପାଇଁ ୩ ଜଣିଆ ଖଣ୍ଡପୀଠ ଲକ୍ଷ୍ୟ ରଖିଛନ୍ତି। ☞ପୃଷ୍ଠା-୨


**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

ବେସରକାରୀ ଅନୁଷ୍ଠାନ

## ସାଂଘାଇରେ ୫ଜି ସେବା ପ୍ରଦାନରେ ବିଶ୍ୱର ପ୍ରଥମ ସହର

ବେଜିଂ,୩୦।୩

ଚାଇନାର ସାଂଘାଇ ୫ଜି କଭରେଜ ଓ ଗିଗାବାଇଟ ବ୍ରଡବ୍ୟାଣ୍ଡ ନେଟଓ୍ୱର୍କ କ୍ଷେତ୍ରରେ ବିଶ୍ୱର ପ୍ରଥମ ସହର ହୋଇଛି ବୋଲି ଶନିବାର ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଖବରକାଗଜ 'ଚାଇନା ଡେଲି'ରେ ଏକ ରିପୋର୍ଟ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ନ ଫେରିଲେ ଦେଶ ପାଇଁ ବିପଜ୍ଜନକ ହେବା।

-ହେମାମାଳିନୀ, ଭାଜପା ଏମ୍‌ପି

**କିଛି ତଥ୍ୟ**

୨୦୧୮ ଏପ୍ରିଲରୁ ୨୦୧୯ ଜାନୁୟାରୀ ମଧ୍ୟରେ ଦେଶରୁ ଚମଡା ପ୍ରସ୍ତୁତ ସାମଗ୍ରୀ ରପ୍ତାନିରେ ୭.୨୪% ଅଭିବୃଦ୍ଧି ଘଟିଛି।

- କାଉନସିଲ ଫର୍ ଲେଦର ଏକ୍ସପୋର୍ଟ

# ଶଙ୍ଖ ଛାଡ଼ି ପଦ୍ମ ଧରିଲେ ଅର୍ଜୁନ

■ମୋହନ ଜେନା ବି ଭାଜପାରେ ସାମିଲ

■ଭଦ୍ରକରୁ ଭାଜପା ଲୋକ ସଭା ପ୍ରାର୍ଥୀ ହୋଇପାରନ୍ତି ଅଭିମନ୍ୟୁ



ଭାଜପାରେ ଯୋଗଦେବା ପରେ ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ।

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ଭଦ୍ରକ ଲୋକ ସଭା ଆସନରୁ ୮ ଥର ଏମ୍‌ପି ହୋଇଥିବା ଅର୍ଜୁନ ଚରଣ ସେଠୀ ବିଜେଡିରୁ ଶନିବାର ଇସ୍ତଫା ଦେଇଛନ୍ତି। ଏହାର କେଇ ଘଣ୍ଟା ପରେ ନିଜ ପୁତ୍ର ଅଭିମନ୍ୟୁ ସେଠୀ ଏବଂ କେତେଜଣ ସମର୍ଥକଙ୍କ ସହ ସେ ଭାଜପାରେ ସାମିଲ ହୋଇଛନ୍ତି। ବରିଷ୍ଠ ନେତା ଅର୍ଜୁନଙ୍କ ଏପରି ନିଷ୍ପତ୍ତିକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ଦୁଇଦିନ ତଳେ କେତେକ ବିଧାନସଭା ଆସନ ସମେତ ଭଦ୍ରକ ଲୋକ ସଭା ଆସନ ☞ପୃଷ୍ଠା-୨








**GHANASHYAM HEMALATA VIDYAMANDIR (CBSE)**

(AFFILLIATED TO CBSE, NEW DELHI AND RECOGNISED BY THE GOVT.OF ODISHA)

BHUAN, Puri - 752002, ODISHA.

PH : 7008856445, 9439295647, 7873480470, 9437523300

**ADMISSION OPEN +2 SCIENCE**

ASSURES YOU TO BE A TECHNOCRAT THROUGH QUALITY COACHING FOR BOARD AND INTEGRATED ENTRANCE COACHING.

Residing compulsory for both Board & Integrated Entrance coaching .

SALIENT FEATURES:

- EXCELLENT MIX OF GURUKUL CULTURE AND GLOBAL EDUCATION STYLE.
- PERIODIC TESTS BY EXCELLENT FACULTY MEMBERS.
- SPECIAL COACHING FOR ENGINEERING AND MEDICAL ENTRANCE EXAMINATIONS
- SPECIAL EMPHASIS ON DEVELOPMENT OF SOFT SKILLS.

SEPARATE HOSTEL FOR BOYS & GIRLS

Admission Test on 3rd April '2019. Time : 9:00 a.m.

SUMMER COURSE Starts from 1st week of April 2019

NATIONAL EGG CO-ORDINATION COMMITTEE 30.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଆଦ୍ୟାଶା
ପରିବାରବର୍ଗ


ପ୍ରିୟଦର୍ଶିନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସଡ଼କ ଦୁର୍ଘଟଣା: ତହସିଲଦାରଙ୍କ ମୃତ୍ୟୁ

**ନୂଆଗାଁ,୩୦।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ସୋରଡା ନିକଟରେ ଶନିବାର ଭୋର ୫ଟାରେ ଏକ ସଡକ ଦୁର୍ଘଟଣା ଘଟିଛି। ଏଥିରେ ନୂଆପଡା ଜିଲା କୋମନା ତହସିଲଦାର ସୁରେନ୍ଦ୍ର ନାଥ ନନ୍ଦ (୪୧)ଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ ତହସିଲଦାର ନନ୍ଦ ନିର୍ବାଚନ କାମରେ ଏକ ଟାଭେରା କାର (ଓଡି୨୬ଏ-୯୭୦୦)ରେ କୋମନାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଦ୍ରୁତ ଗତିରେ ଆସୁଥିବା କାରଟି ସୋରଡା ନିକଟ ଜାତୀୟ ରାଜପଥ କଡରେ ଠିଆହୋଇଥିବା ଏକ ଟ୍ରକ ପଛରେ ପିଟିହୋଇ ଯାଇଥିଲା। ଫଳରେ କାରର ବାମପାର୍ଶ୍ୱ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ସେଥିରେ ବସିଥିବା ତହସିଲଦାର ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନ୍ୟ ଏକ ଗାଡିରେ ଦଶପଲ୍ଲା ଡାକ୍ତଖାନାକୁ ପଠାଇ ଦେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୂଆଗାଁ ଥାନା ଆଇଆଇସି ମନୋରମା ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଦଶପଲ୍ଲା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।


ଦୁର୍ଘଟଣାରେ ଭାଙ୍ଗିରୁଜି ଯାଇଥିବା ଗାଡି।

## ପ୍ରଥମ ପୃଷ୍ଠାରୁ...

## ଶଙ୍ଖ ଛାଡ଼ି...


ଭାଜପାରେ ପୂର୍ବତନ ଏମ୍‌ପି ମୋହନ ଜେନା।

ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିଥିଲା। ଏହି ତାଲିକାରେ ଭଦ୍ରକ ପାଇଁ ମଞ୍ଜୁଲତା ମଣ୍ଡଳଙ୍କ ନାଁ ରହିଥିଲା। ଦଳର ଏହି ନିଷ୍ପତ୍ତିକୁ ଅର୍ଜୁନ ସହଜରେ ଗ୍ରହଣ କରିପାରି ନ ଥିଲେ। ଏ ସମ୍ପର୍କରେ ସେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜଣାଇବା ପାଇଁ ଚାହିଁଥିଲେ। ହେଲେ ତାହା ସମ୍ଭବ ହୋଇ ନ ଥିଲା।

ଅର୍ଜୁନ ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଜନତା ଦଳ ଏବଂ ବିଜୁ ଜନତା ଦଳ ଆଦର୍ଶରେ ଦୀର୍ଘ ୪୦ ବର୍ଷ ଧରି କାର୍ଯ୍ୟ କରିଆସିଛି। ଭଦ୍ରକ ଜିଲାରେ ଦଳର କଳେବର ବୃଦ୍ଧି ନେଇ କାର୍ଯ୍ୟ କରିଛି। ବିଜୁ ବାବୁଙ୍କ ସମୟରୁ ହିଁ ଶୃଙ୍ଖଳିତ ସଭ୍ୟ ଭାବେ ଦଳୀୟ ନିଷ୍ପତ୍ତିକୁ ସମ୍ମାନ ଦେଇ ଆସିଛି। କିଛି ଦିନ ତଳେ ତାଙ୍କ ପୁଅ ଅଭିମନ୍ୟୁଙ୍କୁ ଭଦ୍ରକ ଲୋକ ସଭା ଆସନରୁ ପ୍ରାର୍ଥୀ କରିବା ପାଇଁ ସେ ଅନୁରୋଧ କରିଥିବା କହିଛନ୍ତି। ସେହିପରି ଅର୍ଜୁନ ବିଜେଡି ସଭାପତିଙ୍କୁ ନବୀନ ନିବାସରେ ଭେଟିବା ପାଇଁ ଚାହିଁଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କ ଚାରିପାଖରେ ଥିବା କ୍ଷମତା କେନ୍ଦ୍ର ତାଙ୍କୁ ଭେଟାଇ ଦେଇ ନ ଥିବା ସେ ଅଭିଯୋଗ କରିଛନ୍ତି। ବିଜୁ ଜନତା ଦଳ ନିଜ ପୂର୍ବ ଆଦର୍ଶ ଭୁଲିଛି, ଏହି ଦଳରେ ତାଙ୍କର କୌଣସି ଆବଶ୍ୟକତା ନାହିଁ। ତେଣୁ ସେ ଦଳ ଛାଡିଥିବା ଅର୍ଜୁନ ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ଶନିବାର ଅପରାହ୍ନରେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ମଧ ଅର୍ଜୁନ ବିଜେଡିକୁ ଟାର୍ଗେଟ କରିବାକୁ ଭୁଲି ନ ଥିଲେ। ଭାଜପା ପକ୍ଷରୁ ଏଯାବତ୍ ଭଦ୍ରକ ଲୋକ ସଭା ଆସନ ପାଇଁ କୌଣସି ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ତେଣୁ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁ ଏହି ଟିକେଟ ହାତେଇପାରନ୍ତି ବୋଲି ଚର୍ଚ୍ଚା ହୋଉଛି। ସେଠୀ ବାପ-ପୁଅଙ୍କ ବ୍ୟତୀତ ଯାଜପୁର ପୂର୍ବତନ ଏମ୍‌ପି ମୋହନ ଜେନା ମଧ ଭାଜପାରେ ସାମିଲ ହୋଇଛନ୍ତି। ଯାଜପୁର ଲୋକ ସଭା ଆସନ ପାଇଁ ଭାଜପା ମଧ ପ୍ରାର୍ଥୀ ଘୋଷଣା କରିନାହିଁ। ତେଣୁ ମୋହନଙ୍କୁ ଏହି ଆସନରୁ ଭାଜପା ପ୍ରାର୍ଥୀ କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

## ଆଉ ଥରେ...

ଶୁଣାଣି ବେଳେ ଓଡିଶା ତରଫରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଜେନେରାଲ ସୂର୍ଯ୍ୟ ପ୍ରସାଦ ମିଶ୍ର ଲିଖିତ ଆକାରରେ ଜଣାଇଥିଲେ ଯେ, ରାଜ୍ୟ ସରକାର ଛତିଶଗଡ ସରକାରଙ୍କ ସହ ଅନେକ ଥର ବୈଠକ କରିଛନ୍ତି। ହୀରାକୁଦ ଜଳଭଣ୍ଡାରକୁ ନିୟମିତ ୧.୨୫ ନିୟୁତ ଏକର ଫୁଟ ଜଳପ୍ରବାହ କରିବା ପାଇଁ ଦାବି କରାଯାଇଛି। ଏ ନେଇ ଛତିଶଗଡ ସରକାରଙ୍କ ପକ୍ଷରୁ କୌଣସି ଦୃଢ ପ୍ରସ୍ତାବ ଦିଆଯାଇନାହିଁ। ଇତିମଧ୍ୟରେ ଛତିଶଗଡ ସରକାରଙ୍କ ଓକିଲ ଓଡିଶା ସରକାରଙ୍କ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ଆମନ୍ତ୍ରଣ କରିବା ପାଇଁ ପ୍ରସ୍ତାବ ଦେବା ସହ ସମସ୍ୟାର ସମାଧାନ ଲାଗି ଆଲୋଚନା କରିବାକୁ ଟ୍ରିବ୍ୟୁନାଲଙ୍କୁ ଜଣାଇଛନ୍ତି। ଏହି ପ୍ରସ୍ତାବ ଦେବା ପରେ ଟ୍ରିବ୍ୟୁନାଲ ପରାମର୍ଶ ଦେଇଛନ୍ତି ଯେ, ଓଡିଶା ସରକାରଙ୍କ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ସମସ୍ୟାର ସମାଧାନ ପାଇଁ ଆଲୋଚନା କରିବା ଉଚିତ। ଓଡିଶା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ମୋହନ କାତ୍ତିକ କହିଛନ୍ତି ଯେ, ଛତିଶଗଡ ପ୍ରସ୍ତାବ ଉପରେ ରାଜ୍ୟ ସରକାରଙ୍କ ଇଞ୍ଜିନିୟରମାନଙ୍କ ସହ ଆଲୋଚନା କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

ସୂଚନାଯୋଗ୍ୟ ଯେ, ଆନ୍ତଃରାଜ୍ୟ ନଦୀ ଜଳ ବିବାଦ ଆଇନ, ୧୯୫୪ ଧାରା-୩ ଅନୁଯାୟୀ ଛତିଶଗଡ ସରକାର ମହାନଦୀ ପ୍ରବାହିତ ରାଜ୍ୟଗୁଡିକୁ ସମାନୁପାତରେ ଜଳ ଆବଣ୍ଟନ କରିବା ନେଇ ନିକଟରେ ଆଉ ଏକ ପିଟିଶନ ଦାଖଲ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଖଣ୍ଡପୀଠ ଓଡିଶା ସମେତ ଅନ୍ୟ ରାଜ୍ୟଗୁଡିକୁ ଆସନ୍ତା ୪ ସପ୍ତାହ ମଧ୍ୟରେ ପକ୍ଷ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଓଡିଶା ସମେତ ଛତିଶଗଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଝାଡଖଣ୍ଡ ନିଜ ଦାବି ସମ୍ପର୍କରେ ମୂଳ ପିଟିଶନ ସହିତ ସତ୍ୟପାଠ ଆକାରରେ ଦାଖଲ କରିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ଗତ ଫେବୃୟାରୀ ୯ରେ ଓଡିଶା ସରକାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅନ୍ତରୀଣ ଆବେଦନର ଶୁଣାଣି ମହାନଦୀ ଜଳ ବିବାଦକୁ ନେଇ ଆପୋଷ ସମାଧାନ କରିବାକୁ ଟ୍ରିବ୍ୟୁନାଲ ପରାମର୍ଶ ଦେଇଥିଲେ। ଯଦି ଏହା ନ ହୁଏ ତେବେ ମାର୍ଚ୍ଚ ୯ରେ ନିଷ୍ପତ୍ତି ଶୁଣାଇ ଦିଆଯିବ ବୋଲି ଟ୍ରିବ୍ୟୁନାଲ କହିଥିଲେ। ଏହାସହ ମାର୍ଚ୍ଚ ୩୦ ପୂର୍ବରୁ ଦୁଇ ରାଜ୍ୟର ଆଡଭୋକେଟ୍ ଜେନେରାଲ (ଏ.ଜି.) ପରସ୍ପର ମଧ୍ୟରେ ଆଲୋଚନା କରି ଏହାର ନିର୍ଯ୍ୟାସ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଟ୍ରିବ୍ୟୁନାଲ ଚୂଡାନ୍ତ ରାୟ ନ ଶୁଣାଇ ପୁଣି ଉଭୟ ରାଜ୍ୟକୁ ଆଲୋଚନା କରିବାକୁ ପରାମର୍ଶ ଦେବା ସହ ପରବର୍ତ୍ତୀ ଶୁଣାଣି ମେ ୧୧ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି।

ପ୍ରକାଶ ଯେ, ମହାନଦୀ ଉପରେ ଛତିଶଗଡ ବ୍ୟାରେଜ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବା ସହ ଅଣମୌସୁମୀ ସମୟରେ ଅର୍ଥାତ ନଭେମ୍ବରରୁ ମେ' ମାସ ମଧ୍ୟରେ ଦୈନିକ ୧.୭୪ ନିୟୁତ ଏକର ଫିଟ (ଏମ୍‌ଏଏଫ୍) ପାଣି ଛାଡିବାକୁ ନିର୍ଦ୍ଦେଶ ଦେବା ପାଇଁ ରାଜ୍ୟ ସରକାରଙ୍କ ଆବେଦନରେ ଅନୁରୋଧ କରାଯାଇଥିଲା। ଶୁଣାଣି ପରେ ଉଭୟ ରାଜ୍ୟର ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନଙ୍କୁ ନେଇ ସମସ୍ୟାର ସମାଧାନ କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଥିଲେ। ଯଦି ଉଭୟ ରାଜ୍ୟ ଏଥିରେ ସହମତି ନ ହେବେ ତେବେ ଟ୍ରିବ୍ୟୁନାଲ ରାୟ ଶୁଣାଇବେ ବୋଲି ଖଣ୍ଡ ପୀଠ କହିଛନ୍ତି।

## ଯିଏ ଆସିଲେ...

ପାରୁ ନ ଥିବା କେତେକ ଏମ୍‌ପି ଏବଂ ବିଧାୟକଙ୍କ ଟିକେଟ କାଟି ଦିଆଯାଇଛି । କଂଗ୍ରେସ ବିଧାୟକ ନବକିଶୋର ଦାସଙ୍କୁ ବିଜେଡି ଝାରସୁଗୁଡାରୁ ପ୍ରାର୍ଥୀ କରିଥିବାବେଳେ ଯୋଗେଶ ସିଂଙ୍କୁ ସୁନ୍ଦରଗଡ଼ ବିଧାନସଭା ଆସନ ପାଇଁ ଟିକେଟ ଦେଇଛି। ସେହିପରି କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦେଇଥିବା ଭୂପିନ୍ଦର ସିଂଙ୍କୁ ଚଳିତ ନିର୍ବାଚନରେ ନର୍ଲାରୁ ପ୍ରାର୍ଥୀ କରାଯାଇଛି। ମାତ୍ର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ, ଯୋଗେନ୍ଦ୍ର ବେହେରା ନିର୍ବାଚନରୁ ସନ୍ୟାସ ନେଇ ନିଜ ପୁତ୍ରମାନଙ୍କୁ ରାଜନୈତିକ ମଞ୍ଚ ଧରାଇବାରେ ବିଫଳ ହୋଇଛନ୍ତି। ସେମାନେ ଅସନ୍ତୋଷ ପ୍ରକାଶ କଲେ ମଧ ଦଳରୁ ଇସ୍ତଫା ଦେଇନାହାନ୍ତି। ତେବେ ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ ଏବଂ ଯାଜପୁରର ପୂର୍ବତନ ଏମ୍‌ପି ମୋହନ ଜେନାଙ୍କୁ ବିଜେଡି ଆଦରି ନ ନେବାରୁ ସେମାନେ ଭାଜପାରେ ସାମିଲ ହୋଇଛନ୍ତି। ଉଭୟ ଭାଜପାରୁ ଟିକେଟ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇବାର ସମ୍ଭାବନା ରହିଛି। ୫ଟି ପର୍ଯ୍ୟାୟରେ ବିଜେଡି ମୋଟ ୧୮ ଲୋକ ସଭା ୧୧୯ ବିଧାନସଭା ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏରସମା-ବାଲିକୁଦା, ଜଗତସିଂହପୁର, ଯାଜପୁର, କୋରେଇ, ବରି, କେନ୍ଦ୍ରାପଡା, ଜୟଦେବ, ନିଆଳି, ଜୟଦେବ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ମଧ୍ୟ, ଖୋର୍ଦ୍ଧା, ବସ୍ତା ଭଳି କେତେକ ସମ୍ବେଦଶୀଳ ବିଧାନସଭା ସିଟ୍ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିନାହିଁ। ସେହିପରି କଟକ, ଢେଙ୍କାନାଳ ଓ କେନ୍ଦୁଝର ଲୋକ ସଭା ଆସନ ପାଇଁ ମଧ ପ୍ରାର୍ଥୀ ଘୋଷଣା ହୋଇନାହିଁ। ଏହି ଆସନଗୁଡିକରେ ବହୁ ଆଶାୟୀ ଥିବାବେଳେ କାହାକୁ ପ୍ରାର୍ଥୀ କରିବେ ସେ ନେଇ ଦଳର ମୁଖିଆ ନବୀନ ପଟ୍ଟନାୟକ ଚିନ୍ତାରେ ପଡିଛନ୍ତି।

ନିଜ ସିଟ୍‌ରେ କାଳେ ଟିକେଟ କଟିଯିବ ଭାବି କେତେଜଣ ବିଧାୟକ ସମର୍ଥକମାନଙ୍କୁ ଧରି ନବୀନ ନିବାସ ଆସି ଶକ୍ତି ପ୍ରଦର୍ଶନ କରୁଛନ୍ତି। କେନ୍ଦ୍ରାପଡା ବିଧାୟକ କିଶୋର ତରାଇ, ବରି ବିଧାୟକ ଦେବାଶିଷ ନାୟକ ଟିକେଟ ପାଇବା ପାଇଁ ସମର୍ଥକଙ୍କ ଜରିଆରେ ଚାପ ପ୍ରୟୋଗ କରିବାକୁ ପଛାଇନାହାଁନ୍ତି। ଯେଉଁ ଏମ୍‌ପି ଓ ବିଧାୟକମାନେ ନିଜେ କିମ୍ବା ନିଜ ପୁଅଙ୍କ ପାଇଁ ଟିକେଟ ଯୋଗାଡ କରିବାରେ ବିଫଳ ହେଲେ ସେମାନେ ବିଜେଡି ଛାଡି ଅନ୍ୟ ଦଳକୁ ଚାଲିଯାଉଛନ୍ତି। ଅନ୍ୟପକ୍ଷରେ କଂଗ୍ରେସରେ ଦଳବଦଳକାରୀଙ୍କ ସଂଖ୍ୟା ଅଧିକ ନ ଥିଲେ ମଧ ପୂର୍ବତନ ବିଧାୟକ ନବୀନ ନନ୍ଦ କଂଗ୍ରେସରେ ଯୋଗଦେବା ପରେ ତାଙ୍କୁ ଢେଙ୍କାନାଳରେ ଦଳ ପ୍ରାର୍ଥୀ କରିଛି। ସେହିପରି ପୂର୍ବତନ ବିଧାୟକ ଏବଂ ଆଶାୟୀ ପ୍ରାର୍ଥୀଙ୍କୁ ଟିକେଟ ନ ମିଳିବାରୁ ସେମାନେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇଛନ୍ତି।

## ସାଂଘାଇରେ...

ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ, ୫ଜି ପରବର୍ତ୍ତୀ ଜେନେରେଶନର ନୂଆ ଟେକ୍ନୋଲୋଜି ହୋଇଥିବାବେଳେ ଏହା ୪ଜି ତୁଳନାରେ ୧୦ରୁ ୧୦୦ ଗୁଣ ଅଧିକ ଡାଉନଲୋଡ ସ୍ପିଡ୍ ଦେଇଥାଏ। ୫ଜି ସେବା ପ୍ରଦାନରେ ଆମେରିକାକୁ ପଛରେ ପକାଇବା ଲାଗି ଚାଇନା କ୍ରମାଗତ ପ୍ରୟାସ ଜାରି ରଖିଛି। ଦେଶର ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଚାଇନା ମୋବାଇଲ ପକ୍ଷରୁ ଏହି ୫ଜି ସେବା ଯୋଗାଣକୁ ସମର୍ଥନ ଦିଆଯାଇଛି। ୫ଜିର ଆନୁଷ୍ଠାନିକ ପରିଚାଳନା ସାଂଘାଇର ହଙ୍ଗକୌଓରେ ଶନିବାର ଆରମ୍ଭ କରାଯାଇଛି। ସମ୍ପୂର୍ଣ୍ଣ କଭରେଜ ସୁନିଶ୍ଚିତ କରିବା ଲାଗି ସେଠାରେ ଗତ ୩ ମାସ ହେବ ୫ଜି ବେସ୍ ଷ୍ଟେଶନ ସ୍ଥାପନ କରାଯାଉଛି। 'ଚାଇନା ଡେଲି' ପକ୍ଷରୁ କୁହାଯାଇଛି ଯେ, ସାଂଘାଇର ଭାଇସ ମେୟର ବୁ କ୍ୱିଙ୍ଗ ପ୍ରଥମେ ୫ଜି ଫୋଲ୍ଡେବଲ ଫୋନ ହୁଆଇ ମ୍ୟାଟ୍ ଏକ୍ସରୁ ୫ଜିରେ ପ୍ରଥମ ଭିଡିଓ କଲ୍ କରିଥିଲେ। ଏହି ସେବା ସମ୍ପୂର୍ଣ୍ଣ ଭାବେ ଆରମ୍ଭ ହେବା ପରେ ଉପଭୋକ୍ତା ସିମ୍ କାର୍ଡ ନ ବଦଳାଇ ୫ଜି ସେବାର ଲାଭ ଉଠାଇପାରିବେ।


ବିଶ୍ୱର ସବୁଠୁ ଲମ୍ବା (୨୬ ଫୁଟ) ନିଶ ଧାରଣ କରିଥିବା ଗିରିଧର ବ୍ୟାସଙ୍କ ସହ ବିକାନେରରେ ରାଜସ୍ଥାନ ଦିବସ ପାଳନ ଅବସରରେ ସେଲ୍‌ଫି ନେଉଛନ୍ତି ଜଣେ ବିଦେଶୀ ପର୍ଯ୍ୟଟକ।

### ସିଇଓଙ୍କ ନିକଟରେ ଫେରାଦ ହେଲା ଭାଜପା

# ବିଜେଡି ପାଇଁ କାର୍ଯ୍ୟ କରୁଛନ୍ତି ପ୍ରଶାସନିକ ଅଧିକାରୀ

### ଆଇଏଏସ୍, ଆଇପିଏସ୍ ଅଫିସରଙ୍କ ବିରୋଧରେ ସିବିଆଇ ତଦନ୍ତ ଦାବି

**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

ବରିଷ୍ଠ ଆଇଏଏସ୍ ଏବଂ ଆଇପିଏସ୍ ଅଫିସରମାନେ ସରକାରୀ କାର୍ଯ୍ୟ ଛାଡି ବିଜେଡିକୁ ନିର୍ବାଚନରେ ଜିତାଇବା ପାଇଁ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିୟାନ, କ୍ରିଷନ କୁମାର, ହେମନ୍ତ ଶର୍ମା, ପ୍ରେମଚାନ୍ଦ ଚୌଧୁରୀ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ପି.କେ. ମହାପାତ୍ର, ଆଇପିଏସ୍ ଆଶିଷ ସିଂହ ଏବଂ ଅମିତାଭ ଠାକୁର ପ୍ରମୁଖ ସରକାରୀ ଅଧିକାରୀମାନେ ସମସ୍ତ ଜିଲାର ନିର୍ବାଚନ ଅଧିକାରୀ, ରିଟର୍ନିଂ ଅଫିସର ଏବଂ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସରମାନଙ୍କୁ ବିଜେଡି ପାଇଁ କାମ କରିବାକୁ ଭୟ ଦେଖାଉଛନ୍ତି। ରାଜ୍ୟରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନାରେ ବାଧକ ସାଜୁଛନ୍ତି ପାଣ୍ଡିୟାନ ଓ ତାଙ୍କ ଟିମ୍। ଖାଲି ସେତିକି ନୁହେଁ ଖଣି ମାଫିଆ, ଦୁର୍ନୀତିଗ୍ରସ୍ତ ଲୋକ, ଠିକାଦାର ଏବଂ ଅନେକ କର୍ପୋରେଟ ସେକ୍ଟରରୁ ଚାନ୍ଦା ଆଦାୟ କରୁଛନ୍ତି। ଏହି ଟଙ୍କା ସବୁ ବିଜେଡିର ନିର୍ବାଚନ ପ୍ରଚାରରେ ଖର୍ଚ୍ଚ ହେଉଛି। ସରକାରୀ ଗାଡିକୁ ବିଜୁ ଜନତା ଦଳର ନିଜସ୍ୱ ପ୍ରଚାର କାର୍ଯ୍ୟରେ ବ୍ୟବହାର କରାଯାଉଛି ବୋଲି ରାଜ୍ୟ ଭାଜପା ସଙ୍ଗିନ ଅଭିଯୋଗ କରିଛି। ଏ ସମସ୍ତ ଘଟଣାର ସିବିଆଇ ତଦନ୍ତ ଦାବି କରିବାକୁ ଦଳ ଦାବି କରିଛି। ଶନିବାର ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟି ଦାବି ଜଣାଇଛି। ସମୀର ଅଭିଯୋଗ କରିଛନ୍ତି ଯେ, ଛେଣ୍ଡିପଦାର ବିଜେଡି ବିଧାୟକଙ୍କ କହିବା ଅନୁଯାୟୀ, ଜିଲାପାଳ ଏବଂ ସରକାରୀ ଅଧିକାରୀମାନେ ବିଜେଡି ପାଇଁ ଟିକେଟ ଦେଉଛନ୍ତି। ସେହିପରି ଯେଉଁମାନେ ବିଜେଡି ଛାଡି ଅନ୍ୟ ଦଳରେ ସାମିଲ ହେବେ ତାଙ୍କୁ ମିଥ୍ୟା ହତ୍ୟା ମାମଲାରେ ଫସାଇ ଜେଲ ପଠାଇବା ପାଇଁ ଧମକ ଦିଆଯାଉଛି। ଦଳ ପାଇଁ ପ୍ରାର୍ଥୀ ଚୟନଠୁ ଆରମ୍ଭ କରି ଟିକେଟ ବାଣ୍ଟିବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଅଫିସରମାନେ ହସ୍ତକ୍ଷେପ କରୁଛନ୍ତି। ଅନ୍ୟପଟେ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଭୁଲ ଥିଲେ ବି ରିଟର୍ନିଂ ଅଫିସର, ଜିଲା ନିର୍ବାଚନ ଅଧିକାରୀମାନଙ୍କୁ ଭୟ ଦେଖାଇ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ନ କରିବା ପାଇଁ ଧମକ ଦିଆଯାଉଛି। କେତେଜଣ ମୁଷ୍ଟିମେୟ ଅଧିକାରୀ ବିଜେଡି ପାଇଁପ୍ରଚାର କରିବା, ଦଳୀୟ ଚିହ୍ନ ୱାଲିଙ୍ଗ କରିବା, ପୋଷ୍ଟର ଲଗାଇବା ଆଦି କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ ଓ ଗୋଇନ୍ଦା ବିଭାଗର ମୁଖ୍ୟ ପର୍ଯ୍ୟନ୍ତ ସମସ୍ତେ ବିଜେଡି ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

କନ୍ଧମାଳ ଲୋକ ସଭା ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କର ୨ଟି ଭୋଟର ପରିଚୟ ପତ୍ର ରହିଛି। ଦଶପଲ୍ଲାରେ ବିଧାୟକ ପଦ ପାଇଁ ଲଢୁଥିବା ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ଅନୁସୂଚିତ ଜାତି ବର୍ଗର ନୁହନ୍ତି। ହେଲେ ସେ ମିଥ୍ୟା ଜାତିଗତ ପ୍ରମାଣପତ୍ର ଦେଇ ନିର୍ବାଚନ ଲଢୁଛନ୍ତି। ଏ ସମସ୍ତ ପ୍ରାର୍ଥୀ ବିଜୁ ଜନତା ଦଳର ହୋଇଥିବାରୁ ସମ୍ପୃକ୍ତ ନିର୍ବାଚନ ରିଟର୍ନିଂ ଅଫିସରମାନେ ସେମାନଙ୍କ ପ୍ରାର୍ଥିପତ୍ରକୁ ନାକଚ କରିନାହାନ୍ତି। କନ୍ଧମାଳ ଜିଲା ନିର୍ବାଚନ ଅଧିକାରୀ ଏବଂ ଦଶପଲ୍ଲା ରିଟର୍ନିଂ ଅଫିସରଙ୍କୁ ବିଜେଡି ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଉପରେ ପିଟିଶନ ଦାଖଲ ନ କରିବାକୁ ଆଇପିଏସ୍ ଆଶିଷ ସିଂହ ଧମକ ଦେଇଛନ୍ତି ବୋଲି ସମୀର ଅଭିଯୋଗ କରିଛନ୍ତି। ଗଣତନ୍ତ୍ର ବଞ୍ଚାଇବା ସହ ଏଭଳି ଭ୍ରଷ୍ଟ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସିବିଆଇକୁ ତଦନ୍ତ ଭାର ପ୍ରଦାନ କରାଯାଉ ବୋଲି ରାଜ୍ୟ ଭାଜପା ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି। ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ନିର୍ବାଚନ ପ୍ରକୋଷ୍ଠର ମୁଖ୍ୟ ସଂଯୋଜକ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଶୋକ ତ୍ରିପାଠୀ, ସହସଂଯୋଜକ ଜୟନ୍ତ ଜେନା ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ ସାହୁ ଜେନା ଉପସ୍ଥିତ ଥିଲେ।

### ପ୍ରାର୍ଥିପତ୍ର ଦାଖଲ କଲେ

# ସିପିଆଇ(ଏମ୍)ରୁ ଜନାର୍ଦ୍ଦନ, ତୃଣମୂଳରୁ ଶୁଭ୍ରାଂଶୁ

**ଖୋର୍ଦ୍ଧା ଅଫିସ,୩୦।୩**

ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ଶନିବାର ଦୁଇଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। କଂଗ୍ରେସ ସହଯୋଗରେ ସିପିଆଇ(ଏମ୍) ପକ୍ଷରୁ ଜନାର୍ଦ୍ଦନ ପତି ପୂର୍ବାହ୍ନରେ ଓ ଶୁଭ୍ରାଂଶୁ ଶେଖର ପାଢୀ ତୃଣମୂଳ କଂଗ୍ରେସରୁ ଅପରାହ୍ନରେ ଜିଲାପାଳ ତଥା ରିଟର୍ନିଂ ଅଫିସର ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେବେ ଜନାର୍ଦ୍ଦନ ନାମାଙ୍କନପତ୍ର ଦାଖଲ କରିବା ପରେ ଶକ୍ତି ପ୍ରଦର୍ଶନ କରିଥିଲେ। ଜନାର୍ଦ୍ଦନ ଦଳୀୟ ଓ କଂଗ୍ରେସ ସମର୍ଥକଙ୍କ ଗ୍ରହଣରେ ଜିଲାପାଳଙ୍କ ଅଫିସଠାରୁ ସହର ପରିକ୍ରମା କରି ଗୀତାଭବନ ପର୍ଯ୍ୟନ୍ତ ଯାଇଥିଲେ। ଅନ୍ୟପକ୍ଷେ ବେଗୁନିଆ, ଚିଲିକା ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ଏଯାବତ୍ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରି ନ ଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।


ଜନାର୍ଦ୍ଦନ ପତି ନାମାଙ୍କନପତ୍ର ଦାଖଲ ପାଇଁ ଯାଉଛନ୍ତି।

## କରାଯାଉନି ବେଆଇନ କାର୍ଯ୍ୟ

**ଯୋଡ଼ା,୩୦।୩(ଡି.ଏନ୍,ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଥିବା ଟାଟା କମ୍ପାନୀ ଠିକାଦାରଙ୍କ ମାଧ୍ୟମରେ କୌଣସି ବେଆଇନ କାର୍ଯ୍ୟ କିମ୍ବା ସରକାରୀ ଅଧିକାରୀଙ୍କ ସହ ଅସାଧୁମେଣ୍ଟ କରି ନାହିଁ। ବେଆଇନ ଉତ୍ତୋଳନ ସମ୍ପର୍କିତ ସିଇସିଙ୍କ ରାୟ ଓ ଶାହ କମିଶନଙ୍କ ରିପୋର୍ଟ ବହୁ ଦିନର। ଏନେଇ ସୁପ୍ରିମକୋର୍ଟ ଦେଇଥିବା ରାୟ ମୁତାବକ କମ୍ପାନୀ ମଧ ଜରିମାନା ଦାଖଲ କରିସାରିଛି ବୋଲି ଟାଟା ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

## ପୋଖରୀରେ ବୁଡ଼ି ୨ ଶିଶୁକନ୍ୟାଙ୍କ ମୃତ୍ୟୁ

**ବଡ଼ମ୍ବା,୩୦।୩(ଡି.ଏନ.ଏ.)**

ପୋଖରୀରେ ବୁଡ଼ି ଶନିବାର ଅପରାହ୍ନରେ ୨ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ କଟକ ଜିଲା ବଡ଼ମ୍ବା ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଗ୍ରାମର ଅଶୋକ କୁମାର ସାହୁଙ୍କ ଝିଅ ଶ୍ରାବଣୀ ସାହୁ(୩) ଓ ଦିଲୀପ ସାହୁଙ୍କ ଝିଅ ଜ୍ୟୋତିର୍ମୟୀ ସାହୁ(୩)। ଉଭୟ ଘର ନିକଟରେ ଖେଳୁଥିବାବେଳେ ସେଠାରେ ଥିବା ଏକ ପୋଖରୀରେ ପଡ଼ି ଯାଇଥିଲେ। ଏକଥା ସେମାନଙ୍କ ପରିବାର ଲୋକେ ଜାଣି ପାରି ନ ଥିଲେ। କିଛି ସମୟ ପରେ ସେମାନଙ୍କ ଦେଖା ନ ମିଳିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ଏହି ସମୟରେ ସେମାନଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ସ୍ୱନକ୍ଷତ୍ରସ୍ଥ ଶୁଭଚନ୍ଦ୍ର ସାମଗ୍ରିକ ଦିଗରୁ ସୁଖ, ସୌଭାଗ୍ୟ ପ୍ରଦାନ କରିବାରେ ପଶ୍ଚାଦ୍‌ପଦ ହେବେ ନାହିଁ। ତଥାପି ଖର୍ଚ୍ଚଭାରର ଆଧିକ୍ୟ, ପୂର୍ବ ଶତ୍ରୁତାକୁ ନେଇ ଚିନ୍ତିତ ରହିବାର ସୂଚନା ରହିଛି। ସମ୍ପର୍କୀୟମାନେ ମାନସିକ ଆଘାତ ଦେଇପାରନ୍ତି। ଅବଶ୍ୟ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇ ପ୍ରତିଟି ସମସ୍ୟାକୁ ସୁଧାରି ନେବାରେ ପ୍ରଯତ୍ନ କରିବେ।

**ବୃଷ**
ଆଜି ଭାଗ୍ୟସ୍ଥ ଚନ୍ଦ୍ର ଓ କର୍ମଭାବସ୍ଥ ଶୁକ୍ରଙ୍କ ସ୍ଥିତି ଆପଣଙ୍କ କଥା ଓ କାମକୁ ସରସ, ସୁନ୍ଦର କରିପାରିବ। ଯେଉଁ କାମରେ ମୁଣ୍ଡ ପୂରାଇଛନ୍ତି, ଆପଣଙ୍କ ବୁଦ୍ଧିମତ୍ତା ହିଁ ସେହି କ୍ଷେତ୍ର ସକାଶେ ଅନୁକୂଳ ପରିବେଶ ସୃଷ୍ଟି କରିବ। ଆଜି ଆପଣ ଯେମିତି, ଯାହା ଚାହୁଁଛନ୍ତି ତାହାତ ନିଶ୍ଚିତ ପାଇବେ, ମାତ୍ର ଭଲ ପାଇବାକୁ କେନ୍ଦ୍ରକରି କୌଣସି ସମସ୍ୟାରେ ଜଡିତ ହୋଇ ପାରନ୍ତି।

**ମିଥୁନ**
ରାହୁ ଦେବଗୁରୁଙ୍କ ନକ୍ଷତ୍ରରେ ଗୁରୁଚାଣ୍ଡାଳ ଯୋଗର ଫଳଭଳି ବିପରୀତ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଆପଣଙ୍କ ଭଲ କାମର ପ୍ରଶଂସା ବଦଳରେ ନିନ୍ଦୁକ ଗୋଷ୍ଠୀ ଓ ଈର୍ଷାପରାୟଣ ବ୍ୟକ୍ତିମାନେ ନିନ୍ଦା ଗାଇ ବୁଲିବେ। ବନ୍ଧୁଙ୍କୁ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କିଛିଟା ସମସ୍ୟା ଦେଖା ଦେଇପାରେ।

**କର୍କଟ**
ଛୋଟବଡ଼ ସମସ୍ୟା ରହିଥିଲେ ମଧ ଚନ୍ଦ୍ରଙ୍କ ପ୍ରଭାବରେ ମନର ପ୍ରଫୁଲ୍ଲତା କମିବ ନାହିଁ। ଆପଣ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିପାରିବେ। ଜମା ପଟୁ ନ ଥିବା ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ପରିବାରରେ ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେଇପାରେ।

**ସିଂହ**
ରବିଙ୍କ ସ୍ଥାନସ୍ଥିତିରୁ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଗତି କରିବାକୁ ବାଧ ହେବେ। କିନ୍ତୁ କୌଶଳରେ କାମ ହାସଲ କରିବା ବ୍ୟତୀତ ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡ଼ିବେ। ଟଙ୍କା କିମ୍ବା ଦରକାରୀ କାଗଜପତ୍ର କୌଣସି ଅଲଗା ସ୍ଥାନରେ ରଖି ଚିନ୍ତିତ ରହିପାରନ୍ତି। ବିଦେଶ ଯାତ୍ରାକୁ ମନ ବଳାଇ ପାରନ୍ତି।

**କନ୍ୟା**
ପାପଗ୍ରହଙ୍କ କୁପ୍ରଭାବରୁ ନିଜର ଭୁଲ ବୁଝାମଣାଜନିତ ବିଶୃଙ୍ଖଳିତ କାର୍ଯ୍ୟ ସମସ୍ୟା ସୃଷ୍ଟିର ମୂଳ କାରଣ ହେବ। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ନିଜ ଲୋକମାନେ ଶତ୍ରୁତା ଆଚରଣ କରିପାରନ୍ତି। ନିଜ ପରିସରରେ କୌଣସି ସ୍ପର୍ଶକାତର କଥାରେ ଚିହ୍ନା ପଡ଼ିବା ଠିକ୍ ହେବନାହିଁ। ସାଧାରଣ କଥାରେ ପାଟିତୁଣ୍ଡ ହୋଇ କଚେରି ପର୍ଯ୍ୟନ୍ତ ଯାଇପାରନ୍ତି।

**ତୁଳା**
କେତେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ନିଜ ପାଖରେ ରହୁଥିବା ଟାଉଟରି କରୁଥିବା ଲୋକଟି ପ୍ରତି ସତର୍କ ରୁହନ୍ତୁ ନଚୁବା ଅସୁବିଧାରେ ପଡିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ପାଉଥିବା ବାନ୍ଧବୀଟି କ୍ରମଶଃ ଦୂରେଇ ଯିବ। ସତର୍କତା ଅଭାବରୁ ଟଙ୍କା, ସୁନା, ଚୋରି ହୋଇ ଯାଇପାରେ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ କିଛି କହିବା ଓ କରିବା ପୂର୍ବରୁ ଭାବିଚିନ୍ତି କରିବା ଭଲ ହେବ। ଅନ୍ୟଥା ଦ୍ୱିତୀୟସ୍ଥ ପାପଗ୍ରହ ପ୍ରଭାବରୁ ପରିସ୍ଥିତି ବଦଳିଯାଇ ମରୀଚିକା ପଛରେ ଦୌଡ଼ି ପାରନ୍ତି। ପ୍ରତ୍ୟେକ ଦିଗରୁ ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ମାନସିକ ଅସ୍ଥିରତା ସହ ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ଧନୁ**
ପାପଗ୍ରହ ରାଶିସ୍ଥ ହେତୁ ନିଜକୁ ସମ୍ଭାଳି ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାନ୍ତୁ ନଚୁବା ନିଜକୁ ଅପମାନିତ ହେବାକୁ ପଡ଼ିପାରେ। ବିଭିନ୍ନ ସମସ୍ୟା ଭିତରେ ସହଯୋଗ ପାଇଁ ବନ୍ଧୁଦ୍ୱାରସ୍ଥ ହେବାର ସୂଚନା ରହିଛି। ତେଣେ ସହକର୍ମୀମାନଙ୍କ କେବଳ ଉପଦେଶ ଶୁଣି ଶୁଣି ମନରେ ବିରକ୍ତି ଆସିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଅର୍ଥ ସମ୍ପର୍କୀୟ ଟଣା ଓଟରା ଲାଗିପାରେ।

**ମକର**
ଶୁଭଚନ୍ଦ୍ର ହେତୁ ମାନସିକ ପ୍ରସନ୍ନତା ସହ ଦିନଟିରେ ଅର୍ଥ ଲାଭ ଓ ବନ୍ଧୁ ମିଳନରୁ ଖୁସି ରହିବେ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିପାରନ୍ତି। କର୍ମକ୍ଷେତ୍ରରେ ଖଳ ଲୋକମାନଙ୍କ କୃତ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। କିନ୍ତୁ ସାମୟିକ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କୁମ୍ଭ**
ନିଜର ଆଳସ୍ୟ ଓ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ପାରିବାରିକ ଅବସ୍ଥାରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କୌଣସି କ୍ଷେତ୍ରରେ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ। ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହେବେ, କିନ୍ତୁ ପ୍ରତିବନ୍ଧକରୁ ମୁକ୍ତ ହେବେ ନାହିଁ।

**ମୀନ**
ବୃହସ୍ପତିଙ୍କ ଶୁଭ ଦୃଷ୍ଟି ସକଳ ସମସ୍ୟାରୁ ମୁକ୍ତ କରିବା ସମୟରେ ରାହୁ ଓ କେତୁ ବିଭିନ୍ନ ବାଟରେ ହଇରାଣର ମସୁଧା କରିପାରନ୍ତି। ଅତୀତ ଘଟଣାକୁ ନେଇ ଯେତିକି ଯେତିକି ଅଧିକ ଭାବୁଥିବେ ସେତିକି ସେତିକି ମନଟା ଅଧିକ ଖରାପ ଲାଗିବ। ଫାଇଲ୍ କାମ ବୃଦ୍ଧି ପାଇବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଚିନ୍ତାଜନକ ସ୍ଥିତି ସୃଷ୍ଟି କରିପାରେ।

ଆଜି ଚୈତ୍ର କୃଷ୍ଣ ଏକାଦଶୀ ରବିବାର, ମାର୍ଚ୍ଚ ୩୧ ତାରିଖ, ଆର୍ଥିକ ବର୍ଷ ଶେଷ, ରାଶି ନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ସକାଳ ଘ୬।୨୫ମି. ଗତେ ଘ୮।୫୭ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୫୭ମି. ଗତେ ଘ୧୦।୨୯ମି. ମଧ୍ୟେ, ଘ୧।୨୩ମି. ଗତେ ଘ୨।୫୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୪।୨୫ମି. ଗତେ ଘ୫।୫୬ମି. ମଧ୍ୟେ ରାହୁକାଳ।








# ବଦ୍ରିଙ୍କ ଚ୍ୟାଲେଞ୍ଜିକୁ ଗ୍ରହଣ କଲେ ନିରଞ୍ଜନ

ଭୁବନେଶ୍ୱର, ୩୦।୩(ବ୍ୟୁରୋ)

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ରଙ୍କ ଚ୍ୟାଲେଞ୍ଜିକୁ ବୁଲେଇବଙ୍କେଇ ଗ୍ରହଣ କରିଛନ୍ତି। ଏଆଇସିସି ଯଦି ଦୁଇଟି ସ୍ଥାନରୁ ତାଙ୍କ ପ୍ରାର୍ଥୀତ୍ୱକୁ ଅନୁମତି ଦିଏ, ତେବେ ସେ ଘସିପୁରାରେ ବଦ୍ରୀଙ୍କ ସଙ୍ଗେ ଲଢିବେ। ଦୁଇଦିନ ତଳେ ନିରଞ୍ଜନଙ୍କୁ ତାଙ୍କ ବିପକ୍ଷରେ ଲଢିବା ପାଇଁ ବଦ୍ରୀ ଖୋଲା ଆହ୍ୱାନ ଦେଇଥିଲେ। ଏହି ଚ୍ୟାଲେଞ୍ଜିକୁ ନେଇ ପିସିସି ସଭାପତିଙ୍କ ପ୍ରତିକ୍ରିୟା ରାଜ୍ୟ ରାଜନୀତିକୁ ଆହୁରି ରୋଚକ କରିଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା ଆସନରୁ ନିରଞ୍ଜନ ପ୍ରାଥମିକ ଭାବେ ଲଢିବା ନେଇ ଆଲୋଚନା ହେଉଥିଲା। ଏବେ ସେ ଏହି ଆସନ ସହ ଘସିପୁରାରୁ ପ୍ରାର୍ଥୀ ହେବା ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ତେଣୁ ଏଆଇସିସି ନିରଞ୍ଜନଙ୍କ ଦୁଇଟି ଆସନରେ ପ୍ରାର୍ଥୀତ୍ୱକୁ ଅନୁମୋଦନ କରୁଛି ନା ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଏଆଇସିସି ଉପରେ ଛାଡ଼ିଲେ ନିଷ୍ପତ୍ତି


ନିରଞ୍ଜନ ପଟ୍ଟନାୟକ ବଦ୍ରିନାରାୟଣ ପାତ୍ର

ଏ ସମ୍ପର୍କରେ ନିରଞ୍ଜନ କହିଛନ୍ତି ଯେ, ବଦ୍ରୀଙ୍କ ଭଳି ଆପରାଧିକ କାର୍ଯ୍ୟକଳାପ କରିବା ପାଇଁ ତାଙ୍କ ପାଖରେ କ୍ଷମତା ନାହିଁ, ଘସିପୁରାରୁ ପ୍ରାର୍ଥୀ ହୋଇ ନିର୍ବାଚନ ଲଢିବା ପାଇଁ କ୍ଷମତା ଅଛି। ହେଲେ ସେ କେଉଁ ଆସନରୁ ଲଢିବେ, ସେହି ନିଷ୍ପତ୍ତି ଏଆଇସିସି ନିଷ୍ପତ୍ତି ନେବ। ଏମିତି କି ଦଳ ଦୁଇଟି ସ୍ଥାନରୁ ଲଢିବା ପାଇଁ ଅନୁମତି ଦେଲେ, ସେ ନିଶ୍ଚୟ ଲଢିବେ ବୋଲି ନିରଞ୍ଜନ କହିଛନ୍ତି। ପିସିସି ସଭାପତିଙ୍କ ଦମ୍ଭୋକ୍ତିର ଦୃଢ ଜବାବ ରଖିଛନ୍ତ ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ର। ସେ କହିଛନ୍ତି ଯେ, ଘସିପୁରା ଜନସାଧାରଣ ନିରଞ୍ଜନଙ୍କୁ ମନେ ରଖିନାହାନ୍ତି। ଦୀର୍ଘ ୧୦ ବର୍ଷ ହେବ ତାଙ୍କୁ ସେହି ଅଞ୍ଚଳରେ କେହି ଦେଖିନାହାନ୍ତି। ତାଙ୍କ ପ୍ରାର୍ଥୀତ୍ୱର କୌଣସି ପ୍ରଭାବ ପଡିବ ନାହିଁ ବୋଲି ବଦ୍ରୀ କହିଛନ୍ତି।

**■ ପୋଲିସକୁ ଅସୌଜନ୍ୟ ବ୍ୟବହାର ଅଭିଯୋଗ**

# ଭାଜପା ପ୍ରାର୍ଥୀ ପୀତାମ୍ବରଙ୍କ ବିରୋଧରେ ମାମଲା

ଆସିକା/ଛତ୍ରପୁର,୩୦।୩ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ହିଞ୍ଜିଳି ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ଫ୍ଲାଇଂ ସ୍କ୍ୱାଡ୍ ଯାଞ୍ଚ ବେଳେ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିଥିବା ଶୁକ୍ରବାର ରାତିରେ ଆସିକା ଥାନାରେ ଅଭିଯୋଗ ହୋଇଛି । ଫ୍ଲାଇଂ ସ୍କ୍ୱାଡ୍ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ବିଶ୍ୱନାଥ ବେହେରାଙ୍କ ଅଭିଯୋଗକ୍ରମେ ନଂ.୧୦୨/୧୯ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ଅନ୍ୟପକ୍ଷରେ ଏହା ଏକ ମିଥ୍ୟା ମାମଲା ବୋଲି ଖଣ୍ଡନ କରିବା ସହ ପୋଲିସ ମୋତେ ଗିରଫ କରୁ ବୋଲି ପୀତାମ୍ବର କହିଛନ୍ତି। ପ୍ରକାଶ ଯେ, ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ଆସିକା – ବ୍ରହ୍ମପୁର ୫୯ ନଂ. ଜାତୀୟ ରାଜପଥର ପାକିଡି ଛକଠାରେ ପୋଲିସର ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଥିଲା । ଏହି ସମୟରେ ଉକ୍ତ ରାସ୍ତାରେ ଯାଉଥିବା ଭାଜପା ପ୍ରାର୍ଥୀ ପୀତାମ୍ବରଙ୍କ ଗାଡ଼ିକୁ ଯାଞ୍ଚ ଲାଗି


ପୀତାମ୍ବର ଆଚାର୍ଯ୍ୟ

ପୋଲିସ ଅଟକାଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇଥିଲେ ପୀତାମ୍ବର। ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ହଇରାଣ କରାଯାଉଥିବା କହି ପୋଲିସ ସହ ଦୀର୍ଘସମୟ ଯୁକ୍ତିତର୍କ କରିଥିଲେ, ଯାହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶନିବାର ଅପରାହ୍ନରେ ଆସିକା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ ଏହି ଘଟଣା ସମ୍ପର୍କରେ ବିସ୍ତୃତ ସୂଚନା ଦେବା ସହ ଆଇନଶୃଙ୍ଖଳା ରକ୍ଷା ଦିଗରେ ଜନସାଧାରଣ ପୋଲିସକୁ ସହଯୋଗ କରିବା ଲାଗି ନିବେଦନ କରିଛନ୍ତି । ସେପଟେ ଛତ୍ରପୁରସ୍ଥିତ ଜିଲାପାଳଙ୍କ ଅଫିସକୁ ଆସିଥିବା ବେଳେ ପୀତାମ୍ବର ଏହି ଘଟଣା ଉପରେ ଗଣମାଧ୍ୟମ ଆଗରେ କହିଛନ୍ତି, ଥାନାରେ ମାମଲା ରୁଜୁ ନେଇ ମୁଁ ବିଚଳିତ ନୁହେଁ। ଗିରଫ କରି ଜେଲକୁ ପଠାନ୍ତୁ, ଏହାକୁ ସ୍ୱାଗତ କରିବି। ପୋଲିସ ମୋତେ ଦୁର୍ବ୍ୟବହାର କରିଛି । ମୁଁ ଏତଲା ଦେବା କଥା । ମାତ୍ର ନିର୍ବାଚନ ଲଢିବାକୁ ଆସିଥିବାରୁ ଏପରି କରିନି। ମୋ ଗାଡିକୁ ୩ ଥର ପୋଲିସ ଅଟକାଇ ଥିବା ବେଳେ ଅନ୍ୟ ଗାଡିକୁ ଅଟକାଉ ନ ଥିଲା। ତେଣୁ ପ୍ରତିକ୍ରିୟା ପ୍ରକାଶ କରିବା ସ୍ୱାଭାବିକ ବୋଲି ପୀତାମ୍ବର କହିଥିଲେ । ସୂଚନାଯୋଗ୍ୟ, ପୀତାମ୍ବର ଚଳିତ ନିର୍ବାଚନରେ ହିଞ୍ଜିଳିକାଟୁ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଲଢୁଛନ୍ତି ।

**■ ଚା କପ୍‌ରେ ଚୌକିଦାର ସ୍ଲୋଗାନ**

# ରେଲୱେକୁ ଇସି ନୋଟିସ

ନୂଆଦିଲ୍ଲୀ,୩୦।୩(ପି.ଟି.)

ଟ୍ରେନରେ ବ୍ୟବହୃତ ଚା କପ୍‌ରେ 'ମୈଁ ଭି ଚୌକିଦାର' ସ୍ଲୋଗାନ ଲେଖାଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଛି। ଏନେଇ ନିର୍ବାଚନ କମିଶନ (ଇସି) ଶନିବାର ରେଲୱେକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଜଣେ ଯାତ୍ରୀ ଚୌକିଦାର ଲେଖାଥିବା ଚା କପ୍ ଫଟୋକୁ ଟୁଇଟ୍ କରିବା ପରେ ଏହା ଭାଇରାଲ ହୋଇଥିଲା। ରେଲୱେ କର୍ତ୍ତୃପକ୍ଷ ଉକ୍ତ କପ୍‌କୁ ପ୍ରତ୍ୟାହାର କରିନେବା ସହ ଏହାକୁ ଯୋଗାଇଥିବା ଠିକାଦାରଙ୍କୁ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଦେଶରେ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାବେଳେ କ'ଣ ପାଇଁ ଶାସକ ଦଳର ସ୍ଲୋଗାନକୁ ଚା କପ୍‌ରେ ଛପାଯାଇଥିଲା ଏବଂ ଏଥିପାଇଁ କିଏ ଦାୟୀ ଶନିବାର ସନ୍ଧ୍ୟା ସୁଦ୍ଧା




ଜଣାଇବାକୁ ରେଲୱେକୁ କୁହାଯାଇଛି। ଆଇଆରସିଟିସିର ବିନା ଅନୁମତିରେ ଚୌକିଦାର ଲେଖାଥିବା କପ୍‌ରେ ଚା ପରିବେଷଣ କରାଯାଉଥିଲା ବୋଲି ତଦନ୍ତରୁ ଜଣାପଡିଛି। କର୍ତ୍ତବ୍ୟରେ ଅବହେଳା ପାଇଁ ସୁପରଭାଇଜର ତଥା ପ୍ୟାଣ୍ଟ୍ରି ଇନ୍‌ଚାର୍ଜଙ୍କୁ ସ୍ପଷ୍ଟୀକରଣ ମଗାଯାଇଛି। ସେବା ପ୍ରଦାନକାରୀ ଠିକାଦାରଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ପଠାଯାଇଥିବା ଆଇଆରସିଟିସି ପକ୍ଷରୁ କୁହାଯାଇଛି।

# ମୋଦିଙ୍କ ବିରୋଧରେ ଲଢ଼ିବେ ବହିଷ୍କୃତ ଯବାନ ତେଜବାହାଦୁର

**■ ସେନାରେ ନିମ୍ନମାନର ଖାଦ୍ୟ ଯୋଗାଣ ଭିଡିଓ ଅପ୍‌ଲୋଡ୍ କରି ଚର୍ଚ୍ଚାକୁ ଆସିଥିଲେ**


ତେଜ୍‌ବାହାଦୁର ଯାଦବ

ଚଣ୍ଡିଗଡ଼,୩୦।୩(ପି.ଟି.)

ଯବାନଙ୍କୁ ନିମ୍ନମାନର ଖାଦ୍ୟ ପରିବେଷଣ କରାଯାଉଥିବାର ଭିଡିଓ ଅନ୍‌ଲାଇନରେ ଛାଡି ୨୦୧୭ରେ ବହିଷ୍କୃତ ହୋଇଥିବା ବିଏସ୍‌ଏଫ ଯବାନ ତେଜ୍‌ବାହାଦୁର ଯାଦବ ଲୋକ ସଭା ନିର୍ବାଚନରେ ଉତ୍ତରପ୍ରଦେଶର ବାରାଣସୀ ଆସନରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିପକ୍ଷରେ ପ୍ରାର୍ଥୀ ହେବାକୁ ଯାଉଛନ୍ତି। ସେ ମୋଦିଙ୍କ ବିରୋଧରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ବୋଲି ହରିୟାଣାର ରେୱାରିଠାରେ ଖବରଦାତାମାନଙ୍କୁ କହିଛନ୍ତି। ସୈନ୍ୟବାହିନୀରୁ ଦୁର୍ନୀତି ଦୂରକରିବା ଲାଗି ସେ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି। ସେନାରୁ ଦୁର୍ନୀତି ହଟାଇବା ସହ ଏହାକୁ ଶକ୍ତିଶାଳୀ କରିବା ତାଙ୍କର ପ୍ରଥମ ଲକ୍ଷ୍ୟ ବୋଲି ତେଜ୍‌ବାହାଦୁର କହିଛନ୍ତି। ଜମ୍ମୁ-କଶ୍ମୀରର ନିୟନ୍ତ୍ରଣରେଖା ନିକଟ ବରଫାବୃତ ପାର୍ବତ୍ୟାଞ୍ଚଳରେ ମୁତୟନ ଥିବା ଯବାନମାନଙ୍କୁ ନିମ୍ନମାନର ଖାଦ୍ୟ ପରିବେଷଣ କରାଯାଉଥିବାର ଭିଡିଓ ସେ ସୋସିଆଲ ମିଡିଆରେ ଅପ୍‌ଲୋଡ କରିବା ପରେ ତେଜବାହାଦୁର ଚର୍ଚ୍ଚାକୁ ଆସିଥିଲେ। ଏହାକୁ ନେଇ ତାଙ୍କ ବିରୋଧରେ ଶୃଙ୍ଖଳାଭଙ୍ଗ ଅଭିଯୋଗ ଆଣି ବହିଷ୍କାର କରାଯାଇଥିଲା।










ଯଦି କେବଳ ଜୀବନ ଥାନ୍ତା– ମୃତ୍ୟୁ ନ ଥାନ୍ତା –ତେବେ ଅମରତ୍ୱ ମଧ୍ୟ ନ ଥାନ୍ତା। ଯଦି କେବଳ ପ୍ରେମ ଥାନ୍ତା– ହିଂସ୍ରତା ନ ଥାନ୍ତା ତେବେ ଆନନ୍ଦ ହୋଇଥାନ୍ତା କ୍ଷଣିକ କ୍ଷୀଣ ପୁଲକ ମାତ୍ର ! ଯଦି କେବଳ ସୁଯୁକ୍ତିଥାନ୍ତା– ଅଜ୍ଞାନ ନ ଥାନ୍ତା– ତେବେ ଆମର ଚରମ ସିଦ୍ଧି ଏକ ସୀମାବଦ୍ଧ ଯୌକ୍ତିକତା ଓ ବ୍ୟାବହାରିକ ବିଜ୍ଞତା ଛାଡି ଆଗକୁ ଯାଇ ପାରନ୍ତା ନାହିଁ।
–ଶ୍ରୀଅରବିନ୍ଦ

# ବେସରକାରୀ ଅନୁଷ୍ଠାନ



ଆକାର ପଟେଲ

ଆଉ କିଛିମାସ ଭିତରେ ଏକ ବେସରକାରୀ ଅନୁଷ୍ଠାନ (ଏନ୍‌ଜିଓ)ର ମୁଖ୍ୟଭାବେ ମୋର କାର୍ଯ୍ୟକାଳ ପୂରିଯିବ। ମୁଁ ଭାବୁଛି ଉକ୍ତ ଅନୁଷ୍ଠାନରେ ଚାରିବର୍ଷ କାର୍ଯ୍ୟକରିବା ଭିତରେ ମୁଁ ଯେଉଁ ଅନୁଭୂତି ଅର୍ଜନ କରିଛି ସେ ସମ୍ପର୍କରେ ପାଠକମାନଙ୍କୁ ଅବଗତ କରାଇବା ଉଚିତ ହେବ।

ପ୍ରଥମ କଥା ହେଉଛି ଯେଉଁମାନେ ସମାଜସେବା ପାଇଁ ଆଗେଇ ଆସୁଛନ୍ତି ସେମାନଙ୍କର ଯୋଗ୍ୟତା କ'ଣ? ସେମାନଙ୍କୁ କର୍ମୀ ବୋଲି କୁହାଯାଏ ଏବଂ ସେମାନଙ୍କ ଅନୁଷ୍ଠାନକୁ ଅନେକ ସମୟରେ ଏନ୍‌ଜିଓ ବୋଲି କୁହାଯାଏ। ଆଜିକାଲି ଅନେକ ମେଧାବୀ ଭାରତୀୟ ଏ କ୍ଷେତ୍ର ପ୍ରତି ଆକର୍ଷିତ ହେଉଛନ୍ତି। ଏହି କ୍ଷେତ୍ରରେ କାମ କରିବା ପାଇଁ ଯାହା ଦରମା ଦିଆଯାଏ, ତାହା କର୍ପୋରେଟ୍ ଜଗତରେ ପ୍ରଦତ୍ତ ଦରମାର ପାଖାପାଖି। ସେଥିପାଇଁ ମେଧାବୀ ଯୁବକମାନେ ଏ କ୍ଷେତ୍ର ପ୍ରତି ଆକୃଷ୍ଟ ହେଉଛନ୍ତି। ଦ୍ୱିତୀୟ କଥା ହେଉଛି ଏ କ୍ଷେତ୍ରରେ କାର୍ଯ୍ୟର ସ୍ୱରୂପ କ'ଣ। ଆପଣ ଅନେକ ଲୋକଙ୍କୁ ଦେଖିଥିବେ ଯେଉଁମାନେ ହାତରେ ମଇଳା ଉଠାଇବା, ଶାରୀରିକ ଅକ୍ଷମତା ବା ପ୍ରାଥମିକ ଶିକ୍ଷା ଭଳି ପ୍ରସଙ୍ଗ ଉପରେ ଅନେକ ଦଶନ୍ଧି ଧରି କାମ କରିଛନ୍ତି। ଅବଶ୍ୟ ଏଗୁଡ଼ିକ ହେଉଛି ମହତ୍ କାର୍ଯ୍ୟ। କିନ୍ତୁ ଏହାର ଅନ୍ୟ ଦିଗଟି ହେଉଛି ଏହି ଲୋକମାନେ କାର୍ଯ୍ୟରୁ ଯିବା ପରେ ସେ କ୍ଷେତ୍ରରେ ତାଙ୍କର ଯେଉଁ ଦକ୍ଷତା ଓ ଅଭିଜ୍ଞତା ରହିଥାଏ, ତାକୁ ବି ସାଙ୍ଗରେ ନେଇ ଚାଲିଯାନ୍ତି। ତାଙ୍କର ସେ ଜ୍ଞାନ ଓ ଅଭିଜ୍ଞତା ସରକାରଙ୍କ ପାଖରେ ବା ଆଉ କାହା ପାଖରେ ନ ଥାଏ।

ତୃତୀୟ କଥାଟି ହେଉଛି ଏପରି ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକ ପକ୍ଷେ ସରକାରଙ୍କ ସହିତ କାମ କରିବା ଭାରତରେ ସହଜ ହୋଇ ନ ଥାଏ। ଭାରତରେ ରାଷ୍ଟ୍ର କହିଲେ ନେତା ଓ ଅମଲାତନ୍ତ୍ରୀଙ୍କୁ ବୁଝାଏ, ଯେଉଁମାନେ କିଛି ନୂଆ କଥା ଶିଖିବାକୁ ଚାହାନ୍ତି ନାହିଁ ଏବଂ ଅନେକ ସମୟରେ ଅହଂକାରୀ ଓ ଦାମ୍ଭିକ। ମୁଁ ଏକ ଅନ୍ତର୍ଜାତୀୟ ଅନୁଷ୍ଠାନ ସହ କାର୍ଯ୍ୟ କରୁଥିବାରୁ କହିପାରେ ଯେ, ଅନ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକରେ, ବିଶେଷତଃ ୟୁରୋପୀୟ ଦେଶଗୁଡ଼ିକରେ ନାଗରିକ ସମାଜ ସହିତ ରାଷ୍ଟ୍ରର ସମ୍ପର୍କ ଭାରତ ଅପେକ୍ଷା ଅଧିକ ଘନିଷ୍ଠ। ସେସବୁ ଦେଶରେ ସାମାଜିକ କର୍ମୀମାନେ ଯେଉଁ କାର୍ଯ୍ୟ କରନ୍ତି, ସେଥି ପ୍ରତି ସମ୍ମାନ ରହିଛି। କିନ୍ତୁ ଆମ ଦେଶରେ ଏପରି ସାମାଜିକ କର୍ମୀ ଓ ଅନୁଷ୍ଠାନଗୁଡ଼ିକୁ ହେୟଜ୍ଞାନ କରାଯାଏ।

ଚତୁର୍ଥ କଥାଟି ଯାହା ଅନେକେ ଜାଣି ନ ଥିବେ ବା ବିଚାରକୁ ନେଇ ନ ଥିବେ ତାହା ହେଉଛି ମୂଲ୍ୟବୋଧ, ଯାହା ଏହି କର୍ମୀ ଓ ଏନ୍‌ଜିଓଗୁଡ଼ିକ ସରକାରଙ୍କ ସହ କାମ କଲାବେଳେ ସାମନାକୁ ଆଣନ୍ତି। ପୂର୍ବତନ ଉପା ସରକାର ନାଗରିକ ସମାଜରୁ କିଛି ଲୋକଙ୍କୁ ନେଇ ଏକ ଗୋଷ୍ଠୀ ଗଠନ କରିଥିଲେ, ଯାହାର ନାମ ହେଉଛି ଜାତୀୟ ପରାମର୍ଶଦାତା ପରିଷଦ। ଏହାର ସମସ୍ତ ସଦସ୍ୟ ଥିଲେ ସାମାଜିକ କର୍ମୀ ବା ଏନ୍‌ଜିଓବାଲା। ସେମାନେ ସରକାରଙ୍କୁ ସୂଚନା ଅଧିକାର ଆଇନ ପ୍ରଣୟନ କରିବାକୁ ଓ ଏମ୍‌ଏନ୍‌ଆର୍‌ଇଜିଏ ଇତ୍ୟାଦି ଯୋଜନା ପ୍ରବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଜଣେ ସାଧାରଣ ନାଗରିକଙ୍କ ପାଇଁ ତାଙ୍କର ଭୋଟ ଅଧିକାର ପରି ଆର୍‌ଟିଆଇ ହେଉଛି ଏକ ଶକ୍ତିଶାଳୀ ଅସ୍ତ୍ର।

ପଞ୍ଚମ କଥାଟି ହେଉଛି ଏହି କର୍ମୀମାନେ ମଧ୍ୟବିତ୍ତ ଓ ଗରିବ ଲୋକଙ୍କ ଭିତରେ ରହିଥିବା ଅନ୍ତରକୁ ଦୂର କରିବା ପାଇଁ ଚେଷ୍ଟାରତ। ଟ୍ରାଫିକ୍ ସିଗ୍‌ନାଲ ପାଖରେ ଗରିବ ଭିକାରିକୁ ଦେଖିଲେ ମଧ୍ୟବିତ୍ତ ଶ୍ରେଣୀର ଲୋକେ କାର୍‌ର କାଚ ବନ୍ଦ କରିଦେବାକୁ ସହଜ ମନେକରନ୍ତି ଏବଂ ଆମେ ଏକାନ୍ତ ପରିବେଶରେ କାମ କରିବାକୁ ପସନ୍ଦ କରୁ। କୃଷକ ଆତ୍ମହତ୍ୟା ଓ କୃଷି ସମସ୍ୟା ଭଳି ପ୍ରସଙ୍ଗଗୁଡ଼ିକ ଅଧିକାଂଶ ଲୋକଙ୍କ ପାଇଁ କିଛି ମାନେ ରଖେନା। କାରଣ ଆମେ ସେମାନଙ୍କ ବାସ୍ତବ ସମସ୍ୟା କ'ଣ ବୁଝୁନା। କିନ୍ତୁ ସେମାନଙ୍କ ପାଇଁ କାମ କରୁଥିବା ସାମାଜିକ କର୍ମୀ ଓ ଏନ୍‌ଜିଓଗୁଡ଼ିକ ସେମାନଙ୍କ ସମସ୍ୟାକୁ ସର୍ବସମ୍ମୁଖରେ ଉପସ୍ଥାପନ କରନ୍ତି।

ଷଷ୍ଠ କଥା ହେଉଛି ଅଧିକାଂଶ ଭାରତୀୟ ସାମାଜିକ କର୍ମୀ ଓ ଏନ୍‌ଜିଓଗୁଡ଼ିକ ପ୍ରତି ଯେଉଁ ଧାରଣା ପୋଷଣ କରନ୍ତି। ଆମର ମୁଖ୍ୟ ଗଣମାଧ୍ୟମର ପ୍ରକୃତି ଯୋଗୁ ଆମେ ଆଦିବାସୀ ଓ ଦଳିତମାନଙ୍କ ଅଧିକାର ସମ୍ପର୍କରେ ଯେଉଁ ସୂଚନା ପାଇଥାଉ ତାହା ସୀମିତ। କଶ୍ମୀର ବିଷୟରେ ଆମେ ଏକପାଖିଆ କାହାଣୀ ଶୁଣିବାକୁ ପାଇଥାଉ। ଉତ୍ତର–ପୂର୍ବରେ ହେଉଥିବା ହିଂସା ଓ ତା'ର କାରଣ ବିଷୟରେ ଆମର ବୋଧ ସୀମିତ। ତେବେ ଏନ୍‌ଜିଓଗୁଡ଼ିକ ଏ କ୍ଷେତ୍ରରେ ଗଭୀର ସ୍ତରକୁ ଯାଇ କାର୍ଯ୍ୟ କରନ୍ତି। ଏଠାରେ ମୁଁ ଏକ ଉଦାହରଣ ଦେଉଛି, ଯାହା ପ୍ରତି ଆପଣ ସଚେତନ ନ ଥିବେ। ୨୦୧୨ରେ ଇଭ୍‌ଫାମ୍ ନାମକ ଏକ ଏନ୍‌ଜିଓ ସୁପ୍ରିମ୍‌କୋର୍ଟରେ ଅଭିଯୋଗ କଲା ଯେ, ମଣିପୁରରେ ସଶସ୍ତ୍ର ବାହିନୀର ଏନ୍‌କାଉଣ୍ଟର ନକଲି ଥିଲା। କୋର୍ଟ କେତେଜଣ ବିଚାରପତିଙ୍କୁ ତଦନ୍ତ କରିବାକୁ ଆଦେଶ ଦେଲେ ଏବଂ ତଦନ୍ତରୁ ଜଣାପଡ଼ିଲା ଯେ ଉକ୍ତ ଏନ୍‌ଜିଓର ଅଭିଯୋଗ ସତ। ମଣିପୁରରେ ଏବେ ଏପରି ଏନ୍‌କାଉଣ୍ଟର ଓ ହତ୍ୟା ସଂଖ୍ୟା ପ୍ରାୟ ୨୦୦ରୁ ହାତଗଣତି ସ୍ତରକୁ ହ୍ରାସ ପାଇବାର କାରଣ ହେଉଛି ସଶସ୍ତ୍ର ବାହିନୀ ଜାଣିଛି ଯେ ତାଙ୍କ ଉପରେ ନଜର ରଖାଯାଉଛି। ନିୟମିତ ଗଣମାଧ୍ୟମରୁ ଆପଣ ଏ ସମ୍ପର୍କରେ ସୂଚନା ପାଇପାରିବେ ନାହିଁ। ଏଣୁ ଏନ୍‌ଜିଓ ଓ ସାମାଜିକ କର୍ମୀମାନେ ହିଁ ସାଧାରଣ ନାଗରିକଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା କରୁଛନ୍ତି। ଏକ ଗଣତାନ୍ତ୍ରିକ ଦେଶରେ ଏପରି ଅନେକ ସଂଗଠନ ଓ ସାମାଜିକ କର୍ମୀଙ୍କ ଆବଶ୍ୟକତା ରହିଛି। ଯେଉଁମାନେ ଦେଶ ପାଇଁ, ସମାଜ ପାଇଁ ଓ ସାଧାରଣ ନାଗରିକଙ୍କ ସ୍ୱାର୍ଥ ପାଇଁ କାମ କରୁଛନ୍ତି ଆମେ ସେମାନଙ୍କୁ ସମର୍ଥନ କରିବା ଉଚିତ, ଯଦିବା ସେମାନଙ୍କ କେତେକ କଥା ସହ ଆମେ ଏକମତ ନ ହୋଇପାରୁ।

Email: aakar.patel@gmail.com

## su do ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 1 | B | 5 | 6 | E | 2 | 3 | A | 4 | 8 | 9 | C | 0 | D |
| 8 | E | C | 1 | A | 3 | 5 | B | 9 | 6 | D | 0 | 4 | 7 | 2 |
| 5 | 4 | 9 | D | C | 7 | 0 | 8 | 6 | 2 | A | B | 3 | E | 1 |
| 2 | 6 | 0 | 4 | B | 9 | 7 | C | D | E | 3 | 1 | 8 | A | 5 |
| A | 3 | D | 8 | 2 | 0 | E | 4 | 1 | C | 5 | 7 | B | 6 | 9 |
| 3 | 9 | 4 | B | 5 | C | 6 | A | 0 | 7 | 2 | E | D | 1 | 8 |
| 1 | C | 7 | 0 | D | A | 3 | 2 | 5 | 9 | 6 | 8 | E | 4 | B |
| E | 5 | 8 | 7 | 1 | 6 | D | 9 | C | B | 0 | 4 | 2 | 3 | A |
| 0 | A | 6 | 2 | 9 | 4 | 8 | E | B | D | 1 | 3 | 7 | 5 | C |
| B | D | 2 | 3 | E | 8 | 4 | 1 | 7 | 5 | C | A | 6 | 9 | 0 |
| D | 0 | 1 | E | 4 | B | A | 7 | 3 | 8 | 9 | 2 | 5 | C | 6 |
| 6 | 7 | E | C | 8 | 1 | 9 | D | 2 | A | 4 | 5 | 0 | B | 3 |
| 4 | 2 | A | 9 | 3 | 5 | C | 6 | E | 0 | B | D | 1 | 8 | 7 |
| C | 8 | 3 | A | 0 | D | B | 5 | 4 | 1 | 7 | 6 | 9 | 2 | E |
| 9 | B | 5 | 6 | 7 | 2 | 1 | 0 | 8 | 3 | E | C | A | D | 4 |

ଗତକାଲିର ଉତ୍ତର

# ଓଡ଼ିଆ ଭାଷା ପ୍ରତିଷ୍ଠାନର ଇତିବୃତ୍ତ



ଡ. ତମସାରାଣୀ ଦାସମହାପାତ୍ର

ବହୁ ପ୍ରାଚୀନକାଳରୁ ଏ ଯାବତ୍ ଓଡ୍ର, କଳିଙ୍ଗ, କଙ୍ଗୋଦ ଏବଂ ଉତ୍କଳ ନାମରେ ଆମ ରାଜ୍ୟ ଓଡ଼ିଶା ଅନେକ କୀର୍ତ୍ତି ଓ ସମ୍ଭାବନାକୁ ପାଥେୟ କରି ଆଗେଇଚାଲିଛି। ଏ ଜାତିର କଳା, ସ୍ଥାପତ୍ୟ, ସାହିତ୍ୟ, ସଂସ୍କୃତି, ନୌବାଣିଜ୍ୟ ଓ ଶିଳ୍ପ ସାରା ବିଶ୍ୱକୁ କେବଳ ଯେ ଚମତ୍କୃତ କରିଛି, ତା' ନୁହେଁ ଏହାର ଭାଷା ମଧ୍ୟ ତାହାର ପ୍ରାଚୀନତା ଓ ବ୍ୟାପକତା ଯୋଗୁ ଭାରତୀୟ ଭାଷାପରିବାର ମଧ୍ୟରେ ନିଜର ଗୁରୁତ୍ୱ ବଜାୟ ରଖିଆସିଛି।

ଭାଷାବିତ୍‌ଙ୍କ ମତରେ ପୂର୍ବୀପ୍ରାକୃତ, ଯାହା ଭରତମୁନିଙ୍କ ନାଟ୍ୟଶାସ୍ତ୍ରରେ 'ଓଡ୍ରବିଭାଷା' ବୋଲି ଅଭିହିତ, ତାହା ଏକଦା ଭାରତର ପୂର୍ବାଞ୍ଚଳରେ ହିଁ ବ୍ୟବହୃତ ହେଉଥିଲା। ଏହି ଭାଷାର ସୂଚନା ଖ୍ରୀ.ପୂ. ୧ମ ଶତାବ୍ଦୀରେ କଳିଙ୍ଗ ମହାରାଜା ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ ଦେଖିବାକୁ ମିଳେ। 'ଓଡ୍ର' ଜାତି ହିଁ ଥିଲେ କଳିଙ୍ଗର ମୁଖ୍ୟ ଅଧିବାସୀ। ସେମାନଙ୍କ ସହ କଳିଙ୍ଗ ପାର୍ବତ୍ୟାଞ୍ଚଳର କେତେକ ଆଦିବାସୀ ଓ ଦ୍ରାବିଡ଼ ଜାତୀୟ ଭାଷାଭାଷୀଙ୍କ ଭାଷାର ଶବ୍ଦ ମିଶ୍ରିତ ହୋଇ ଓଡ଼ିଆଭାଷା ସମୃଦ୍ଧ ହୋଇଛି। ଭାଷା ଏକ ପ୍ରବହମାନ ନଦୀ, ଯାହାର ସ୍ରୋତରେ ବିଭିନ୍ନ ଧାରାର ସମ୍ମିଶ୍ରଣ ଘଟି ଏକ ବିଶାଳ ଜଳଧାରା ଆଗକୁ ମାଡ଼ିଚାଲେ। ଯେପରି ଖ୍ରୀ.ପୂ. ୧ମ ଶତାବ୍ଦୀରେ ଖାରବେଳଙ୍କ ଅଭିଲେଖରେ ପରିଦୃଷ୍ଟ ପ୍ରାକୃତଭାଷା, ତାହାର ୧୫୦୦ ବର୍ଷ ପରେ ମାଟିର ମହାକବି ସାରଳା ଦାସଙ୍କ ମହାଭାରତରେ ବହୁଗୁଣରେ ସମୃଦ୍ଧ ହୋଇ ଆତ୍ମପ୍ରକାଶ କରିଥିଲା, ପୁଣି ଆଜି ୨୦୧୯ ମସିହା ପରେ ଆମ ଭାଷାଭଣ୍ଡାର ଯେ କେତେ ବିସ୍ତୃତ, ତାହା ଆମ ସମସ୍ତଙ୍କୁ ଜଣା। ଆମ ଭାଷାର ପ୍ରସାର ଓ ଏହାର ସମୃଦ୍ଧି ନିମନ୍ତେ ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୦୬ ଏପ୍ରିଲ୍ ୧ରେ ବିଧିବଦ୍ଧ ଭାବେ ସ୍ଥାପିତ ହୋଇଥିଲା 'ଓଡ଼ିଆ ଭାଷା ପ୍ରତିଷ୍ଠାନ'।

ଓଡ଼ିଆ ଭାଷା ପ୍ରତିଷ୍ଠାନ କେବଳ ଏକ ଅନୁଷ୍ଠାନ ନୁହେଁ, ଏହା ସମଗ୍ର ଜାତିର ଭାଷାପୀଠ ଓ ଜାତୀୟ ଚେତନାର ସ୍ମାରକୀ। କେଉଁ କେଉଁ ପଦକ୍ଷେପ ଦ୍ୱାରା ଆମର ଏ ବିଶାଳ ଭାଷାଭଣ୍ଡାର ସୁରକ୍ଷିତ ରହିବ, ସମୃଦ୍ଧିଶାଳୀ ହେବ ଓ ଆହୁରି ବିକଶିତ ହୋଇପାରିବ, ସେଥିପାଇଁ ବିଚାରବିମର୍ଶ ଓ କାର୍ଯ୍ୟ କରିବାର ମଞ୍ଚ ହେଉଛି ଓଡ଼ିଆ ଭାଷା ପ୍ରତିଷ୍ଠାନ। ବିଭିନ୍ନ ପ୍ରକଳ୍ପ ସଂଯୋଜନା, ପରିଚାଳନା ତଥା କାର୍ଯ୍ୟୋପଲବ୍ଧି ଜରିଆରେ ଓଡ଼ିଆ ଭାଷାକୁ ଶିକ୍ଷା, ପ୍ରଶାସନ, ଦପ୍ତର, ସଞ୍ଚାର ମାଧ୍ୟମ ଆଦି ପରିସରରେ ଅଧିକ ଅର୍ଥପୂର୍ଣ୍ଣ ଭାବରେ ପ୍ରୟୋଗ କରିବା, ଭାଷା ଓ ଲିପିର ଗବେଷଣାତ୍ମକ ପରିସରକୁ ଅଧିକ ବ୍ୟାପକ କରିବା, କମ୍ପ୍ୟୁଟରରେ ଓଡ଼ିଆ ଭାଷାର ବ୍ୟବହାର ଓ ପ୍ରସାରକୁ ନିଶ୍ଚିତ କରିବା, କାଳଜୟୀ ଓଡ଼ିଆକୀର୍ତ୍ତିକୁ ଇଣ୍ଟରନେଟ୍ ଯୋଗେ ବିଶ୍ୱବ୍ୟାପୀ ଉପଲବ୍ଧ କରାଇବା, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀଭିତ୍ତିକ ସମୟ ଉପଯୋଗୀ ଅଭିଧାନ, ବ୍ୟାକରଣ ପ୍ରଣୟନ ଓ କର୍ମଶାଳା, ସଂପାନ ଆଦି ଆୟୋଜନ କରି ଭାଷାକୁ ଅଧିକ କାର୍ଯ୍ୟକ୍ଷମ ତଥା ବଳିଷ୍ଠ କରିବାର ଉପାୟ ଅନୁସନ୍ଧାନ ସହ ଭାଷା ସଂରକ୍ଷଣ (Documentation), ସଞ୍ଚାରଭାଷାର ବିକାଶ (Communicative Language), ଭାଷାର ପ୍ରୟୋଗାତ୍ମକ ପ୍ରକାର୍ଯ୍ୟ (Applied Linguistics) ତଥା ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ଭାଷା ଗବେଷଣା ଆଦି ଅନେକ ଯୋଜନାର ସଫଳ ରୂପାୟନ ନିମନ୍ତେ ଭାଷା ପ୍ରତିଷ୍ଠାନର ସ୍ଥାପନା।

ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ତା'ର ଲକ୍ଷ୍ୟ ଓ ଆଭିମୁଖ୍ୟକୁ କାର୍ଯ୍ୟକାରୀ କରିବା

### (୧୪ ଚତୁର୍ଦ୍ଦଶ ପ୍ରତିଷ୍ଠା ଦିବସ ଉପଲକ୍ଷେ)

ଅବସରରେ ଓଡ଼ିଶାର କେତେକ ବିଜ୍ଞ, ପ୍ରାଜ୍ଞ ଓ ଗବେଷକଙ୍କ ସହ ଆଲୋଚନା କରି ଓଡ଼ିଆ ଭାଷାର ସାମ୍ପ୍ରତିକ ସ୍ଥିତି ଓ ଆବଶ୍ୟକତାକୁ ବିଚାରକୁ ନେଇ ଅଗ୍ରାଧିକାରଭିତ୍ତିରେ ନିମ୍ନୋକ୍ତ ତିନିଗୋଟି କ୍ଷେତ୍ରରେ ତା'ର କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିଛି, ଯଥା– ଓଡ଼ିଶା ଜନପଦର ଭାଷାଜଗତ, ଶିକ୍ଷାୟତନର ଭାଷାଜଗତ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଭାଷାର ପ୍ରଚଳନ। ଏହି ସମସ୍ତ କାର୍ଯ୍ୟଧାରା ମଧ୍ୟରୁ ଭାଷା ପ୍ରତିଷ୍ଠାନ କିଛି କାର୍ଯ୍ୟ ଅବଶ୍ୟ ସମାପ୍ତ କରିଛି ଓ ଆଉ କିଛି ଅସମ୍ପୂର୍ଣ୍ଣ କାର୍ଯ୍ୟ ପୂରଣ ନିମନ୍ତେ ସମ୍ପ୍ରତି ଉଦ୍ୟମରତ। ଭାଷା ପ୍ରତିଷ୍ଠାନ ପକ୍ଷରୁ ସରକାରୀ ଦପ୍ତର ଓ ବିଭିନ୍ନ ବେସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ନଥି ପ୍ରସ୍ତୁତ କରିବା, ସୂଚନା ଅଧିକାର ବଳରେ ତଥ୍ୟ ମାଗିବା, ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ହିତାଧିକାରୀଙ୍କଠାରୁ ଆରମ୍ଭକରି ସରକାରୀ କର୍ମଚାରୀଙ୍କ ପର୍ଯ୍ୟନ୍ତ ଓଡ଼ିଆରେ ବୋଧଗମ୍ୟ ଭାଷାର ନମୁନା, ଦରଖାସ୍ତ, ଅର୍ଜି ଲେଖିବା ଆଦି କାର୍ଯ୍ୟ ସହଜରେ କରିବା ନିମନ୍ତେ 'କାର୍ଯ୍ୟାଳୟ ନଥି' ଓ 'ପ୍ରଶାସନ ଶବ୍ଦକୋଷ' ପ୍ରକାଶିତ ହୋଇଛି। ପଶ୍ଚିମବଙ୍ଗରେ ଅବସ୍ଥାନ କରୁଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କ ପାଇଁ ପଶ୍ଚିମବଙ୍ଗ ମାଧ୍ୟମିକ ବୋର୍ଡଠାରୁ ଅନୁମତି ଆଣି ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିମନ୍ତେ ଗଣିତ, ଜୀବବିଜ୍ଞାନ, ପ୍ରାକୃତିକ ବିଜ୍ଞାନ, ଇତିହାସ ଓ ଭୂଗୋଳ ଆଦି ଗ୍ରନ୍ଥ ଓଡ଼ିଆରେ ଅନୁବାଦ କରାଯାଇ ପ୍ରେରିତ ହୋଇଛି। ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଓଡ଼ିଆଭାଷାର ଶୁଦ୍ଧତା ଉପଲକ୍ଷେ 'ସାଧାରଣ ଓଡ଼ିଆ ବନାନ ଶୁଦ୍ଧି', ପଞ୍ଚସଖା ଯୁଗର ସାହିତ୍ୟକୃତିରେ ଥିବା ଶବ୍ଦାବଳୀର ଅର୍ଥ ଅର୍ଥାନ୍ତର ସହ 'ଓଡ଼ିଆ ସାଂସ୍କୃତିକ ଶବ୍ଦାବଳୀ', ବଣ୍ଡା ଜନଜାତି ପିଲାମାନଙ୍କୁ ଓଡ଼ିଆ ଅକ୍ଷର ଶିକ୍ଷା ପ୍ରଦାନ ଲକ୍ଷ୍ୟରେ ବଣ୍ଡା–ଓଡ଼ିଆ ଚିତ୍ରଶବ୍ଦ ପୁସ୍ତକ 'ଡୁଡ ମାଂମାଂ', ପ୍ରାଥମିକସ୍ତରୀୟ ଛାତ୍ରୀଛାତ୍ରଙ୍କ ଶବ୍ଦଜ୍ଞାନ ବୃଦ୍ଧି ନିମନ୍ତେ 'ଓଡ଼ିଆ ଚିତ୍ରଶବ୍ଦ ପୁସ୍ତକ', ଓଡ଼ିଆ ଭାଷା ଶିକ୍ଷା କରୁଥିବା ଛାତ୍ରୀଛାତ୍ର ଓ ଶିକ୍ଷା ପ୍ରଦାନ କରୁଥିବା ଶିକ୍ଷକମାନଙ୍କ ନିର୍ଭୁଲ ଲେଖାପଢ଼ା ନିମନ୍ତେ 'ଓଡ଼ିଆ ଭାଷାଦୀପିକା', ଓଡ଼ିଆ ଭାଷା ସମ୍ପର୍କରେ ଜ୍ଞାନ ଅର୍ଜନ ଉଦ୍ଦେଶ୍ୟରେ ଅନ୍ୟ ଭାରତୀୟ ଓ ବିଦେଶୀ ଭାଷାକୁ ଦୃଷ୍ଟିରେ ରଖି ଦ୍ୱିଭାଷିକ ଅଣଓଡ଼ିଆଙ୍କ ନିମିତ୍ତ ଓଡ଼ିଆଭାଷା ଶିକ୍ଷା 'Learn Odia Language' ପୁସ୍ତକ, 'ଓଡ଼ିଆ ଭାଷାର ଇତିବୃତ୍ତ' ଓ 'ଓଡ଼ିଆ ବର୍ଣ୍ଣମାଳା ବିଚାର' ଆଦି ପୁସ୍ତକ ପ୍ରକାଶିତ ହୋଇସାରିଛି। ଏହାଛଡ଼ା ଓଡ଼ିଶାର ତିରିଶଟି ଜିଲାର ଜନପଦରେ କଥିତ ଚଳନ୍ତି ଶବ୍ଦଗୁଡ଼ିକର ସୁରକ୍ଷା ଲାଗି ସେଗୁଡ଼ିକୁ ସଂଗ୍ରହ କରାଯାଇ 'କଥିତ ଶବ୍ଦକୋଷ' ନାମକ ଏକ ଅଭିଧାନ ନିକଟରେ ପ୍ରକାଶିତ ହୋଇଛି।

ଆଗାମୀ ଦିନରେ ଓଡ଼ିଆ ଭାଷାର ଗୁଣାତ୍ମକ ମାନ ବୃଦ୍ଧି ଲାଗି ପ୍ରତିଷ୍ଠାନ ତରଫରୁ 'ଭାଷାତତ୍ତ୍ୱ କୋଷଗ୍ରନ୍ଥ', 'ଯୋଗାଯୋଗର ଭାଷା ଓଡ଼ିଆ', 'ସାହିତ୍ୟ କୋଷ', 'ବିଶ୍ୱ ଦୃଷ୍ଟିରେ ଓଡ଼ିଆ ଭାଷା', 'ଓଡ଼ିଶାର ଜନଜାତି: ଏକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ' ଆଦି ପୁସ୍ତକ ପ୍ରକାଶନ ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। ଏଗୁଡ଼ିକ ଅଳ୍ପଦିନ ମଧ୍ୟରେ ପ୍ରକାଶ ପାଇବ।

ଓଡ଼ିଆ ଭାଷା ପ୍ରତିଷ୍ଠାନ ଓଡ଼ିଆ ଅନୁବାଦ କାର୍ଯ୍ୟ ପାଇଁ ଏକ ନିର୍ଭରଯୋଗ୍ୟ ଓ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ। ବିଭିନ୍ନ ସରକାରୀ ବିଭାଗର ଗୁରୁତ୍ୱପୂର୍ଣ୍ଣ ସରକାରୀ ନିର୍ଦ୍ଦେଶ, ଦସ୍ତାବିଜ୍ ଆଦି ବହୁ ତଥ୍ୟ ଅନୁବାଦ କରାଯାଇଆସୁଛି। ରାଜ୍ୟ ପୋର୍ଟାଲରେ ପ୍ରସାରିତ ବିଭିନ୍ନ ବିଭାଗର ପ୍ରାୟ ୧୮୫୦ ପୃଷ୍ଠାର ତଥ୍ୟାବଳୀକୁ ଓଡ଼ିଆ ଭାଷାରେ ଭାଷା ପ୍ରତିଷ୍ଠାନ ତରଫରୁ ଅନୁବାଦ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଓକାକ୍‌କୁ ପ୍ରଦାନ କରାଯିବା ସହ ସରକାରଙ୍କ ବିଭିନ୍ନ ବିଭାଗ/ଦପ୍ତରର ଇଂଲିଶ ତଥ୍ୟଗୁଡ଼ିକୁ ଓଡ଼ିଆରେ ଅନୁବାଦ କରାଯାଉଛି।

ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି, ପ୍ରସାର ଏବଂ ସର୍ବସାଧାରଣଙ୍କ ବ୍ୟବହାର ଉପଯୋଗୀ ହେବା ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଓଡ଼ିଆ ଭର୍ଚୁଆଲ ଏକାଡେମୀ ପ୍ରଥମେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ତା୧୪।୦୪।୨୦୧୭ରିଖରେ ଶୁଭାରମ୍ଭ କରାଯାଇଥିଲା, ଯେଉଁଥିରେ ଓଡ଼ିଆ ଭାଷା, ସଂସ୍କୃତି, ଐତିହ୍ୟ, ପରମ୍ପରା ଆଦିର ପ୍ରଚାର ନିମନ୍ତେ ବିଭିନ୍ନ ଦୁର୍ଲଭ ପୁସ୍ତକ, ପାଣ୍ଡୁଲିପି (ପୋଥି), ଭାସ୍କର୍ଯ୍ୟ, ନୃତ୍ୟ, ସଙ୍ଗୀତ, ପ୍ରତ୍ନତାତ୍ତ୍ୱିକ ଦଲିଲ୍ ଇତ୍ୟାଦିର ଡିଜିଟାଇଜେଶନ କପି (୨୧ଟି ସିଡୀ, ୯ଟି ଡିଭିଡି) ୱେବ୍ ପୋର୍ଟାଲରେ ପ୍ରସାରଣ ନିମନ୍ତେ ଓକାକ୍‌କୁ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଏହା ସରକାରଙ୍କ ନିର୍ଦ୍ଦେଶନାମା ଆଧାରରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଅଧୀନକୁ ସ୍ଥାନାନ୍ତରିତ ହୋଇଛି।

ଏସବୁ ସତ୍ତ୍ୱେ ଅନେକ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଭାଷା ପ୍ରତିଷ୍ଠାନ ସଂକଳ୍ପବଦ୍ଧ, ଯାହା ମଧ୍ୟରୁ ଅଗ୍ରାଧିକାର ଭିତ୍ତିରେ ପାଣ୍ଡୁଲିପି (ପୋଥି) ସମ୍ପାଦନା, କାଳଜୟୀ ଓଡ଼ିଆ ପୁସ୍ତକଗୁଡ଼ିକର ଅନୁବାଦ, ନୂତନ ଧାରାର ଓଡ଼ିଆ ବ୍ୟାକରଣ ପ୍ରଣୟନ, ଆଦିବାସୀ ଭାଷାରେ ପ୍ରାଥମିକସ୍ତରରେ ପାଠ୍ୟପୁସ୍ତକ ପ୍ରଣୟନ, ଆଦିବାସୀ ଅଞ୍ଚଳରେ ସରକାରୀ କର୍ମକର୍ତ୍ତାଙ୍କୁ ଆଦିବାସୀ ଭାଷା ପ୍ରଶିକ୍ଷଣ, ରାମାୟଣ, ମହାଭାରତ, ଭାଗବତ ଓ ପୁରାଣଗୁଡ଼ିକର ତୁଳନାତ୍ମକ ଅଧ୍ୟୟନ, ପ୍ରବାସୀ ଅନ୍ୟ ରାଜ୍ୟ ପରିସରରେ ଓଡ଼ିଆ ଭାଷାଜଗତର ଏକ କ୍ଷେତ୍ରୀୟ ଆକଳନ ଏବଂ ଏହାର ଶିକ୍ଷାଗତ ତଥା ଭାଷାଗତ ସମୃଦ୍ଧି ଓ ପ୍ରସାର, ପାଠ୍ୟକ୍ରମ ବହିର୍ଭୂତ ଓଡ଼ିଆ ଭାଷା ଶିକ୍ଷା ନିମନ୍ତେ ପୁସ୍ତକ ରଚନା, ସର୍ବୋପରି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଶିକ୍ଷାକୁ ଗୁରୁତ୍ୱ ପ୍ରଦାନ ଆଦି କାର୍ଯ୍ୟର ସଫଳ ରୂପାୟନ ନିମନ୍ତେ ଭାଷା ପ୍ରତିଷ୍ଠାନ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛି।

ନିର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର

# ଦୁର୍ନୀତି ନିରୋଧକାରୀ

## ବ୍ୟକ୍ତିତ୍ୱ



ପିନାକୀ ଚନ୍ଦ୍ର ଘୋଷ

ଭାରତରେ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ହେଉଥିବା ନେଇ ସର୍ବଦା ଆଲୋଚନା ହୋଇଥାଏ। ଦୁର୍ନୀତିର ସଂଜ୍ଞା କେବଳ ଆର୍ଥିକ ତୋସରପାତ ବା ଲାଞ୍ଚ ଭିତରେ ସୀମିତ ରହୁନାହିଁ। ଜଣଙ୍କ ପ୍ରତି ଜାଣିଶୁଣି ଅନୁଗ୍ରହ ଦେଖାଇବା, ପଦପଦବୀକୁ ବ୍ୟବହାର କରି ଫାଇଦା ନେବା ଆଦି ବିଭିନ୍ନ ଉପାୟରେ ଦୁର୍ନୀତି କରାଯାଉଛି। ତେବେ ଦେଶର ଉଚ୍ଚ ପଦପଦବୀରେ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୁର୍ନୀତି ଆସିଲେ ସାଧାରଣତଃ ସେମାନଙ୍କୁ ଧରିବା ଓ କାର୍ଯ୍ୟାନୁଷ୍ଠାନ ନେବା ସହଜ ହୋଇ ନ ଥାଏ। କିନ୍ତୁ ଏବେ ଉଚ୍ଚ ସ୍ଥାନରେ ଥିବା ବ୍ୟକ୍ତିଙ୍କ ନାମରେ ଅଭିଯୋଗ ଆସିଲେ ଦୁର୍ନୀତି ନିରୋଧୀ ବ୍ୟବସ୍ଥା 'ଲୋକପାଳ' ତାହାର ତଦନ୍ତ କରିବେ। କେନ୍ଦ୍ର ସ୍ତରରେ ଲୋକପାଳ ଓ ରାଜ୍ୟ କ୍ଷେତ୍ରରେ ଲୋକାୟୁକ୍ତଙ୍କ ଉପରେ ଏଭଳି ଦାୟିତ୍ୱ ନ୍ୟସ୍ତ କରାଯାଇଛି। ନିକଟରେ ଭାରତର ପ୍ରଥମ ଲୋକପାଳ ଭାବେ ପିନାକୀ ଘୋଷ ଦାୟିତ୍ୱ ନେବା ପରେ ତାଙ୍କ କାର୍ଯ୍ୟଶୈଳୀ ଓ ନିଷ୍ପତ୍ତି ଉପରେ ସମସ୍ତ ନଜର ରହିଛି। ପାର୍ଲାମେଣ୍ଟରେ ସଂଶୋଧନ ଅଣାଯିବା ପରେ ୨୦୧୩ରେ ଲୋକପାଳ ଓ ଲୋକାୟୁକ୍ତ ଆଇନ ଆସିଥିଲା। ୨୦୧୪ ଜାନୁୟାରୀରେ ଲୋକପାଳ ଆଇନ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଲୋକପାଳ ନିଯୁକ୍ତି ପାଇବା ଲାଗି ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗି ଯାଇଥିଲା। ଏପରି କି କିଏ ଦୁର୍ନୀତି ନିରୋଧୀ ସଂସ୍ଥାର ମୁଖ୍ୟ ହେବେ ସେଥିନେଇ ବହୁ ବାଦବିବାଦ ଘଟିଛି। ତଥାପି ପିନାକୀଙ୍କ ନିଯୁକ୍ତି ଦୁର୍ନୀତି ବିରୋଧରେ ଏକ ଶକ୍ତିଶାଳୀ ଅସ୍ତ୍ର ଭାବେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି। ପିନାକୀଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶପଥପାଠ କରାଇବା ପରେ ଗତ ସପ୍ତାହରେ ସେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉକ୍ତ ପଦବୀରେ ସେ ୭୦ ବର୍ଷ ବୟସ ହେବା ଯାଏ କିମ୍ବା ସର୍ବାଧିକ ୫ ବର୍ଷ, ତନ୍ମଧ୍ୟରୁ ଯେଉଁଟି ଆଗେ ପଡ଼ିବ, ସେହି ଅନୁଯାୟୀ ଦାୟିତ୍ୱ ତୁଲାଇବେ। ତାଙ୍କୁ ସହଯୋଗ କରିବା ଲାଗି ବ୍ୟବସ୍ଥାରେ ଉଭୟ ନ୍ୟାୟ ଓ ଅଣନ୍ୟାୟ କ୍ଷେତ୍ରରୁ ଆସିଥିବା ବ୍ୟକ୍ତିଙ୍କୁ ସଦସ୍ୟ ଭାବେ ନିଆଯାଇଛି। ତେବେ ଦେଶର ପ୍ରଥମ ଲୋକପାଳ ଭାବେ ପିନାକୀ ଦାୟିତ୍ୱ ନେଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାରେ ରହିଛି।

ପିନାକୀ ୨୮ ମେ ୧୯୫୨ରେ ପଶ୍ଚିମବଙ୍ଗ ରାଜଧାନୀ କଲିକତା (ଏବେ କୋଲକାତା)ରେ ଜନ୍ମଗ୍ରହଣ କରିଥିଲେ। ପିତା ଜଷ୍ଟିସ ଶମ୍ଭୁ ଚନ୍ଦ୍ର ଘୋଷ ଥିଲେ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି। କଲିକତାର ଜଣାଶୁଣା ଓକିଲ ପରିବାର ବିଶେଷକରି ପାଞ୍ଚ ପିଢ଼ି ଧରି ଆଇନ ବ୍ୟବସାୟ କରି ଆସୁଥିବାରୁ ପିନାକୀଙ୍କ ଉପରେ ବଡ଼ମାନଙ୍କ ଆଶୀର୍ବାଦ ରହିଆସିଛି। କଲିକତାର ସେଣ୍ଟ ଜାଭିୟର୍ସ କଲେଜ, କଲିକତା ବିଶ୍ୱବିଦ୍ୟାଳୟର ୟୁନିଭର୍ସିଟି ଲ' କଲେଜରୁ ଯଥାକ୍ରମେ ବାଣିଜ୍ୟ ଓ ଆଇନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଛାତ୍ରାବସ୍ଥାରେ ଆଇନ ପ୍ରତି ତାଙ୍କ ଦୁର୍ବଳତା ବାରି ହୋଇପଡ଼ିଥିଲା। ସର୍ବଦା ସେ ଏହି କ୍ଷେତ୍ରରେ ସର୍ବୋଚ୍ଚରେ ପହଞ୍ଚିବାକୁ ଚେଷ୍ଟା କରିଥିଲେ। ସମୟକ୍ରମେ ସେ କଲିକତା ହାଇକୋର୍ଟର ବିଚାରପତି, ଆନ୍ଧ୍ରପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ପରେ ସୁପ୍ରିମକୋର୍ଟର ବିଚାରପତି ରହିଥିଲେ। ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ର ସଦସ୍ୟ ଥିବା ପିନାକୀ ବହୁ କ୍ଷେତ୍ରରେ ଅଭିଜ୍ଞତା ଅର୍ଜନ କରିଛନ୍ତି। ତେବେ ଲୋକପାଳ ଭାବେ କାର୍ଯ୍ୟ କରି ଦୁର୍ନୀତି ନିରୋଧ କରିବା ଦିଗରେ କିଭଳି ପଦକ୍ଷେପ ନେଉଛନ୍ତି ତାହା ତାଙ୍କ ପାଇଁ ହୋଇଯାଇଛି ବଡ଼ ଆହ୍ୱାନ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଭାରତରେ ବିଭିନ୍ନ ମନ୍ଦିରରେ ଭିନ୍ନ ଭିନ୍ନ ପରମ୍ପରା ପ୍ରଚଳିତ। ଗୁଜରାଟ ଗାନ୍ଧୀନଗରରେ ଏପରି ଏକ ମନ୍ଦିର ରହିଛି ଯାହାକୁ ଘିଅରେ ଗାଧୋଇ ଦିଆଯାଏ। ରୂପଲ ନାମକ ଗାଁରେ ରହିଛି ଏହି ମନ୍ଦିର। ବରଦାୟିନୀ ଦେବୀ ମନ୍ଦିର ନାମରେ ଏହା ପ୍ରସିଦ୍ଧି ହାସଲ କରିଛି। ଏଠାକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଆସିଥାଆନ୍ତି। ଏହି ମନ୍ଦିରକୁ ଏକ ନିର୍ଦ୍ଦିଷ୍ଟ ଦିନରେ ଘିଅରେ ଗାଧୋଇ ଦିଆଯାଏ। ଏହାଦ୍ୱାରା ମା'ଙ୍କ କୃପା ବର୍ଷାହେବା ସହିତ ମନ୍ଦିରର ପବିତ୍ରତା ବଜାୟ ରହିଥାଏ ବୋଲି ସ୍ଥାନୀୟ ଲୋକେ ତଥା ପୂଜକ ମତ ଦେଇଥାଆନ୍ତି। କେବଳ ନବରାତ୍ରିରେ ଏହି ମନ୍ଦିରକୁ ଘିଅରେ ଗାଧୋଇ ଦିଆଯିବାର ପରମ୍ପରା ରହିଛି। କୁହାଯାଏ ଏଠାରେ ଯେଉଁ ଶ୍ରଦ୍ଧାଳୁ ଯାହା ମାନସିକ କରନ୍ତି ତାହା ପୂରଣ ହୋଇଥାଏ। ମାନସିକ ଅନୁଯାୟୀ ଭକ୍ତମାନେ ଏଠାରେ ବହୁ ପରିମାଣରେ ଘିଅ ଦାନ କରିଥାଆନ୍ତି। ଘିଅରେ ମନ୍ଦିରକୁ ଗାଧୋଇଦେବା ସମୟରେ ଏହାର ଚାରିପଟେ ଘିଅର ନଦୀ ବୋହିବା ଭଳି ଦେଖାଯାଏ। ଏହାକୁ ଦେଖିବା ପାଇଁ ଦୂରଦୂରାନ୍ତରୁ ବହୁ ଭକ୍ତଙ୍କ ସମାଗମ ହୋଇଥାଏ। ନବରାତ୍ରି ନବମୀ ଦିନ ଏହି ମନ୍ଦିରରୁ କାଠରେ ତିଆରି ଏକ ରଥ ବାହାରି ଗାଁ ପରିକ୍ରମା କରିଥାଏ। ଏଥିରେ ଅଖଣ୍ଡ ଜ୍ୟୋତି ରଖାଯାଇଥାଏ। ଏହି ଜ୍ୟୋତି ଦର୍ଶନ କଲେ ପାପମୋଚନ ହୋଇଥାଏ ବୋଲି ଭକ୍ତ ଓ ଶ୍ରଦ୍ଧାଳୁଙ୍କର ବିଶ୍ୱାସ ରହିଛି।

## ଚିରନ୍ତନୀ

ଆବାସେ ଆବାସେ ଅଶ୍ରୁର ଅଭିଷେକ
ଆବାସେ ଆବାସେ ବ୍ୟର୍ଥତା ଲଭି ଟେକ,
ରହିଅଛି ଉଭା ବିରଚି ବିରାଟ ଭୟ
ବିଶ୍ୱର ସେ କି ଅବିନଶ୍ୱର ଜୟ!
'ବ୍ୟର୍ଥତା! ହା ହା!' ଉଠିଲା ସେ ପୁଣି ଡାକି
ଅକପଟ ହାସ ବଦନେ ରହିଲା ଲାଖି
ଧୂଳି ଅଞ୍ଜଳି ଟେକି ଦୁର୍ବଳ ଭୁଜେ,
ଭାଷିଲା, 'ସତ୍ୟ ମହା ବାସ୍ତବ ମୁଁ ଯେ!'

(ଜୀବନର ସ୍ୱର୍ଶ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକସମାଜ ପ୍ରତି ଅବିଚାର

ମହାଶୟ,

ଦିନେ ଖବରକାଗଜରୁ ପଢ଼ିଲି–ଜଣେ ସ୍କୁଲ ଇନ୍ସପେକ୍ଟର ଗୋଟିଏ ସ୍କୁଲକୁ ଯାଇଥିଲେ ପରିଦର୍ଶନ କରିବାକୁ। ଛାତ୍ରଙ୍କ ଜ୍ଞାନଗରିମା ଦେଖିବା ବଦଳରେ ସେ ଶିକ୍ଷକଙ୍କ ଜ୍ଞାନଗରିମାକୁ ପରୀକ୍ଷା କଲେ। ଛାତ୍ର ଓ ଅଭିଭାବକଙ୍କ ସାମ୍ନାରେ ସେମାନଙ୍କୁ ଭର୍ତ୍ସନା କଲେ। ପିଲାଙ୍କ ଉପରେ ଏହାର କି ପ୍ରଭାବ ପଡ଼ିବ? ସରକାର ସ୍କୁଲ ଖୋଲନ୍ତି ନାହିଁ। ସାଧାରଣ ଲୋକେ ଜାଗା ଦିଅନ୍ତି, ଆସବାବପତ୍ର ଦିଅନ୍ତି। ବିନା ପଇସାରେ ବା ସ୍ୱଳ୍ପ ଦରମାରେ ରହି ଆଖପାଖ ଅଞ୍ଚଳରୁ ପିଲା ଯୋଗାଡ଼ କରି ଶିକ୍ଷାଦାନ କରନ୍ତି। ସ୍କୁଲଗୁଡିକୁ ରେକଗ୍‌ନିସନ ଦେବାକୁ ସରକାରୀ ଲୋକେ କେତେ ପେଞ୍ଚ ବାହାର କରି ଅଣ୍ଟାଗୁଞ୍ଜା ନେଇଥାନ୍ତି। ଆଗରୁ ଜଣେ ସହକାରୀ ଶିକ୍ଷକଭାବେ ଚାକିରି କରି ପ୍ରଧାନ ଶିକ୍ଷକ ବା ଶିକ୍ଷା ନିରୀକ୍ଷକ ଭାବରେ ଅବସର ଗ୍ରହଣ କରୁଥିଲେ। ସରକାର ଓପିଏସ୍‌ସି ଜରିଆରେ ପ୍ରଧାନଶିକ୍ଷକ ନିଯୁକ୍ତ କରିବା ଦ୍ୱାରା ଅଳ୍ପ ବୟସର ଯୁବକମାନେ ପ୍ରଧାନଶିକ୍ଷକ ଭାବରେ ନିଯୁକ୍ତି ପାଉଛନ୍ତି। ଶିକ୍ଷକମାନେ ପଦୋନ୍ନତି ପାଇବାରୁ ବଞ୍ଚିତ ହେଉଛନ୍ତି। ଶିକ୍ଷକଙ୍କ ପ୍ରତି ସରକାର ଅବିଚାର କରିବା ଅତ୍ୟନ୍ତ ଦୁଃଖର କଥା।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ପେନ୍‌ସନଭୋଗୀ ହଟହଟା

ସିନିୟର ସିଟିଜେନଙ୍କ ପାଇଁ ସରକାର ନାନାଦି ସୁବିଧା ପ୍ରଦାନ କରୁଛନ୍ତି। ମାତ୍ର ବିଡମ୍ବନାର ବିଷୟ କେନ୍ଦ୍ରାପଡା ଷ୍ଟେଟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ ପେନସନଭୋଗୀମାନେ ମାସ ମାସ ଧରି ପେନସନ ପାଇବାରୁ ବଞ୍ଚିତ ହେଉଛନ୍ତି। ସନ୍ଦେହ ଦୂର ପାଇଁ କିଛି ପଚାରିଲେ ସେ ମହାଶୟ ବିରକ୍ତି ପ୍ରକାଶ କରୁଛନ୍ତି। ଏହାର ବିହିତ ପ୍ରତିକାର ପାଇଁ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଅଧିକାରୀଙ୍କୁ ନିବେଦନ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

### ୩୧ ମାର୍ଚ୍ଚ ୧୯୯୪

- ଇଟାଲୀର ଖବର ସରବରାହକାରୀ ସଂସ୍ଥାର ସମ୍ରାଟ ରୂପେ ପରିଚିତ ସିଲଭିଓ ବେର୍ଲୁସ୍କୋନି ଏବଂ ତାଙ୍କର ନିଓଫାସିଷ୍ଟ ତଥା ଫେଡେରାଲିଷ୍ଟ ମେଣ୍ଟ ସାଧାରଣ ନିର୍ବାଚନରେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଛି।
- ଡଙ୍କେଲ ପ୍ରସ୍ତାବ ସମ୍ପର୍କିତ ଗାଟ ରାଜିନାମାରେ କେନ୍ଦ୍ର ସରକାରଙ୍କ ସ୍ୱାକ୍ଷର ବିରୋଧରେ ସୁପ୍ରିମକୋର୍ଟରେ କେନ୍ଦ୍ର ସରକାରଙ୍କୁ ପକ୍ଷଭୁକ୍ତ କରି ଓଡିଶା ସରକାର ଏକ ମକଦ୍ଦମା ଦାଏର କରିବା ନେଇ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ନିର୍ଦ୍ଦେଶକ ଭାବେ ପି. ଶ୍ରୀନିବାସନଙ୍କୁ ନିଯୁକ୍ତି।



କେବଳ ଏକ ନିର୍ବୋଧ ସରକାର ଦେଶର ସୁରକ୍ଷା ସମ୍ପର୍କିତ ଗୋପନ ତଥ୍ୟ ପ୍ରଘଟ କରେ।
-ପି. ଚିଦାମ୍ବରମ, କଂଗ୍ରେସ ନେତା



# ଆନ୍ଧ୍ର, ଓଡ଼ିଶା ଏମ୍‌ପିଙ୍କ ଆୟ ସର୍ବାଧିକ

ନୂଆଦିଲ୍ଲୀ,୩୦।୩(ଆଇଏଏନ୍‌ଏସ୍)

ଆନ୍ଧ୍ରପ୍ରଦେଶର ୧୯ ସାଂସଦଙ୍କ ହାରାହାରି ବାର୍ଷିକ ବ୍ୟକ୍ତିଗତ ଆୟ ସର୍ବାଧିକ ୧.୦୫ କୋଟି ଟଙ୍କା। ଏହା ପଛକୁ ଓଡିଶାର ୧୫ ସାଂସଦଙ୍କ ହାରାହାରି ବାର୍ଷିକ ଆୟ ୬୮.୮ ଲକ୍ଷ ଟଙ୍କା ବୋଲି ଆସୋସିଏଶନ୍ ଅଫ୍ ଡେମୋକ୍ରାଟିକ୍ ରାଇଟ୍ସ (ଏଡିଆର) ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଲୋକ ସଭାର ବିଦାୟୀ ଏମ୍‌ପିଙ୍କ ଦ୍ୱାରା ୨୦୧୪ରେ ଘୋଷିତ ସତ୍ୟପାଠକୁ ବିଶ୍ଳେଷଣ କରି ଏହି ସୂଚନା ଦିଆଯାଇଛି। ଉଚ୍ଚଶିକ୍ଷିତଙ୍କ ତୁଳନାରେ ସ୍ୱଳ୍ପଶିକ୍ଷିତ ଏମ୍‌ପିଙ୍କ ଆୟ ଅଧିକ। ସମୁଦାୟ ସାଂସଦଙ୍କ ମଧ୍ୟରୁ ୨୨% ବା ୧୦୬ ସାଂସଦଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଡିଗ୍ରୀ ହୋଇଥିବାବେଳେ ସେମାନଙ୍କ ହାରାହାରି ବାର୍ଷିକ ଆୟ ୪୧.୨୮ଲକ୍ଷ। ଅପରପକ୍ଷରେ ୫ମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ୬ ସାଂସଦଙ୍କ ହାରାହାରି ଆୟ ୧.୪୧କୋଟି।

୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ୫୨୧ ଲୋକ ସଭା ଏମ୍‌ପିଙ୍କ ମଧ୍ୟରୁ ୪୭୯ ଜଣ ଯେଉଁ ସତ୍ୟପାଠ ଦାଖଲ କରିଥିଲେ ତାହାକୁ ଏଡିଆର ଏବଂ ନ୍ୟାଶନାଲ ଇଲେକ୍ସନ୍ ୱାଚ୍ (ଏନ୍‌ଇଡବ୍ଲ୍ୟୁ) ଦ୍ୱାରା ବିଶ୍ଳେଷଣ କରାଯାଇଥିଲା। ଅନ୍ୟତମ ଗରିବ ରାଜ୍ୟ ଓଡିଶା ୧୫ ଧନୀଙ୍କୁ ପାର୍ଲାମେଣ୍ଟ ପଠାଇଥିଲା। ଏହି ବର୍ଗରେ ଥିବା ଅନ୍ୟ ରାଜ୍ୟ ମଧ୍ୟରେ ଗୁଜରାଟର ୨୪ ସାଂସଦଙ୍କ ହାରାହାରି ବାର୍ଷିକ ଆୟ ୫୯.୫ଲକ୍ଷ ହୋଇଥିବା ବେଳେ ପଞ୍ଜାବର ୧୩ ସାଂସଙ୍କର



## ଏଡିଆର୍ ରିପୋର୍ଟ

୫୧.୪ଲକ୍ଷ, ହରିୟାଣାର ୧୦ ସାଂସଦ(୪୨.୬ଲକ୍ଷ), ଝାଡଖଣ୍ଡର ୧୪ ସାଂସଦ(୩୯.୦୭ଲକ୍ଷ), ଆସାମର ୧୩ ସାଂସଦ (୩୨.୭ଲକ୍ଷ), ଉତ୍ତରପ୍ରଦେଶର ୭୨ ସାଂସଦ(୩୨.୦୩ଲକ୍ଷ), ରାଜସ୍ଥାନର ୨୦ ସାଂସଦ (୩୦.୭ଲକ୍ଷ)। ତେବେ ବ୍ୟକ୍ତିଗତ ଆୟ ଘୋଷଣା କରି ନ ଥିବା ୪୨ ସାଂସଦଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଗୋଆର ଦୁଇ ସାଂସଦଙ୍କ ହାରାହାରି ଆୟ ସର୍ବନିମ୍ନ ୫.୨ଲକ୍ଷ ହୋଇଥିବାବେଳେ ବ୍ୟବସାୟ ବୃତ୍ତି ଥିବା ୯୮ ସାଂସଦଙ୍କ ହାରାହାରି ଆୟ ୪୩.୬କୋଟି ଥିବା ଜଣାଯାଇଛି।

# ସିଆର୍‌ପିଏଫ୍ ଗାଡ଼ି ନିକଟରେ ବିସ୍ଫୋରଣ

ବାନିହାଲ/ଜମ୍ମୁ,୩୦।୩(ପି.ଟି.)

ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଶନିବାର ସକାଳେ ଏକ କାରରେ ବିସ୍ଫୋରଣ ହେବାରୁ ସିଆର୍‌ପିଏଫ୍ ଯବାନଙ୍କୁ ନେଇ ଯାଉଥିବା ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। କାରରେ ଥିବା ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଯିବାରୁ ଏହି ବିସ୍ଫୋରଣ ହୋଇଥିଲା। ରାମ୍‌ବନ ଜିଲାର ଜବାହର ଟନେଲ ନିକଟରେ ହୋଇଥିବା ଏହି ବିସ୍ଫୋରଣରେ କେହି ମୃତାହତ ହୋଇନାହାନ୍ତି। କାରଟି ସମ୍ପୂର୍ଣ୍ଣ ଜଳିଯାଇଛି। କାର ନିକଟରୁ କୌଣସି ବିସ୍ଫୋରକ ସାମଗ୍ରୀ ମିଳିନାହିଁ। ତେବେ ଏହା ଆତଙ୍କବାଦୀଙ୍କ କାର୍ଯ୍ୟ କି ନୁହେଁ ତାହା ସ୍ପଷ୍ଟ ହୋଇନାହିଁ। ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ତାଙ୍କ ପରିଚୟକୁ ନେଇ ପ୍ରଶ୍ନ ଉଠିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।



ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ କାର୍‌ଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି।

ଏହା ଫେବୃୟାରୀ ୧୪ ପୁଲ୍‌ୱାମା ସିଆର୍‌ପିଏଫ୍‌ର ଏକ ବସ୍‌କୁ ବିସ୍ଫୋରକ ଭର୍ତ୍ତି କାର ଧକ୍କା ଦେବା ଫଳରେ ଆକ୍ରମଣକୁ ମନେପକାଇଦେଇଥିବାରୁ ଆତଙ୍କ ଖେଳିଯାଇଥିଲା। ପୁଲୱାମାରେ ୪୯ ଯବାନ ଶହୀଦ ହୋଇଥିଲେ।

## ମ୍ୟୁନିକ୍‌ରେ ଭାରତୀୟଙ୍କୁ ଛୁରି ଭୁସି ହତ୍ୟା

ନୂଆଦିଲ୍ଲୀ,୩୦।୩(ପି.ଟି.)

ଜର୍ମାନୀର ମ୍ୟୁନିକ୍ ନିକଟରେ ଜଣେ ଭାରତୀୟଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ତାଙ୍କ ସ୍ତ୍ରୀ ମଧ୍ୟ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ କହିଛନ୍ତି। ଭାରତୀୟ ଦମ୍ପତି ପ୍ରଶାନ୍ତ ଓ ସ୍ମିତା ବସାରୁରଙ୍କୁ ଜଣେ ପ୍ରବାସୀ ଛୁରିରେ ଆକ୍ରମଣ କରିଥିଲା। ପ୍ରଶାନ୍ତଙ୍କ ଭାଇଙ୍କୁ ଜର୍ମାନୀ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି। ସୁଷମା ଉକ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସେମାନଙ୍କ ଦୁଇ ପିଲାଙ୍କ ଯତ୍ନ ନେବା ପାଇଁ ମ୍ୟୁନିକ୍‌ରେ ଥିବା ଭାରତୀୟ ମିଶନକୁ ସେ ଜଣାଇଛନ୍ତି।

# ବଲିଭିଆକୁ ୧୦ କୋଟି ଡଲାର ଋଣ ଦେବ ଭାରତ

ସୁକ୍ରେ,୩୦।୩(ପି.ଟି.)

ବଲିଭିଆକୁ ଭାରତ ୧୦ କୋଟି ଡଲାର ଋଣ ଯୋଗାଇଦେବ। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଗସ୍ତ ଅବସରରେ ଭାରତ ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଛି। ବଲିଭିଆ ପ୍ରତିପକ୍ଷ ଇଭୋ ମୋରାଲେସ୍‌ଙ୍କ ସହ ରାଷ୍ଟ୍ରପତି କୋବିନ୍ଦଙ୍କ ଦ୍ୱିପାକ୍ଷିକ ଆଲୋଚନା ଫଳପ୍ରଦ ହୋଇଥିବା ଜଣାପଡିଛି। ଏହି ଅବସରରେ ସଂସ୍କୃତି, କୂଟନୀତିଜ୍ଞଙ୍କ ପାଇଁ ଭିଜା ଉଚ୍ଛେଦ ବ୍ୟବସ୍ଥା, କୂଟନୈତିକ ଏକାଡେମୀ ମଧ୍ୟରେ ତଥ୍ୟ ଆଦାନପ୍ରଦାନ, ଖଣି, ପାରମ୍ପରିକ ଔଷଧ,ଆଇଟିରେ ଉତ୍କର୍ଷ କେନ୍ଦ୍ର ସ୍ଥାପନ ଏବଂ ବାଇ-ଓସେନିକ ରେଲୱେ ପ୍ରକଳ୍ପ ସ୍ଥାପନ ନେଇ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଔଷଧ ଓ ସ୍ୱାସ୍ଥ୍ୟସେବା, ଅଟୋମୋବାଇଲ ଓ ଇଞ୍ଜିନିୟରିଂ ଆଦି ବ୍ୟବସାୟକୁ ସମ୍ପ୍ରସାରିତ କରିବା ଲାଗି ଦୁଇ ଦେଶ ରାଜି ହୋଇଛନ୍ତି। ୩ ଦିନିଆ ଗସ୍ତରେ ରାଷ୍ଟ୍ରପତି ସେଠାକୁ ଯାଇଛନ୍ତି। କୂଟନୈତିକ ସମ୍ପର୍କ ସ୍ଥାପନ ପରେ ଦକ୍ଷିଣ ଆମେରିକୀୟ ରାଷ୍ଟ୍ରକୁ ଭାରତର ଏହା ପ୍ରଥମ ଉଚ୍ଚସ୍ତରୀୟ ଗସ୍ତ। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ଅର୍ଥନୀତି, ମହାକାଶ ଏବଂ ଆଇଟି ଆଦି ଦ୍ୱିପାକ୍ଷିକ ପ୍ରସଙ୍ଗ ଆଲୋଚନା ହୋଇଛି।



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ବଲିଭିଆ ପ୍ରତିପକ୍ଷ ଇଭୋ ମୋରାଲେସ୍।

# ଅଣୁଅସ୍ତ୍ର ହସ୍ତାନ୍ତର ଲାଗି କିମ୍‌ଙ୍କୁ କହିଥିଲେ ଟ୍ରମ୍ପ୍

ୱାଶିଂଟନ,୩୦।୩

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଉତ୍ତର କୋରିଆ ନେତା କିମ୍ ଜଙ୍ଗ-ଉନ୍‌ଙ୍କ ମଧ୍ୟରେ ଫେବୃୟାରୀ ୨୮ରେ ହାନୋଇଠାରେ ଅନୁଷ୍ଠିତ ଆଲୋଚନା ବିଫଳ ହୋଇଥିଲା। ତେବେ ଏହି ବୈଠକରେ ଟ୍ରମ୍ପ୍ ଦେଇଥିବା ପ୍ରସ୍ତାବ ପଦାକୁ ଆସିଛି। ଉତ୍ତର କୋରିଆ ଏହାର ଅଣୁଅସ୍ତ୍ର ଏବଂ ବୋମା ପ୍ରସ୍ତୁତି ପାଇଁ ଥିବା ଇନ୍ଧନକୁ ଆମେରିକାକୁ ହସ୍ତାନ୍ତର କରୁ ବୋଲି ଟ୍ରମ୍ପ୍ କିମ୍‌ଙ୍କୁ ଲିଖିତ ଭାବେ ଜଣାଇଥିଲେ। ଟ୍ରମ୍ପ୍ ଦେଇଥିବା ଏହି ଚିଠା ଏବେ ଗଣମାଧ୍ୟମ ହାତରେ ପଡିଛି। ହାନୋଇର ମେଟ୍ରୋପୋଲ ହୋଟେଲରେ ଆଲୋଚନା ବେଳେ ଆମେରିକା ରାଷ୍ଟ୍ରପତି ଉତ୍ତର କୋରିଆ ନେତାଙ୍କୁ ଉଭୟ କୋରୀୟ ଏବଂ ଇଂଲିଶ୍‌ରେ ଲିଖିତ ଏକ ଚିଠା ଧରାଇଥିଲେ। ଆମେରିକା କ'ଣ ଚାହୁଁଛି ତାହା ଉକ୍ତ ଚିଠାରେ ଲେଖାଥିଲା ବୋଲି ଆଲୋଚନା ସହ ସମ୍ପୃକ୍ତ ଜନୈକ ବ୍ୟକ୍ତି ସୂଚନା ଦେଇଛନ୍ତି। ଏହା ପରେ ଆଲୋଚନା ବାତିଲ ହୋଇଯାଇଥିଲା।



## ଯୌନ ଶୋଷଣ ଅଭିଯୋଗ ଭାରତୀୟ ଧର୍ମଗୁରୁ ଦଣ୍ଡିତ

ନ୍ୟୁୟର୍କ,୩୦।୩(ପି.ଟି.)

ଆମେରିକାରେ ଶିଶୁକୁ ଯୌନ ଶୋଷଣ କରିବା ଅଭିଯୋଗରେ ଭାରତୀୟ କ୍ୟାଥଲିକ୍ ଧର୍ମଗୁରୁ ଜନ୍ ପ୍ରବୀନ୍ (୩୮)ଙ୍କୁ ୬ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ଗତବର୍ଷ ସାଉଥ୍ ଡାକୋଟାର ର୍‍ୟାପିଡ ସିଟି ଚର୍ଚ୍ଚରେ ଜଣେ ୧୩ବର୍ଷର ବାଳିକାର ସମ୍ବେଦନଶୀଳ ଅଙ୍ଗରେ ସେ ହାତ ମାରିଥିବା ଅଭିଯୋଗ ହୋଇଥିଲା। ପ୍ରବୀନ ୧୭୮ଦିନ ଜେଲ୍‌ରେ ରହିଥିବାରୁ ୬ବର୍ଷ ବିଯୁକ୍ତ ସେତିକି ଦିନ ତାଙ୍କୁ ଜେଲ ଦଣ୍ଡାଦେଶ ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଥିଲେ।



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୦ | ୨୨.୫ |
| ଚାନ୍ଦବାଲି | ୩୮.୨ | ୨୫.୦ |
| କଟକ | ୪୦.୧ | ୨୩.୪ |
| ପାରାଦ୍ୱୀପ | ୩୧.୮ | ୨୬.୬ |
| ଭୁବନେଶ୍ୱର | ୩୮.୩ | ୨୪.୮ |
| ଗୋପାଳପୁର | ୩୨.୦ | ୨୪.୮ |
| ପୁରୀ | ୩୩.୬ | ୨୭.୨ |
| ଅନୁଗୋଳ | ୪୦.୭ | ୧୯.୦ |
| ବାରିପଦା | ୩୭.୪ | ୨୪.୦ |
| ଝାରସୁଗୁଡ଼ା | ୪୦.୦ | ୨୧.୦ |
| କେନ୍ଦୁଝର | ୩୬.୮ | ୧୯.୮ |
| ସମ୍ବଲପୁର | ୩୯.୪ | ୨୦.୦ |
| ସୁନ୍ଦରଗଡ଼ | ୩୭.୦ | ୧୯.୫ |
| ହୀରାକୁଦ | ୩୮.୫ | ୨୦.୬ |
| ତାଳଚେର | ୩୮.୫ | ୨୧.୮ |
| ଭବାନୀପାଟଣା | --- | ୨୨.୦ |
| ବଲାଙ୍ଗୀର | ୩୯.୬ | ୨୨.୬ |
| କୋରାପୁଟ | ୩୬.୦ | ୧୯.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୧.୫ | ୨୨.୦ |
| ମାଲକାନଗିରି | ୪୨.୬ | ୨୧.୨ |
| ସୋନପୁର | ୪୦.୬ | ୧୯.୨ |
| ଦାରିଙ୍ଗିବାଡ଼ି | ୩୬.୦ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ — ମାର୍ଚ୍ଚ ୩୧ର ପ୍ରମୁଖ ଘଟଣା

### ଫେଡେରେଶନ୍ ଟ୍ରିଟି ସ୍ୱାକ୍ଷର

୧୯୯୨ ମାର୍ଚ୍ଚ ୩୧ରେ ମସ୍କୋରେ ଫେଡେରେଶନ୍ ଟ୍ରିଟି ସ୍ୱାକ୍ଷରିତ ହୋଇଥିଲା। ରୁଷିଆ ସରକାର ଏବଂ ୨୦ଟି ସ୍ୱୟଂଶାସିତ ସାଧାରଣତନ୍ତ୍ର ମଧ୍ୟରୁ ୧୮ଟି ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଜାତିଧର୍ମ ଆଧାରରେ ପୃଥକ୍ ରାଷ୍ଟ୍ର ଗଠନ ଆନ୍ଦୋଳନରୁ ନିବୃତ୍ତ କରିବା ଏହି ଚୁକ୍ତିର ଉଦ୍ଦେଶ୍ୟ ଥିଲା। ଚେଚ୍‌ନିଆ ଏବଂ ତାତାରସ୍ତାନ ଚୁକ୍ତିରେ ସ୍ୱାକ୍ଷର କରିବାକୁ ମନା କରିଦେଇଥିଲେ।

### ମାନାଗୁଆରେ ଭୂକମ୍ପ

୧୯୩୧ ମାର୍ଚ୍ଚ ୩୧ରେ ନିକାରାଗୁଆର ରାଜଧାନୀ ମାନାଗୁଆରେ ଭୂମିକମ୍ପ ଯୋଗୁ ୨,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା ବେଳେ ଧ୍ୱଂସଲୀଳା ସୃଷ୍ଟି ହୋଇଥିଲା। ଭୂମିକମ୍ପର ମାତ୍ରା ଥିଲା ୬.୧। ଏଥିଯୋଗୁ ଅଗ୍ନିକାଣ୍ଡ ସୃଷ୍ଟିହୋଇ ହଜାର ହଜାର ଘର ପୋଡ଼ିଯିବା ସହିତ ୪୫,୦୦୦ ଲୋକ ବାସହରା ହୋଇଥିଲେ।







कार्पोरेशन बैंक Corporation Bank
(A Premier Public Sector Bank)

**VEHICLE AUCTION SALE NOTICE**

**CORPORATION BANK**
ZONAL OFFICE, Block No.-4, Wing-3, 1st Floor, BMC Bhawani Enclave, Saheed Nagar, Bhubaneswar-751007

Applications are invited from interested bidders for purchase of following vehicles, seized by the Bank on **"As is where is"**, **"As is what is"** and **"Whatever there is"** basis as per terms and conditions listed below. This public notice will be treated as a notice to the borrowers/guarantors/ mortgagors of the loans. They are hereby advised to be present at the auction venue on the auction date and are free to liquidate their entire dues before the auction date, failing which the vehicle will be auctioned and balance dues, if any will be recovered from them with interest and cost.

| Sl. No. | BRANCH / Name & Address of Borrowers | Description of Vehicles | Reserve Price / EMD |
|---|---|---|---|
| 1. | **ANGUL BRANCH /** **Borrower: Pabitra Mohan Pradhan,** S/o.: Purandar Pradhan, At/GP.: Kandasar, P.S.: Nalco, Dist.: Angul, Odisha | Vehicle - John Deere Tractor 5038D, Regd. No.: OD 19E 4121, Date of Registration: 06.02.2015, Year of Make: 12/2014 | ₹2,80,000/- / ₹28,000/- |
| 2. | **ANGUL BRANCH /** **Borrower: Mr. Santosh Kumar Parida,** S/o.: Sahadeb Parida, At/P.O.: Jarasingha, P.S.: Angul, Odisha | Vehicle - Massey Ferguson 1035DI Tractor with Trolley, Regd. No.: OD 19D 6968 & 6969, Date of Registration: 06.09.2014, Year of Make: 08/2014 | ₹2,80,000/- / ₹28,000/- |
| 3. | **ANGUL BRANCH /** **Borrower: Mr. Pradipta Kumar Pradhan,** S/o.: Dolagobinda Pradhan, At: Baradapal, G.P.: Baunshapokhari, P.S.: Hindol, Dist.: Dhenkanal, Odisha | Vehicle - Massey Ferguson 1035 DI Mahasakti Tractor with Trolley, Regd. No.: OD 19F 3701 & 3702, Date of Registration: 11.09.2015, Year of Make: 05/2015 | ₹2,50,000/- / ₹25,000/- |
| 4. | **BHUBANESWAR MAIN BRANCH /** **Borrower: Bikram Keshari Pradhan,** Plot No.: 2517, Hi-Tech Medical College Road, Pandra, Rasulgarh, Bhubaneswar, Odisha-751025 | Vehicle - Mahindra Scorpio VLX vehicle, Regd. No.: OD 02G 2658 (Private), Date of Registration: 20.06.2013, Year of Make: 03/2013 | ₹3,70,000/- / ₹37,000/- |

**Name of the Branch Official & Contact No.: Mr. Rama Chandra Behera, Mob.: 7682820359, Ph.: 06764-230051 (For Angul Branch) Mr. Tapan Kumar Sahoo, Mob.: 7682820352, Ph.: 0674-2536329 (For Bhubaneswar Main Branch)**

**Date & Time of Auction: 10.04.2019 at 11.00 A.M., Venue: Respective Branch, Vehicle may be inspected between 11.00 A.M. to 3.00 P.M. on any working day on or before 09.04.2019 in the presence of Branch Official with previous Appointment.**

**TERMS AND CONDITIONS:**
1) The intending purchaser/bidder is required to submit EMD by way of demand draft or NEFT/RTGS on or before **09.04.2019**
2) The person declared to be the successful bidder shall deposit 25% (twenty five percent) of sale price, less EMD deposited immediately and remaining amount shall be paid within **15 days** from the date of confirmation of Sale.
3) Bidders can participate for purchase of Vehicles in one single lot or separately for each vehicle. Preference will be given for sale in single lot and if it is successful, bidding for other items will be cancelled automatically.
4) Application forms along with details of Terms & Conditions of sale are available at the office address mentioned above.

**Place: Bhubaneswar,**
**Date: 30.03.2019**
**Authorised Officer, Corporation Bank**



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩୧ /୨୦୧୯



ଉପଗ୍ରହ ବିଧ୍ୱଂସୀ କ୍ଷେପଣାସ୍ତ୍ର (ଏ-ସାଟ୍) ନିର୍ମାଣରେ ସଫଳତା ପରେ ଭାରତ ଏବେ ଶତ୍ରୁପକ୍ଷର ରାଡାର ଠାବ କରିବା ଲାଗି ସାଟେଲାଇଟ ପ୍ରସ୍ତୁତି ଆରମ୍ଭ କରିଛି। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଏଭଳି ଏକ ସର୍ଭିଲାନ୍ସ ସାଟେଲାଇଟ ପ୍ରସ୍ତୁତ କରିବାକୁ ଯାଉଛି, ଯାହା ଅନେକ ଦୃଷ୍ଟିରୁ ପ୍ରଥମ ହେବ। ଶତ୍ରୁପକ୍ଷର ସାଟେଲାଇଟ ଧ୍ୱଂସ କରିବା କ୍ଷମତା ଭାରତ ପ୍ରାପ୍ତ ହୋଇଥିବାରୁ ଏହା ପଡୋଶୀ ଦେଶ ପାଇଁ ଚିନ୍ତାର କାରଣ ହୋଇଛି।



## ସଂକ୍ଷେପରେ

### ସୋମବାର ଓଡ଼ିଶା ଆସିବେ ଉପରାଷ୍ଟ୍ରପତି

ଭୁବନେଶ୍ୱର, ୩୦।୩(ବ୍ୟୁରୋ)- ଉପରାଷ୍ଟ୍ରପତି ଏମ୍. ଭେଙ୍କୟାନାଇଡୁ ଆସନ୍ତା ୧ତାରିଖ ସୋମବାର ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଉପରାଷ୍ଟ୍ରପତି ଦିନିକିଆ ଗସ୍ତରେ ଆସି ଭୁବନେଶ୍ୱରରେ ୨ଟି କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଥମେ ସେ ପୂର୍ବାହ୍ନ ୧୦ଟାରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହାପରେ ପୂର୍ବାହ୍ନ ୧୧ଟା ୨୦ରେ ଭୁବନେଶ୍ୱରସ୍ଥିତ ରେଳ ଭବନ ଅଡିଟୋରିୟମରେ ଭାରତୀୟ ଯୁବା ଶକ୍ତି ଟ୍ରଷ୍ଟ (ବିୱାଇଏସଟି) ଓଡ଼ିଶା ପକ୍ଷରୁ ଆୟୋଜିତ ଯୁବ ଉଦ୍ୟୋଗୀ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ପିଆଇବି ପକ୍ଷରୁ ସୂଚନା ଦିଆଯାଇଛି।

### ଆଳୁ ମିଶନ୍ ଯୋଜନାରେ ୩୦୦ କୋଟି କ୍ଷତି: ଭାଜପା

ଭୁବନେଶ୍ୱର,୩୦।୩(ବ୍ୟୁରୋ)- ଦୀର୍ଘ ଦୁଇ ଦଶନ୍ଧି ଧରି ନିରଙ୍କୁଶ କ୍ଷମତା ଥାଇ ବି ରାଜ୍ୟ ସରକାର ସମସ୍ତ ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ କରିପାରିଲେ ନାହିଁ। ଓଡିଶାରେ ଆଳୁ ଉତ୍ପାଦନ ବି ବୃଦ୍ଧି କରାଗଲା ନାହିଁ। ରାଜ୍ୟ ଏବେ ବି ଆଳୁ ପାଇଁ ପଶ୍ଚିମବଙ୍ଗ ଉପରେ ନିର୍ଭରଶୀଳ ବୋଲି ଶନିବାର ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଦଳର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଆଳୁ ମିଶନ ଅର୍ଥରେ ମନ୍ତ୍ରୀ, ଅଫିସରମାନେ ବିଦେଶ ବୁଲିଛନ୍ତି। ପେରୁ, ଦୁବାଇ ଯେଉଁଠି ଆଳୁ ଚାଷ ହୁଏ ନାହିଁ, ଚାଷ ବିଷୟରେ ଜ୍ଞାନ ହାସଲ ପାଇଁ ସେଠାକୁ ଯାଇଛନ୍ତି। ସେହିପରି ୨୦୧୪ରେ ବିଜୁ ଜନତା ଦଳ ନିର୍ବାଚନ ଇସ୍ତାହାରରେ କହିଥିଲା, ପ୍ରତି ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା ହେବ। କେତେ ଶୀତଳଭଣ୍ଡାର ପ୍ରତିଷ୍ଠା ହେଲା ତାହାର ଜବାବ ବିଜେଡି ଦେଉ। ୨୭ ଡିସେମ୍ବର ୨୦୧୪ରେ ଆଳୁ ମିଶନର ଘୋଷଣା କରାଯାଇଥିଲା। ସେହି ସମୟରୁ ୩ ବର୍ଷ ମଧ୍ୟରେ ୧୧୨ଟି ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଘୋଷଣା କରାଯାଇଥିଲା। ୨୬ ଅକ୍ଟୋବର ୨୦୧୫ ଏବଂ ମାର୍ଚ୍ଚ ୧୪, ୨୦୧୬ରେ ମନ୍ତ୍ରିସ୍ତରୀୟ ବୈଠକରେ ଆଳୁ ମିଶନର ସମୀକ୍ଷା ହୋଇଥିଲା। ହେଲେ ସେ ସମୀକ୍ଷା ରିପୋର୍ଟ କୁଆଡେ ଗଲା ବୋଲି ହରିଚନ୍ଦନ ପ୍ରଶ୍ନ କରିଛନ୍ତି।

### ୪୨ ଡିଗ୍ରୀ ଡେଇଁଲା ପାରଦ

ଭୁବନେଶ୍ୱର, ୩୦।୩(ବ୍ୟୁରୋ)- ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଛି। ଗତ ଦୁଇଦିନ ହେବ ପାରଦ ଉପରମୁହାଁ ହୋଇଛି। ଶନିବାର ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ଡେଇଁଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୨.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ ୪୧.୫, ଅନୁଗୋଳ ୪୦.୭, ସୋନପୁର ୪୦.୫, କଟକ ୪୦.୧, ଝାରସୁଗୁଡା ୪୦, ବଲାଙ୍ଗୀର ୩୯.୬ ଏବଂ ସମ୍ବଲପୁରରେ ସର୍ବୋଚ୍ଚ ତାପମାତ୍ରା ୩୯.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୪ ତାରିଖ ଯାଏ ଦକ୍ଷିଣ ଓଡିଶା ସହିତ ଉପକୂଳ ଓଡିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।

### ଅଚ୍ୟୁତ ସାମନ୍ତଙ୍କୁ ଭାଜପାର ସମାଲୋଚନା

ଭୁବନେଶ୍ୱର,୩୦।୩(ବ୍ୟୁରୋ)-ବିଜେଡି ପ୍ରାର୍ଥୀ ଚୟନକୁ ନେଇ ପ୍ରଶ୍ନ ଉଠାଇଛି ଭାଜପା। କନ୍ଧମାଳ ଲୋକ ସଭା ଆସନ ଲାଗି ବିଜେଡି ପ୍ରାର୍ଥୀ ହୋଇଥିବା ଅଚ୍ୟୁତ ସାମନ୍ତଙ୍କୁ ଭାଜପା ପକ୍ଷରୁ କଡା ସମାଲୋଚନା କରାଯାଇଛି। ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, କନ୍ଧମାଳ ବିଜେଡି ଏମ୍‌ପି ପ୍ରାର୍ଥୀ ଭୁବନେଶ୍ୱରରେ ଜମି ଲୁଟି ଲୋକଙ୍କୁ ଧମକାଇ ଏକ ବିଶ୍ୱବିଦ୍ୟାଳୟ କରି ଶିକ୍ଷା ନାଁରେ ବେପାର କରୁଛନ୍ତି। ରାଜଧାନୀକୁ ଲୁଟିବା ପରେ ତାଙ୍କ ଲୋଲୁପ ଦୃଷ୍ଟି କନ୍ଧମାଳ ଉପରେ ପଡିଛି। ଅଚ୍ୟୁତ ସାମନ୍ତ ସମଗ୍ର ଓଡିଶାରେ ଶିକ୍ଷା ବେପାରୀ ନାଁରେ ପରିଚିତ। ଶାସକ ବିଜେଡର ମନ୍ତ୍ରୀ, ବିଧାୟକ, ଏମ୍‌ପି ଏପରି କି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କୁ ସେ ପକେଟରେ ପୂରାଇ ତାଙ୍କର କଳା ସାମ୍ରାଜ୍ୟ ବିସ୍ତାର କରିଛନ୍ତି। ଏନେଇ ସଚେତନ ନାଗରିକମାନେ ମୁହଁ ଖୋଲିଛନ୍ତି। ହେଲେ ରାଜ୍ୟ ମୁଖିଆ ଘଟଣାର ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ତାଙ୍କୁ ଗେହ୍ଲାପୁଅ କରି କୋଳାଇ ଥିବା ଗୋଲକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଭାଜପାର ଅଭିଯୋଗ ଉପରେ ଅଚ୍ୟୁତଙ୍କ ମତାମତ ପାଇଁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ପର୍କ ସମ୍ଭବ ହୋଇପାରି ନ ଥିଲା।




ଆର୍ଥ ଆୱାର-୨୦୧୯ ପାଳନ ଅବସରରେ ଶନିବାର ହାଇଦ୍ରାବାଦର ଐତିହାସିକ ଚାରମିନାରରେ ପ୍ଲାକାର୍ଡ ଧରି ଜୈବ ବିବିଧତା କ୍ଷୟ ବିରୋଧରେ ସଚେତନତା ସୃଷ୍ଟି କରୁଛନ୍ତି ଯୁବତୀଯୁବକ।

■ମିଦାସ ଟଚ୍ ଚିଟ୍‌ଫଣ୍ଡ ମାମଲା

### ଏମ୍‌ଡି ସୌଭାଗ୍ୟ ସାମଲଙ୍କ ସମେତ ୯ଜଣଙ୍କ ନାଁରେ ଚାର୍ଜଶିଟ୍

ଭୁବନେଶ୍ୱର,୩୦।୩ (ବ୍ୟୁରୋ)- ମିଦାସ ଟଚ୍ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଶନିବାର ଭୁବନେଶ୍ୱର ସ୍ୱତନ୍ତ୍ର ସିଜେଏମ୍‌ଙ୍କ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି ସିବିଆଇ। ଏହି ଚାର୍ଜଶିଟ୍‌ରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ସୌଭାଗ୍ୟ ସାମଲଙ୍କ ସମେତ ୯ଜଣଙ୍କୁ ଦୋଷୀ ବୋଲି ଦର୍ଶାଯାଇଛି। ଉକ୍ତ ଠକେଇ ମାମଲାର ତଦନ୍ତ କରି ସିବିଆଇ ୨୦୧୬ ଏପ୍ରିଲ ୧୭ରେ ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଥିଲା। ସୌଭାଗ୍ୟ ଓ ତାଙ୍କ ସ୍ତ୍ରୀ ନିରୁପମା ସାମଲଙ୍କ ନାମରେ ଏହି ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ଉଭୟଙ୍କ ନାମରେ ସିବିଆଇ ଦଫା ୧୨୦(ବି), ୪୨୦, ୪୦୯, ମନି ସର୍କୁଲେଶନ ସ୍କିମ୍ ୧୯୭୮ ଅନୁଯାୟୀ ଦଫା ୪, ୫ ଓ ୬ ଲଗାଇ ମାମଲାର ତଦନ୍ତ ଚାଲିଥିଲା।

ଏହି ସଂସ୍ଥା ୧୯୯୫ରେ ପ୍ରଥମେ କଟକରେ କାର୍ଯ୍ୟାଳୟ ଖୋଲିଥିଲା। ପରବର୍ତ୍ତୀ ସମୟରେ ସଂସ୍ଥା ଭୁବନେଶ୍ୱର, ଅନୁଗୋଳ, ଢେଙ୍କାନାଳ, ଗଞ୍ଜାମ ଓ ଯାଜପୁରରେ କାର୍ଯ୍ୟାଳୟ ଖୋଲି ଲୋଭନୀୟ ସ୍କିମ୍ ମାଧ୍ୟମରେ ଜମାକାରୀଙ୍କଠାରୁ ବହୁ କୋଟି ଟଙ୍କା ସଂଗ୍ରହ କରିଥିଲା। ଏପରିକି ଲୋକଙ୍କୁ ଋଣ ଦେବା ନାଁରେ ମଧ୍ୟ ଠକେଇ କରିଥିଲା। ଶେଷରେ ସଂସ୍ଥାରେ ତାଲା ଝୁଲିବା ପରେ ଠକେଇର ଶିକାର ଜମାକାରୀ ଓ ଅନ୍ୟମାନେ ସିବିଆଇ କୋର୍ଟରେ ଅଭିଯୋଗ କରିଥିଲେ। କୋର୍ଟ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସଂସ୍ଥାର ଏମ୍‌ଡି ସୌଭାଗ୍ୟ ଓ ତାଙ୍କ ସ୍ତ୍ରୀ ନିରୁପମା ଫେରାର ଥିବାରୁ କୋର୍ଟ ୨୦୧୩ରେ ସେମାନଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ। ୨୦୧୬ ଜୁଲାଇରେ ଉଭୟଙ୍କୁ ଗୁଜରାଟରୁ ଗିରଫ କରାଯାଇଥିଲା। ଏହାପରେ ସିବିଆଇ ସଂସ୍ଥାର ବିଭିନ୍ନ ଅଫିସରେ ଚଢାଉ କରି ବିଭିନ୍ନ କାଗଜପତ୍ର ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଜବତ କରିଥିଲା। ସଂସ୍ଥା ଓଡିଶାରୁ ୫୦ କୋଟି ଟଙ୍କା ଠକେଇ କରିଥିବା ସିବିଆଇ ତଦନ୍ତରୁ ଜାଣିବାକୁ ପାଇଥିଲା। ୨୦୧୮ରେ ହାଇକୋର୍ଟରୁ ସେମାନେ ଜାମିନ ପାଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିଆ ପୁରୁଷ**
**ଦେଉ ଦେଉ ଗଲା ବାର ବରଷ**
**ଏଡ଼େ ଦିଆ ସେ କିଏ ଲୋ ?**

କିଛି ବ୍ୟକ୍ତି ନିଜକୁ ଦାନୀର ପରିଚୟ ଦେଇ ମିଛରେ ଅନ୍ୟକୁ ଭଣ୍ଡାଇ ଚାଲିଥାନ୍ତି। ଆଜି ଦେବା କାଲି ଦେବା କହି ସମୟ ଗଡ଼ାଇ ଚାଲିଥାନ୍ତି। ପାଇବା ଆଶାରେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ସମୟ ସାରିବା କେବଳ ସାର ହେଉଥିବା ବେଳେ ଆଶା କେବେ ବି ପୂରଣ ହୋଇ ପାରି ନ ଥାଏ। ମିଛରେ ଦାତାପଣିଆ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଦାନେ ପ୍ରଶଂସା**
**ପାପେ ଦୁର୍ଦ୍ଦଶା**
**ଲୋଭେ ମରଣ ।**

ଦାନଶୀଳ ବ୍ୟକ୍ତିଙ୍କୁ ସମସ୍ତେ ପ୍ରଶଂସା କରିଥାନ୍ତି। ଯଥୋଚିତ ସମ୍ମାନ ଦେବା ସହ ତାଙ୍କର ଗୁଣଗାନ କରିଥାନ୍ତି। ପାପୀ ବ୍ୟକ୍ତି କେବଳ ଦୁଃଖ ଦୁର୍ଦ୍ଦଶା ଭୋଗ କରିଥାନ୍ତି। କୁକର୍ମ ଯୋଗୁ କେବଳ ନିନ୍ଦା ଅପବାଦ ମୁଣ୍ଡାଇଥାନ୍ତି। ସେହିପରି ଅଧିକ ଲୋଭ କରି ମଣିଷ ନିଜର ହିଁ ଅନିଷ୍ଟ ଘଟାଇଥାନ୍ତି। କାରଣ ଲୋଭରୁ ପାପ ବଢ଼େ ଓ ଶେଷରେ ପାପ ମୃତ୍ୟୁର କାରଣ ହୁଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ନିର୍ବାଚନ

### ଗୋପାଳକୃଷ୍ଣ ସଭାପତି, ସଞ୍ଜୟ ସମ୍ପାଦକ

କଟକ ଅଫିସ,୩୦।୩

ଓଡ଼ିଶା ହାଇକୋର୍ଟ ବାର ଆସୋସିଏଶନର ସଭାପତି ଭାବେ ଆଡଭୋକେଟ ଗୋପାଳକୃଷ୍ଣ ମହାନ୍ତି ନିର୍ବାଚିତ ହୋଇଛନ୍ତି। ଶନିବାର ହାଇକୋର୍ଟ ବାର୍ ଆସୋସିଏଶନ ହଲ୍‌ରେ ଅନୁଷ୍ଠିତ ନିର୍ବାଚନରେ ମହାନ୍ତି ୨୧ଖଣ୍ଡ ଭୋଟରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆଡଭୋକେଟ ବୁଦ୍ଧଦେବ ରାଉତରାୟଙ୍କୁ ପରାସ୍ତ କରିଛନ୍ତି। ସଭାପତି ମହାନ୍ତି ୧୧୩୫ ଖଣ୍ଡ ଭୋଟ ପାଇଥିବାବେଳେ ରାଉତରାୟ ୧୧୧୪ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ସମ୍ପାଦକ ସଞ୍ଜୟ କୁମାର ଦାସ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମନୋଜ କୁମାର ଖୁଣ୍ଟିଆଙ୍କୁ ୧୯୨ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସଞ୍ଜୟ ୮୧୭ ଖଣ୍ଡ ଭୋଟ ପାଇଥିବାବେଳେ ମନୋଜ ୬୨୫ ଖଣ୍ଡ ଭୋଟ ପାଇଛନ୍ତି। ଉପସଭାପତି ପୀୟୂଷ କୁମାର ମିଶ୍ର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦେବୀ ପ୍ରସାଦ ଦାସଙ୍କୁ ୯୬ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ମିଶ୍ର ୧୨୩୪ ଖଣ୍ଡ ଭୋଟ ପାଇଥିବାବେଳେ ଦାସ ୧୧୩୮ ଖଣ୍ଡ ଭୋଟ ପାଇଛନ୍ତି।



ଗୋପାଳକୃଷ୍ଣ ମହାନ୍ତି



ସଞ୍ଜୟ କୁମାର ଦାସ

ସେହିପରି ଯୁଗ୍ମ ସମ୍ପାଦକ ଭାବେ ଜଟେଶ୍ୱର ନାୟକ, ସହକାରୀ ସମ୍ପାଦକ ଭାବେ ପଦ୍ମାଳୟା ମହାପାତ୍ର, ସହକାରୀ ସମ୍ପାଦକ(ଲାଇବ୍ରେରୀ) ଭାବେ ସୋମନାଥ ଶତପଥୀ ବିଜୟୀ ହୋଇଛନ୍ତି। ସୂଚନାଥାଉ କି, ଶନିବାର ସକାଳ ୮ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ରାତି ୮ଟା ସୁଦ୍ଧା କେବଳ କାର୍ଯ୍ୟକାରୀ ସଦସ୍ୟ ପଦବୀକୁ ଛାଡି ଦେଇ ବାକି ପଦବୀଗୁଡିକର ଫଳାଫଳ ପ୍ରକାଶ ପାଇଥିଲା। ନିର୍ବାଚନ ଅଧିକାରୀଭାବେ ବାସୁଦେବ ପୂଜାରୀ ନିର୍ବାଚନ ପରିଚାଳନା କରୁଥିଲେ।

■ ରମାଦେବୀ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ

## ସମୟର ସନ୍ତୁଳନ ରକ୍ଷା ବଡ଼ ଆହ୍ୱାନ

ଭୁବନେଶ୍ୱର, ୩୦।୩(ବ୍ୟୁରୋ)- ଭବିଷ୍ୟତ ଓ ବର୍ତ୍ତମାନ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ନାହିଁ। ଏହା ହିଁ ସଫଳତାର ମନ୍ତ୍ର। ବର୍ତ୍ତମାନକୁ ନେଇ ବଞ୍ଚିବା ସହ ଭବିଷ୍ୟତ ଓ ବର୍ତ୍ତମାନ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଆଜିର ବଡ଼ ଆହ୍ୱାନ ବୋଲି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର କହିଛନ୍ତି। ଶନିବାର ରମାଦେବୀ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଜଷ୍ଟିସ ମିଶ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ଭବିଷ୍ୟତକୁ ଲମ୍ଫ ପ୍ରଦାନ କରିବାରେ କେବେ ଭୟଭୀତ ହୁଅ ନାହିଁ ବୋଲି କହିଥିଲେ।

ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍ସବରେ ଅଧ୍ୟକ୍ଷତା କରି କହିଲେ, ନାରୀମାନେ ଭାରତବର୍ଷରେ ଜନ୍ମିତ ନୁହନ୍ତି, ଅବତାରିତ ଅଟନ୍ତି। ନାରୀ ପ୍ରକୃତିର ସୃଷ୍ଟି, ସକଳ ଶକ୍ତିର ଆଧାର, ଶିକ୍ଷା ମୁକ୍ତି ଦାୟିନୀ। ସ୍ୱାଧୀନତା ସଂଗ୍ରାମୀ ମା' ରମାଦେବୀଙ୍କ ତ୍ୟାଗ, ସମ୍ମାନ ଓ ମହାନତାକୁ ସବୁବେଳେ ସ୍ମରଣ କରିବା ପାଇଁ ରାଜ୍ୟପାଳ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଛାତ୍ରୀମାନେ ଦୃଢ଼, ସଶକ୍ତ ଓ ସ୍ୱାଧୀନ ହେବା ଉଚିତ। ଛାତ୍ରୀଙ୍କ ମଧ୍ୟରେ ଜ୍ଞାନ ପିପାସୁ ସର୍ବଦା ଜାଗ୍ରତ ହୋଇ ରହିବା ଉଚିତ। କେବଳ ଡିଗ୍ରୀ ପ୍ରାପ୍ତି ମଧ୍ୟରେ ଏହା ସୀମିତ ରହିବା ଉଚିତ ନୁହେଁ ବୋଲି ରାଜ୍ୟପାଳ କହିଛନ୍ତି। କୁଳପତି ପ୍ରଫେସର ପଦ୍ମଜା ମିଶ୍ର ବିଶ୍ୱବିଦ୍ୟାଳୟର ବିବରଣୀ ପ୍ରଦାନ ଅବସରରେ ୫୦ବର୍ଷର ପୁରାତନ ରମାଦେବୀ ମହିଳା ମହାବିଦ୍ୟାଳୟ ଉପରେ ପ୍ରତିଷ୍ଠିତ ଏହି ବିଶ୍ୱବିଦ୍ୟାଳୟ ମାତ୍ର ୪ବର୍ଷର ଅବସ୍ଥିତିରେ କରିଥିବା ସଫଳତା ସମ୍ପର୍କରେ କହିଥିଲେ। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ରାଜ୍ୟର ୯ ଜିଲାର ୪୮ ମହିଳା ମହାବିଦ୍ୟାଳୟ ଥିବା ବେଳେ ୨୫ ସ୍ନାତକ, ୧୭ ସ୍ନାତକୋତ୍ତର ଓ ୧୦ ଏମ୍‌ଫିଲ୍ ପାଠ୍ୟକ୍ରମ ରହିଥିବା ସେ ସୂଚନା ଦେଇଥିଲେ।

ଏହି ଅବସରରେ ୪ ଜଣଙ୍କୁ ସମ୍ମାନସୂଚକ ଡି.ଲିଟ୍ ଏବଂ ଡ. ଏସ୍.ସି ଡିଗ୍ରୀ ପ୍ରଦାନ କରାଯାଇଥିଲା। ଝାଡ଼ଖଣ୍ଡର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରୀ ଦୌପଦୀ ମୁର୍ମୁ, ସାମାଜିକ କର୍ମୀ ତଥା ସାହିତ୍ୟିକା ମନୋରମା ମହାପାତ୍ରଙ୍କୁ କଳା ଓ ସମାଜସେବା ପାଇଁ ସମ୍ମାନସୂଚକ ଡି. ଲିଟ୍ ପ୍ରଦାନ କରାଯାଇଥିଲାବେଳେ ବିଜ୍ଞାନ କ୍ଷେତ୍ରରେ ଓଡ଼ିଶା ବିଜ୍ଞାନ ଏକାଡେମୀର ପୂର୍ବତନ ସଭାପତି ତଥା ପୂର୍ବତନ କୁଳପତି ସଂଘମିତ୍ରା ମହାନ୍ତି ଓ କେନ୍ଦ୍ର ସରକାରଙ୍କ ବାୟୋ-ଟେକ୍ନୋଲୋଜି ବିଭାଗ ସଚିବ ତଥା ବୈଜ୍ଞାନିକ ଡ. ରେଣୁ ସ୍ୱରୂପଙ୍କୁ ସମ୍ମାନସୂଚକ ଡ. ଏସ୍.ସି ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହିତ ୪୦ଜଣଙ୍କୁ ସ୍ୱର୍ଣ୍ଣ ପଦକ ଓ ସ୍ନାତକୋତ୍ତର ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ବିଜୟଲକ୍ଷ୍ମୀ ସାହୁଙ୍କୁ 'ରମାଦେବୀ ପୂର୍ଣ୍ଣଚନ୍ଦ୍ର ମିଶ୍ର ସ୍ୱର୍ଣ୍ଣ ପଦକ' ପ୍ରଦାନ କରାଯାଇଥିଲା। ରାଜ୍ୟ ସଭା ସଦସ୍ୟ ପଦ୍ମଶ୍ରୀ ରଘୁନାଥ ମହାପାତ୍ର, ରାଜ୍ୟପାଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଅଶୋକ ଦାସ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରିୟମ୍ବଦା ହେଜ୍‌ମାଦୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ କୁଳସଚିବ ଇତିଶ୍ରୀ ଦାସ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।



ଦୌପଦୀ ମୁର୍ମୁ ଓ ମନୋରମା ମହାପାତ୍ରଙ୍କୁ ଡି. ଲିଟ୍ ଏବଂ ସଂଘମିତ୍ରା ମହାନ୍ତିଙ୍କୁ ଡ. ଏସ୍.ସି ଡିଗ୍ରୀ ପ୍ରଦାନ କରୁଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ।

- ■ ୪ଜଣଙ୍କୁ ଡି. ଲିଟ୍ ଏବଂ ଡ. ଏସ୍.ସି ଡିଗ୍ରୀ
- ■ ୪୦ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ
- ■ ବିଜୟଲକ୍ଷ୍ମୀ ସାହୁଙ୍କୁ 'ରମାଦେବୀ ପୂର୍ଣ୍ଣଚନ୍ଦ୍ର ମିଶ୍ର ସ୍ୱର୍ଣ୍ଣ ପଦକ'

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆସନରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office G-79 Aadrsh Nagar Karol Bagh
Mob.: 8676907143, 9348274623

FINANCE
ଜଗନ୍ନାଥ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କେଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No - 428/457, Netaji Road, Bangalore
7609025435

FINANCE
BCF ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କେଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧୨ ଘଣ୍ଟାରେ ୫ କାଗଜରେ ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
8958186716
9675859756

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କେଟ୍, ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

LOAN
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କେଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କେଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add.: T-51, Gali No. 8, Gautampuri, Delhi

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କେଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କେଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ୫ କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
07535093304
09675742689

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

## ସଂକ୍ଷେପରେ

### ବିଜେଡିରୁ ୩ ନେତା ବହିଷ୍କୃତ

ଭୁବନେଶ୍ୱର,୩୦।୩(ବ୍ୟୁରୋ): ଦଳ ବିରୋଧୀ କାର୍ଯ୍ୟ ପାଇଁ ରାୟଗଡା ଜିଲା ଗୁଣପୁରର ଶିବ ପ୍ରସାଦ ଗୌଡ ଏବଂ କେ. ରାମକୃଷ୍ଣମ୍‌ଙ୍କୁ ବିଜେଡିରୁ ବହିଷ୍କୃତ କରାଯାଇଛି। ସେହିପରି କଟକ ଜିଲା ବାଙ୍କୀ ନିର୍ବାଚନମଣ୍ଡଳୀର କାହ୍ନୁ ସିଂଙ୍କୁ ମଧ ବହିଷ୍କାର କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ବହିଷ୍କାର କରାଯାଇଛି। ଏନେଇ ବିଜେଡି ପକ୍ଷରୁ ରାଜ୍ୟ ସମ୍ପାଦକ ବିଜୟ ନାୟକ ଗଣମାଧ୍ୟମକୁ ଅବଗତ କରାଇଛନ୍ତି।

### ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ପଦରୁ ରଘୁ ମହାନ୍ତିଙ୍କ ଇସ୍ତଫା



ଭୁବନେଶ୍ୱର, ୩୦।୩(ବ୍ୟୁରୋ): ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓଡ଼ିଶା ଉଠା ଜଳସେଚନ ନିଗମ(ଓଏଲ୍ଆଇସି) ଅଧ୍ୟକ୍ଷ ପଦରୁ ଶନିବାର ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛନ୍ତି ବୋଲି ରଘୁ କହୁଥିବାବେଳେ ବାଲେଶ୍ୱର ଜିଲା ବସ୍ତା ବିଧାନସଭା ଆସନରୁ ସେ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଛି। ହେଲେ ଇସ୍ତଫା ଦେବା ପରେ ରଘୁ ଏ ନେଇ ମୁହଁ ଖୋଲୁନାହାନ୍ତି। ସୂଚନାଯୋଗ୍ୟ ଯେ, ରଘୁଙ୍କ ବିରୋଧରେ ବଧୂ ନିର୍ଯାତନା ଅଭିଯୋଗ ଆସିବା ପରେ ସେ ୨୦୧୩ରେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ଏଥିପାଇଁ ତାଙ୍କୁ ଜେଲ ଯିବାକୁ ପଡିଥିଲା। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ନିଲମ୍ବିତ କରିଥିଲେ। ଫଳରେ ସେ ୨୦୧୪ରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରି ନ ଥିଲେ। ନିର୍ଯାତନା ଝମେଲା ତୁଟିବା ପରେ ରଘୁଙ୍କ ଉପରୁ ନିଲମ୍ବନ ଆଦେଶ ଉଠିଥିଲା।

### ପେଟ୍ରୋଲ ପମ୍ପ, ଗ୍ୟାସ୍ ଏଜେନ୍ସିରେ ଗଚ୍ଛିତ ହେଉଛି କଳାଧନ: ବିଜେଡି

ଭୁବନେଶ୍ୱର, ୩୦।୩(ବ୍ୟୁରୋ): ଚଳିତ ନିର୍ବାଚନ ପାଇଁ ପେଟ୍ରୋଲ ପମ୍ପ ଏବଂ ଗ୍ୟାସ ଏଜେନ୍ସିଗୁଡିକରେ ଭାଜପା ବିପୁଳ ପରିମାଣର କଳାଟଙ୍କା ଗଚ୍ଛିତ ରଖିଛି। ଏହି ଅର୍ଥ ନିର୍ବାଚନରେ ଖର୍ଚ୍ଚ ହେବାର ଆଶଙ୍କା ରହିଛି। ମାର୍ଚ୍ଚ ୨୬ରେ ବରଗଡ଼ ଜିଲାର ଗୁଡୁରପାଲିଠାରେ ଭାଜପା ସମର୍ଥକଙ୍କଠାରୁ ୨ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ୨୭ ତାରିଖରେ ଗଜପତି ଜିଲାରେ ମଧ ୪ ଜଣଙ୍କଠାରୁ ୫.୩୬ ଲକ୍ଷ ଜବତ କରାଯାଇଛି। ସେମାନଙ୍କ ମଧ୍ୟରେ ଭାଜପାର ଜିଲା ପ୍ରଭାରୀ ରହିଛନ୍ତି। ଏହାଛଡ଼ା ଛତିଶଗଡ଼ ଓ ଝାଡ଼ଖଣ୍ଡରୁ ବିପୁଳ ଅର୍ଥ ଓଡ଼ିଶାକୁ ଆସୁଥିବା ବଳେ ବହୁ ଅସାମାଜିକ ବ୍ୟକ୍ତି ନିର୍ବାଚନକୁ ପ୍ରଭାବିତ କରିବାକୁ ଆସୁଛନ୍ତି। ଦୁଇ ରାଜ୍ୟର ସୀମାକୁ ସିଲ୍ କରିବାକୁ ବିଜେଡିର ଏକ ପ୍ରତିନିଧି ଦଳ ଶନିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ ସେମାନେ ଦାବି କରଛନ୍ତି।

### ପ୍ରଚାର ଗାଡ଼ିରୁ ମୃତଦେହ ଉଦ୍ଧାର

ଭବାନୀପାଟଣା,୩୦।୩(ଡି.ଏନ୍.ଏ.): ପ୍ରଥମ ପର୍ଯ୍ୟାୟ ଭୋଟ ପ୍ରଚାର ପାଇଁ ଅନ୍ୟ ରାଜ୍ୟରୁ ଆସିଥିବା ଏକ ପ୍ରଚାର ଗାଡିରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ମାମିଡି ଲୋକେସ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚରେ ବିଷୟ ହୋଇଛି। ଅନ୍ୟପକ୍ଷେ ଯୁବକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ଭବାନୀପାଟଣା ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଗାଡିରେ ଥିବା ଅନ୍ୟ କର୍ମଚାରୀଙ୍କୁ ପୋଲିସ ପଚରାଉଚୁରା କରୁଛି।




ସାଧାରଣ ନିର୍ବାଚନ ପୂର୍ବରୁ ଭୋଟରଙ୍କ ମଧ୍ୟରେ ମତଦାନ ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶନିବାର ଚେନ୍ନାଇର ମେଡିକାଲ ଛାତ୍ରୀମାନେ ପ୍ଲାକାର୍ଡ ଧରିଛନ୍ତି।



ଜମ୍ମୁର ଏକ ପ୍ରଶିକ୍ଷଣ କେନ୍ଦ୍ରରେ ଶନିବାର ଜଣେ ଇଲେକ୍ଟୋରାଲ ଅଫିସର ଇଭିଏମ୍ ଏବଂ ଭିଭିପିଏଟି ମେଶିନ ପ୍ରଦର୍ଶନ କରୁଛନ୍ତି।

# ବିଜେଡିରେ ଅସନ୍ତୋଷ ଜାରି

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ବିଜେଡି ପକ୍ଷରୁ ଇତିମଧ୍ୟରେ ୧୮ ଲୋକ ସଭା ଏବଂ ୧୧୯ ବିଧାନସଭା ପାଇଁ ଟିକେଟ ଘୋଷଣା ସରିଯାଇଛି। ପ୍ରଥମ ପର୍ଯ୍ୟାୟ ଘୋଷଣା ପରେ ବହୁ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ଘୋଷଣା ବେଳେ ତାହା ସାମାନ୍ୟ ହ୍ରାସ ପାଇଥିଲା। ହେଲେ ୪ର୍ଥ ଓ ୫ମ ପର୍ଯ୍ୟାୟ ଟିକେଟ ଘୋଷଣାକୁ ନେଇ ଥମିଯାଇଥିବା ଅସନ୍ତୋଷ ପୁଣି ବୃଦ୍ଧି ପାଇଥିଲା। ଏକାଧିକ ଆସନ ପାଇଁ ଘୋଷିତ ପ୍ରାର୍ଥୀଙ୍କୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଏହାର ଝଲକ ଶନିବାର ନବୀନ ନିବାସ ସମ୍ମୁଖରେ ପ୍ରତିଫଳିତ ହୋଇଥିଲା।

ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ପୁତ୍ର ସମ୍ବିତ ରାଉତରାୟ ପାରାଦୀପ ଟିକେଟ ପାଇଛନ୍ତି। ହେଲେ ଏହାକୁ କେତେକ କର୍ମୀ ସହଜରେ ହଜମ କରିପାରୁ ନାହାନ୍ତି। କିଛିମାସ ପୂର୍ବେ ଦାମଙ୍କୁ ବାଦ୍ ଦେଇ ସେଠାରେ ବିଜେଡି ସଙ୍ଗଠନ କଥା ଚିନ୍ତା କରାଯାଉଥିଲା। ଦାମଙ୍କ ବିକଳ୍ପ ଭାବେ ପ୍ରାର୍ଥୀ ଖୋଜା ଯାଉଥିଲା। ହେଲେ ଏବେ ପୁନର୍ବାର ଦାମ ରାଉତଙ୍କ ପରିବାରକୁ ଟିକେଟ ଯାଇଥିବାରୁ ଅସନ୍ତୋଷ ଦେଖାଦେଇଛି। ସେହିଭଳି ଭଦ୍ରକ ବିଧାୟକ ଯୁଗଳ ପଟ୍ଟନାୟକଙ୍କୁ ଟିକେଟ ଦିଆଯାଇନାହିଁ। ତାଙ୍କ ବଦଳରେ ସଞ୍ଜୀବ ମଲିକଙ୍କୁ ପ୍ରାର୍ଥୀ କରାଯାଇଛି। ଯୁଗଳ ତାଙ୍କ ପୁତ୍ର ଅସୀତ ପଟ୍ଟନାୟକଙ୍କୁ ବିଧାୟକ ପ୍ରାର୍ଥୀ କରିବା ପାଇଁ ଉଦ୍ୟମ କରିଥିଲେ, ହେଲେ ସେଥିରେ ସଫଳ ହୋଇପାରିଲେ ନାହିଁ। ଅସୀତଙ୍କ ରାଜନୈତିକ ଭବିଷ୍ୟତ ପାଇଁ ଯୁଗଳ ନିଜର ପୁରୁଣା ଦଳ କଂଗ୍ରେସକୁ ଫେରିପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଲାଣି। ଏମିତିକି ଶତାଧିକ କର୍ମୀ ରାଜଧାନୀସ୍ଥିତ ଯୁଗଳଙ୍କ ସରକାରୀ ବାସଭବନରେ ରୁଣ୍ଡ ହୋଇ ପରବର୍ତ୍ତୀ ରଣନୀତି ନେଇ ଆଲୋଚନା କରୁଥିବା ଦେଖାଯାଇଛି। ବାଙ୍କୀରେ ଦେବୀରଞ୍ଜନ ତ୍ରିପାଠୀଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଥିବା ନେତାଙ୍କୁ ବିଜେଡି ବହିଷ୍କୃତ କରିଛି।

ସେହିପରି ବିଜେଡି କେନ୍ଦ୍ରାପଡା ବିଧାନସଭା ଆସନକୁ ନେଇ ପ୍ରାର୍ଥୀ ସ୍ଥିର କରିପାରୁନାହିଁ। ବର୍ତ୍ତମାନ ବିଧାୟକ ଥିବା କିଶୋର ତରାଇଙ୍କ ପ୍ରାର୍ଥିତ୍ୱକୁ ଏ ପର୍ଯ୍ୟନ୍ତ ମୋହର ମିଳିନାହିଁ। ତେଣୁ ତାଙ୍କୁ ବଦଳାଯିବା ନେଇ ଚର୍ଚ୍ଚା ଜୋର ଧରିଛି। ଶୁକ୍ରବାର କିଶୋରଙ୍କ ସମର୍ଥକ ନବୀନ ନିବାସ ଆସି ଟିକେଟ ପାଇଁ ଦାବି କରିଥିବାବେଳେ ଶନିବାର କେତେଜଣ ବିରୋଧୀ ତାଙ୍କ ପ୍ରାର୍ଥିତ୍ୱ ବିପକ୍ଷରେ ଫେରାଦ ହୋଇଛନ୍ତି। ଅତୀତରେ କିଶୋର ସଂପୃକ୍ତ ଥିବା କେତେକ ଆପରାଧିକ କାର୍ଯ୍ୟ ସମ୍ପର୍କିତ ଲିଫ୍‌ଲେଟ୍ ଏବଂ ଖବରକାଗଜ ପୃଷ୍ଠା ବାଣ୍ଟିଥିଲେ। ସିପ୍ରା ମଲିକଙ୍କୁ ଡକାଯାଇ ଆଲୋଚନା ଜାରିରହିଛି। ହେଲେ ନୂତନ ପ୍ରାର୍ଥୀ ଦେବା ପାଇଁ ଆଲୋଚନା ଚାଲିଥିବା ସୂତ୍ରରୁ ପ୍ରକାଶ।

ସେହିପରି କେନ୍ଦ୍ରାପଡା ଜିଲାର ରାଜନଗର ଆସନରେ ଧ୍ରୁବ ସାହୁଙ୍କ ପ୍ରାର୍ଥିତ୍ୱ ମଧ କେତେକ କର୍ମୀ ଗ୍ରହଣ କରିପାରିନାହାନ୍ତି। ତାଙ୍କୁ ପରିବର୍ତ୍ତନ କରିବା ପାଇଁ ମଧ ଦାବି କରାଯାଇଛି। ଯାଜପୁର ଜିଲା ବରୀ ବିଧାନସଭାରୁ ଦେବାଶିଷ ନାୟକ ଏବଂ ବିଜୟ ନାୟକଙ୍କୁ ପ୍ରାର୍ଥୀ କରିବା ପାଇଁ ୨ ଭିନ୍ନ ଗୋଷ୍ଠୀ ଦାବି କରିଛନ୍ତି। ଜଗତ୍‌ସିଂହପୁର ଲୋକ ସଭା ଅର୍ନ୍ତଗତ ଏକାଧିକ ବିଧାନସଭା ଆସନର ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ଜଗତ୍‌ସିଂହପୁର ବିଧାନସଭାରୁ ଅମରେନ୍ଦ୍ର ଦାଶଙ୍କୁ ପ୍ରାର୍ଥୀ କରିବା ପାଇଁ ମଧ ଏକ ଗୋଷ୍ଠୀ ନବୀନ ନିବାସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ଛାତ୍ର ଏବଂ ଯୁବ ବିଜେଡି ମଧ୍ୟରୁ କେତେକଙ୍କୁ ଟିକେଟ୍ ପ୍ରଦାନ ନେଇ ମଧ ଦାବି ଜୋର ଧରିଛି। ଏମିତିକି ଏହି ପ୍ରସଙ୍ଗରେ ଛାତ୍ର,ଯୁବଗୋଷ୍ଠୀ ବିଜେଡି ଶୀର୍ଷ ନେତୃତ୍ୱକୁ ଭେଟି ଦାବିପତ୍ର ଦେଇଥିବା ଜଣାପଡିଛି।

## ୧ରେ ଉମରକୋଟ ଆସିବେ ଶାହ

ଉମରକୋଟ,୩୦।୩(ଡି.ଏନ.ଏ)



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଆସନ୍ତା ଏପ୍ରିଲ ୧ ତାରିଖରେ ନବରଙ୍ଗପୁର ଜିଲା ଉମରକୋଟ ଆସିବେ। ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଭାଜପାର ନିର୍ବାଚନୀ ସଭା ଓ ବିଜୟ ସଙ୍କଳ୍ପ ସମାବେଶରେ ସେ ଯୋଗ ଦେଇ ଜନସାଧାରଣଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଭାଜପା ଜିଲା ସଭାପତି ଗୋବିନ୍ଦ ଜୈନ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିଜୟ ସଙ୍କଳ୍ପ ସଭାରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ଉମରକୋଟ ବିଧାୟକ ପ୍ରାର୍ଥୀ ନିତ୍ୟାନନ୍ଦ ଗଣ୍ଡ, ଜିଲା ସମ୍ପାଦକ ଅଶୋକ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜବତ ହେଲାଣି ୨.୨୪ କୋଟିର ମଦ

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ତୃତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ଶନିବାର ୬ ଲୋକ ସଭା ପାଇଁ ୬ ଜଣ ଓ ୪୨ ବିଧାନସଭା ଆସନ ପାଇଁ ୧୦ ପ୍ରାର୍ଥୀ ସେମାନଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏବେ ସୁଦ୍ଧା ତୃତୀୟ ପର୍ଯ୍ୟାୟ ଲୋକ ସଭା ପାଇଁ ମୋଟ ୧୨ ଜଣ ଓ ବିଧାନସଭା ପାଇଁ ୩୩ ପ୍ରାର୍ଥୀ ନାମାନଙ୍କନପତ୍ର ଦାଖଲ କରିସାରିଛନ୍ତି। ସେହିପରି ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ୬୬୦୮ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିବାବେଳେ ୩୨୯୫୧ ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସ ପ୍ରାପ୍ତ ୪୧୭୦ଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନଠାରେ ଦାଖଲ କରାଯାଇଛି। ଲାଇସେନ୍ସ ନ ଥିବା ୧୬୨ଟି ଅସ୍ତ୍ରଶସ୍ତ୍ର ଏବଂ ୨୪୯. ୩୨ କେ.ଜି. ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଅବାକରୀ ବିଭାଗ ଓ ପୋଲିସର ମିଳିତ ଚଢାଉ ଫଳରେ ୭୭୯୭୯.୨୨୫ ଲିଟର ମଦ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୨ କୋଟି ୨୪ ଲକ୍ଷ ୫୪ ହଜାର ୫୯ ଟଙ୍କା। ଶନିବାର ସୁଦ୍ଧା ରାଜ୍ୟରେ ଫ୍ଲାଇଂ ସ୍କାଡ୍ ଏବଂ ପୋଲିସ ଦ୍ୱାରା ୭୦ ଲକ୍ଷ ୭୬ ହଜାର ୭୦ ଟଙ୍କା ଜବତ କରାଯାଇଛି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୧୧ ଲକ୍ଷ ୫୯ ହଜାର ୧୦୭ ହୋଡିଂ ଓ ପୋଷ୍ଟରକୁ ହଟାଇ ଦିଆଯାଇଛି। ରାଜ୍ୟସ୍ତରରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷକୁ ୪୪୬ଟି ଅଭିଯୋଗ ଆସିଛି। ସି-ଭିଜିଲ ଆପ୍ ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୪୭୮ଟି ଅଭିଯୋଗ ଗ୍ରହଣ କରାଯାଇ ସେଥିରୁ ୪୫୧ଟି ସମାଧାନ କରାଯାଇଛି।

## ବିଜେଡିର ହୋଲୋଗ୍ରାମ ପ୍ରଚାର

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ସାଧାରଣ ନିର୍ବାଚନ ପାଖେଇ ଆସିଲାଣି। ପ୍ରାର୍ଥୀ ଘୋଷଣାଠାରୁ ଆରମ୍ଭ କରି ପ୍ରାର୍ଥିପତ୍ର ଦାଖଲ ଚାଲିଲାଣି। ସବୁ ଦଳର ନେତା ମଧ ପ୍ରଚାରରେ ମାତିଲେଣି। କମ୍ ସମୟରେ ଅଧିକ ଲୋକଙ୍କୁ ପ୍ରଚାରରେ ସାମିଲ କରିବା ପାଇଁ ଏବେ ସମସ୍ତେ ଉଦ୍ୟମ କରୁଛନ୍ତି। ସେହିକ୍ରମରେ ଶନିବାର ବିଜେଡି ପକ୍ଷରୁ ହାଇଟେକ୍ ହୋଲୋଗ୍ରାମ ପ୍ରଚାର ଆରମ୍ଭ ହୋଇଛି। ସାରା ରାଜ୍ୟରେ ଏକକାଳୀନ ୨୦ ପ୍ରମୁଖ ସ୍ଥାନରେ ଏହା ପ୍ରଦର୍ଶନ କରାଯାଉଛି। ପ୍ରତିଦିନ ୬୦ଟି ହୋଲୋଗ୍ରାମ ଦ୍ୱାରା ପ୍ରଚାର କରାଯାଉଛି। ପର୍ଯ୍ୟାୟକ୍ରମେ ଏହି ପ୍ରଚାର ୩୦ ଜିଲାରେ କରାଯିବ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରତି ଭୋଟରଙ୍କ ପାଖରେ ପହଞ୍ଚାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଦଳ ପକ୍ଷରୁ କୁହାଯାଇଛି। ପ୍ରଥମ ଦିନରେ ରାଜଧାନୀର ସାଲିଆସାହି ମେଲଣ ପଡିଆ ନିକଟସ୍ଥ ହାତୀଆଖୁଣି ବସ୍ତି, ୟୁନିଟ୍-୩ସ୍ଥିତ ମସଜିଦ୍ ବସ୍ତି ଏବଂ ବିଜେଡି କଲେଜ ନିକଟସ୍ଥ ମହିଷାଖାଲ ବସ୍ତିରେ ଏହି ହୋଲୋଗ୍ରାମ ପ୍ରଚାର କରାଯାଇଛି। ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ବସ୍‌ରେ ଆସନ୍ତା ୩ରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାରରେ ଯିବେ।

## ନିର୍ବାଚନ ଲଢ଼ିବେ ଜିତେନ୍ଦ୍ର ହରିପାଲ

ସମ୍ବଲପୁର,୩୦।୩ (ବ୍ୟୁରୋ)

ଜନସେବା ପାଇଁ ରାଜନୀତିକୁ ଓହ୍ଲାଇବେ ପ୍ରସିଦ୍ଧ 'ରଙ୍ଗବତୀ' ଗୀତର ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ। ତେବେ କୌଣସି ଦଳରୁ ନୁହେଁ ବରଂ ସ୍ୱାଧୀନ ଭାବେ ସେ ନିର୍ବାଚନ ଲଢିବାକୁ ନିଷ୍ପତ୍ତି ନେଇଛନ୍ତି। ସମ୍ବଲପୁର ବିଧାନସଭା ଆସନ କିମ୍ବା ଲୋକ ସଭା ଆସନରୁ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଆସନ୍ତା ୩ କିମ୍ବା ୪ ତାରିଖରେ ସେ ନାମାଙ୍କନ ଦାଖଲ କରିବେ।

ଏ ନେଇ ହରିପାଲ କହିଛନ୍ତି, ମୁଁ ଅନେକ ନିର୍ବାଚନ ଦେଖିଛି। ଅନେକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛି। ରାଜନୀତି କ'ଣ, କେମିତି ହୁଏ ତାହା ସେ ଅତି ପାଖରୁ ପରଖିଛି। ବହୁ ଦଳ ଓ ନେତାଙ୍କ ସହ ମୋର ଭଲ ସମ୍ପର୍କ ରହିଛି। ସମସ୍ତେ ସ୍ନେହ, ଶ୍ରଦ୍ଧା, ସମ୍ମାନ କରନ୍ତି। ଆଜି ନିର୍ବାଚନରେ ଠିଆ ହେବାକୁ ବିଭିନ୍ନ ଦଳର ଲୋକ ଟିକେଟ ପାଇଁ ଲବି କରୁଛନ୍ତି। ଟିକେଟ ନ ମିଳିଲେ ଅନ୍ୟ ଦଳକୁ ମାଙ୍କଡ ଡେଇଁଲା ଭଳି ଡେଇଁ ପଡୁଛନ୍ତି। ଏହା କି ପ୍ରକାର ରାଜନୀତି ଓ ଜନପ୍ରତିନିଧି ବୋଲି ହରିପାଲ ପ୍ରଶ୍ନ କରିଛନ୍ତି। ତାଙ୍କ ପାଖରେ ଟଙ୍କା ନାହିଁ, ତଥାପି ସେ ଜନସେବାକୁ ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ପ୍ରସ୍ତୁତ। ଅନେକ ସମୟରେ ଟଙ୍କା କାମ ଦିଏନି। ଲୋକେ ବ୍ୟକ୍ତିର ଭାବମୂର୍ତ୍ତି ଦେଖି ନିଜର ମୂଲ୍ୟବାନ ମତଦାନ କରନ୍ତି। ନିଜ ସ୍ୱାର୍ଥ ପାଇଁ ସେ ନିର୍ବାଚନ ଲଢିବେନି। ସମାଜର ଗରିବ, ମଳିମୁଣ୍ଡିଆଙ୍କ ସ୍ୱାର୍ଥ ପାଇଁ ରାଜନୀତିକୁ ଓହ୍ଲାଇବାକୁ ଇଚ୍ଛା କରିଥିବା ହରିପାଲ କହିଛନ୍ତି।



ଜିତେନ୍ଦ୍ର ହରିପାଲ

ସୂଚନାଯୋଗ୍ୟ, ଜିତେନ୍ଦ୍ର ରଙ୍ଗବତୀ ଗୀତ ପାଇଁ ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହି ଗୀତ ପାଇଁ ମଧ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ ହୋଇଛନ୍ତି। ଆଜି ବି ତାଙ୍କ ସଙ୍ଗୀତ ସାଧନା ଜାରି ରହିଛି। ଜୀବନରେ କେବେ ରାଜନୀତି କରି ନ ଥିବା ଜିତେନ୍ଦ୍ରଙ୍କୁ ଭୋଟରମାନେ କେତେ ଗ୍ରହଣ କରିବେ ସେ ନେଇ ସମ୍ବଲପୁରରେ ଚର୍ଚ୍ଚା ଜୋର ଧରିଛି।






## ସଂକ୍ଷେପରେ

### ୬ରେ ସୋନପୁର ଆସିବେ ମୋଦି

**ସୋନପୁର,୩୦।୩(ନି.ପ୍ର.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର ପାଇଁ ଏପ୍ରିଲ ୬ ରେ ସୋନପୁର ଆସିବେ। ସହରର ରାମେଶ୍ୱର ନିକଟସ୍ଥ ଷ୍ଟାଡିୟମରେ ଆୟୋଜିତ ଜନସମାବେଶକୁ ସେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଶନିବାର ଅପରାହ୍ନରେ ପାଟଣାଗଡ ବିଧାୟକ ତଥା ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ ସୋନପୁର ଆସି ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଷ୍ଟାଡିୟମ ବୁଲି ଦେଖିବା ସହିତ ସ୍ଥାନୀୟ ଦଳୀୟ ନେତୃବୃନ୍ଦଙ୍କ ସହିତ ଆଲୋଚନା କରିଥିଲେ। ପରେ ଦଳୀୟ ନେତୃବୃନ୍ଦ ଏସ୍‌ପି ଦେବୀପ୍ରସାଦ ଦାଶଙ୍କ ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିବା ନେଇ ଜଣାପଡିଛି। ଦଳ ପକ୍ଷରୁ ନିର୍ବାଚନୀ ସଭା ପାଇଁ ଅନୁମତି ମଧ୍ୟ ମଗାଯାଇଛି। ଶନିବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିବାରୁ ଜିଲା ଭାଜପା ଶିବିର ବେଶ୍ ଉତ୍ସାହିତ ହୋଇ ପଡିଛି। କନକ ବର୍ଦ୍ଧନଙ୍କ ସହିତ ସୋନପୁର ବିଧାୟକ ପ୍ରାର୍ଥୀ ଅଶୋକ କୁମାର ପୂଜାରୀ, ବରିଷ୍ଠ ନେତା ପ୍ରମୋଦ ମହାପାତ୍ର, ଦିଲୀପ ପୁରୋହିତ ଓ ଗଣେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୪ରେ ରାହୁଲଙ୍କ ଦିଗପହଣ୍ଡି ଗସ୍ତ

**ବ୍ରହ୍ମପୁର ଅଫିସ,୩୦।୩:** କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଏପ୍ରିଲ ୪ରେ ଗଞ୍ଜାମ ଜିଲା ଗସ୍ତରେ ଆସିବେ। ଦିଗପହଣ୍ଡିରେ ଦଳ ପକ୍ଷରୁ ନିର୍ବାଚନୀ ସଭାରେ ସେ ଯୋଗଦେଇ ଜନ ସମାବେଶକୁ ସମ୍ବୋଧିତ କରିବେ। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଶନିବାର ବ୍ରହ୍ମପୁର ଆସି ଦିଗପହଣ୍ଡି ଯାଇଥିଲେ। ସେଠାରେ ଦୁଇଟି ସ୍ଥାନ ଅନୁଧାନ କରିଥିଲେ। ରାହୁଲଙ୍କ ବ୍ରହ୍ମପୁର ଲୋକ ସଭା ଅଧୀନ ଗଜପତି ଜିଲା ମୋହନା ବିଧାନସଭା କ୍ଷେତ୍ର ବଡ଼ପଦା ନିର୍ବାଚନୀ ସଭାରେ ଯୋଗଦେବାର ପ୍ରସ୍ତାବ ଥିଲା। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ସ୍ଥାନ ପରିବର୍ତ୍ତନ କରି ଦିଗପହଣ୍ଡିରେ ହେବାର ନିଷ୍ପତ୍ତି ନିଆଯାଇଛି। ଜିଲା ସଭାପତି ଡ଼ା. ବେହେରା କହିବାନୁସାରେ, ଦିଗପହଣ୍ଡିରେ ନିର୍ବାଚନୀ ଜନ ସମାବେଶ କରାଗଲେ ମୁଖ୍ୟତଃ ସାନଖେମୁଣ୍ଡି, ମୋହନା, ଚିକିଟି, ବ୍ରହ୍ମପୁର ଓ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ପାଇଁ ସୁବିଧା ହେବ। ଏହା ଏକ ଛକ ସ୍ଥାନ ହୋଇଥିବାରୁ ଉପରୋକ୍ତ ସେଗମେଣ୍ଟଗୁଡ଼ିକୁ ପ୍ରଭାବିତ କରିବ।

### ବିଜେଡି ଛାଡିଲେ ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରମାଣିକଙ୍କ ସମେତ ବହୁ ନେତା

**ସୋର, ୩୦।୩(ଡି.ଏନ.ଏ.):** ବିଜେଡି ତରଫରୁ ସୋର ବିଧାୟକ ପର୍ଶୁରାମ ଧଡ଼ା ଦ୍ୱିତୀୟଥର ପ୍ରାର୍ଥୀ ହୋଇଛନ୍ତି। ଦଳର ଗୋଟିଏ ଗୋଷ୍ଠୀ ସୁରେନ୍ଦ୍ର ପ୍ରସାଦ ପ୍ରମାଣିକଙ୍କୁ ପ୍ରାର୍ଥୀ କରିବା ପାଇଁ ଭୁବନେଶ୍ୱରରେ ଡେରା ପକାଇଥିଲେ। ସେମାନେ ନିରାଶ ହୋଇ ଦଳରୁ ଇସ୍ତଫା ଦେଇଥିବା ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରମାଣିକ, ପୂର୍ବତନ ବ୍ଲକ ସଭାପତି ପ୍ରଭାତ ଚକ୍ରବର୍ତ୍ତୀ, ସମିତିସଭ୍ୟ ଜୟନ୍ତ ସ୍ୱାଇଁ, କାଉନସିଲର ଅଜୟ ଦ୍ୱିବେଦୀ, ପୂର୍ବତନ ବିଜେଡି ଯୁବ ସଭାପତି ମାଧବ ଧଡ଼ା, ନଟାପଡ଼ା ସରପଞ୍ଚ ନରେନ୍ଦ୍ର ମହାଲିକ, ଅନନ୍ତପୁର ସରପଞ୍ଚ ବିଶ୍ୱନାଥ ବେହେରା, ପାଖଖର ସରପଞ୍ଚ ତ୍ରିଲୋଚନ ପାଣିଗ୍ରାହୀ ପ୍ରମୁଖ ଇସ୍ତଫା ଦେଇଥିବା ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବିଧାୟକ ପର୍ଶୁରାମ ଧଡ଼ାଙ୍କୁ ନେଇ ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ସୋର ବଜାର ପରିକ୍ରମା କରିବା ଘଟଣା ଚର୍ଚ୍ଚାକୁ ଆସିଛି।

### ବିଧାୟକ ମାୟାଧର ଭାଜପାରେ ମିଶିବା ନେଇ ଚର୍ଚ୍ଚା

**ଆନନ୍ଦପୁର, ୩୦। ୩(ସ୍ୱ.ପ୍ର.):** ଆନନ୍ଦପୁର ନିର୍ବାଚନମଣ୍ଡଳୀର ରାଜନୈତିକ ସମୀକରଣ ଦିନକୁ ଦିନ ମୋଡ ବଦଳାଉଥିବାବେଳେ ନିକଟରେ ବିଜେଡି ଟିକେଟ୍ ରେସ୍‌ରୁ ବାଦ୍‌ପଡିଥିବା ବିଧାୟକ ମାୟାଧର ଜେନା ଦଳ ପରିବର୍ତ୍ତନ କରି ଭାଜପାରେ ଯୋଗଦାନ କରିବା ନେଇ ଚର୍ଚ୍ଚା ଜୋର ଧରିଛି। ଏପରି କି ଭାଜପାରେ ଟିକେଟ ହାତେଇବାର ସମ୍ଭାବନା ଥିବା ତାଙ୍କ ସମର୍ଥକମାନେ କହିଛନ୍ତି। ନିକଟରେ ଭାଜପାରୁ ଟିକେଟ ହାତେଇଥିବା ଆନନ୍ଦପୁରର ପୂର୍ବତନ ବିଧାୟକ ଭାଗୀରଥି ସେଠୀ ଦଳ ପରିବର୍ତ୍ତନ କରି ବିଜେଡିରେ ମିଶିଛନ୍ତି।

# ସମ୍ବିତ୍‌ଙ୍କ ପ୍ରାର୍ଥୀତ୍ୱକୁ ନେଇ ବିଜେଡିରେ ବିଦ୍ରୋହ

**ପାରାଦୀପ,୩୦।୩(ସ୍ୱ.ପ୍ର.)**



ସମ୍ବିତ୍ ରାଉତରାୟଙ୍କ ବିଜେଡି ଟିକେଟକୁ ବାତିଲ କରିବା ଦାବିରେ ନବୀନ ନିବାସକୁ ଆସିଥିବା ସ୍ଥାନୀୟ ଅଞ୍ଚଳର କର୍ମୀ ଓ ନେତା।

**ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ**
- ନବୀନ ନିବାସ ଆଗରେ ସନ୍ତୋଷଙ୍କ ବିକ୍ଷୋଭ
- ଅନ୍ୟ ଯାହାକୁ ପ୍ରାର୍ଥୀ କଲେ ଗ୍ରହଣ କରିବୁ
- ଆଶାୟୀ ଥିବାରୁ ଅସନ୍ତୋଷ ରହିବା ସ୍ୱାଭାବିକ, ସମସ୍ତଙ୍କୁ ମନାଇ ଆଗକୁ ବଢ଼ିବି : ସମ୍ବିତ

ପାରାଦୀପ ବିଧାନ ସଭା ଆସନ ନିମନ୍ତେ ଡା.ଦାମୋଦର ରାଉତଙ୍କ ପୁଅ ସମ୍ବିତ ରାଉତରାୟଙ୍କୁ ବିଜେଡି ପ୍ରାର୍ଥୀ କରିବା ପରେ ଦଳ ମଧ୍ୟରେ ଯେଉଁ ଅସନ୍ତୋଷ କୁହୁଳୁ ଥିଲା, ତାହା ହଠାତ୍ ଶନିବାର ଜଳିଉଠିଛି। ସମ୍ବିତଙ୍କ ପ୍ରାର୍ଥୀତ୍ୱକୁ ଗ୍ରହଣ କରି ନ ପାରି ଅନ୍ୟତମ ଆଶାୟୀ ଶ୍ରମିକନେତା ସନ୍ତୋଷ ପଟ୍ଟନାୟକ ନିଜ ସମର୍ଥକଙ୍କୁ ଧରି ନବୀନ ନିବାସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପାରାଦୀପରୁ ପ୍ରାୟ ୨୦୦ ଗାଡ଼ିରେ ୨ ହଜାରରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ଧରି ସେ ଭୁବନେଶ୍ୱର ଯାଇଥିଲେ। ସେଠାରେ ନବୀନ ନିବାସ ଆଗରେ ପ୍ରତିବାଦ ପ୍ରଦର୍ଶନ କରିବା ସହ ଏକ ଲିଖିତ ଦାବିପତ୍ର ଦେଇଛନ୍ତି। ଏଥିରେ ଦର୍ଶାଇଛନ୍ତି ଯେ, ଦୀର୍ଘ ୨୦ ବର୍ଷ ଧରି ସେ ଦଳ ପାଇଁ କାମ କରିଛନ୍ତି। ଏପରି କି ବିଜୁବାବୁଙ୍କ ଜନ୍ମ ଶତବାର୍ଷିକ ପାଳନ, ଦୁଇଥର ମେଗା ଜୀବନବିନ୍ଦୁ କାର୍ଯ୍ୟକ୍ରମ କରି ୯୦୪୦ ୟୁନିଟ୍ ରକ୍ତ ସଂଗ୍ରହ, ମହାନଦୀ ସଂଗ୍ରାମ ଆଦି କାର୍ଯ୍ୟକ୍ରମ କରି ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି। ୯ଟି ସଙ୍ଗଠନର କର୍ମକର୍ତ୍ତାଙ୍କ ସୁପାରିଶ ଓ କୁଜଙ୍ଗ-ପାରାଦୀପ ଲୋକଙ୍କ ସମର୍ଥନ ଯୋଗୁ ଚଳିତ ନିର୍ବାଚନରେ ପ୍ରାର୍ଥୀ ହେବାକୁ ଆଶା କରିଥିଲେ। ଏ ସମ୍ପର୍କରେ ଦଳର ରାଜ୍ୟ ଓ ଜିଲା ସଭାପତିଙ୍କୁ ଅବଗତ କରାଇଥିଲେ। କିନ୍ତୁ ଦଳ ସମ୍ବିତଙ୍କୁ ପ୍ରାର୍ଥୀ କରିଛି। ଦଳର ଏହି ନିଷ୍ପତ୍ତିକୁ ସେ ଗ୍ରହଣ କରିପାରୁନାହାନ୍ତି। ସମ୍ବିତଙ୍କ ବ୍ୟତୀତ ଆଉ ଯାହାକୁ ପ୍ରାର୍ଥୀ କଲେ ସେ ଗ୍ରହଣ କରିବେ। କାରଣ ତାଙ୍କ ସଙ୍ଗଠନ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ କରିବା ସମୟରେ ଦାମ ଚିଗୁଲେଇ ଏହା ଏଚ୍‌ଆଇଭି ରକ୍ତ ବୋଲି ଗଣମାଧ୍ୟମରେ କହିଥିଲେ। ଦାମ ଏବେ ଭାଜପାରୁ ପାଖ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଛନ୍ତି। ଜଗତ୍‌ସିଂହପୁର ଜିଲାରେ ସେ ବିଜେଡିକୁ ମୂଳପୋଛ କରିବେ ବୋଲି କହୁଛନ୍ତି। ଏପରି ସ୍ଥଳେ ତାଙ୍କ ପୁଅକୁ ଟିକେଟ ଦେବା ଦଳୀୟ କର୍ମୀଙ୍କୁ ଆଘାତ ଦେଇଛି ବୋଲି ସେ କହିଛନ୍ତି। ସେହିପରି ସମ୍ବିତ କେବେ ପାରାଦୀପରେ କୌଣସି ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଡିତ ନ ଥିଲେ। ଯେଉଁମାନଙ୍କୁ ନେଇ ସେ ପାରାଦୀପ ଆସନ୍ତି ବା ବ୍ୟବସାୟ କରନ୍ତି, ସେମାନେ ସମସ୍ତେ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଓ ଗ୍ୟାଙ୍ଗଷ୍ଟର ଟିଟୋଙ୍କ ସହ ବୁଲନ୍ତି ବୋଲି ସନ୍ତୋଷ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମ୍ବିତ କହିଛନ୍ତି ଯେ, ସେ ଟିକେଟ ଆଶାୟୀ ଥିଲେ। ତେଣୁ ବିରୋଧ କରିବା ସ୍ୱାଭାବିକ। ମୁଁ ମା'ଙ୍କ ଦଶାହ ଯୋଗୁ ତାଙ୍କ ପାଖକୁ ଯାଇପାରିନାହିଁ। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ତାଙ୍କୁ ମନାଇବା ସହ ତାଙ୍କ କାନ୍ଧରେ କାନ୍ଧ ମିଶାଇ ଚାଲିବି। ତେବେ ସନ୍ତୋଷ ନିଜ ସାଥିରେ ନେଇଥିବା ଦୁଇ ନେତା ୨୦୦୯ର ସ୍ୱାଧୀନ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ତରାଇ ଓ ବାବୁଲି ସ୍ୱାଇଁ ଠିକ୍ ଲୋକ ନୁହନ୍ତି ବୋଲି ସମ୍ବିତ କହିଛନ୍ତି। ବିଜେଡିର ଅନ୍ୟତମ ଆଶାୟୀ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କହିଛନ୍ତି, ଯାହା ହୋଇଛି ଭଲ ହୋଇନାହିଁ। ଏବେ ଯାହା ହେଉଛି ତାହା ମଧ୍ୟ ଠିକ୍ ନୁହେଁ।

### ବିଧାୟକ ପ୍ରାର୍ଥୀଙ୍କ ଗାଡ଼ିରୁ ଟଙ୍କା ଜବତ



**କେନ୍ଦୁଝର/ଚମ୍ପୁଆ, ୩୦।୩(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ଅନ୍ତର୍ଗତ ଚମ୍ପୁଆ ଥାନା ପୋଲିସ ଶୁକ୍ରବାର ଗାଡି ଯାଞ୍ଚ ବେଳେ ଶଙ୍କରପୁର ଗ୍ରାମ ନିକଟରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ଯଦୁମଣି ବାରିକଙ୍କ ଗାଡିରୁ ୧ ଲକ୍ଷ ୯୫ ହଜାର ଟଙ୍କା ଜବତ କରିଛି। ଚମ୍ପୁଆ ଥାନା ଏସ୍‌ଆଇ ସ୍ୱରୂପ ନାୟକ ଏହି ଟଙ୍କା ଜବତ କରି ଥାନା ଅଧିକାରୀ ଓ ଏସ୍‌ଡିପିଓଙ୍କୁ ଜିମା ଦେଇଥିବା ସହ ଏନେଇ ତଦନ୍ତ ଜାରି ରହିଛି। ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଥିଲେ ବୋଲି ବାରିକ କହିଛନ୍ତି। ତେବେ ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ। ନିର୍ବାଚନ ସମୟରେ ଟଙ୍କା ଜବତ ହେବା ଜିଲାରେ ଏହା ପ୍ରଥମ ଘଟଣା। ତଦନ୍ତ ପରେ ପ୍ରକୃତରେ ଟଙ୍କା କୁଆଡେ ଯାଉଥିଲା ଜଣାପଡ଼ିବ ବୋଲି ଏସଡିପିଓ ହରିହର ପାଣି କହିଛନ୍ତି।

# 'ଖଣିମାଫିଆଙ୍କ ପକେଟ୍‌ରେ କଂଗ୍ରେସ'

**ବାଲେଶ୍ୱର ଅଫିସ, ୩୦।୩**

**ମୁହଁତୋଡ ଜବାବ ଦେବା ପାଇଁ ବାଲେଶ୍ୱରବାସୀଙ୍କୁ ଶ୍ରୀକାନ୍ତଙ୍କ ଅନୁରୋଧ**



ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା।

ଖଣିମାଫିଆଙ୍କ ପକେଟ୍‌ରେ କଂଗ୍ରେସ ଦଳ। ଜନସାଧାରଣ ଏହାର ମୁହଁତୋଡ ଜବାବ ଦିଅନ୍ତୁ ବୋଲି ବାଲେଶ୍ୱରସ୍ଥିତ ଏକ ଘରୋଇ ହୋଟେଲ ପରିସରରେ ଶନିବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ବାଲେଶ୍ୱରବାସୀଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ କଳାଧନ ରାଜନୀତିକୁ ପରିଚାଳିତ କରୁଛି ବୋଲି ସେ କହିଛନ୍ତି।

୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ନବଜ୍ୟୋତି ପଟ୍ଟନାୟକଙ୍କ ବାପା ନିରଞ୍ଜନ ଖଣି ଚୋରି କରିଥିବା ଅଭିଯୋଗରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ୬ ଶହ କୋଟି ଟଙ୍କା ଜରିମାନା ଦେବା ସହ ମାମଲା ଥିବା ଶ୍ରୀକାନ୍ତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟକୁ ୪୦ବର୍ଷ ଧରି ୨ଟି ପରିବାର ଶାସନ କରିଆସୁଥିବା ଅତି ଦୁର୍ଭାଗ୍ୟଜନକ ବୋଲି କହିବା ସହ କଳାଧନରେ ବିଜେଡି, ଭାଜପା, କଂଗ୍ରେସ ଦଳ ପରିଚାଳିତ ବୋଲି ସେ ଅଭିଯୋଗ ଆଣିଛନ୍ତି। ଆଗାମୀ ନିର୍ବାଚନରେ କଳାଧନର ବୃଷ୍ଟି ହେବାର ସୂଚନା ଦେଇ ଜେନା ନିର୍ବାଚନରେ ନ ଲଢ଼ି ବାଲେଶ୍ୱରରେ ବିଭିନ୍ନ ବିଧାନସଭା କ୍ଷେତ୍ର ବୁଲି ବୁଲି କଂଗ୍ରେସର ପ୍ରକୃତ ମୁଖା ଖୋଲିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଭାଜପା, ବିଜେଡିକୁ ସମର୍ଥନ ନ ଦେଇ ଅନ୍ୟଦଳର ଭଲ ପ୍ରାର୍ଥୀଙ୍କୁ ସମର୍ଥନ ଦେବା ପାଇଁ ନିବେଦନ କରି ଓଡ଼ିଶାର ଶୋଷଣମୁକ୍ତ ଶାସନ ପ୍ରତିଷ୍ଠା ଦିଗରେ ପ୍ରଚେଷ୍ଟା କରିବେ ବୋଲି ସେ ପ୍ରକାଶ କରିଛନ୍ତି।

# 'ମୋ ପୁଅକୁ ଟିକେଟ ନ ଦେଇ ଠକିଲେ'

**ଭଦ୍ରକ ଅଫିସ, ୩୦।୩**



ବିଜେଡିର ପ୍ରବୀଣ ରାଜନେତା ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ ଶନିବାର ଅପରାହ୍ନରେ ଦଳର ପ୍ରାଥମିକ ସଦସ୍ୟ, ଭଦ୍ରକ ଜିଲା ସଭାପତି ଓ ଏମ୍‌ପି ପଦରୁ ଇସ୍ତଫା ଦେଇ ପରେ ଭାଜପାରେ ସାମିଲ ହୋଇଛନ୍ତି। ସେ ନବୀନ ନିବାସକୁ ଯାଇ ପ୍ରଥମେ ଦୁଇପୃଷ୍ଠା ବିଶିଷ୍ଟ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଭଦ୍ରକରୁ ନବୀନ ନିବାସ ଯିବା ପୂର୍ବରୁ ଶନିବାର ମଧ୍ୟାହ୍ନରେ ତାଙ୍କ ବାସଭବନଠାରେ ଆହୂତ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିନିଧି ଚୟନରେ ତ୍ରୁଟି କରିଛନ୍ତି ଏବଂ ତାଙ୍କ ପୁଅ ଅଭିମନ୍ୟୁଙ୍କୁ ଟିକେଟ ଦେବା ଲାଗି ପ୍ରତିଶ୍ରୁତି ଦେଇ ପରେ ଫାଙ୍କିଛନ୍ତି ବୋଲି କହିଥିଲେ। ଦଳ ଲାଗି ୪୦ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଜଣେ ରାଜନେତାଙ୍କୁ ଉପେକ୍ଷା କରାଯିବା କାରଣରୁ ସେ ଦଳ ଛାଡୁଥିବା ଉଲ୍ଲେଖ କରିଥିଲେ।

ଏମ୍‌ପି ଅର୍ଜୁନ ତାଙ୍କ ପୁଅ ଅଭିମନ୍ୟୁଙ୍କୁ ଥଇଥାନ କରା ନ ଯିବାରୁ ଅଭିମାନ କରି ଦଳରୁ ଇସ୍ତଫା ଦେବା ପ୍ରଚାରିତ ହେବା ପରେ ଜିଲାରେ ଚର୍ଚ୍ଚା ଜୋର ଧରିଥିଲା। ପରେ ସେ ଭାଜପାରେ ସାମିଲ ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଏହି ଘଟଣା ଜିଲା ରାଜନୀତିରେ ସମୀକରଣ ବଦଳାଇବ ବୋଲି ଆଲୋଚନା ହେଉଛି। ଅର୍ଜୁନ ପୂର୍ବରୁ ଭଣ୍ଡାରିପୋଖରୀ ବିଧାନସଭା ଆସନରୁ କଂଗ୍ରେସ ଟିକେଟରେ ୧୯୭୧ ଓ ୧୯୮୦ରେ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଜନତା ଦଳରେ ଯୋଗଦେଇ ୧୯୯୧ ସାଧାରଣ ନିର୍ବାଚନରେ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ବିଜେଡି ଗଠନ ପରେ ସେ ୧୯୯୮, ୧୯୯୯, ୨୦୦୪, ୨୦୦୯, ୨୦୧୪ ପର୍ଯ୍ୟନ୍ତ ଏମ୍‌ପି ଭାବେ ଲଗାତାର ବିଜୟୀ ହୋଇ ଆସିଥିଲେ। ଏପରିକି ସେ କେନ୍ଦ୍ରରେ ମନ୍ତ୍ରୀ ଦାୟିତ୍ୱ ମଧ୍ୟ ତୁଲାଇଥିଲେ।

# ହିଞ୍ଜିଳିର ଭାଜପା ନେତା, କର୍ମୀ ବିଜେଡିରେ ସାମିଲ



**ବ୍ରହ୍ମପୁର ଅଫିସ,୩୦।୩**

ବିଜେଡିର ମିଶ୍ରଣ ପର୍ବ ଶନିବାର ବ୍ରହ୍ମପୁରସ୍ଥିତ ଦଳର ନିର୍ବାଚନୀ ପ୍ରଚାର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ହିଞ୍ଜିଳି ବିଧାନସଭା କ୍ଷେତ୍ରର ବିଭିନ୍ନ ଅଞ୍ଚଳର ବହୁ ସଂଖ୍ୟକ ଭାଜପା ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଜିଲା ସଭାପତି ତଥା ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ସେମାନଙ୍କୁ ସ୍ୱାଗତ କରିଥିଲେ। ଭାଜପାର ଟିକେଟ ବଣ୍ଟନରେ ହୋଇଥିବା ଅସମାନତା ଏବଂ ନେତା, କର୍ମୀଙ୍କୁ କରାଯାଇଥିବା ଉପେକ୍ଷା ପ୍ରତିବାଦରେ ସେମାନେ ଦଳ ବଦଳ କରିଥିବା ମିଶ୍ରଣ ପର୍ବରେ ସୂଚନା ଦେଇଥିଲେ। ଭାଜପା ଘୁମୁସର ସାଙ୍ଗଠନିକ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ତଥା ପୋଲସରା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅନୀଲ କୁମାର ମହାପାତ୍ର, ହିଞ୍ଜିଳି ପୌରସଂସ୍ଥାର ପୂର୍ବତନ କାଉନସିଲର ଭିକା ବେହେରା, ପିତଳ ମଣ୍ଡଳର କାର୍ଯ୍ୟକର୍ତ୍ତା ରୁକ୍ମିଣୀ ବେହେରା, ସୀମାଞ୍ଚଳ ମହାନ୍ତି, କେ. ଗଣେଶ, ଅମର ସେଠୀ, ରଶ୍ମିତା ସାହୁ, ମାଧୁରୀ ସାହୁ, ଜି. କ୍ରିଷ୍ଣାବେଣୀ, ଭାବଗ୍ରାହୀ ପରିଡ଼ା, ବନମାଳୀ ସାହୁ, ଶେରଗଡ଼ର ଲମ୍ବୋଦର ଡ଼ାକୁଆଙ୍କ ସମେତ ୨୨ ଜଣ ବିଜେଡିରେ ଯୋଗ ଦେଇଛନ୍ତି।

■ କେପିଙ୍କୁ ନେଇ ଦଳରେ ଉତ୍ସାହ

# 'ଆବେଦନ କରିନି, ହାଇକମାଣ୍ଡଙ୍କ ନିର୍ଦ୍ଦେଶ'

**ଢେଙ୍କାନାଳ ଅଫିସ, ୩୦।୩**



କେ.ପି. ସିଂଦେଓଙ୍କୁ କଂଗ୍ରେସ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା।

ଢେଙ୍କାନାଳ ଲୋକ ସଭା ଆସନ ଲାଗି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ (କେପି)ଙ୍କ ନାମ ଘୋଷଣା କରାଯିବା ପରେ ଦଳୀୟ କର୍ମୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି ହୋଇଛି। ଶନିବାର ନୂଆଦିଲ୍ଲୀରୁ ଫେରିବାପରେ ଶତାଧିକ କଂଗ୍ରେସ କର୍ମୀ ଗୋବିନ୍ଦପୁର ନିକଟରେ ସ୍ୱାଗତ ଜଣାଇଥିଲେ। ପରେ ବାଇକ୍ ରାଲିରେ ସହରସ୍ଥିତ ଗାନ୍ଧୀମନ୍ଦିରକୁ ପାଛୋଟି ଆଣିଥିଲେ। ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଦଳୀୟ ନେତୃବୃନ୍ଦ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ କେପି ସୁପରମାର୍କେଟସ୍ଥିତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ମହାପ୍ରଭୁ ଶ୍ରୀବଳରାମଙ୍କ ଦର୍ଶନ ସାରି ରାଜବାଟୀକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ରାଜବାଟୀ ପରିସରରେ ଗଣମାଧ୍ୟମକୁ କାମାକ୍ଷାପ୍ରସାଦ କହିଲେ, ରାଜନୀତିରୁ ସେ ପ୍ରାୟ ଦୂରେଇ ଯାଇଥିଲେ। ଚଳିତ ନିର୍ବାଚନରେ ଲଢ଼ିବାକୁ ଆବେଦନ ମଧ୍ୟ କରି ନ ଥିଲେ। ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ସେ ପ୍ରାର୍ଥୀ ହୋଇଛନ୍ତି। ଏଥର ଜୋର୍‌ଦାର ଲଢ଼େଇ ହେବ। ଅତୀତରେ ଶୂନରୁ ଆରମ୍ଭ କରି ଦଳ ଲୋକ ସଭାରେ ୭ ଆସନ ଜିତିଥିଲା। ଅସମ୍ଭବ ବୋଲି କିଛି ନାହିଁ। ସମସ୍ତଙ୍କ ସହଯୋଗ ମିଳିଲେ ସବୁକିଛି ସମ୍ଭବ ହୋଇପାରିବ। ଦେଶରେ ଢେଙ୍କାନାଳକୁ ଆଦର୍ଶ ଜିଲାରେ ପରିଣତ କରିବାକୁ ଉଦ୍ୟମ ଜାରି ରହିବ ବୋଲି ସେ କହିଛନ୍ତି। ସହଯୋଗୀଙ୍କ ସହ ଆଲୋଚନା କରିବା ପରେ ପ୍ରାର୍ଥୀପତ୍ର ଦାଖଲ ଦିବସ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଆଜସୁ ପାର୍ଟିର ଲୋକ ସଭା ଓ ବିଧାନସଭା ପ୍ରାର୍ଥୀ ଘୋଷଣା

**ବାରିପଦା ଅଫିସ,୩୦।୩**

ଆଜସୁ ପାର୍ଟି ପକ୍ଷରୁ ମୟୂରଭଞ୍ଜ ଜିଲାର ୯ ବିଧାନସଭା ଓ ଗୋଟିଏ ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। କେନ୍ଦ୍ରୀୟ କମିଟିର ନିଷ୍ପତ୍ତି ପରେ ପ୍ରାର୍ଥୀ ଘୋଷଣା କରାଯାଇଥିବା ଦଳର ରାଜ୍ୟ ସଭାପତି ଆନ୍ତା ଆଲୋକ ବାସ୍କେ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ମୟୂରଭଞ୍ଜ ଲୋକ ସଭା ଆସନରେ ଦଳର ଏମ୍‌ପି ପ୍ରାର୍ଥୀ ଭାବେ ଆନ୍ତା ଆଲୋକ ବାସ୍କେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଉଦଳା ବିଧାନସଭାରେ ମହାଦେବ ଟୁଡୁ, ବାଙ୍ଗିରିପୋଷି ବିଧାନସଭାରେ ଲାଦୁରାମ ସୋରେନ, ମୋରଡା ବମିଧାନସଭାରେ ଅରୁଣ କୁମାର ପଣ୍ଡା, ବାରିପଦା ବିଧାନସଭାରେ ଗୋପୀନାଥ ବାସ୍କେ, ବଡସାହି ବିଧାନସଭାରେ ରବୀନ୍ଦ୍ରନାଥ ସେଠୀ, ରାଇରଙ୍ଗପୁର ବିଧାନସଭାରେ ଭାଗବତ ମାରାଣ୍ଡି, କରଞ୍ଜିଆ ବିଧାନସଭାରେ ଚନ୍ଦ୍ରମୋହନ ମୁର୍ମୁ, ଯଶିପୁର ବିଧାନସଭାରେ ଖେଲାରାମ ମୁର୍ମୁ ଏବଂ ସାରସକଣା ବିଧାନସଭାରେ ଯଦୁନାଥ ଟୁଡୁ ପ୍ରମୁଖଙ୍କୁ ଦଳ ପ୍ରାର୍ଥୀ କରିଛି। ବାଲେଶ୍ୱର ଜିଲାର ନୀଳଗିରି ବିଧାନସଭା ଆନ ଲାଗି ରୀତା ହେମ୍ବ୍ରମ ଓ ଜଳେଶ୍ୱର ବିଧାନସଭା ଆସନ ପାଇଁ ପ୍ରଭାକର ହାଁସଦା ପ୍ରାର୍ଥୀ ରହିଛନ୍ତି।

# ଆଜି ଭାଜପାରେ ମିଶିବେ ଜୟନ୍ତ

**ପୁରୀ ଅଫିସ,୩୦।୩**



ବିଜେଡିରୁ ଇସ୍ତଫା ଦେବା ପରେ ପୁରୀର ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କୁ ନେଇ ଲାଗିରହିଥିବା କଳ୍ପନାଜଳ୍ପନାର ଅବସାନ ଘଟିବାକୁ ଯାଉଛି। ସେ ଭାଜପାରେ ମିଶିବେ ବୋଲି ସୂଚନା ମିଳିଛି। ରବିବାର ଅପରାହ୍ନରେ ଭୁବନେଶ୍ୱର ପାର୍ଟି ଅଫିସରେ ଆୟୋଜିତ ମିଶ୍ରଣ ପର୍ବରେ ସେ ପଦ୍ମ ଧରିବେ। ପୁରୀ ବିଧାନସଭା ଆସନରୁ ସେ ଭାଜପା ପ୍ରାର୍ଥୀ ହୋଇ ମହେଶ୍ୱର ମହାନ୍ତିଙ୍କୁ ଟକ୍କର ଦେବେ ବୋଲି ତାଙ୍କ ନିକଟତମ ସୂତ୍ରରୁ ଜଣାପଡିଛି।

ଜୟନ୍ତ ସତ୍ୟବାଦୀ ବିଧାନସଭା ଆସନ ଉପରେ ଆଖି ପକାଇଥିଲେ। ତାଙ୍କୁ ବିଜେଡି ଟିକେଟ ଦେବ ବୋଲି ସେ ଆଶାବାଦୀ ଥିଲେ। ଦଳୀୟ ନେତୃତ୍ୱ ମଧ୍ୟ ତାଙ୍କୁ ସେଠାରେ ସଙ୍ଗଠନ ସୁଦୃଢ କରିବାକୁ ଦାୟିତ୍ୱ ଦେଇଥିବା ଜୟନ୍ତ କହିଥିଲେ। ହେଲେ ସତ୍ୟବାଦୀରୁ ବିଜେଡି ଉମାକାନ୍ତ ସାମନ୍ତରାୟଙ୍କୁ ପ୍ରାର୍ଥୀ କରିବା ପରେ ଜୟନ୍ତ ଦଳ ଛାଡ଼ିଥିଲେ। ଗତ ଗୁରୁବାର ସେ ତାଙ୍କ ଇସ୍ତଫାପତ୍ର ଦଳ ସଭାପତିଙ୍କ ପାଖକୁ ପଠାଇବା ପରେ ଭାଜପାରେ ମିଶିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ହେଲେ ଏହାକୁ ଏଡାଇଯାଇ ସମର୍ଥକ ଓ ଶୁଭେଚ୍ଛୁଙ୍କ ସହ ଆଲୋଚନା ପରେ ଯାହା କିଛି ନିଷ୍ପତ୍ତି ନେବି ବୋଲି ଜୟନ୍ତ କହିଥିଲେ। ଇତିମଧ୍ୟରେ ସେ ଭାଜପାରେ ମିଶିବାକୁ ଯାଉଛନ୍ତି।

ଅନ୍ୟପକ୍ଷରେ ମହେଶ୍ୱରଙ୍କୁ ଟକ୍କର ଦେବା ଲାଗି ଜୟନ୍ତ ସମର୍ଥ ହେବେ ଏହା ଉପଲବ୍ଧି କରିବା ପରେ ଭାଜପା ତାଙ୍କୁ ପ୍ରାର୍ଥୀ କରିବାକୁ ମନସ୍ଥ କରିଥିବା ଦଳୀୟ କର୍ମୀଙ୍କ ମଧ୍ୟରେ ଆଲୋଚନା ଚାଲିଛି। ତେବେ ଜୟନ୍ତ ଦଳରେ ମିଶୁଥିବା ଖବର ପାଇବା ପରେ ପୁରୀ ଭାଜପା ଶିବିରରେ ମଧ୍ୟ ଅସନ୍ତୋଷର ଆଭାସ ମିଳିଛି। ଏଠାରୁ ପ୍ରାର୍ଥୀ ହେବା ଲାଗି ବହୁ ଆଶାୟୀ ଥିଲେ, ଯେଉଁଥିପାଇଁ ଦଳ ଜିଲାର ଅନ୍ୟ ୫ଟି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଚୂଡ଼ାନ୍ତ କରିସାରିଥିଲେ ହେଁ ପୁରୀରେ ଅଟକି ଯାଇଥିଲା। ତେଣୁ ଜୟନ୍ତ ଯଦି ଭାଜପାରୁ ପ୍ରାର୍ଥୀ ହୁଅନ୍ତି ତେବେ ଅନ୍ୟ ଆଶାୟୀଙ୍କ ଭୂମିକା କ'ଣ ହେବ ତାହା ଉପରେ ଏବେ ସମସ୍ତଙ୍କ ନଜର।

# କଳିକେଶଙ୍କ ପାଇଁ ଭୋଟଭିକ୍ଷା କଲେ ମା' ବିଜୟଲକ୍ଷ୍ମୀ

**ବୀରମହାରାଜପୁର, ୩୦।୩ (ଡି.ଏନ.ଏ)**

ବଲାଙ୍ଗୀର ଲୋକ ସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ହୋଇଥିବା କଳିକେଶ ନାରାୟଣ ସିଂଦେଓଙ୍କ ପାଇଁ ପ୍ରଚାରରେ ବାହାରିଛନ୍ତି ତାଙ୍କ ମା' ବିଜୟଲକ୍ଷ୍ମୀ ସିଂଦେଓ। ଶନିବାର ସେ ବୀରମହାରାଜପୁର ବିଧାନସଭା କ୍ଷେତ୍ର ଅଧିନ ଉଲୁଣ୍ଡା ବ୍ଲକର ଜାଲୋଏ ଓ କଳାପଥର ପଞ୍ଚାୟତର କେତେକ ଗାଁ ବୁଲି ଭୋଟ ଭିକ୍ଷା କରିଥିଲେ। ତାଙ୍କ ସହିତ ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରାଙ୍କ ସ୍ତ୍ରୀ ତଥା ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା ସାମିଲ ଥିଲେ।



ବିଜୟଲକ୍ଷ୍ମୀ ସିଂଦେଓ ଭୋଟ ପ୍ରଚାର କରୁଛନ୍ତି।

# ‘ପ୍ରଧାନମନ୍ତ୍ରୀ ସେନାର ଅପବ୍ୟବହାର ବନ୍ଦ କରନ୍ତୁ’

ନୂଆଦିଲ୍ଲୀ,୩୦।୩(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ରାଜନୈତିକ ଫାଇଦା ପାଇଁ ସଶସ୍ତ୍ର ବଳର ଅପବ୍ୟବହାର ବନ୍ଦ କରନ୍ତୁ ବୋଲି ଶନିବାର କଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯାଇଛି। ନିର୍ବାଚନ ପ୍ରଚାର ବେଳେ ମୋଦି ପ୍ରକୃତ ପ୍ରସଙ୍ଗଠାରୁ ଦୂରେଇ ଯାଉଥିବା


ଆନନ୍ଦ ଶର୍ମା

କଂଗ୍ରେସ ମୁଖପାତ୍ର ଆନନ୍ଦ ଶର୍ମା ଅଭିଯୋଗ କରିଛନ୍ତି। ମୋଦି ଏକମାତ୍ର ପ୍ରଧାନମନ୍ତ୍ରୀ ଯିଏ ଦେଶର ସଫଳତାକୁ ନିଜର ବ୍ୟକ୍ତିଗତ ସଫଳତା ଭାବୁଛନ୍ତି। ସୈନ୍ୟବାହିନୀ ଦେଶର, ଏହା କୌଣସି ଦଳ କିମ୍ବା ପ୍ରଧାନମନ୍ତ୍ରୀଙ୍କର ନୁହେଁ। ଯବାନମାନେ ଭୋଟ ପାଇଁ ବଳିଦାନ ଦେଉନାହାନ୍ତି। ତେଣୁ ରାଜନୈତିକ ଫାଇଦା ପାଇଁ ସେନାର ବ୍ୟବହାର ଲଜ୍ଜାଜନକ ବୋଲି ଶର୍ମା କହିଛନ୍ତି।

## ମେଣ୍ଟରୁ ଓହରିଲା ନିଶାଦ ପାର୍ଟି

# ଗୋରଖପୁରରେ ପ୍ରାର୍ଥୀ ଦେଲା ଏସ୍‌ପି

ଲକ୍ଷ୍ନୌ,୩୦।୩(ପି.ଟି.)

ଉତ୍ତରପ୍ରଦେଶରେ ଏସ୍‌ପି-ବିଏସ୍‌ପି ମେଣ୍ଟରୁ ନିଶାଦ ପାର୍ଟି ଓହରିଯିବା ପରେ ସମାଜବାଦୀ ପାର୍ଟି ଶନିବାର ଗୋରଖପୁର ଆସନ ପାଇଁ ରାମ ଭୁଆଲ ନିଶାଦଙ୍କୁ ପ୍ରାର୍ଥୀ କରିଛି। ଶୁକ୍ରବାର ରାତିରେ ନିଶାଦ ପାର୍ଟି ହଠାତ ମେଣ୍ଟରୁ ଓହରିଯିବା ସହ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଥିଲା। ରାମ ଭୁଆଲ ପୂର୍ବରୁ ଦୁଇ ଥର କୌଦିରାମ ଆସନରୁ ବିଧାୟକ ଥିଲେ ଏବଂ ୨୦୦୭ରେ ମାୟାବତୀ ସରକାରରେ ମନ୍ତ୍ରୀ ହୋଇଥିଲେ। ୪ ଦିନ ପୂର୍ବରୁ ନିଶାଦ ପାର୍ଟି ମେଣ୍ଟରେ ସାମିଲ ହୋଇଥିଲା ଏବଂ ଏହାର ଏମ୍‌ପି ପ୍ରବୀଣ ନିଶାଦ ଗୋରଖପୁର ଆସନରୁ ପ୍ରାର୍ଥୀ ହେବା ବିଶ୍ୱାସ କରାଯାଉଥିଲା।

## ପ୍ରାର୍ଥିପତ୍ର ଦାଖଲ କଲେ ଅମିତ୍ ଶାହ

# ଏନ୍‌ଡିଏର ଶକ୍ତି ପ୍ରଦର୍ଶନ


ଏନ୍‌ଡିଏ ସମାବେଶରେ ଅମିତ୍ ଶାହଙ୍କ ସହିତ ରାଜନାଥ ସିଂ, ନୀତିନ ଗଡକରି, ଉଦ୍ଧବ ଠାକ୍‌ରେ, ରାମବିଳାସ ପାଶ୍ୱାନ ପ୍ରମୁଖ।

ଗାନ୍ଧୀନଗର,୩୦।୩(ପି.ଟି.)

ଭାରତୀୟ ଜନତା ପାର୍ଟି (ଭାଜପା)ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଶନିବାର ଗୁଜରାଟର ଗାନ୍ଧୀନଗର ନିର୍ବାଚନମଣ୍ଡଳୀ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ସମ୍ମାନଜନକ ଆସନରୁ ସର୍ବବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ ୧୯୯୮ରୁ ପ୍ରତିନିଧିତ୍ୱ କରିଆସୁଥିଲେ। ନାମାଙ୍କନପତ୍ର ଦାଖଲ ବେଳେ ଶାହଙ୍କ ସହ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ, ସହଯୋଗୀ ଦଳ ଶିବସେନାର ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୁପାନି ଉପସ୍ଥିତ ଥିଲେ। ଭାଜପା ଅଧ୍ୟକ୍ଷ ତାଙ୍କ ନାମାଙ୍କନପତ୍ର ଗାନ୍ଧୀନଗର ଜିଲାପାଳ ତଥା ରିଟର୍ନିଂ ଅଫିସର ଏସ.କେ. ଲାଙ୍ଗାଙ୍କ ପାଖରେ ଦାଖଲ କରିଥିଲେ। ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ଅନୁଷ୍ଠିତ ସଭା ଓ ରୋଡ୍ ଶୋରେ ଏନ୍‌ଡିଏ ଏହାର ଶକ୍ତି ପ୍ରଦର୍ଶନ କରିଛି।

୪ କିଲୋମିଟର ବ୍ୟାପୀ ଅନୁଷ୍ଠିତ ରୋଡ୍ ଶୋରେ ଲକ୍ଷ ଲକ୍ଷ ଲୋକ ସାମିଲ ହୋଇଥିଲେ। ଅହମଦାବାଦର ନାରନପୁରା ଅଞ୍ଚଳରେ ଥିବା ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତି ନିକଟରୁ ଏହି ରୋଡ୍ ଶୋ ବାହାରିଥିଲା। ୨୦୧୪ ଭଳି ଏଥର ମଧ୍ୟ ଗୁଜରାଟର ସମସ୍ତ ୨୬ଟି ଆସନ ଜିତିବାକୁ ଭାଜପା ଲକ୍ଷ୍ୟ ରଖିଛି।

ରୋଡ୍ ଶୋ ପୂର୍ବରୁ ଅହମଦାବାଦରେ ଏକ ବିଶାଳ ଜନସଭାକୁ ଶାହ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଉଦ୍ଧବ ଠାକ୍‌ରେ, ଏସ୍‌ଏଡି ଅଧ୍ୟକ୍ଷ ପ୍ରକାଶ ସିଂ ବାଦଲ, ଏଲ୍‌ଜେପି ପ୍ରତିଷ୍ଠାତା ରାମବିଳାସ ପାଶ୍ୱାନ ପ୍ରମୁଖ ଉପସ୍ଥିତ ଥିଲେ। ଜନସାଧାରଣ ଦୀର୍ଘ ୭୦ ବର୍ଷ ଧରି ଯେଉଁ ନେତୃତ୍ୱକୁ ଅପେକ୍ଷା କରି ରହିଥିଲେ ସେମାନେ ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରେ ପାଇଛନ୍ତି ବୋଲି ଭାଜପା ଅଧ୍ୟକ୍ଷ କହିଛନ୍ତି। କିଏ ଦେଶକୁ ନେତୃତ୍ୱ ଦେବ ତାହା ନିର୍ବାଚନର ଏକମାତ୍ର ପ୍ରସଙ୍ଗ। କେବଳ ମୋଦି ଏବଂ ଏନ୍‌ଡିଏ ସରକାର ଦେଶକୁ ସୁରକ୍ଷା ଦେଇପାରିବ ବୋଲି ସେ ଦୋହରାଇଥିଲେ। ପାକିସ୍ତାନଠାରୁ ବାଂଲାଦେଶକୁ ସ୍ୱାଧୀନ କରିବା ଶ୍ରେୟ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଦିଆଯାଉଥିବାବେଳେ ବାଲାକୋଟ ଏୟାରଷ୍ଟ୍ରାଇକ୍‌ର ଶ୍ରେୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କ’ଣ ପାଇଁ ଦିଆଯିବନି ବୋଲି ରାଜନାଥ ପ୍ରଶ୍ନ କରିଥିଲେ। ପୁଲ୍‌ୱାମା ଆକ୍ରମଣରେ ୪୯ ସିଆରପିଏଫ୍ ଯବାନ ଶହୀଦ ହେବା ପରେ ମୋଦି ସେନାବାହିନୀକୁ କାର୍ଯ୍ୟାନୁଷ୍ଠାନର ପୂର୍ଣ୍ଣକ୍ଷମତା ଦେଇଥିଲେ। ଆତଙ୍କବାଦୀଙ୍କ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ଇଚ୍ଛାଶକ୍ତି ନିମନ୍ତେ ତାଙ୍କୁ କାହିଁକି ପ୍ରଶଂସା କରା ନ ଯିବ ବୋଲି ରାଜନାଥ ପ୍ରଶ୍ନ କରିଥିଲେ। ସମାବେଶରେ ଯୋଗଦେଇ ଶିବସେନା ଅଧ୍ୟକ୍ଷ କହିଥିଲେ, ଭାଜପା ସହ ବିଭିନ୍ନ ପ୍ରସଙ୍ଗରେ ତାଙ୍କ ଦଳର ପୂର୍ବରୁ ମତାନ୍ତର ଥିଲା। ଏବେ ସେହି ପ୍ରସଙ୍ଗଗୁଡ଼ିକର ସମାଧାନ ହୋଇଯାଇଛି।

# ‘ପରିବେଶ ଉନ୍ନତି ପାଇଁ ଗ୍ରାମସଭାରେ ଯୁବକଙ୍କୁ ନିଯୁକ୍ତି ମିଳିବ’

ନୂଆଦିଲ୍ଲୀ,୩୦।୩(ପି.ଟି.)

କଂଗ୍ରେସ କେନ୍ଦ୍ରରେ କ୍ଷମତାକୁ ଆସିଲେ ପରିବେଶର ଉନ୍ନତି ପାଇଁ ଗ୍ରାମସଭାଗୁଡ଼ିକରେ ଲକ୍ଷ ଲକ୍ଷ ଯୁବକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଦଳ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶନିବାର ଘୋଷଣା କରିଛନ୍ତି। ଦେଶର ଜଳ ଉତ୍ସଗୁଡ଼ିକର ପରିଚାଳନା ଏବଂ ପୁନରୁଦ୍ଧାର, ପରିତ୍ୟକ୍ତ ଓ ଅନୁନ୍ନତ ଜମିରେ ବନୀକରଣ ଆବଶ୍ୟକ। ଏଥିପାଇଁ ଗ୍ରାମାଞ୍ଚଳର ଲକ୍ଷ ଲକ୍ଷ ଯୁବତୀଯୁବକଙ୍କୁ ନିୟୋଜିତ କରାଯାଇପାରିବ। କଂଗ୍ରେସ ଖୁବ୍‌ଶୀଘ୍ର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିବ। ଏଥିରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି,



କୃଷି ସମସ୍ୟା ଦୂରୀକରଣତ ତଥା ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରର ସୁଦୃଢ଼ୀକରଣ ଉପରେ ପ୍ରାଥମିକତା ଦିଆଯିବ ବୋଲି ରାହୁଲ କହିଛନ୍ତି। ଏଥିସହିତ ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବା ଲାଗି ଯୋଜନା ପ୍ରସ୍ତୁତ ହେବ ବୋଲି କଂଗ୍ରେସ ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

## ୩ କାର୍‌ରୁ ୧୦ କୋଟି ଜବତ

**ଖାନ୍ନା,୩୦।୩(ପି.ଟି.):** ପଞ୍ଜାବ ପୋଲିସ ତିନୋଟି ଏସ୍‌ୟୁଭିରୁ ପାଖାପାଖି ୧୦ କୋଟି ଟଙ୍କା ଜବତ କରିଛି। ଏହି ଟଙ୍କାକୁ ଆୟକର ବିଭାଗ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ହସ୍ତାନ୍ତର କରାଯିବା ସହ ଅଧିକ ତଦନ୍ତ ଜାରି ରହିଛି। ଲୁଧିଆନାରୁ ଅମ୍ବାଲା ଯାଉଥିବା ଏହି କାରରେ ଟଙ୍କା ଥିବା ଗୋଇନ୍ଦା ସୂଚନା ପାଇ ପୋଲିସ ଏହାର ପିଛା କରିଥିଲା। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ଏହା ସର୍ବାଧିକ ଜବତ ଅର୍ଥ ବୋଲି କୁହାଯାଉଛି।

## ଏନ୍‌ପିପି କର୍ମୀଙ୍କୁ ହତ୍ୟା

**ଇଟାନଗର,୩୦।୩(ପି.ଟି.):** ଅରୁଣାଚଳପ୍ରଦେଶର ଏକ ଗାଁରେ ନ୍ୟାଶନାଲ୍ ପିପୁଲ୍ସ ପାର୍ଟି(ଏନ୍‌ପିପି)ର ଜଣେ କର୍ମୀଙ୍କୁ ହତ୍ୟା କରାଯାଇଛି। ‘ନ୍ୟାଶନାଲ ସୋସିଆଲିଷ୍ଟ କାଉନସିଲ୍ ଅଫ୍ ନାଗାଲାଣ୍ଡ’ର ଜଣେ ସଦସ୍ୟ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଏନ୍‌ପିପି କର୍ମୀ ଜାଲେ ଆନ୍ନା ଏବଂ ତାଙ୍କ ସାଥୀ ଖାମ୍ ନୈ ଅଭିଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଆନ୍ନାଙ୍କ ମୃତ୍ୟୁ ଘଟିଥିବା ବେଳେ ଅଭିଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି।

## ଗାନ୍ଧୀ ପରିବାରକୁ ପ୍ରଥମ ପରିବାର ଦାବି କଲା କଂଗ୍ରେସ

# ‘ରାହୁଲ ହେବେ ପ୍ରଧାନମନ୍ତ୍ରୀ’

ନୂଆଦିଲ୍ଲୀ,୩୦।୩(ପି.ଟି.)

ଗାନ୍ଧୀ ପରିବାର ଦେଶର ପ୍ରଥମ ପରିବାର ଏବଂ ଦେଶ ସେମାନଙ୍କ ନିକଟରେ କୃତଜ୍ଞ ରହିବା ଉଚିତ ବୋଲି କଂଗ୍ରେସ ନେତା ପି.ସି. ଚାକୋ ମନ୍ତବ୍ୟ ଦେଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି। ଭାରତର ପ୍ରଥମ ପରିବାର ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ନକାରାତ୍ମକ ମନୋଭାବ ରହିଛି। ପ୍ରଧାନମନ୍ତ୍ରୀ ମହାକାଶରେ ଭାରତର ସଫଳତା କଥା କହୁଛନ୍ତି। ବାସ୍ତବରେ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଯୋଜନା ଏବଂ ନେତୃତ୍ୱ ଯୋଗୁ ଭାରତ ଆଜି ଏଭଳି ସ୍ଥାନରେ ପହଞ୍ଚିପାରିଛି ବୋଲି ଚାକୋ କହିଥିଲେ। ମୋଦି ଭାରତର ଇତିହାସ ସମ୍ପର୍କରେ ସଚେତନ ନାହାନ୍ତି। ଦେଶ ସ୍ୱାଧୀନ ବେଳର ଅବସ୍ଥା କ’ଣ ଥିଲା


ପି.ସି. ଚାକୋ

ବୋଲି ସେ ପ୍ରଶ୍ନ କରିଛନ୍ତି। ସବୁଜ ବିପ୍ଳବ, ଶ୍ୱେତ ବିପ୍ଳବ ଆଦି ମାଧ୍ୟମରେ ଭାରତ ଆତ୍ମନିର୍ଭରଶୀଳ ହୋଇଛି। ସେଗୁଡିକ ନେହେରୁଙ୍କ ସମୟରେ ହୋଇଥିଲା। ନେହେରୁ ଏବଂ ଗାନ୍ଧୀ ପରିବାରର ଅବଦାନକୁ ଭୁଲି ହେବନି ବୋଲି କଂଗ୍ରେସ ନେତା କହିଛନ୍ତି।

ଗାନ୍ଧୀ-ଭଦ୍ରା ବଂଶବାଦକୁ ନେଇ ପ୍ରଧାନମନ୍ତ୍ରୀ ସମାଲୋଚନା କରୁଥିବାରୁ ଏହାର ଜବାବରେ ଚାକୋ ଉପରୋକ୍ତ ମତ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଶୁକ୍ରବାର ଏକ ସାକ୍ଷାତ୍‌କାରରେ ଗାନ୍ଧୀ ପରିବାରକୁ ସମାଲୋଚନା କରି ସେମାନେ ନିଜକୁ ରାଜା ମହାରାଜା ଭାବୁଛନ୍ତି ବୋଲି କହିଥିଲେ। ଏହି ଦଳକୁ ଅନେକ ନୋଟିସ ହୋଇଛି। ନ୍ୟାଶନାଲ ହେରାଲ୍ଡ ମାମଲାରେ ବାରମ୍ବାର ନୋଟିସ ସତ୍ତ୍ୱେ ସେମାନେ ଉତ୍ତର ନ ଦେବାରୁ କୋର୍ଟକୁ ଯିବାକୁ ପଡିଲା ବୋଲି ମୋଦି କହିଥିଲେ। ଏହାର ଜବାବରେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ତାଙ୍କ ପରିବାର କେବେ ନିଜକୁ ରାଜା ମହାରାଜା ଭାବିନାହିଁ। ଗାନ୍ଧୀ ପରିବାର ରାଜା-ମହାରାଜାଙ୍କ ବିରୋଧରେ କାର୍ଯ୍ୟ କରିଥିଲା ବୋଲି ସେ କହିଛନ୍ତି।

# ‘ବିକାଶରେ ବିରୋଧୀ ହତୋତ୍ସାହୀ’

ନୂଆଦିଲ୍ଲୀ,୩୦।୩(ପି.ଟି.)

ଦେଶର ଅଭିବୃଦ୍ଧିରେ ବିରୋଧୀ ଦଳଗୁଡିକ ହତୋତ୍ସାହ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅରୁଣାଚଳପ୍ରଦେଶରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି କହିଛନ୍ତି। ଦେଶକୁ ସୁରକ୍ଷା ଦେଇପାରିବା ଭଳି ଚୌକିଦାରଙ୍କୁ


ନରେନ୍ଦ୍ର ମୋଦି

ଭୋଟ ଦେବା ପାଇଁ ସେ ଅରୁଣାଚଳବାସୀଙ୍କୁ ଅନୁରୋଧ କରିଛନ୍ତି। ବିରୋଧୀ ଦଳ କଂଗ୍ରେସ ଦୁର୍ନୀତିର ପ୍ରତିଶବ୍ଦ ପାଲଟିଛି। ଲୋକଙ୍କୁ ଭୁଲ୍ ପ୍ରତିଶ୍ରୁତି ଦେଇ ବିଭ୍ରାନ୍ତ କରିବା ଏହି ଦଳର ଅଭ୍ୟାସରେ ପରିଣତ ହୋଇଥିବା ମୋଦି କହିଛନ୍ତି। ଦେଶର ବିକାଶ ଏବଂ ସଫଳତାରେ ସମସ୍ତେ ଖୁସି ହେଉଥିବା ବେଳେ କେତେଜଣ ହତାଶ ହୋଇପଡୁଛନ୍ତି। ଆତଙ୍କବାଦୀଙ୍କ ଘରେ ପଶି ଭାରତ ସେମାନଙ୍କ ଉପରେ ଆକ୍ରମଣ କରୁଥିବାବେଳେ ବିରୋଧୀଙ୍କ ଆଭିମୁଖ୍ୟ କ’ଣ ତାହା ଆପଣମାନେ ଦେଖୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଅରୁଣାଚଳ ଭୋଟର ଏଥର ଭାଜପାକୁ ୬୦ ବିଧାନସଭା ଆସନ ଓ ୨ ଲୋକସଭା ଆସନରେ ଜିତାଇବେ ବୋଲି ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ୬୦ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ଭାଜପା ତିନୋଟି ଆସନରେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇ ଖାତା ଖୋଲିସାରିଲାଣି।

ଆସାମରେ ଅନ୍ୟ ଏକ ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ୭୦ ଦଶକରେ କଂଗ୍ରେସ ସରକାରଙ୍କ ଭୁଲ୍ ନୀତି ଯୋଗୁ ଏବେ ଆସାମ ଏବଂ ଅନ୍ୟ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡିକ ଅନୁପ୍ରବେଶ ଜନିତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। କଂଗ୍ରେସ କିପରି ଆସାମକୁ କ୍ରମାଗତ ଭାବେ ପ୍ରତାରିତ କରିଆସିଛି ତାହା ଯୁବ ପିଢ଼ି ବୟସ୍କମାନଙ୍କୁ ପଚାରିଲେ ଜାଣିପାରିବେ ବୋଲି ମୋଦି କହିଥିଲେ। ଦେଶର ବିକାଶ ଚାହୁଁ ନ ଥିବା ଏବଂ ଜାତୀୟ ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଥିବା ଦଳ ଆସାମର ବିକାଶ କରିବ କି ବୋଲି ସେ ପ୍ରଶ୍ନ କରିଥିଲେ।


**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଫାଇଲ୍ ସଂ. DRM/Engg/KUR/18-19/E-Tender/29 ତା.26.03.2019ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender ESTATE-KUR-394-2018, ତା.25.03.2019ରିଖ

**ବିବରଣୀ :** ରେଳ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଠାରେ D/51 ଠାରୁ D/100 (150 ୟୁନିଟ୍) ପର୍ଯ୍ୟନ୍ତ ‘D’ ଟାଇପ୍ କ୍ୱାର୍ଟରଗୁଡ଼ିକର କ୍ଷତିଗ୍ରସ୍ତ କବାଟ ଓ ଝରକାଗୁଡ଼ିକର ପୁନଃପ୍ରତିଷ୍ଠା, ରୁଫ୍ ସିଲିଙ୍ଗ୍, ବିମ୍‌ଗୁଡ଼ିକ ଠାରେ ସ୍ପାଲ୍ଡ କ୍ରଂକ୍ରିଟ (Spalled Concrete)ର ମରାମତି, ଜଳମଗ୍ନ ଅଂଶ (Sunken Portion) ସହିତ ଶୌଚାଳୟ ଗୁଡ଼ିକର ମରାମତି, ସାନିଟାରୀ ଫିଟିଙ୍ଗ୍‌ଗୁଡ଼ିକର ପୁନଃପ୍ରତିଷ୍ଠା, ଡିସ୍‌ଟେମ୍ପରିଙ୍ଗ୍, ପେଣ୍ଟିଙ୍ଗ୍ ରୁଫ୍ ଲିକେଜ୍‌ର ମରାମତି ଭଳି ବିବିଧ ମରାମତି କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 234.74 ଲକ୍ଷ, EMD (ଟଙ୍କାରେ) : 2,67,400/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 06 (ଛଅ) ମାସ।

(2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender SOUTH-KUR-395-2018, ତା.25.03.2019ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ବ୍ରହ୍ମପୁର ପରିସୀମା ଅଧୀନରେ ଗଞ୍ଜାମ-ପଲାସା ସେକ୍ସନର ବିଭିନ୍ନ ପ୍ୟାଚ୍‌ଗୁଡ଼ିକରେ BCM କାର୍ଯ୍ୟପ୍ରଣାଳୀ ସହିତ ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ପରିଚାଳନା ଏବଂ ଅନ୍ୟ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 131.17 ଲକ୍ଷ, EMD (ଟଙ୍କାରେ) : 2,15,600/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 10 (ଦଶ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ) :** ତା.17.04.2019 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-573/J/18-19

See Career Appointment on every **Wednesday & Saturday**



IN THE STATE CONSUMER DISPUTE REDRESSAL COMMISSION ODISHA, CUTTACK

**FIRST APPEAL NO-154/2018**

**Karnataka Bank Ltd......................Appellant**

**Vs**

**Saik Anisuddin...............................Respondent**

**ADDRESSEE**

**Respondent:** Saik Anisuddin, Age- 52 years, S/o- Saik Allauddin, At-Plot No-2/3, Allauddin Palace, Dev Lane, Dumduma, PO/PS- Khandagiri, Bhubaneswar-751019, Dist.-Khordha.

To know the addressee that the above mentioned Appellant has filed the Appeal against you before the hon'ble State consumer dispute redressal Commission, Cuttack and in spite of service of notice as per the direction of hon'ble commission, you have failed to appear in person or through your representative to contest the case. Hence notice is being published as per the direction of hon'ble commission, inter-alia informing you to cause your appearance on or before 17.04.19 in the Appeal pending before the Hon'ble commission, failing which appropriate order shall be passed ex-parte by the hon'ble commission.

By the order of the SCRDC, Odisha, Cuttack

**Date:** 17.04.19
**Place:** Cuttack

**Sd./- Secretary SCDRC, Odisha, Cuttack**



**FORM NO.13**

**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. NO. 432/17**

**UCO Bank** ...APPLICANT
Versus
**M/s. Sujala Drinks & others** ...DEFENDANTS

To
1. **M/s. Sujala Drinks, Prop.: Sri Raj Kishore Patra,** Plot No.: 222, Pallahat, Sanapalla, Dist.: Khordha-752065
2. **Sri Raj Kishore Patra,** S/o- Bhramar Patra, Prop.: M/s. Sujala Drinks, Via: Pallahat, Khurda.
3. **Smt. Damayanti Routray,** W/o- Sri Ramesh Routray, Ward No.: 2, N.A.C. Khordha, Dist.: Khordha.
4. **Sri Rupak Routray,** S/o- Sri Ramesh Chandra Routray, At/P.O.: Sanapalla, Dist.: Khordha.
5. **Sri Prafulla Chandra Routray,** S/o- Sri Hatanath Routray, At/P.O.: Sanapalla, Dist.: Khordha.
6. **Sri Pratap Chandra Routray,** S/o- Sri Hatanath Routray, At/P.O.: Sanapalla, Dist.: Khordha.
7. **Smt. Binodini Samantaray,** W/o- Sri Prabhakar Samantaray, At/P.O.: Kaipadar, Dist.: Khordha.
8. **Sri Bhramar Patra,** S/o- Harihar Patra, At/P.O.: Kaipadar, Dist.: Khordha

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 432/17** in the Court of the Debts of Recovery Tribunal, Cuttack for recovery of **Rs.25,79,848.08** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **02.05.2019 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **19th day of March, 2019.**

**Sd/- REGISTRAR**



**ଗୁରୁତ୍ୱପୂର୍ଣ୍ଣ ସୂଚନା**

**ବିଭିନ୍ନ ସଂରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍ ଚଳାଚଳ ବାତିଲ୍**

| ଟ୍ରେନ୍ ନଂ. | ଠାରୁ | ପର୍ଯ୍ୟନ୍ତ | ପ୍ରାରମ୍ଭିକ ଷ୍ଟେସନରୁ ଯାତ୍ରା ଆରମ୍ଭ |
|---|---|---|---|
| 22874 | ବିଶାଖାପାଟଣା | ଦୀଘା | 04.04.2019 ଏବଂ 11.04.2019 |
| 22873 | ଦୀଘା | ବିଶାଖାପାଟଣା | 05.04.2019 ଏବଂ 12.04.2019 |
| 22810 | ବିଶାଖାପାଟଣା | ପାରାଦୀପ | 31.03.2019, 07.04.2019 ଏବଂ 14.04.2019 |
| 22809 | ପାରାଦୀପ | ବିଶାଖାପାଟଣା | 03.04.2019, 10.04.2019 ଏବଂ 17.04.2019 |
| 22814 | ପାରାଦୀପ | ସାନ୍ତ୍ରାଗାଛି | 01.04.2019, 08.04.2019 ଏବଂ 15.04.2019 |
| 22813 | ସାନ୍ତ୍ରାଗାଛି | ପାରାଦୀପ | 02.04.2019, 09.04.2019 ଏବଂ 16.04.2019 |
| 22890 | ପୁରୀ | ଦୀଘା | 06.04.2019 ଏବଂ 13.04.2019 |
| 22889 | ଦୀଘା | ପୁରୀ | 07.04.2019 ଏବଂ 14.04.2019 |
| 22804 | ସମ୍ବଲପୁର | ହାଓଡ଼ା | 05.04.2019 ଏବଂ 12.04.2019 |
| 22803 | ହାଓଡ଼ା | ସମ୍ବଲପୁର | 06.04.2019 ଏବଂ 13.04.2019 |
| 18512 | ବିଶାଖାପାଟଣା | କୋରାପୁଟ | 01.04.2019, 05.04.2019, 08.04.2019, 12.04.2019 ଏବଂ 15.04.2019 |
| 18511 | କୋରାପୁଟ | ବିଶାଖାପାଟଣା | 02.04.2019, 06.04.2019, 09.04.2019, 13.04.2019 ଏବଂ 16.04.2019 |
| 68028 | ସମ୍ବଲପୁର | ରାଉରକେଲା | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 68031 | ଝାରସୁଗୁଡ଼ା | ସମ୍ବଲପୁର | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58301 | ସମ୍ବଲପୁର | କୋରାପୁଟ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58302 | କୋରାପୁଟ | ସମ୍ବଲପୁର | 02.04.2019 ଠାରୁ 16.04.2019 ପର୍ଯ୍ୟନ୍ତ |
| 58303 | ସମ୍ବଲପୁର | ଜୁନାଗଡ଼ ରୋଡ଼ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58304 | ଜୁନାଗଡ଼ ରୋଡ଼ | ସମ୍ବଲପୁର | 02.04.2019 ଠାରୁ 16.04.2019 ପର୍ଯ୍ୟନ୍ତ |
| 58529 | ଦୁର୍ଗ | ବିଶାଖାପାଟଣା | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58530 | ବିଶାଖାପାଟଣା | ଦୁର୍ଗ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58217 | ଟିଟିଲାଗଡ଼ | ରାୟପୁର | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58218 | ରାୟପୁର | ଟିଟିଲାଗଡ଼ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58406 | ପାରାଦୀପ | କଟକ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58405 | କଟକ | ପାରାଦୀପ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58436 | କଟକ | ଭଦ୍ରକ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58435 | ଭଦ୍ରକ | କଟକ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |



**ପୂର୍ବ ତଟ ରେଳପଥ**

PR-577/J/18-19







"ଜ୍ଞାନୀ ଲୋକମାନେ ଧନନଷ୍ଟ କିମ୍ବା ମୃତ୍ୟୁ ପାଇଁ ଶୋକ କରନ୍ତି ନାହିଁ।
- ବ୍ୟାସଦେବ



## ଏଇ ସପ୍ତାହର କାର୍ଯ୍ୟକ୍ରମ

### ୩୧।୩।୨୦୧୯(ରବିବାର)

**ଭୁବନେଶ୍ୱର**

- ରୋଟାରୀ କ୍ଲବ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ୟୁଜିୟୁପି ସ୍କୁଲ, ପାଣ୍ଡରା, ସକାଳ ୯ଟାରୁ ଅପରାହ୍ଣ ୧ଟା।
- ସେଲ୍ଟର ଫାଉଣ୍ଡେଶନ ପକ୍ଷରୁ ଚିତ୍ରାଙ୍କନ, ନୃତ୍ୟ ଓ ଫେନ୍ସି ଡ୍ରେସ୍ ପ୍ରତିଯୋଗିତା, ସୂଚନା ଭବନ, ପୂର୍ବାହ୍ଣ ୧୦ଟାରୁ ସନ୍ଧ୍ୟା ୬ଟା।
- ରିଦିମ୍ ଡେନ୍ସ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଫ୍ୟାଶନ ଶୋ ଓ ନୃତ୍ୟ ପ୍ରତିଯୋଗିତା, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ଣ ୧୦ଟାରୁ ରାତି ୧୦।
- ଉତ୍କଳୀୟ ସନାତନ ଧର୍ମ ପରିଷଦ ପକ୍ଷରୁ କେନ୍ଦ୍ରୀୟ ସମ୍ମିଳନୀ, ଇନଷ୍ଟିଚ୍ୟୁଟଶନ ଅଫ୍ ଇଞ୍ଜିନିୟର୍ସ, ପୂର୍ବାହ୍ଣ ୧୧ଟା।
- ସିମ୍ଫୋନୀ ମଲର ଉଦ୍‌ଘାଟନୀ ଉତ୍ସବ, ଗ୍ରେଟ ଏସକେପ୍, ରୁଦ୍ରପୁର, ପୂର୍ବାହ୍ଣ ୧୧ଟା।
- ପାନ୍‌ଘାଟ୍ ଫ୍ୟାଶନର ଉଦ୍‌ଘାଟନ ଉତ୍ସବ, ୟୁନିଟ-୩, ଖାରବେଳ ନଗର, ସନ୍ଧ୍ୟା ୬ଟା।
- ଅଲ ଇଣ୍ଡିଆ ପୋଷ୍ଟାଲ ଏମ୍ପଲଏଇସ୍ ୟୁନିୟନ ପକ୍ଷରୁ ଦ୍ୱିବାର୍ଷିକ ସମ୍ମିଳନୀ, ଦୃଷ୍ଟିହୀନ ସଂଘ ନିକଟ, ୟୁନିଟ-୩, ମଧ୍ୟାହ୍ନ ୧୨ଟା।
- ରାଜଲକ୍ଷ୍ମୀ ତ୍ରିପାଠୀଙ୍କ 'ଏକାୟନ' ପୁସ୍ତକ ଉନ୍ମୋଚନ ଉତ୍ସବ, ରୋଟାରୀ ଭବନ, ସନ୍ଧ୍ୟା ୬ଟା ୩୦।
- ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨୬ତମ ବାର୍ଷିକ ଉତ୍ସବ, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ସନ୍ଧ୍ୟା ୬ଟା ୩୦।
- ଆଚାର୍ଯ୍ୟ ବିହାର ପରିଷଦ ପକ୍ଷରୁ ଆଚାର୍ଯ୍ୟ ହରିହର ଜୟନ୍ତୀ ପାଳନ ଓ ଆଚାର୍ଯ୍ୟ ବିହାର ମହୋତ୍ସବ-୨୦୧୯, ଆଚାର୍ଯ୍ୟ ବିହାର, ସନ୍ଧ୍ୟା ୬ଟା ୩୦।
- ଅନ୍ତର୍ଜାତୀୟ କଳା ପ୍ରଦର୍ଶନୀ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**କଟକ**

- ସତ୍ୟବାଦୀ ବାର୍ଷିକ ସମାରୋହ, ସାରଳା ଭବନ, ପୂର୍ବାହ୍ଣ ୧୦ଟା ୩୦।
- ଦିବାକର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ, ନରଣପୁର ଖେଳ ପଡ଼ିଆ, ସନ୍ଧ୍ୟା ୬ଟା।

**ପୁରୀ**

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**

- ଜିଲାସ୍ତରୀୟ ଓଡ଼ିଶା ଦିବସ, ଜିଲା ସଂସ୍କୃତି ଭବନ, ପୂର୍ବାହ୍ଣ ୯ଟା।
- ମାସିକ ସଂସ୍କୃତି ଚର୍ଚ୍ଚାରେ ବୌଦ୍ଧ ଇତିହାସ ଓ ନୌବାଣିଜ୍ୟ, ଚୈତନ୍ୟ ମନ୍ଦିର ହଲ, ବାଇପାସ୍ ରୋଡ୍, ଅପରାହ୍ଣ ୩ଟା।
- ଖୋର୍ଦ୍ଧା ଜନ ଜୀବନରେ ବିନୋଦ ପଟ୍ଟନାୟକ ଓ କବିତା ପାଠୋତ୍ସବ, ଚୈତନ୍ୟ ମନ୍ଦିର ହଲ, ବାଇପାସ୍ ରୋଡ୍, ଅପରାହ୍ଣ ୪ଟା।

### ୧।୪।୨୦୧୯(ସୋମବାର)

**ଭୁବନେଶ୍ୱର**

- ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ପକ୍ଷରୁ ଉତ୍କଳ ଦିବସ ଓ ପ୍ରତିଷ୍ଠା ଦିବସ ପାଳନ, ରାଜଭବନ ଛକ, ପାୱାର ହାଉସ ଛକ, ଏଜି ଛକ, ଭିଏସ୍ଏସ୍ ନଗର ଦୁର୍ଗାମଣ୍ଡପ, ସକାଳ ୮ଟା ୩୦ରୁ ସନ୍ଧ୍ୟା ୬ଟା ୩୦।
- ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଦଶନ୍ଧୀ ଉତ୍ସବ, କ୍ୟାମ୍ପସ ପରିସର, ପୂର୍ବାହ୍ଣ ୧୦ଟା।
- ସାମାଜିକ ଅନୁଷ୍ଠାନ ସୋପଭା ଟ୍ରଷ୍ଟ ପକ୍ଷରୁ ଉତ୍କଳ ଦିବସ ପାଳନ, ମଧୁମୟୀ ଆଦର୍ଶ ଶିକ୍ଷା ନିକେତନ, ଝାରପଡ଼ା, ପୂର୍ବାହ୍ଣ ୧୦ଟା।
- ଫିଟ୍ ଫାଇଟରର ନୂତନ ଫିଟ୍‌ନେସ ସେଣ୍ଟର ଉଦ୍‌ଘାଟନ, ଗୋପବନ୍ଧୁ ଛକ, ଅପରାହ୍ଣ ୧ଟା ୩୦।
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ସମୃଦ୍ଧ ଭାରତ ଯାତ୍ରା ଅଭିଯାନ, ଗାନ୍ଧୀ ପାର୍କ, ଜନତା ମଇଦାନ, ଅପରାହ୍ଣ ୫ଟା।
- ଓଡ଼ିଶା ଲେଖା ଓ ଲେଖା ପରୀକ୍ଷା କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ୮୪ତମ ଉତ୍କଳ ଦିବସ ପାଳନ, ଦୁର୍ଗାମଣ୍ଡପ ପରିସର, ନୂଆ ଏଜି କଲୋନୀ, ସନ୍ଧ୍ୟା ୭ଟା।

**ପୁରୀ**

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**

- ୮୪ତମ ପୋଲିସ ପ୍ରତିଷ୍ଠା ଦିବସ, ରିଜର୍ଭ ପୋଲିସ ପଡିଆ, ତରତୁଆ, ୮ଟା ୩୦।
- ୮୪ତମ ପୋଲିସ ପ୍ରତିଷ୍ଠା ଦିବସ, ଅର୍ଜୁନପଡା ଷଷ୍ଠ ଭାରତୀୟ ରିଜର୍ଭ ବାଟାଲିୟନ କ୍ୟାମ୍ପସ, ୭ଟା ୩୦।

### ୨।୪।୨୦୧୯(ମଙ୍ଗଳବାର)

**ପୁରୀ**

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

### ୩।୪।୨୦୧୯(ବୁଧବାର)

**ଭୁବନେଶ୍ୱର**

- ସ୍ୱାଭିମାନ ଅନୁଷ୍ଠାନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ, ପ୍ରେସ କ୍ଲବ ଅଫ୍ ଓଡ଼ିଶା, ପୂର୍ବାହ୍ଣ ୧୦ଟା ୩୦।

**ପୁରୀ**

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

### ୪।୪।୨୦୧୯(ଗୁରୁବାର)

**ପୁରୀ**

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

### ୫।୪।୨୦୧୯(ଶୁକ୍ରବାର)

**ପୁରୀ**

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

### ୬।୪।୨୦୧୯(ଶନିବାର)

**ଭୁବନେଶ୍ୱର**

- ଚନ୍ଦକାସ୍ଥିତ ଆସିଏନ ସ୍କୁଲ ଅଫ୍ ବିଜିନେସ ମ୍ୟାନେଜମେଣ୍ଟର ଦ୍ୱାଦଶତମ ସମ୍ମିଳନୀ ଉତ୍ସବ, କ୍ୟାମ୍ପସ ପରିସର, ଅପରାହ୍ଣ ୩ଟା।
- 'ଶବ୍ଦ ୨୦୧୯' ପୁସ୍ତକ ଉନ୍ମୋଚନ ଉତ୍ସବ, ଓଡ଼ିଶୀ ଗବେଷଣା କେନ୍ଦ୍ର, ଅପରାହ୍ଣ ୪ଟା।

**ପୁରୀ**

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

# ନବୀନ ନିବାସ ଆଗରେ ମହିଳାଙ୍କ ଆତ୍ମହତ୍ୟା ଧମକ

**ଭୁବନେଶ୍ୱର, ୩୦।୩(ବ୍ୟୁରୋ)**

■ ବଳାତ୍କାରର ଶିକାର ହୋଇଥିଲେ, ନ୍ୟାୟ ପାଇଁ ଆସିଥିଲେ
■ ଭିତରକୁ ପ୍ରବେଶ ଉଦ୍ୟମବେଳେ ଉଠାଇ ନେଲା ପୋଲିସ

ଶନିବାର ନବୀନ ନିବାସ ଆଗରେ ଟିକେଟ ଆଶାୟୀ ଓ ସମର୍ଥକଙ୍କ ପ୍ରବଳ ଭିଡ଼ ଲାଗିଥିବାବେଳେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଜଣେ ମହିଳା କାନ୍ଦିକାନ୍ଦି ବାରମ୍ବାର ନବୀନ ନିବାସ ଭିତରକୁ ପ୍ରବେଶ ଉଦ୍ୟମ କରୁଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଟିକେ ଭେଟିବାକୁ ସୁଯୋଗ ଦିଅ ବୋଲି ନେହୁରା ମଧ୍ୟ ହେଉଥିଲେ। ମହିଳା ଜଣକ ମାନସିକ ଭାବେ ଆଘାତ ପାଇଥିବା ଭଳି ଲାଗୁଥିଲେ। ଜଣେ ବିଧାୟକଙ୍କ ନାଁ ନେବା ସହ ସେ ତାଙ୍କୁ ମାରିଦେବେ ବୋଲି କହୁଥିଲେ। ହେଲେ ସୁରକ୍ଷା କର୍ମୀମାନେ ତାଙ୍କୁ ଭିତରକୁ ଛାଡ଼ିବାକୁ ଦେଇ ନ ଥିଲେ। ଫଳରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ନ ଦେଲେ ଆତ୍ମହତ୍ୟା କରିବେ ବୋଲି କହିବାରୁ ସୁରକ୍ଷାକର୍ମୀ ଓ ପୋଲିସ ତାଙ୍କୁ କାବୁ କରି ନେଇଥିଲେ। ଶେଷରେ ଏୟାରପୋର୍ଟ ଥାନା ପୋଲିସ ଉକ୍ତ ମହିଳାଙ୍କୁ ଥାନାକୁ ନେଇଯାଇଥିଲା। ପଚରାଉଚରା ପରେ ତାଙ୍କ ଘର ମୟୂରଭଞ୍ଜ ଜିଲା ଉଦଳା କୁକୁଡ଼ାଡିଆଁ ଅଞ୍ଚଳର ବୋଲି ଜଣାପଡିଥିଲା।



ନବୀନ ନିବାସକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ମହିଳାଙ୍କୁ ପୋଲିସ ଉଦ୍ଧାର କରି ନେଉଛି।

ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଉଦଳା ଆର୍‌ଏମ୍‌ସି ଅଫିସରେ ପିଅନ ଚାକିରି କରାଇ ଦେବାକୁ କହି ଜଣେ ବିଧାୟକ ତାଙ୍କଠାରୁ ଦେଢଲକ୍ଷ ଟଙ୍କା ନେଇଥିଲେ। ସେ ଜଣକ ନିଜ ଜମି ବିକ୍ରି କରି ଉକ୍ତ ଟଙ୍କା ଦେଇଥିଲେ ମଧ୍ୟ ତାଙ୍କୁ ଚାକିରି ଦେଇ ନ ଥିଲେ। ଏପରିକି ୨୦୧୪ରେ ବିଧାୟକ ଓ ତାଙ୍କ ସେକ୍ରେଟେରି ମହିଳାଙ୍କୁ ଘରକୁ ଡାକି ବଳାତ୍କାର କରିଥିଲେ। ଏନେଇ ସେ ଏସ୍‌ପିଙ୍କୁ ଅଭିଯୋଗ କରିବା ପରେ ସ୍ଥାନୀୟ ପୋଲିସ ମାମଲା ରୁଜୁ କରି ବିଧାୟକଙ୍କ ସେକ୍ରେଟେରୀଙ୍କୁ ଗିରଫ କରିଥିଲା। ସେ ଦେଢ ମାସ ଜେଲରେ ରହିବା ପରେ ଜାମିନରେ ମୁକୁଳିଥିଲେ। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଥିବାବେଳେ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେହିପରି ମହିଳା ଜଣକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ କୌଣସି ନ୍ୟାୟ ମିଳିନାହିଁ। ତେଣୁ ସେ ବାଧ୍ୟହୋଇ ନବୀନ ନିବାସ ଆସି ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରିବା ପାଇଁ ଚାହୁଁଥିଲେ।

ଏନେଇ ଏୟାରପୋର୍ଟ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି, ଜଣେ ବିଧାୟକଙ୍କ ନାମରେ ଥିବା ଏକ ପୁରୁଣା ମାମଲାରେ ମହିଳା ଜଣକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ଆଣିଥିଲେ। ହେଲେ ବହୁଦିନ ହୋଇଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରିବାକୁ ଆସିଥିଲେ। ହେଲେ ସୁରକ୍ଷା ଦୃଷ୍ଟିରୁ ତାଙ୍କୁ ଛଡା ଯାଇ ନ ଥିଲା। ସେ ଜବରଦସ୍ତ ଭିତରକୁ ପଶିବାକୁ ଉଦ୍ୟମ କରିବା ସମୟରେ ତାଙ୍କୁ ଧରି ଥାନାକୁ ନିଆଯାଇ ପରେ ଛାଡ଼ି ଦିଆଯାଇଥିଲା।



ପୁରୀ ପୁସ୍ତକମେଳାରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

## ପୁଣି ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କ ଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

■ ନିର୍ବାଚନରେ ଦିଆଯିବ ଜବାବ
■ ୪ ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ଗଣସତ୍ୟାଗ୍ରହ

ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଆସୁଥିଲେ ମଧ୍ୟ ଏଯାଏ ସମସ୍ତ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିପାରିନି। ସେହିଭଳି ତ୍ରୁଟିଯୁକ୍ତ ଆଇନର ମଧ୍ୟ ସଂଶୋଧନ ହୋଇନି। ୬ବର୍ଷ ହେବ ହକ୍ ପାଇଁ ବାରମ୍ବାର ଆନ୍ଦୋଳନ କରି ଆସୁଥିବା ଚିଟ୍‌ଫଣ୍ଡ୍ କ୍ଷତିଗ୍ରସ୍ତମାନେ ପୁଣି ରାଜରାସ୍ତାକୁ ଓହ୍ଲାଇବେ। ଆଗାମୀ ନିର୍ବାଚନ ସମୟରେ ଆନ୍ଦୋଳନ କରିବା ସହ ଜବାବ ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଶୁକ୍ରବାର ଆର୍ଥିକ ସଂସ୍ଥାମାନଙ୍କଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚର କେନ୍ଦ୍ର କମିଟି ବୈଠକ ବସିଥିଲା। ହୋଇଥିବା ନିଷ୍ପତ୍ତି ଅନୁସାରେ, ଓଡ଼ିଶାର କ୍ଷତିଗ୍ରସ୍ତ ଜମାକାରୀମାନେ ୪ଟି ପର୍ଯ୍ୟାୟରେ ତହସିଲ ସ୍ତରରେ ଶାନ୍ତିପୂର୍ଣ୍ଣ ପ୍ଲାକାର୍ଡ଼ ପ୍ରଦର୍ଶନ ମାଧ୍ୟମରେ ଗଣସତ୍ୟାଗ୍ରହ କରିବେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରିପ୍ରେକ୍ଷୀରେ ସଂସଦୀୟ ନିର୍ବାଚନମଣ୍ଡଳୀର ସମସ୍ତ ତହସିଲ ସମ୍ମୁଖରେ ଆସନ୍ତା ୨ରୁ ୫ ତାରିଖ ଯାଏ, ଦ୍ୱିତୀୟ ପର୍ଯ୍ୟାୟରେ ୯ରୁ ୧୨ ତାରିଖ ଯାଏ ତୃତୀୟ ପର୍ଯ୍ୟାୟରେ ୧୫ରୁ ୧୮ ତାରିଖ ଯାଏ ଓ ଚତୁର୍ଥ ପର୍ଯ୍ୟାୟର ସମସ୍ତ ସଂସଦୀୟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତହସିଲଗୁଡ଼ିକ ସମ୍ମୁଖରେ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଗଣସତ୍ୟାଗ୍ରହ କରାଯିବ। ଏନେଇ ଆର୍ଥିକ ସଂସ୍ଥାମାନଙ୍କଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚର ପ୍ରତ୍ୟେକ ଜିଲା କମିଟି ବୈଠକ ୨ ଏପ୍ରିଲ୍ ମଧ୍ୟରେ ଡକାଯାଇ ଜିଲା ଓ ତହସିଲ ସ୍ତରୀୟ ତାରିଖ ଧାର୍ଯ୍ୟ କରାଯିବ। ଏ ସମ୍ପର୍କରେ ରାଜ୍ୟ କମିଟିକୁ ଜଣାଯିବ ବୋଲି ସ୍ଥିର କରାଯାଇଛି। ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚର ସଭାପତି ଜୟନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସଂପାଦକ ମଧୁସୂଦନ ବିଶ୍ୱାଳ ବିଗତ କାର୍ଯ୍ୟବିବରଣୀ ସହ ଆଗାମୀ କାର୍ଯ୍ୟସୂଚୀର ପ୍ରସ୍ତାବ ଉପସ୍ଥାପନ କରିଥିଲେ।

## ବୃଦ୍ଧ ଦମ୍ପତିଙ୍କ ଠାରୁ ୧କୋଟି ୩୦ ଲକ୍ଷ ଠକେଇ

# ଜେଲ ଗଲେ ଅର୍ଥନୈତିକ ପରାମର୍ଶଦାତା

**କଟକ ଅଫିସ,୩୦।୩**

**ଲାପ୍‌ଟପ୍, କାର, ୮ ଏଟିଏମ୍ କାର୍ଡ, ମୋବାଇଲ ଜବତ**

ବିଦେଶରେ ରହୁଥିବା ଭୁବନେଶ୍ୱରର ଏକ ବୃଦ୍ଧ ଦମ୍ପତିଙ୍କ ଠାରୁ ତାଙ୍କର ଅର୍ଥନୈତିକ ପରାମର୍ଶଦାତା ୧ କୋଟି ୩୦ ଲକ୍ଷ ଟଙ୍କା ଠକେଇ କରିଛନ୍ତି। ବିନା ଅନୁମତିରେ ଦମ୍ପତିଙ୍କ କ୍ରେଡିଟ୍ କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟରୁ ସେ ନିଜ ବ୍ୟାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଟ୍ରାନ୍ସଫର କରିଛନ୍ତି। ଏ ନେଇ ଦମ୍ପତିଙ୍କ ଅଭିଯୋଗକ୍ରମେ କ୍ରାଇମବ୍ରାଞ୍ଚର ସାଇବର ଥାନା ପୋଲିସ ଆଇପିସିର ଦଫା ୩୭୯, ୪୨୦, ୪୭୬, ୪୬୮, ୪୭୧ ଏବଂ ଆଇଟି ଆକ୍ଟ ୬୬, ୬୬-ସି, ୫୮-ଡିରେ ଏକ ମାମଲା(୮/୧୯) ରୁଜୁ କରିଛି। ଏହି ଘଟଣାରେ ଦମ୍ପତିଙ୍କ ଅର୍ଥନୈତିକ ପରାମର୍ଶଦାତା ଇନ୍‌ଫୋସିଟି ଥାନା ଅଞ୍ଚଳର ଦିଲୀପ କୁମାର ଦାସ(୩୧)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ଏଥିସହ ତାଙ୍କଠାରୁ ଏକ ସ୍କୋଡା କାର, ଗୋଟିଏ ଲାପ୍‌ଟପ୍, ୪ଟି ଡେବିଟ୍ କାର୍ଡ, ୪ଟି କ୍ରେଡିଟ୍ କାର୍ଡ ଓ ଏକ ମୋବାଇଲ ପୋଲିସ ଜବତ କରିଛି।

ଅଭିଯୋଗ ଅନୁଯାୟୀ, ବୃଦ୍ଧ ଦମ୍ପତି ଉତ୍ତର ଆମେରିକାରେ କାର୍ଯ୍ୟ କରୁଥିବାବେଳେ ଦୀର୍ଘ ୪୦ ବର୍ଷ ହେବ ସେଠାରେ ରହୁଛନ୍ତି। ଆବଶ୍ୟକ ପଡିଲେ ସେମାନେ ଓଡ଼ିଶା ଆସିଥାନ୍ତି। ଭୁବନେଶ୍ୱରରେ ଥିବା ତାଙ୍କ ଘର ଏବଂ ସମ୍ପତ୍ତିର ରକ୍ଷଣାବେକ୍ଷଣ କରିବାକୁ ସେମାନେ ଦିଲୀପଙ୍କୁ ତାଙ୍କ ଅର୍ଥନୈତିକ ପରାମର୍ଶଦାତା ଭାବରେ ନିଯୁକ୍ତ କରିବା ସହ ମାସିକ ଦରମା ମଧ୍ୟ ଦେଉଥିଲେ। ହେଲେ ଦିଲୀପ କିଛିବର୍ଷ କାମ କରିବା ପରେ ଦମ୍ପତିଙ୍କ ସମ୍ପତ୍ତି ଉପରେ ତାଙ୍କର ଲୋଭ ହୋଇଥିଲା। ସେ ପ୍ରଥମେ ଦମ୍ପତିଙ୍କ ବିଶ୍ୱାସ ଜିତିବା ପରେ ଠକିବା ପାଇଁ ଚେଷ୍ଟା କରିଥିଲେ। ଦମ୍ପତିଙ୍କର ଥିବା ଏକ ବ୍ୟାଙ୍କ ଆକାଉଣ୍ଟରେ ଅଧିକ ଟଙ୍କା ରଖିବା ଅପେକ୍ଷା ଅନ୍ୟ ଏକ ଆକାଉଣ୍ଟ ଖୋଲିବା ପାଇଁ ଦିଲୀପ ସେମାନଙ୍କୁ କହିଥିଲେ। ଦମ୍ପତିଙ୍କ ସହମତି ପରେ ଉଭୟଙ୍କର ଏକ ମିଳିତ ଫେକ୍ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ। ପରେ ଏଠାରେ ଦମ୍ପତିଙ୍କ ଆୟକୁ ସେ ଉକ୍ତ ଆକାଉଣ୍ଟରେ ଜମା କରୁଥିଲେ ବୋଲି ସେମାନଙ୍କୁ କହୁଥିଲେ। ଯେପରି ଦମ୍ପତିଙ୍କର ସନ୍ଦେହ ନ ହେବ ସେ ଜମା କରୁଥିବା ଟଙ୍କାର ଫେକ୍ କାଗଜପତ୍ର ତିଆରି କରିଥିଲେ। ଏଥିସହିତ ସେମାନଙ୍କ କ୍ରେଡିଟ୍ କାର୍ଡରୁ ବିଭିନ୍ନ ସମୟରେ ନିଜ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିଥିଲେ। ତେବେ ୨୦୧୭ ନଭେମ୍ବରରୁ ୨୦୧୯ ଜାନୁୟାରୀ ମଧ୍ୟରେ ମୋଟ୍ ୧ କୋଟି ୩୦ ଲକ୍ଷ ଟଙ୍କା ଏହିପରି ଭାବେ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରି ନେଇଥିଲେ। ଦମ୍ପତି ଗତ ଜାନୁୟାରୀରେ ଓଡ଼ିଶା ଆସି ବ୍ୟାଙ୍କ ସହ ଯୋଗାଯୋଗ କରିବା ପରେ ତାଙ୍କର କୌଣସି ମିଳିତ ଆକାଉଣ୍ଟ ନ ଥିବା ଜାଣିବାକୁ ପାଇଥିଲେ। ଏପରି କି ତାଙ୍କ କ୍ରେଡିଟ୍ କାର୍ଡ ମାଧ୍ୟମରେ ମଧ୍ୟ ଟଙ୍କା ଟ୍ରାନ୍ସଫର ହୋଇଥିବା ସେ ଜାଣିବା ପରେ ଦିଲୀପଙ୍କୁ ପଚାରିଥିଲେ। ଏକଥା ଜାଣିବା ପରେ ଦିଲୀପ ତାଙ୍କ ଫୋନ ସୁଇଚ୍ ଅଫ କରି ଦେଇଥିଲେ। ଶେଷରେ କୌଣସି ଉପାୟ ନ ପାଇ ସେମାନେ ଗତ ଜାନୁୟାରୀ ୨୨ ତାରିଖରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଥାନା ଇନ୍ସପେକ୍ଟର ଅନିଲା ଆନନ୍ଦ ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କୁ ଶୁକ୍ରବାର ଭୁବନେଶ୍ୱରରୁ ଗିରଫ କରିଥିଲେ। ପଚରାଉଚରା ପରେ ସମ୍ପତ୍ତି ଲୋଭରେ ସେ ଏପରି କାରବାର କରିଥିବା ମାନିଥିଲେ। ତେବେ ଦିଲୀପଙ୍କୁ ଶନିବାର ଭୁବନେଶ୍ୱର ଏସ୍‌ଡିଜେମ୍ କୋର୍ଟରେ ହଜାର କରାଯାଇଥିଲା। ସେଠାରେ ତାଙ୍କର ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡା ସ୍ୱତନ୍ତ୍ର ଜେଲକୁ ପଠାଇ ଦିଆଯାଇଛି।

## ତୃତୀୟ ଦିନରେ ଦୁଇଜଣଙ୍କ ନାମାଙ୍କନପତ୍ର ଦାଖଲ

**କଟକ ଅଫିସ,୩୦।୩**

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଶନିବାର ଥିଲା ନାମାଙ୍କନ ପତ୍ର ଦାଖଲର ତୃତୀୟ ଦିବସ। ଏହି ଦିନ ୨ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ କଟକ ଲୋକ ସଭା ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଅଶୋକ ପ୍ରଧାନ, ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଏସୟୁସିଆଇ(ସି)ପକ୍ଷରୁ ଅରବିନ୍ଦ ବେହେରା ନାମାଙ୍କନପତ୍ର ସମ୍ପୃକ୍ତ ରିଟର୍ନିଂ ଅଫିସରଙ୍କ ନିକଟରେ ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ବଡମ୍ବା ଓ ଆଠଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି।

## ଘରେ ପଶି ଧାନ ଖାଇଲା ଦନ୍ତା ହାତୀ

**ଟାଙ୍ଗୀ(କଟକ),୩୦।୩(ଡି.ଏନ୍.ଏ.)**

ଶୁକ୍ରବାର ବିଳମ୍ବିତ ରାତିରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କରଞ୍ଜି ପଞ୍ଚାୟତ ଗୋଡଧୁଆ ଗ୍ରାମର ଜଗବନ୍ଧୁ ସୋରେନଙ୍କ ଘର କାନ୍ଥକୁ ଏକ ଦନ୍ତା ହାତୀ ଭାଙ୍ଗିବା ସହ ୫ବସ୍ତା ଧାନ ଖାଇଥିବା ଜଣାପଡିଛି। ଖବରପାଇ ଶନିବାର ବନପାଳ ଚନ୍ଦ୍ରଶେଖର ଦାସଙ୍କ ନିର୍ଦ୍ଦେଶକ୍ରମେ କୁସୁନପୁର ବିଟ୍‌ର ଗାର୍ଡ ଘଟଣାସ୍ଥଳରେ ପହଞ୍ଚିଥିଲେ। କ୍ଷୟକ୍ଷତିର ଆକଳନ କରିବା ପରେ ଜଗବନ୍ଧୁଙ୍କୁ କ୍ଷତିପୂରଣ ପାଇବା ପାଇଁ ତୁରନ୍ତ ଦରଖାସ୍ତ କରିବା ଆବଶ୍ୟକ ବୋଲି ରେଞ୍ଜର ମନୋରଞ୍ଜନ ସ୍ୱାଇଁ କହିଛନ୍ତି।

## ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସର ବାର୍ଷିକ ବୈଷୟିକ ଅଧିବେଶନ




**ଭୁବନେଶ୍ୱର, ୩୦।୩(ବ୍ୟୁରୋ)**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ଓଡ଼ିଶା ଶାଖାର ୬୦ତମ ବାର୍ଷିକ ବୈଷୟିକ ଅଧିବେଶନ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶ ଗଠନରେ ଇଞ୍ଜିନିୟର୍ସଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ଭାରତର ସଭାପତି ଡ. ଟି.ଏମ୍. ଗୁଣାରାଜା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳଙ୍କୁ ଅନରାରୀ ଫେଲୋଶିପ୍ ପ୍ରଦାନ କରିଥିଲେ। ନାଲ୍‌କୋର ପୂର୍ବତନ ସିଏମ୍‌ଡି ଇଂ. ଅଂଶୁମାନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ '୧୮ତମ ପ୍ରଫେସର ଭୁବନେଶ୍ୱର ବେହେରା ସ୍ମାରକୀ ବକ୍ତୃତା' ପ୍ରଦାନ କରିଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ଡ. କ୍ଷୀରୋଦ କୁମାର ରାଉତ ସ୍ୱାଗତ ଭାଷଣ ଓ ସମ୍ପାଦକ ଡ. ସୁଧାଂଶୁ ଶେଖର ଦାଶ ଧନ୍ୟବାଦ ଦେଇଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ୫ଶହରୁ ଊର୍ଦ୍ଧ୍ୱ ଯନ୍ତ୍ରୀ ଓ ବୈଷୟିକ ବିଶେଷଜ୍ଞ ଯୋଗଦେଇଥିଲେ। ଏହି ଅବସରରେ ୪୦ରୁ ଊର୍ଦ୍ଧ୍ୱ ସନ୍ଦର୍ଭ ଉପସ୍ଥାପନା କରାଯାଇଥିଲା।

## ୫୦କେଜିର ଅଲିଭ୍ ରିଡ୍‌ଲେ ଉଦ୍ଧାର

**ନିମାପଡ଼ା,୩୦।୩(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ଗାଡଗିଲ ଛକ ନିକଟରେ ଥିବା ଏକ ପରିତ୍ୟକ୍ତ ଖାଲରୁ ଶନିବାର ସ୍ଥାନୀୟ ଲୋକେ ଏକ ବିରଳ ପ୍ରଜାତିର ଅଲିଭ ରିଡ୍‌ଲେ କଇଁଛକୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ଏହି ମାଈ କଇଁଛର ଓଜନ ୫୦କେଜି ହୋଇଥିବା ବେଳେ ୪୦ବର୍ଷ ବୟସ ହେବ ବୋଲି ଗୋପ ରେଞ୍ଜ ବନବିଭାଗ ଅଧିକାରୀ କାହ୍ନୁଚରଣ ସେଠୀ ଓ ନିମାପଡ଼ା ଫରେଷ୍ଟର ବିରଜା ପ୍ରସାଦ ମହାପାତ୍ର କହିଛନ୍ତି। ସମୁଦ୍ରକୁ ସଂଯୋଗ ହୋଇଥିବା କାଦୁଆ ଡ୍ରେନରେ ଏହି କଇଁଛ ଉକ୍ତ ଅଞ୍ଚଳକୁ ଚାଲି ଆସିଥିବା ବେଳେ ଏହାକୁ ସମୁଦ୍ରରେ ଛଡାଯିବ ବୋଲି ବନଖଣ୍ଡ ଅଧିକାରୀ ସେଠୀ କହିଛନ୍ତି। ଅନ୍ୟପକ୍ଷରେ ନିମାପଡ଼ା ଅଞ୍ଚଳରୁ କଲିକତାକୁ ବହୁ କଇଁଛ ଚୋରା ଚାଲାଣ ହେଉଥିବା ବେଳେ ଏହି କଇଁଛ ଅଖାବସ୍ତା କିମ୍ବା ଗାଡିରୁ ଖସିପଡିଥିବା ସ୍ଥାନୀୟ ଲୋକେ କହିଛନ୍ତି। ନିମାପଡ଼ା, ଗୋପ, ଚାରିଛକ, ଖେଲାର, ବଳଙ୍ଗା, ବାମନାଳ ଆଦି ଅଞ୍ଚଳରୁ କେତେଜଣ ବେପାରୀ କଇଁଛ ସଂଗ୍ରହ କରି କଲିକତା, ବାଲେଶ୍ୱର, ଭଦ୍ରକ ଓ ରାଜ୍ୟ ବାହାରକୁ ଚୋରା ଚାଲାଣ କରୁଛନ୍ତି। ଏନେଇ ବନବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ନିମାପଡ଼ା ଉପଖଣ୍ଡରେ କଇଁଛଙ୍କ ବଂଶଲୋପ ହୋଇଯିବା ଆଶଙ୍କା ରହିଥିବା ପରିବେଶବିତ୍ ସୁଶାନ୍ତ ପ୍ରଧାନ ଓ ଦିଲ୍ଲୀପ ପାତ୍ର କହିଛନ୍ତି।



## ଫଟୋରେ ଖବର




ଭୁବନେଶ୍ୱର ସୂଚନା ଭବନରେ ସାଜ୍ ଓର ଆୱାଜ ପକ୍ଷରୁ ଶନିବାର ଅନୁଷ୍ଠିତ 'କ୍ୟା ସେ କ୍ୟା ହୋଗେୟା' କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରାଯାଉଛି।




କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀ ଅଡିଟୋରିୟମରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରି ଓ ଅନ୍ୟମାନେ।

## ଭୁବନେଶ୍ୱର ବାର୍ ଆସୋସିଏଶନ ନିର୍ବାଚନ

# ବୀରେନ୍ଦ୍ର ସଭାପତି, ବିଶ୍ୱନାରାୟଣ ସମ୍ପାଦକ



**ଭୁବନେଶ୍ୱର,୩୦।୩ (ବ୍ୟୁରୋ)**

ଭୁବନେଶ୍ୱର ବାର୍ ଆସୋସିଏଶନ ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ବୀରେନ୍ଦ୍ର ମୋହନ ପଟ୍ଟନାୟକ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ୧୦୯୧ ଖଣ୍ଡ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ୪ଶହ ଭୋଟ ପାଇଥିଲେ। ସେହିଭଳି ସମ୍ପାଦକ ଭାବେ ବିଶ୍ୱନାରାୟଣ ମହାନ୍ତି ୬୩୨ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ୫୭୯ ଖଣ୍ଡ ଭୋଟ ପାଇଥିଲେ। ସେହିଭଳି ଉପସଭାପତି ଭାବେ ଶୀଳଭଦ୍ରା ଶାସ୍ତ୍ରୀ, କୋଷାଧ୍ୟକ୍ଷ ଭାବେ ସଞ୍ଜୀବ ଦାସ, ଯୁଗ୍ମ ସମ୍ପାଦକ ବିପିନ ବଳିଆରସିଂ, ସହ ସମ୍ପାଦିକା ଅମୂଲ୍ୟା ମହାନ୍ତି ନିର୍ବାଚିତ ହୋଇଛନ୍ତି।

ଭୁବନେଶ୍ୱର ବାର୍ ଆସୋସିଏଶନର ୬ହଜାର ସଦସ୍ୟଙ୍କ ମଧ୍ୟରୁ ୨୩୧୫ଜଣ ଓକିଲ ଭୋଟ ଦେଇଥିଲେ। ସକାଳ ୮ଟା ୩୦ରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୨ଟା ୩୦ରେ ସରିଥିଲା। ଅପରାହ୍ନ ୫ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିଲା। ରାତି ପ୍ରାୟ ୮ଟା ୩୦ରେ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିଲା। ମୁଖ୍ୟ ନିର୍ବାଚନ ଅଫିସରଭାବେ ନନ୍ଦନନ୍ଦନ ଶତପଥୀ, ସିଦ୍ଧାର୍ଥ କୁମାର ଦାଶ ଓ ଜୀମୂତ ବରନ ପଟ୍ଟନାୟକ ଦାୟିତ୍ୱରେ ରହିଥିଲେ। ନିର୍ବାଚନ ଶୃଙ୍ଖଳିତ ଭାବେ ଶେଷ ହୋଇଥିବାରୁ ଭୁବନେଶ୍ୱର ବାରର ପୂର୍ବତନ ସଭାପତି ଦୁର୍ଗାମାଧବ ମିଶ୍ର ଧନ୍ୟବାଦ ଦେଇଛନ୍ତି।

## ଖୋର୍ଦ୍ଧା ବାର୍ ଆସୋସିଏଶନ ନିର୍ବାଚନ

# ପ୍ରାଣକୃଷ୍ଣ ସଭାପତି, ପ୍ରଦୀପ ସମ୍ପାଦକ

**ଖୋର୍ଦ୍ଧା ଅଫିସ,୩୦।୩**



ପ୍ରାଣକୃଷ୍ଣ ଦଳବେହେରା



ପ୍ରଦୀପ ଦାସ

ଶନିବାର ଖୋର୍ଦ୍ଧା ବାର୍ ଆସୋସିଏଶନ୍‌ର ନିର୍ବାଚନରେ ପ୍ରାଣକୃଷ୍ଣ ଦଳବେହେରା ସଭାପତି ଓ ସମ୍ପାଦକ ଭାବେ ପ୍ରଦୀପ ଦାସ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ପ୍ରଫୁଲ୍ଲ କୁମାର ଦାସ, ସହସମ୍ପାଦକ ବିକ୍ରମ କେଶରୀ ଛୁଆଳସିଂହ, କୋଷାଧ୍ୟକ୍ଷ ପ୍ରଦୀପ୍ତ କିଶୋର ରାମ ଅନୁରୂପ ଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ପରିଷଦକୁ ୧୧ଜଣ ସଦସ୍ୟ ନିର୍ବାଚିତ ହେବାର ରହିଛି। ଏଥିରୁ ବରିଷ୍ଠ ସଦସ୍ୟ ଭାବେ ସେକ୍ ଜୁଲ୍ ଫିକର ଅଲୀ, ସୁବାସ ରଞ୍ଜନ ଆଚାର୍ଯ୍ୟ, ମାନସ କୁମାର ପାଟଶାଣୀ, ଶରତ ଚନ୍ଦ୍ର ମହାପାତ୍ର ଓ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ୫ ଜଣ ନିର୍ବାଚିତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କନିଷ୍ଠ ବିଭାଗରେ ୫ ପଦବୀରୁ କେବଳ ବିମଳ କିଶୋର ଦାସ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୪ଟି ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କେହି କରି ନ ଥିଲେ। କାର୍ଯ୍ୟନିର୍ବାହୀ ପରିଷଦର ମହିଳା ସଦସ୍ୟା ଭାବେ ଗଜଲକ୍ଷ୍ମୀ ଷଡଙ୍ଗୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦ ଆନୁକୂଲ୍ୟରେ ନିର୍ବାଚନ ଅଧିକାରୀ ଭାବେ ସର୍ବେଶ୍ୱର ସାହୁ, ସହକାରୀ ନିର୍ବାଚନ ଅଧିକାରୀ ପ୍ରଭଞ୍ଜନ ଜେନା ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ। ଏଥିରେ ୫ ଜଣ ସଭ୍ୟ ସହଯୋଗ କରିଥିଲେ।

## ସରିଲା ପୁରୀ ବାର୍ ନିର୍ବାଚନ

# ପ୍ରଶାନ୍ତ ସଭାପତି, ବିଭୂତି ସମ୍ପାଦକ

**ପୁରୀ ଅଫିସ,୩୦।୩**

ପୁରୀ ବାର୍ ଆସୋସିଏଶନ ଆନୁକୂଲ୍ୟରେ ୨୦୧୯-୨୦ ବର୍ଷ ଲାଗି ଶନିବାର ବାର୍ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ମିଶ୍ର, ଉପସଭାପତି ଭାବେ ଦେବେନ୍ଦ୍ର ପ୍ରସାଦ ମିଶ୍ର, ସମ୍ପାଦକ ଭାବେ ବିଭୂତି ଶଙ୍କର ତ୍ରିପାଠୀ ଓ ଯୁଗ୍ମ ସମ୍ପାଦକ ଭାବେ ସଂଗ୍ରାମ କେଶରୀ ଦାଶ ନିର୍ବାଚିତ ହୋଇଛନ୍ତି। ବାର୍ ଅଫିସ୍ ପରିସରରେ ସକାଳ ସାଢେ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହୋଇଥିଲା। ମତଦାନ ପରେ ଅପରାହ୍ନ ୫ଟାରୁ ଭୋଟ ଗଣତି କରାଯାଇଥିଲା।

## ମୋଟର ଭେହିକିଲ୍ ଓକିଲ ସଂଘ

# ଜିତେନ୍ଦ୍ର ମହାନ୍ତି ସଭାପତି

**କଟକ ଅଫିସ,୩୦।୩**

ଶନିବାର ହାଇକୋର୍ଟ ବାର୍ ଆସୋସିଏଶନ ସମେତ ରାଜ୍ୟର ବିଭିନ୍ନ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଛି। କଟକ ମୋଟର ଭେହିକିଲ ଲୟର୍ସ ସଂଘରେ ଅନୁଷ୍ଠିତ ନିର୍ବାଚନରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଚୂଡାନ୍ତ ଫଳାଫଳ ଅନୁଯାୟୀ, ସଭାପତି ଭାବେ ଜିତେନ୍ଦ୍ର ମହାନ୍ତି, ଉପସଭାପତି ରୂପେଶ କୁମାର ମହାନ୍ତି, ସମ୍ପାଦକ ବିଜୟ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଭାବେ ସଞ୍ଜୀବ କୁମାର ରଥ ନିର୍ବାଚିତ ହୋଇଛନ୍ତି।

## କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ

# କାମଦେବ ସଭାପତି, ସୁବାସ ସମ୍ପାଦକ

**କଟକ ଅଫିସ, ୩୦।୩**



କାମଦେବ କାନୁନ୍‌ଗୋ



ସୁବାସ ଚନ୍ଦ୍ର ମହାନ୍ତି

କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ନିର୍ବାଚନରେ କାମଦେବ କାନୁନ୍‌ଗୋ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ସୁବାସ ଚନ୍ଦ୍ର ମହାନ୍ତି, ଉପସଭାପତି ସନ୍ତୋଷ କୁମାର ଲେଙ୍କା, ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ ଶତପଥୀ, କୋଷାଧ୍ୟକ୍ଷ ଭାବେ ଶିଶିର ରଞ୍ଜନ ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି।

## ରାଜସ୍ୱ ପର୍ଷଦ ଓକିଲ ସଂଘ

# ଜ୍ଞାନ ରଞ୍ଜନ ସଭାପତି, ପ୍ରଶାନ୍ତ ସମ୍ପାଦକ

**କଟକ ଅଫିସ,୩୦।୩:** ରାଜସ୍ୱ ପର୍ଷଦ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଜ୍ଞାନ ରଞ୍ଜନ ପଟ୍ଟନାୟକ, ଉପସଭାପତି ସୟଦ ମେହେବୁବ ଅଲ୍ଲୀ, ସମ୍ପାଦକ ପ୍ରଶାନ୍ତ କୁମାର ପରିଡା, ଯୁଗ୍ମ ସମ୍ପାଦକ ଅଜୟ କୁମାର ସାହୁ, ସହକାରୀ ସମ୍ପାଦକ ଭାବେ ସୁଜିତ୍ ସ୍ୱାଇଁ ନିର୍ବାଚିତ ହୋଇଛନ୍ତି।

## କଟକ ଟ୍ୟାକ୍ସ ବାର୍ ଆସୋସିଏଶନ

# ନଟବର ପଣ୍ଡା ସଭାପତି

**କଟକ ଅଫିସ,୩୦।୩:** କଟକ ଟ୍ୟାକ୍ସ ବାର୍ ଆସୋସିଏଶନ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ନଟବର ପଣ୍ଡା, ଉପସଭାପତି ମନୋଜ କୁମାର ସାହୁ ଓ ସମ୍ପାଦକ ଭାବେ ଦିଲୀପ କୁମାର ସାହୁ ନିର୍ବାଚିତ ହୋଇଛନ୍ତି।

# ଅଭିଯୋଗ କପି ହଜାଇ ଦେଲା ପୋଲିସ

## ନୟାପଲ୍ଲୀ ଥାନା ଘେରିଲେ ବସ୍ତିବାସିନ୍ଦା

**ଭୁବନେଶ୍ୱର,୩୦।୩ (ବ୍ୟୁରୋ)**




ନୟାପଲ୍ଲୀ ଥାନା ଘେରାଉ କରିଥିବା ବସ୍ତିବାସିନ୍ଦା।

ଗରିବ ଓ ଅସହାୟଙ୍କୁ ଥାନାରୁ ମିଳୁନି ନ୍ୟାୟ। ବିଭିନ୍ନ ସମୟରେ କମିଶନରେଟ ପୋଲିସ ନାନା ଭାବେ ହଇରାଣ ଓ ଅତ୍ୟାଚାର କରୁଥିବା ନଜର ରହିଛି। ସେମାନେ ଥାନାକୁ ଗଲେ ସେମାନଙ୍କ ଅଭିଯୋଗକୁ ଗ୍ରହଣ କରିବା ତ ଦୂରର କଥା ପୋଲିସ ସେମାନଙ୍କୁ ଆଇନର ପାଠ ପଢାଇ ତଡି ଦେଉଛନ୍ତି। ଏବେ ଆଉ ଏକ ଘଟଣା ପଦାକୁ ଆସିଛି। ପୋଲିସ ମାମଲା ରୁଜୁ କରିବା ବଦଳରେ ଅଭିଯୋଗ କପିକୁ ହଜାଇ ଦେଇଛି। ଏପରିକି ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଅଭିଯୋଗକାରୀଙ୍କ ନାଁରେ ମାମଲା ରୁଜୁ କରି ଥାନାରେ ଅଟକ ରଖିଛି। ପୋଲିସର ଏଭଳି ଆଭିମୁଖ୍ୟକୁ ନେଇ ଶନିବାର ସକାଳେ ସାଲିଆସାହି ବାଜପେୟୀ ନଗରର ବହୁ ପୁରୁଷ ଓ ମହିଳା ନୟାପଲ୍ଲୀ ଥାନାକୁ ଘେରାଉ କରିବା ସହ ହୋହଲ୍ଲା କରିଥିଲେ। ତୁରନ୍ତ ବିନା କାରଣରେ ଅଟକ ରଖିଥିବା ଅଭିଯୋଗକାରୀଙ୍କୁ ଛାଡ଼ିବାକୁ ଦାବି କରିଥିଲେ। ପୋଲିସ ଯଦି ନ୍ୟାୟ ନ ଦିଏ ତେବେ ପୋଲିସ କମିଶନର ଓ ଡିସିପି ଅଫିସ୍ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଶୁଣାଇଥିଲେ। ଏହାକୁ ନେଇ ସେଠାରେ ଦୀର୍ଘ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା।

ଅଭିଯୋଗ ଅନୁସାରେ, ସାଲିଆସାହି ବାଜପେୟୀ ନଗରରେ ପରିବାର ସହ ବିପିନି ବେହେରା ରହୁଛନ୍ତି। ତାଙ୍କ ଘର ନିକଟରେ ରହୁଥିବା ଜଣେ ଅସାମାଜିକ ଯୁବକ ବିଭିନ୍ନ ସମୟରେ ମଦପିଇ ଆତଙ୍କ ସୃଷ୍ଟି କରୁଛନ୍ତି। ଫଳରେ ବିପିନଙ୍କ ସମେତ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି। ଏ ନେଇ ସେମାନେ ବାରମ୍ବାର ନୟାପଲ୍ଲୀ ଥାନାର ଦ୍ୱାରସ୍ଥ ହୋଇ ସୁରକ୍ଷା ଓ କାର୍ଯ୍ୟାନୁଷ୍ଠାନ ଲୋଡିଥିଲେ ମଧ୍ୟ ପୋଲିସ ଅଭିଯୋଗକାରୀଙ୍କୁ ନ୍ୟାୟ ବଦଳରେ ଫସାଉଛି। ସମ୍ପୃକ୍ତ ଅଭିଯୁକ୍ତ ଜଣେ ପ୍ରଭାବଶାଳୀ ବିଧାୟକଙ୍କ ସହଯୋଗୀ ହୋଇଥିବାରୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଗତ ୨୭ ତାରିଖ ଦିନ ୧୨ଟା ୩୦ରେ ବିପିନି କୌଣସି କାମରେ ବାହାରକୁ ଯାଇଥିବାବେଳେ ଘରେ ତାଙ୍କ ସ୍ତ୍ରୀ ଝୁନୁ ଓ ଝିଅ ଥିଲେ। ଏହି ସମୟରେ ଉକ୍ତ ଅସାମାଜିକ ଯୁବକ ନିଶାଗ୍ରସ୍ତ ଅବସ୍ଥାରେ ତାଙ୍କ ଘରେ ପଶି ଗାଳିଗୁଲଜ କରିବା ସହ ସ୍ତ୍ରୀ ଝୁନୁଙ୍କୁ ମାଡ ମାରିଥିଲେ। ତାଙ୍କ ଝିଅ ବିରୋଧ କରିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ।

- ଆକ୍ରମଣ, ଅସଦାଚରଣକାରୀଙ୍କୁ ପୋଲିସ ସୁରକ୍ଷା
- ମିଥ୍ୟା ମାମଲାରେ ନିର୍ଦ୍ଦୋଷଙ୍କୁ ଥାନାରେ ଅଟକ ଅଭିଯୋଗ

ତାଙ୍କୁ ମାଡ଼ ମାରିବା ସହ ଅସଦାଚରଣ କରିଥିଲେ। ଏ ସଂକ୍ରାନ୍ତରେ ଝୁନୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାର ଡିସିଓ ତାଙ୍କ ଅଭିଯୋଗକୁ ଗ୍ରହଣ କରି ମାମଲା ରୁଜୁ କରି ପଦକ୍ଷେପ ନେବେ ବୋଲି କହିଥିଲେ। ହେଲେ ଝୁନୁ ଥାନାରେ ଅଭିଯୋଗ କରିଥିବା ଜାଣି ଅଭିଯୁକ୍ତ ତାଙ୍କ ନାମରେ ପାଲଟା ମିଛ ଅଭିଯୋଗ କରିଥିଲେ। ପୋଲିସ ଝୁନୁର ଅଭିଯୋଗ କପିକୁ ଜାଣିଶୁଣି ହଜାଇ ଦେଇ ଅଭିଯୁକ୍ତଙ୍କ ଅଭିଯୋଗକ୍ରମେ ମିଥ୍ୟା ମାମଲା ରୁଜୁ କରିଥିବା ଓ ଶନିବାର ସକାଳେ ବିପିନୀଙ୍କୁ ଘରୁ ଉଠାଇ ଆଣିଥିଲା ବୋଲି ବାଜପେୟୀ ନଗରବାସୀ କହିଛନ୍ତି। ପୋଲିସ କିଭଳି ଜଣେ ଅଭିଯୁକ୍ତଙ୍କ ଅଭିଯୋଗକ୍ରମେ ଜଣେ ନିରୀହ ଲୋକଙ୍କୁ ଉଠାଇ ଆଣିଲା ତାହାର ତୀବ୍ର ପ୍ରତିବାଦ କରିବା ସହ ସେମାନେ ନାନା ପ୍ରଶ୍ନ ଉଠାଇଛନ୍ତି।

ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁକୁହନ୍ତି, ଦୁଇପକ୍ଷଙ୍କ ଅଭିଯୋଗ ଆଧାରରେ ତଦନ୍ତ କରାଯାଉଛି। ଯାହାର ଅଭିଯୋଗ ସତ ବାହାରିବ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପ୍ରାର୍ଥୀପତ୍ର ଦାଖଲ କଲେ କଳିଙ୍ଗ ସେନାର ସବ୍ୟସାଚୀ

**ପୁରୀ ଅଫିସ,୩୦।୩**



ସବ୍ୟସାଚୀ ମହାପାତ୍ର ଜିଲାପାଳଙ୍କୁ ନାମାଙ୍କନ ପତ୍ର ପ୍ରଦାନ କରୁଛନ୍ତି।

ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ପୁରୀ ଲୋକ ସଭା ଏବଂ ଏହା ଅଧୀନ ବିଧାନସଭା ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲ ଚାଲିଛି। ଶନିବାର ପୁରୀ ଲୋକ ସଭା ଆସନରୁ କଳିଙ୍ଗ ସେନାର ପ୍ରାର୍ଥୀ ସବ୍ୟସାଚୀ ମହାପାତ୍ର ତାଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ସମର୍ଥକଙ୍କ ସହ ସେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ୪ଜଣ ସମର୍ଥକଙ୍କ ସହ ରିଟର୍ନିଂ ଅଫିସର ତଥା ଜିଲାପାଳ ଜ୍ୟୋତି ପ୍ରକାଶ ଦାସଙ୍କ ନିକଟକୁ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ।

ନିଜ ସତ୍ୟପାଠରେ ସବ୍ୟସାଚୀ ଦର୍ଶାଇଛନ୍ତି ସେ ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ୍ କଲୋନୀର ବାସିନ୍ଦା। ତାଙ୍କ ବୟସ ୪୫। ସେ କମର୍ସ ଏବଂ ଲ'ରେ ବ୍ୟାଚଲର ଡିଗ୍ରୀ ହାସଲ କରିଛନ୍ତି। ତାଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧୨,୭୭,୩୫୦ ଟଙ୍କା। ସେହିପରି ତାଙ୍କ ସ୍ତ୍ରୀଙ୍କ ଅସ୍ଥାବର ସମ୍ପତ୍ତି

**ପୁରୀ ଲୋକ ସଭା ଆସନ**

ମୂଲ୍ୟ ୨,୨୨,୦୧୧ଟଙ୍କା। ତାଙ୍କର ସ୍ଥାବର ସମ୍ପତ୍ତି କିଛି ନାହିଁ। ସବ୍ୟସାଚୀଙ୍କ ନାମରେ କୌଣସି ଆପରାଧିକ ମାମଲା ନ ଥିବାବେଳେ ଗାଡି ପାଇଁ ୫୬,୯୬୦ ଟଙ୍କା ବ୍ୟାଙ୍କ ଋଣ ରହିଛି।

ପ୍ରାର୍ଥୀପତ୍ର ଦାଖଲ ପରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଥିଲେ, ତୃତୀୟଥର ପାଇଁ କଳିଙ୍ଗ ସେନାରୁ ପୁରୀ ଲୋକ ସଭା ପାଇଁ ପ୍ରାର୍ଥୀ ହୋଇଛି। ବେକାରି ଓ ସ୍ଥାନୀୟ ସମସ୍ୟାକୁ ପ୍ରମୁଖ ପ୍ରସଙ୍ଗ କରି ଭୋଟରଙ୍କ ପାଖକୁ ଯିବି। ପୁରୀରେ ରହୁ ନ ଥିବା ଲୋକ ଆସି ଏଠାରୁ ପ୍ରାର୍ଥୀ ହେଉଛନ୍ତି। ତାଙ୍କୁ ଜିତାଇ ନ ଦେବା ଆମର ଲକ୍ଷ୍ୟ ରହିବ। ବିଗତ ଦିନରେ ଭୋଟର ଯାହାଙ୍କୁ ଭୋଟ ଦେଇ ଜିତାଇଲେ ସେମାନେ ପୁରୀ ମାଟି ମାଡିଲେନି। ଫଳରେ ଲୋକଙ୍କ ସମସ୍ୟା ସମାଧାନ ହୋଇପାରିଲା ନାହିଁ। ପୁରୀରେ କଳିଙ୍ଗ ସେନାର ଦେଢଲକ୍ଷ କର୍ମୀ ଅଛନ୍ତି। ସେମାନେ ଆମର ବଳ ବୋଲି ସବ୍ୟସାଚୀ ପ୍ରକାଶ କରିଛନ୍ତି।

## ଟିକେଟକୁ ନେଇ କଂଗ୍ରେସରେ ଅସନ୍ତୋଷର ନିଆଁ

# ନିରଞ୍ଜନ, ଭକ୍ତଙ୍କ କୁଶପୁତ୍ତଳିକା ଦାହ

**ପୁରୀ ଅଫିସ,୩୦।୩**



ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଦାସଙ୍କ କୁଶ ପୁତ୍ତଳିକା ଦାହ କରାଯାଉଛି।

ପୁରୀ କଂଗ୍ରେସରେ ବିଧାନସଭା ପ୍ରାର୍ଥୀ ଘୋଷଣାକୁ ନେଇ ଅସନ୍ତୋଷର ବହ୍ନି ଜଳିବାରେ ଲାଗିଛି। ବିଧାନସଭା ଆସନ ଲାଗି ଅରୋପ୍ରସାଦ ମିଶ୍ରଙ୍କ ପ୍ରାର୍ଥୀତ୍ୱକୁ ଯୁବ ଓ ଛାତ୍ର କଂଗ୍ରେସ ତୀବ୍ର ବିରୋଧ କରିଛି। ଏନେଇ ଶନିବାର ସ୍ଥାନୀୟ ଭିଆଇପି ରୋଡସ୍ଥିତ କଂଗ୍ରେସ ଭବନ ସମ୍ମୁଖରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଦାସଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଅରୋ ପ୍ରସାଦଙ୍କ ପ୍ରାର୍ଥୀତ୍ୱକୁ ରଦ୍ଦ କରିବା ସହ ଯୁବନେତା ସୁଜିତ ମହାପାତ୍ରଙ୍କୁ ପ୍ରାର୍ଥୀ କରାଯାଉ ବୋଲି ଶତାଧିକ ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ଦାବି କରିଛନ୍ତି। ୪୮ଘଣ୍ଟା ମଧ୍ୟରେ ପିସିସି ସଭାପତି ନିଜ ମତ ସ୍ପଷ୍ଟ ନ କଲେ, ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ସମୂହ ଇସ୍ତଫା ଦେବେ ବୋଲି ସେମାନେ ଗଣମାଧ୍ୟମ ଆଗରେ କହିଛନ୍ତି। ଅରୋପ୍ରସାଦଙ୍କୁ ପ୍ରାର୍ଥୀ ଘୋଷଣା କରାଯିବାର ୨୪ଘଣ୍ଟା ନ ପୂରୁଣୁ ଶନିବାର ଏହାର ତୀବ୍ର ବିରୋଧ ଦେଖିବାକୁ ମିଳିଛି। କଂଗ୍ରେସ ଭବନ ଆଗରେ ନିରଞ୍ଜନ ଓ ଭକ୍ତଙ୍କ ବିରୋଧରେ କର୍ମୀମାନେ ନାନା ସ୍ଲୋଗାନ ଦେବା ସହ ଉଭୟଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ପିସିସି ପକ୍ଷରୁ ତୁରନ୍ତ ଅରୋଙ୍କ ପରିବର୍ତ୍ତେ ସୁଜିତଙ୍କୁ ଟିକେଟ ଦେବାକୁ ଦାବି କରିଥିଲେ। ଏଥିରେ ଯୁବନେତା ଅମରେନ୍ଦ୍ର ପାଇକରାୟ, ସ୍ମୃତି ରଞ୍ଜନ ପତି, ପ୍ରେମଜିତ ମହାନ୍ତି, ମନୋଜ ବେହେରା, ଚନ୍ଦ୍ରଶେଖର କର, ପିଣ୍ଟୁ ସାହୁ, ଜଗନ୍ନାଥ ନାୟକ, ବିଶ୍ୱଜିତ ସାହୁ, ବିଶ୍ୱନାଥ ଦାଶ, ଅମୃତ ରଥ ପ୍ରମୁଖ ସାମିଲ ଥିଲେ। ଏନେଇ ଯୁବନେତା ପ୍ରେମଜିତ କହିଛନ୍ତି, ଗତ କିଛିବର୍ଷ ହେଲା ସୁଜିତ ମହାପାତ୍ର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଉଛନ୍ତି। ସୁଜିତଙ୍କ ପ୍ରତି ଯୁବ ଓ ଛାତ୍ର କଂଗ୍ରେସର ସମର୍ଥନ ରହିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସୌମ୍ୟରଞ୍ଜନ



ପବିତ୍ର



ସୁନୀଲ



ପୁଣ୍ୟତୋୟା



ଅଜିତ



ଅନନ୍ତ



ନମିତା




ସନ୍ତୋଷ




# ଏପ୍ରିଲ ଫୁଲ୍







ଥଟ୍ଟାମଜା ସମସ୍ତଙ୍କୁ ଆନନ୍ଦ ଦେଇଥାଏ। ନିଜେ ହସିବା ସହ ଅନ୍ୟକୁ ହସାଇବାର ମଜା ଟିକେ ନିଆରା। ହେଲେ ତାହାର ଉପାୟ ଯଦି ଠିକ୍ ରହିଲା, ତେବେ ତାହା ସ୍ମରଣୀୟ ହୋଇ ରହିଥାଏ। କେତେକ ନିର୍ଦ୍ଦିଷ୍ଟ ଦିନକୁ ମନେରଖିବା ପାଇଁ ଲୋକେ ନିଜ ନିଜ ଭିତରେ ଥଟ୍ଟା ତାମସା କରନ୍ତି। ପ୍ରାଚୀନ କାଳରେ ଏଭଳି ଅନେକ ଘଟଣା ନଜିର ରହିଛି। ପୁଣି ସେହି ଦିନକୁ ଏ ପର୍ଯ୍ୟନ୍ତ ଏକ ସ୍ମରଣୀୟ ଦିନ ଭାବରେ ମନେ ରଖାଯାଇଛି। ସେହି ମଜାରେ ଯେଉଁ କାହାଣୀ ଥାଏ, ତା' ପଛରେ ଆଦୌ ସତ୍ୟତା ନ ଥାଏ। ହେଲେ ତାହାକୁ ଶୁଣିବା ପରେ ଜଣେ ଭାବିନିଏ ଯେ, ଘଟଣାଟି ସମ୍ପୂର୍ଣ୍ଣ ସତ ଆଉ ତା' ପରେ କ'ଣ ହେଲା ବୋଲି ସେ ବେଶ୍ ଉତ୍ସୁକତାର ସହ ପ୍ରଶ୍ନ ପଚାରେ। ହେଲେ ସେ ଜାଣି ପାରି ନ ଥାଏ ଯେ, ଆଦୌ ସତ ନ ଥିବା କଥାକୁ ନେଇ ତାକୁ ବୋକା ବନାଉଛନ୍ତି। ଅସଲ କଥା ଜାଣିବା ପରେ ସେହି ମାହୋଲ ଆହୁରି ଖୁସିରେ ଉଚ୍ଛୁଳିପଡେ। ହଁ, ତାହା ହେଲା 'ଏପ୍ରିଲ ଫୁଲ୍'। ପ୍ରତିବର୍ଷ ଏପ୍ରିଲ ମାସ ପହିଲା ତାରିଖରେ ଏପରି କାହାଣୀ, ଜୋକ୍ସ ଶୁଣିବାକୁ ମିଳେ, ଯେଉଁଥିରୁ ଅନେକେ ମଜା ଉଠାନ୍ତି। ୧୮୫୭ରେ ଇଂଲଣ୍ଡରେ ଶୁଣିବାକୁ ମିଳିଲା ଯେ ଟାୱାର ଅଫ ଲଣ୍ଡନରେ ଥିବା ସିଂହଟିକୁ ଧୁଆ ଯାଇଛି। କିନ୍ତୁ ସେପରି କିଛି ଘଟଣା ବାସ୍ତବରେ ଘଟି ନ ଥିଲା। ତାହା କେବଳ ଏକ ଗୁଜବ ଥିଲା, ଯାହା ସେତେବେଳେ ଲୋକମାନଙ୍କୁ ବେଶ୍ ମଜା ଦେଇଥିଲା। କେବଳ ପାଶ୍ଚାତ୍ୟ ଦେଶରେ ନୁହେଁ, ଆମ ଦେଶରେ ଏପ୍ରିଲ ଫୁଲ୍‌ରେ ଅନେକଙ୍କୁ ଆନନ୍ଦ ମିଳିଥାଏ। ସେହି ଦିନରେ ଜଣକୁ ବୋକା ବନାଇବାର ଏହା ଏକ ମଜାଦାର ପ୍ରୟାସ। ସତ କଥା ଜଣାପଡିବା ପରେ ଶୁଣୁଥିବା ଏବଂ ଘଟଣାର ସତ୍ୟତା ବିଷୟରେ ଅବଗତ ନ ଥିବା ବ୍ୟକ୍ତିଙ୍କୁ 'ଏପ୍ରିଲ ଫୁଲ୍' କହି ଚିଡାଇଥାଆନ୍ତି, ଯାହା ପଛରେ କେବଳ ମଜା ନେବା ହିଁ ଲୁଚି ରହିଥାଏ। ଏବେ ବିଶେଷଭାବରେ ଯୁବପିଢ଼ି ଏପ୍ରିଲ ଫୁଲ୍‌ରେ ବିଭିନ୍ନ ଉପାୟରେ ବେଶ୍ ଥଟ୍ଟା ତାମସା କରି ନିଜର ଫ୍ରେଣ୍ଡଶିପ୍ ପରିସରକୁ ଆହୁରି ବଢ଼ାଇ ଥାଆନ୍ତି।

**ଜାଣନ୍ତୁ ହସିବାର ଫାଇଦା :** ଏପ୍ରିଲ ମାସର ପ୍ରଥମ ଦିନକୁ ଏପ୍ରିଲ ଫୁଲ୍ ବୋଲି କୁହାଯାଏ। ବିଶ୍ୱରେ ଏହାକୁ ନେଇ ଏକ ଗବେଷଣା ହୋଇସାରିଛି। ଏଥିରେ ଉଦାସ ରହୁଥିବା ବ୍ୟକ୍ତିଙ୍କ ତୁଳନାରେ ଯେଉଁମାନେ ହସମଜା କରୁଥିଲେ, ସେମାନେ ସୁସ୍ଥ ରହୁଥିବାର ଦେଖିବାକୁ ମିଳିଥିଲା। ଖାଲି ଏତିକି ନୁହେଁ, ଖୁସି ମିଜାଜର ବ୍ୟକ୍ତି ଦୀର୍ଘାୟୁ ହେବା ସହ ନିଜର ପର୍ସନାଲ, ପ୍ରଫେସନାଲ ଲାଇଫ୍‌ରେ ସଫଳ ହୋଇଥାଆନ୍ତି।

**ଲାଫ୍ଟର ଥେରାପି :** ସବୁଠୁ ଅଧିକ ବିକ୍ରି ହୋଇଥିବା ବହି 'ଲାଫ୍ଟର ଥେରାପି- ହାଓ ଟୁ ଲାଫ୍ ଏଭ୍ରିଥିଙ୍ଗ ଇନ୍ ୟୋର ଦ୍ୟାଟ୍ ଇଜ୍ ନଟ୍ ରିୟଲି ଫନି'ର ଲେଖିକା ଏନେଟଗୁଡହର୍ଟଙ୍କ ମତରେ- ହସ ଏପରି ଏକ ପ୍ୟୁରିଫିକେଶନ୍ ପ୍ରକ୍ରିୟା, ଯାହା ନିଜର ଭାବପ୍ରବଣତାକୁ ବାଲାନ୍ସ କରିଥାଏ। ଏହା ହିଲିଂ କରିବାରେ ବହୁତ ସାହାଯ୍ୟ କରିଥାଏ। ତାଙ୍କର ଏହି ଥିଓରିରେ ହସିବାରେ କେତୋଟି ଫାଇଦା ରହିଛି, ତାହା ଗବେଷଣା ମାଧ୍ୟମରେ ପୁଷ୍ଟ ହୋଇସାରିଛି।

**ହାର୍ଟ ରହିଥାଏ ସୁସ୍ଥ**
ହାର୍ଟ ସ୍ପେଶାଲିଷ୍ଟଙ୍କ ମତରେ ପ୍ରତିଦିନ ୧୦-୧୫ ମିନିଟ୍ ଖୋଲା ହସିବା ଦ୍ୱାରା ହାର୍ଟ ସୁସ୍ଥ ରହିଥାଏ। ଧମନୀରେ ବ୍ଲକେଜ୍ ହେବାର ଆଶଙ୍କା କମ୍ ଥାଏ।

**ବଢ଼ିଥାଏ ରୋଗ ପ୍ରତିରୋଧକ ଶକ୍ତି**
ହସିବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ି ଥାଏ। ଦିନରେ ହସିବା ଦ୍ୱାରା ରାତିରେ ଭଲ ନିଦ ମଧ୍ୟ ଆସିଥାଏ। ହସ ରୋଗ ପ୍ରତିରୋଧକ କୋଷଗୁଡ଼ିକର ସଂଖ୍ୟା ବଢ଼ାଇବା ସହ ଇନ୍‌ଫେକ୍‌ଶନ୍ ସହ ଲଢ଼ିବାର ଶକ୍ତି ମିଳିଥାଏ। ଏହାଦ୍ୱାରା ଶରୀର ସୁସ୍ଥ ରୁହେ। ହସିବା ଦ୍ୱାରା ଶରୀରରେ ମେଲାଟୋ ନିନ୍ ନାମକ ରାସାୟନିକ ତତ୍ତ୍ୱ ସୃଷ୍ଟି ହୁଏ, ଯାହା ନିଦ ହେବାରେ ସାହାଯ୍ୟ କରିଥାଏ।

**ସୁଗାର ନିୟନ୍ତ୍ରଣରେ ସାହାଯ୍ୟ କରିଥାଏ**
ଜାପାନରେ ଥିବା ସୁକୁବା ୟୁନିଭର୍ସିଟି ଦ୍ୱାରା ହୋଇଥିବା ଗବେଷଣା ଅନୁଯାୟୀ ପ୍ରତିଦିନ ହସୁଥିବା ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କ ଖାଇବା ପରେ ସୁଗାର ସ୍ତର କମ୍ ଦେଖିବାକୁ ମିଳିଲା। ବୈଜ୍ଞାନିକଙ୍କ ମତରେ ହସିବା ଦ୍ୱାରା ନ୍ୟୁରୋଏଣ୍ଡୋକ୍ରାଇନ୍ ସିଷ୍ଟମ ଉପରେ ପ୍ରଭାବ ପଡିଥାଏ। ଏହା ଗ୍ଲୁକୋଜ୍ ସ୍ତରକୁ ମଧ୍ୟ ନିୟନ୍ତ୍ରିତ ରଖିଥାଏ।

**ଷ୍ଟ୍ରେସ୍‌ରୁ ମୁକ୍ତି:** ଷ୍ଟ୍ରେସ୍ କମାଇବାରେ ହସ ସହାୟକ ହୋଇଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ହସିବା ଫଳରେ କାର୍ଟିସୋଲ ଓ ଏପିନୋଫ୍ରିନ୍ ଭଳି ଷ୍ଟ୍ରେସ୍ ହର୍ମୋନ ସ୍ତର ସନ୍ତୁଳିତ ରହିଥାଏ। ହସିବା ଦ୍ୱାରା ହାପି ହର୍ମୋନ୍ ଭଳି ସେରୋଟୋନିନ୍ ଓ ଅକ୍ସିଟୋସିନ୍ ବାହାରି ଆସିଥାଏ, ଯଦ୍ୱାରା ଆମର ମୁଡ୍ ଭଲ ରହିଥାଏ।

**ହୋଇଥାଏ ମସଲ୍ସ ଏକ୍ସରସାଇଜ୍:** ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ, ଏକଘଣ୍ଟା ପର୍ଯ୍ୟନ୍ତ ହସିବା ସହ ୩୦ ମିନିଟ୍ ପର୍ଯ୍ୟନ୍ତ ଜିମ୍‌ରେ ୱେଟ୍ ଲିଫ୍ଟିଙ୍ଗ୍ ସହ ସମାନ। ଏହାଦ୍ୱାରା ଖୋଲା ହସିବା ଦ୍ୱାରା ହାର୍ଟବିଟ୍ ଠିକ୍ ରହିଥାଏ ଏବଂ ଶରୀରର ସବୁ ଅଙ୍ଗପ୍ରତ୍ୟଙ୍ଗକୁ ରକ୍ତ ସଞ୍ଚାଳନ ଭଲ ହୁଏ। ଫଳରେ ହସିବା ଦ୍ୱାରା ପେଟର ମାଂସପେଶୀ ହାଲୁକା ଏକ୍ସରସାଇଜ୍ ବି କରିଥାଏ।

**କ୍ୟାଲୋରି ବର୍ଣ୍ଣ ହୋଇଥାଏ:** ହସିବା ଏକ ପ୍ରକାର ଫିଜିକାଲ ଏକ୍ସରସାଇଜ୍। ହସିବା ଦ୍ୱାରା ମେଟାବଲିଜିମ୍ ସ୍ତର ବଢ଼ିଥାଏ। ହେଲ୍‌ଥ ଏକ୍ସପର୍ଟଙ୍କ ମତରେ ଯଦି ଆପଣ ଡାଏଟିଂ ଏବଂ ୱେଟ କଣ୍ଟ୍ରୋଲ କରିବାକୁ ଯୋଜନା କରୁଛନ୍ତି, ତେବେ ପ୍ରୋଗ୍ରାମ୍ ଯଦି କରୁଥାନ୍ତି ତେବେ ଜୋର୍‌ରେ ହସିବାକୁ ଦୈନନ୍ଦିନ ରୁଟିନ୍‌ରେ ସାହାଯ୍ୟ କରୁଛି।

**ସବୁବେଳେ ୟଙ୍ଗ୍ ରହିଥାଆନ୍ତି :** ସବୁବେଳେ ଜୋର୍‌ରେ ହସୁଥିବା ବ୍ୟକ୍ତି ୟଙ୍ଗ୍ ଦେଖାଯିବା ସହ ବୟସ କମ୍ ଦେଖିବାକୁ ମିଳେ। ଏହି କାରଣରୁ ହସିବା ଦ୍ୱାରା ୧୫ଟି ମାଂସପେଶୀ ଏକାସହିତ କାମ କରିଥାଏ। ଫଳରେ ରକ୍ତ ସଂଚାଳନ ଭଲ ହୋଇଥାଏ। ମୁହଁର ଏକ୍ସରସାଇଜ୍ ବି ହୋଇଥାଏ। ହେଲ୍‌ଥ ଏକ୍ସପର୍ଟଙ୍କ ମତରେ ଜୋରଜୋର୍ ହସିବା ଦ୍ୱାରା ଆମ ଶ୍ୱାସକ୍ରିୟା ସକ୍ରିୟ ରହିଥାଏ।

## ସେମାନଙ୍କ ମତରେ...


ସରୋଜକାନ୍ତ

**ଏପ୍ରିଲ ଫୁଲ୍‌ର ଧୁମ୍ ମଜା ନେଇଥାଏ**
*(ସରୋଜକାନ୍ତ ବାରିକ୍, ଛାତ୍ର, ପାରାଦୀପ, ଜଗତ୍‌ସିଂହପୁର)*

ପ୍ରତିବର୍ଷ ମୁଁ ଏପ୍ରିଲ୍ ଫୁଲ୍‌ର ଧୁମ ମଜା ନେଇଥାଏ। ଏହି ଦିନରେ ସାଙ୍ଗମାନଙ୍କ ସହ ଜୋକ୍ ଶେୟାର କରିବାର ମଜା ନିଆରା। କାରଣ ଏସବୁ କାହାଣୀ ପଛରେ ଆଦୌ ସତ ନ ଥାଏ। ଥରେ ମୋର ଜଣେ ସାଙ୍ଗ ଏକ ଜୋକ୍‌କୁ ନେଇ ଇମୋଶନାଲ ହୋଇଯାଥିଲା। ତାକୁ ବୁଝାଇବାକୁ ଆମକୁ କିଛି ସମୟ ଲାଗି ଯାଇଥିଲା। ଏଥର ମଧ୍ୟ ଏପ୍ରିଲ ଫୁଲ୍‌ର ଧୁମ ମଜା ନେବି।


ବୀଣାବୈଶାଖୀ

**ଏପ୍ରିଲ ଫୁଲ୍ କରିବାକୁ ମୋତେ ଖୁସି ଲାଗେ**
*(ବୀଣାବୈଶାଖୀ ପ୍ରଧାନ, ଜଗତପୁର, କଟକ)*

ଏହି ଦିନରେ ସାଙ୍ଗମାନଙ୍କ ସହ ମଜା କରିବାକୁ ମୋତେ ଭଲ ଲାଗେ। ସେହି ଦିନ ସାଙ୍ଗମାନଙ୍କୁ କ'ଣ କହି ବୋକା ବନାଇବି, ସେ ନେଇ ତା' ପରଦିନ ରାତିରେ ପ୍ଲାନିଂ କରେ। ଏହି ଜୋକ୍ସକୁ ଏମିତି ପ୍ରେଜେଣ୍ଟ କରେ, ତାହା ସତ ବୋଲି ଅନେକେ ଭାବନ୍ତି। ତେଣୁ ସେମାନଙ୍କୁ ବୋକା ବନାଇବା ସହଜ ହୋଇଥାଏ। ଏଥର ଏହି ଦିନରେ ସାଙ୍ଗମାନଙ୍କ ସହ ମିଶି ଢେର ଜୋକ୍ସ ଶେୟାର କରିବାକୁ ଯୋଜନା କରିଛି।

## ଏ ସପ୍ତାହର ପ୍ରଶ୍ନ

୧. ବିଶ୍ୱର ଦୀର୍ଘତମ ହାଇୱେ କିଏ ଏବଂ ଏହାର ଲମ୍ବ କେତେ ?
୨. 'କଣ୍ଟ୍ରି କପର' ଦେଶ ଭାବରେ କେଉଁ ଦେଶ ପରିଚିତ ?
୩. ପାକିସ୍ତାନ ଏବଂ ଆଫଗାନିସ୍ତାନର ସୀମାରେଖାକୁ କ'ଣ କୁହାଯାଏ ?
୪. ମନୁଷ୍ୟ ଶରୀରରେ କେଉଁଠି ସବୁଠାରୁ ଅଧିକ ଯୋଡ଼ାସ୍ଥଳୀ ରହିଛି ?
୫. ଅର୍ଥନୀତିରେ ପ୍ରଥମ ଥର କେବେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା ?

## ଗତ ସପ୍ତାହର ଉତ୍ତର

୧ ଅଶୋକ ସ୍ତମ୍ଭ
୨ ଶଙ୍ଖଧ୍ୱନି
୩ ସଇଁତଳା
୪ ସୁନାବେଡା
୫ ବେଲଗୁଣ୍ଡା

## ଉତ୍ତରଦାତା


ରୂପାଲି ପ୍ରିୟଦର୍ଶିନୀ ନାୟକ, ନିମାପଡା, ପୁରୀ


ଯୋଗମାୟା ମିଶ୍ର, ଜୟବଡ, ଜଗତ୍‌ସିଂହପୁର

# ସମର ଫ୍ୟାଶନ୍

**ଯୁଗ ସହ ତାଳ ଦେଇ ଟ୍ରେଣ୍ଡି ଦେଖାଯିବାକୁ ଚାହୁଁଥିବା ୟୁଥ୍ ଜେନେରେଶନଙ୍କ ପାଇଁ ବଜାରରେ ପ୍ରତି ଦିନ ନୂଆ ନୂଆ କଲେକ୍ସନ ମଧ୍ୟ ଉପଲବ୍ଧ ହେଉଛି। ତେବେ ଏହି ସମର ସିଜନ୍‌ରେ କିଭଳି ଭାବେ ନିଜକୁ ଏକ ଟ୍ରେଣ୍ଡି ଲୁକ୍ ଦେଇ ପାରିବେ ସେ ସମ୍ପର୍କରେ...**



- ଓଭରସାଇଜ୍ ହ୍ୟାଣ୍ଡବ୍ୟାଗ୍ ଓ ଓଭରସାଇଜ୍ କ୍ଲଚ୍ ଏବେ ନୂଆ ଟ୍ରେଣ୍ଡରେ ସାମିଲ ଅଛି ଯାହା ଯୁବପିଢ଼ୀଙ୍କ ମନକୁ ଛୁଇଁପାରିଛି।
- କଲରଫୁଲ୍ ଫ୍ଲାଟ ଚପଲକୁ ଆପଣ ନିଜର ଷ୍ଟାଇଲ୍ ଷ୍ଟେଟମେଣ୍ଟ ରୂପେ ନେଇ ପାରିବେ। ଏହା ପାଦକୁ ସୁନ୍ଦର ଲୁକ୍ ଦେଇଥାଏ।
- ଜ୍ୱେଲେରୀରେ ବୋଲ୍ଡ ଏବଂ ବିଗ୍ ଭଲ ଟ୍ରେଣ୍ଡ ଚାଲିଛି। କକ୍‌ଟେଲ ରିଙ୍ଗ,ନେକଲେସ୍ ବ୍ୟାଙ୍ଗଲ ମଧ୍ୟ ଏଥିରେ ସାମିଲ କରିପାରିବେ । ଷ୍ଟୋନ୍‌ର ଯଦି ଜ୍ୱେଲେରୀ ପିନ୍ଧୁଥାନ୍ତି ଏହା ଯେପରି କଲରଫୁଲ ହେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ଆଜିକାଲି କଲରଫୁଲ୍ ସ୍କାର୍ଫର ଫ୍ୟାଶନ୍ ଚାଲିଛି,ଏହି ଫ୍ୟାଶନ୍ ଆଗରୁ ଥିଲା ଏବେ ବି ଅଛି । ଆପଣ ଏହାକୁ ଇଣ୍ଡିଆନ୍ ଓ ୱେଷ୍ଟର୍ଣ୍ଣ ଡ୍ରେସରେ ମଧ୍ୟ କ୍ୟାରୀ କରିପାରିବେ। ଏହା ଟ୍ରାଡିସନାଲ୍‌ରେ ମଡର୍ଣ୍ଣ ଲୁକ୍ ଦେଇଥାଏ।

# ଡାଏଟ୍‌ରେ ରଖନ୍ତୁ ଧ୍ୟାନ

**ପନିପରିବା ବଦଳରେ ଫାଷ୍ଟଫୁଡ୍ ଆଜିକାଲି ଯୁବପିଢ଼ିଙ୍କର ବହୁତ ପସନ୍ଦ। କିନ୍ତୁ ଶାରୀରିକ ଏବଂ ମାନସିକ ବିକାଶ ପାଇଁ ଉତ୍ତମ ଡାଏଟ୍ ଜରୁରୀ । ଜାଣନ୍ତୁ ଏ ନେଇ କିଛି ଟିପ୍ସ...**



**ଆୟୋଡିନ -** ଶରୀରରେ ଆୟୋଡିନର ଆବଶ୍ୟକତା ରହିଛି। ଟମାଟୋ, ପାଳଙ୍ଗ, ଅଣ୍ଡା, ଆଳୁ, କ୍ଷୀର, ମକା, ବିନ୍ସ, ଷ୍ଟ୍ରବେରୀ ଆଦିରେ ଉପଯୁକ୍ତ ମାତ୍ରାରେ ରହିଛି ଆୟୋଡିନ। ନିୟମିତ ଖାଦ୍ୟ ତାଲିକାରେ ଏସବୁକୁ ଅନ୍ତର୍ଭୁକ୍ତ କରନ୍ତୁ।

**କାର୍ବୋହାଇଡ୍ରେଟ୍‌ସ -** ସକାଳେ ବ୍ରେକ୍‌ଫାଷ୍ଟ ଠିକ୍ ଭାବେ ହୋଇ ନ ଥିଲେ ପାଠପଢ଼ାରେ ଧ୍ୟାନ ରହି ନ ଥାଏ। ତେଣୁ ପ୍ରତିଦିନ ଡାଏଟ୍‌ରେ କାର୍ବୋହାଇଡ୍ରେଟ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।

**ଜିଙ୍କ୍ -** ନର୍ଭ ଏବଂ ମସ୍ତିଷ୍କ କୋଷ ମଧ୍ୟରେ ସଂଯୋଗ ରକ୍ଷା କରିଥାଏ ଜିଙ୍କ୍। ଶରୀରରେ ଏହାର ପରିମାଣ କମ୍ ରହିଲେ ବୌଦ୍ଧିକ ବିକାଶରେ ବାଧା ସୃଷ୍ଟି ହୋଇଥାଏ। ବାଦାମ, ରସୁଣ, ଅଣ୍ଡାର ଧଳାଅଂଶ, ଛତୁ, ଅଳସୀ, ଓଟ୍‌ସ, ରାଜ୍‌ମା, ଛୋଲେ, ମଟର, ଦହି ଆଦିରେ ପ୍ରଚୁର ମାତ୍ରାରେ ରହିଛି ଜିଙ୍କ୍। ଖାଦ୍ୟ ତାଲିକାରେ ଏସବୁ ରହିବା ନିହାତି ଜରୁରୀ।

**ଭିଟାମିନ୍ ବି -** ଶରୀରରେ ନର୍ଭ୍ ସେଲ୍‌କୁ ମଜବୁତ୍ ରଖିବାକୁ ହେଲେ ଭିଟାମିନ୍ ବି ୯ ଏବଂ ବି ୧୨ ଜରୁରୀ। ନନ୍ ଭେଜିଟେରିଆନ୍ ଫୁଡ୍‌ରେ ଏହାର ମାତ୍ରା ଅଧିକ ରହିଛି।

**ଆଇରନ୍ -** ଶରୀରରେ ଆଇରନ୍‌ର ମାତ୍ରା କମ୍ ହେଲେ ଥକ୍କା ଅନୁଭବ ହୁଏ ଏବଂ ଚିଡିଚିଡା ଲାଗିଥାଏ। ବିଟ୍, ପାଳଙ୍ଗ, ସେଓ, ସଜନାଛୁଇଁ, କଦଳୀ, ତରଭୁଜ, ଡାଳିମ୍ବ, ପିଜୁଳି, ସୋୟାବିନ୍, ଡାଲି ଓ ସବୁଜ ପନିପରିବା ଆଦିରେ ପ୍ରଚୁର ମାତ୍ରାରେ ରହିଛି ଆଇରନ୍।

## ଦାମ୍ପତ୍ୟ ଜୀବନରେ ଫାଟ



ମାତ୍ର ୩ ମାସର ବୈବାହିକ ଜୀବନରେ ମତଭେଦ। ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ସ୍ୱାମୀ ତଥା ଆମେରିକୀୟ ପପ୍ ଗାୟକ ନିକ୍ ଜୋନାସ୍‌ଙ୍କ ମଧ୍ୟରେ ଛାଡ଼ପତ୍ର ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି।

# ବାପାଙ୍କୁ ସମ୍ମାନ ଦେଇନାହିଁ ଭାଜପା: ସୋନାକ୍ଷୀ



ମୁମ୍ବାଇ: ଅଭିନେତାରୁ ରାଜନେତା ପାଲଟିଥିବା ଶତ୍ରୁଘ୍ନ ସିହ୍ନାଙ୍କୁ ଭାରତୀୟ ଜନତା ପାର୍ଟି(ଭାଜପା)ରେ ସମ୍ମାନ ମିଳେନାହିଁ ବୋଲି ତାଙ୍କ କନ୍ୟା ସୋନାକ୍ଷୀ ସିହ୍ନା ଶୁକ୍ରବାର ପ୍ରକାଶ କରିଛନ୍ତି। ସେ ବହୁ ପୂର୍ବରୁ ଭାଜପା ଛାଡ଼ିବା ଉଚିତ ଥିଲା। କଂଗ୍ରେସରେ ଯୋଗଦେବା ତାଙ୍କ ପିତାଙ୍କର ଖୁବ୍ ପସନ୍ଦ। କଂଗ୍ରେସରେ ତାଙ୍କ ଭଳି ବିଶିଷ୍ଟ ଅଭିନେତା ଯୋଗଦେଲେ ଭଲ କାମ କରିବାର ସୁଯୋଗ ପାଇବେ ବୋଲି ସୋନାକ୍ଷୀ କହିଛନ୍ତି। 'ଏଚ୍‌ଟି ମୋଷ୍ଟ ଷ୍ଟାଇଲିଶ୍ ଆୱାର୍ଡସ'ରେ ଉଦ୍‌ବୋଧନ ଦେବା ଅବସରରେ ସୋନାକ୍ଷୀ ଏଠାରେ ଖବରଦାତାଙ୍କୁ କହିଲେ, କୌଣସି ଦଳରେ ରହି ଜଣେ ଯଦି ଖୁସି ହୋଇ ନ ପାରୁଛି ତା'ହେଲେ ଦଳ ଛାଡ଼ିଦେବା ଉଚିତ। କଂଗ୍ରେସରେ ତାଙ୍କର ଯୋଗଦାନ ଦ୍ୱାରା ସେ ଅଧିକ କାମ କରିବାର ସୁଯୋଗ ପାଇବେ ଏବଂ ଆଦୌ ଚାପରେ ରହିବା ଅନୁଭବ କରିବେ ନାହିଁ। ଭାଜପା ଛାଡ଼ିବା ବର୍ତ୍ତମାନ ତାଙ୍କ ପାଇଁ ଉପଯୁକ୍ତ ସମୟ। ପିତାଙ୍କ ଭଳି ବରିଷ୍ଠ ନେତାମାନଙ୍କୁ ମଧ୍ୟ ଦଳରେ ଯଥୋଚିତ ସମ୍ମାନ ମିଳୁନାହିଁ। ଭାଜପା ଛାଡ଼ିବା ତାଙ୍କ ପାଇଁ ଖୁବ୍ ବିଳମ୍ବ ହୋଇଗଲା ବୋଲି ସୋନାକ୍ଷୀ କହିଛନ୍ତି।



ସତ୍ୟ ନିମନ୍ତେ ସବୁକିଛି ତ୍ୟାଗ କରାଯାଇପାରେ। କିନ୍ତୁ ସତ୍ୟକୁ କୌଣସି ବସ୍ତୁ ପାଇଁ ତ୍ୟାଗ କରାଯାଇନପାରେ
- ବ୍ୟାସଦେବ



## ସଂକ୍ଷେପରେ

### ପ୍ରେମିକାଙ୍କୁ ପ୍ରତାରଣା, ପ୍ରେମିକ ଗିରଫ

**ଭୁବନେଶ୍ୱର,୩୦।୩(ବ୍ୟୁରୋ):** ପ୍ରେମିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ସ୍ଥାପନ। ପରେ ପ୍ରତାରଣା କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ପ୍ରେମିକ ହାଇଟେକ୍ ଇଟାଭାଟି ବସ୍ତିର ଗୁଡୁ ଦାଶଙ୍କୁ ଗିରଫ କରିଛି। ପୋଲିସ କେସ୍ ନଂ.୧୧୨/୧୯ ଦଫା ୪୧୭, ୪୯୩ ଲଗାଇ ଅଭିଯୁକ୍ତ ଗୁଡୁଙ୍କୁ କୋର୍ଟ ଚାଲାଣ କରିଛି। ଏଥିସହ ପୋଲିସ ଯୁବତୀଙ୍କ ଡାକ୍ତରୀ ମାଇନା କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ଗୁଡୁ ପରିବାର ସହ ରହି ଦିନ ମଜୁରିଆ ଭାବେ କାମ କରନ୍ତି। ସେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଇଥିଲେ। ପରେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ବିଭିନ୍ନ ସମୟରେ ଶାରିରୀକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ଗୁଡୁ ଯୁବତୀଙ୍କୁ ଛାଡି ଦେଇଥିଲେ। ଯୁବତୀ ଜଣକ ତାଙ୍କୁ ବିବାହ କରିବାକୁ ଜିଦ୍ କରି ଗୁଡୁର ଘର ଆଗରେ ଧାରଣାରେ ବସିଥିଲେ। ଗୁଡୁ ତାଙ୍କୁ ମାଡ଼ ମାରି ସେଠାରୁ ତଡ଼ି ଦେଇଥିଲେ। ଶେଷରେ ପ୍ରତାରିତା ଯୁବତୀ ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ପୁରସ୍କାର ବିତରଣ ଉତ୍ସବ

**ବାଲିଅନ୍ତା,୩୦।୩(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ ଭୁବନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ସିପ୍ରା ମିଶ୍ର ମୁଖ୍ୟଅତିଥି ଓ ବି.ଆର୍.ସି.ସି ସୁରେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ବାବୁଲୀ ଖଟୁଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅଧ୍ୟୟନରତ ଅଣଆବାସିକ ରତୁକାଳୀନ ଛାତ୍ରୀଛାତ୍ରଙ୍କୁ ଜୋତା ବଣ୍ଟାଯାଇଥିଲା। ସହକାରୀ ଶିକ୍ଷକ ଉମାକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

### ଲୁଟ୍ ଘଟଣା, ୩ ଗିରଫ

**ପୁରୁଣା ଭୁବନେଶ୍ୱର, ୩୦। ୩(ଡି.ଏନ.ଏ.):** ଏୟାରପୋର୍ଟ ଥାନା ଅଧୀନ ପଳାଶପଲ୍ଲୀ ଓଭରବ୍ରିଜ୍ ଉପରେ ଶୁକ୍ରବାର ଅପରାହ୍ନ ୧ଟାରେ ଜଣେ ବ୍ୟକ୍ତିଙ୍କଠାରୁ ହୋଇଥିବା ଲୁଟ୍ ଘଟଣାରେ ଶନିବାର ପୋଲିସ୍ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଭୂଷଣପୁର କଟକ ଟାଙ୍ଗୀ ଅଞ୍ଚଳର ଶ୍ୟାମ ଦାସ (୨୯), ପୁରୁଣା ଭୁବନେଶ୍ୱର ଗୋଡ଼ିପୋଖରୀ ସାହିର ଦୀପକ କୁମାର ମହାପାତ୍ର(୩୨), ଖୋର୍ଦ୍ଧା ଜଙ୍କିଆ ବେଟାଜଙ୍ଗ ଅଞ୍ଚଳର ସନ୍ତୋଷ କୁମାର ବଳିଆରସିଂ (୨୮)। ପୋଲିସ ସୂଚନା ମୁତାବକ, ଅଭିଯୋଗକାରୀ ଆଶିଷ ସୁପକାର ନିଜ ସାଙ୍ଗ ସହ ଭରତପୁର ଯାଉଥିଲେ। ଘଟଣାସ୍ଥଳରେ ବାଇକ୍ ନଂ. ଓଡି ୦୨ ବିବି ୩୫୧୧ରେ ଅଭିଯୁକ୍ତମାନେ ଆଶିଷକୁ ଅଟକାଇ ଭୟଭୀତ କରାଇଥିଲେ। ତାଙ୍କଠାରୁ ନଗଦ ୫୧୫୦ ଟଙ୍କା, ୩ଟି ମୋବାଇଲ ଏବଂ ଅନ୍ୟ କାଗଜପତ୍ର ସହ ସୁନାଚେନ, ମୁଦି ନେଇ ଫେରାର ହୋଇଯାଇଥିଲେ।

### ୭୭୫ ଲିଟର ଦେଶୀମଦ ଜବତ

**ବାରଙ୍ଗ,୩୦।୩(ଡି.ଏନ୍.ଏ.):** ଚନ୍ଦକା ଥାନା ପୋଲିସ ଶୁକ୍ରବାର ରାତିରେ ଦାରୁଠେଙ୍ଗ ଗ୍ରାମର ଜଣଙ୍କ ଘରୁ ୨୦ ବ୍ୟାରେଲରେ ଥିବା ୭୭୫ଲିଟର ଦେଶୀମଦ ଜବତ କରିବାସହ ଘର ମାଲିକଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଗ୍ରାମ ନୂଆଗଡ ସାହିର ପ୍ରଶାନ୍ତ ବେଉରା। ବିଶେଷସୂତ୍ରରୁ ଖବରପାଇ ପୋଲିସ ବିଳମ୍ବିତ ରାତିରେ ପ୍ରଶାନ୍ତଙ୍କ ଘରେ ଚଢାଉ କରିଥିଲେ। ଏହି ସମୟରେ ସେ ବ୍ୟବହାର କରୁଥିବା ଓଡି୩୩ଭି-୯୧୨୧ନଂ ସ୍କୁଟିକୁ ଜବତ କରିଛନ୍ତି।

■ ରହସ୍ୟରେ ମାର୍ବଲ ଶୋ'ରୁମ୍ ସିକ୍ୟୁରିଟି ଗାର୍ଡ ହତ୍ୟା ଘଟଣା

# ଆତ୍ମହତ୍ୟା ରୂପ ଦେବାକୁ ପୋଲିସର ଯୋଜନା

**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

- ଶୋ'ରୁମ୍ ମାଲିକଙ୍କ ସହ ଦୁଇଜଣଙ୍କୁ ପଚରାଉଚରା
- ମୃତ ଗଦାଧରଙ୍କ ସହ ମିଶି ଅନ୍ୟମାନେ କରୁଥିଲେ ମାର୍ବଲ ଚୋରି
- ପାହାଳ ଫାଣ୍ଡି ଘେରାଉ ପାଇଁ ଚେତାବନୀ

ବାଲିଅନ୍ତା ଥାନା ପାହାଳ ଫାଣ୍ଡି ନିକଟ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ମା'ଶାରଳା ମାର୍ବଲ ଶୋ'ରୁମ୍‌ର ସିକ୍ୟୁରିଟି ଗାର୍ଡ ଗଦାଧର ସ୍ୱାଇଁ ହତ୍ୟା ଘଟଣା ଏବେ ରହସ୍ୟ ଘେରରେ। କିଏ, କାହିଁକି ତଣ୍ଟିକାଟି ତାଙ୍କୁ ହତ୍ୟା କଲେ ତାହା ଏବେ ସନ୍ଦେହ ଘେରରେ। ଏପରିସ୍ଥଳେ ତଦନ୍ତରୁ ହତ୍ୟାକାଣ୍ଡ ନେଇ ପୋଲିସ କିଛି ବି ସୁରାକ ପାଇପାରୁନି। ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଯୋଜନା ହେଉଥିବା ସୂଚନା ମିଳିଛି। ଶନିବାର ପୋଲିସ ମାର୍ବଲ ଶୋ'ରୁମ୍ ମାଲିକ ଓ ଅନ୍ୟଜଣେ ବ୍ୟକ୍ତିଙ୍କୁ ଥାନାକୁ ଡାକି ପଚାଉଚରା କରିଛି। କିନ୍ତୁ ଗଦାଧରଙ୍କ ମୃତ୍ୟୁ ସଂକ୍ରାନ୍ତରେ କିଛି ବି ଜାଣି ନ ଥିବା ସେମାନେ କହିଛନ୍ତି। ତେବେ ପଚରାଉଚରାବେଳେ ପୋଲିସକୁ କିଛି ନୂଆ ତଥ୍ୟ ମିଳିଛି। ଅନ୍ୟ ୩ଜଣଙ୍କ ସହ ମିଶି ଗଦାଧର ମାର୍ବଲ ଚୋରି କରୁଥିଲେ। ତେବେ ଅନ୍ୟଜଣେ ତାଙ୍କୁ ବ୍ଲାକ୍‌ମେଲ୍ କରୁଥିଲେ। ତେବେ ସେ ଚାପରେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି।

ଅନ୍ୟପକ୍ଷରେ ପୋଲିସ ଗଦାଧରଙ୍କ ଫୋନ୍‌ର କଲ୍ ରିପୋର୍ଟ ମଗାଇଛି। ଘଟଣା ଘଟିଥିବା ଦିନ ଓ ରାତିରେ ଗଦାଧର କାହାସହ କଥା ହୋଇଛନ୍ତି, କାହାସହ ଏକାଧିକ ଥର କଥା ହୁଅନ୍ତି ତାହା ଖୋଳତାଡ଼ କରୁଛି ପୋଲିସ। ସେହିଭଳି ମୃତ ଗଦାଧରଙ୍କ ପରିବାର ଲୋକେ ଡିସିପି ଅଫିସକୁ ଯାଇ ପୋଲିସକୁ ତଦନ୍ତରେ ସହଯୋଗ କରିବା ସହ ବିଭିନ୍ନ ପ୍ରସଙ୍ଗରେ ତଥ୍ୟ ଦେଉଛନ୍ତି। ଏହାସତ୍ତ୍ୱେ ଯଦି ପୋଲିସ ଅଭିଯୁକ୍ତଙ୍କୁ ନ ଧରି ଘଟଣାକୁ ଭିନ୍ନ ରୂପ ଦିଏ ତେବେ ରବିବାର ପାହାଳ ଫାଣ୍ଡି ଘେରାଉ କରାଯିବ ବୋଲି ମୃତ ଗଦାଧରଙ୍କ ସମ୍ପର୍କୀୟମାନେ ଚେତାବନୀ ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ଗଦାଧରଙ୍କୁ ହାତ କରି ଏକାଧିକ ବ୍ୟକ୍ତି ଉକ୍ତ ମାର୍ବଲ ଶୋ'ରୁମରୁ ଚୋରି କରନ୍ତି। ତାହାକୁ ଅନ୍ୟତ୍ର ବିକ୍ରି କରି ଯାହା ଟଙ୍କା ଆସେ ସମସ୍ତେ ବାଣ୍ଟି ନେଇଥାନ୍ତି। ତେବେ ଶୋ'ରୁମ୍‌ରୁ ବହୁ ଦାମୀ ମାର୍ବଲ ଗାଏବ ହୋଇଯାଉଥିବାରୁ ଏନେଇ ମାଲିକଙ୍କ ସନ୍ଦେହ ହୋଇଥିଲା। ସେ ଏନେଇ ଘନାଘନା କରିବା ପରେ ଗଦାଧରକୁ ହାତ କରି ମାର୍ବଲ ଚୋରି କରାଯାଉଥିବା ଜାଣିବାକୁ ପାଇଥିଲେ। ଏପରିକି ସେ ଗଦାଧରକୁ ବାହାର କରିଦେବାକୁ ଯୋଜନା କରିଥିଲେ। ଏଭଳି ସ୍ଥିତିରେ ହଠାତ୍ ଗଦାଧରଙ୍କ ଗଳାକଟା ରକ୍ତ ଜୁଡୁବୁଡୁ ମୃତଦେହ ମିଳିଥିଲା। ତେଣୁ ମାର୍ବଲ ଚୋରି ଟଙ୍କାକୁ ନେଇ କେହି ହତ୍ୟା କରିଛନ୍ତି କି, ନା ଏହା ପଛରେ ଆଉ କିଛି କାରଣ ରହିଛି ତାହାର ଖୋଳତାଡ କରୁଛି ପୋଲିସ। ଅନ୍ୟପକ୍ଷରେ ଗଦାଧରଙ୍କ ପକେଟରୁ ଯେଉଁ ଚିଠି ମିଳିଥିଲା ସେଥିରେ ସେ ଲେଖିଥିଲେ ଯେ, ବାବୁନା ବାବୁ ସଳତାର ସୁଯୋଗ ନେଇ ତାଙ୍କୁ ଫସାଇ ଦେଲେ। ତେଣୁ ଏହି ବାବୁନା ବାବୁ କିଏ। ତାଙ୍କୁ ବାବୁନା ମାର୍ବଲ ଚୋରି କରିବା ପାଇଁ ସିକ୍ୟୁରିଟି ଗାର୍ଡ ଗଦାଧାରକୁ ରାତି ଡ୍ୟୁଟିର ବନ୍ଦୋବସ୍ତ କରିଥିଲେ କି? ଏପରିକି ସେ ତାଙ୍କୁ ବ୍ଲାକ୍‌ମେଲ୍ କରିବାରୁ ଗଦାଧର ଆତ୍ମହତ୍ୟା କରିଥିବା ପୋଲିସ କରୁଛି। କିନ୍ତୁ ପୋଲିସ ଅଭିଯୁକ୍ତକୁ ଗିରଫ କରିବାରେ ବିଫଳ ହୋଇଥିବାରୁ ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଯୋଜନା କରୁଛି କି? ଏଭଳି ଅନେକ ପ୍ରଶ୍ନକୁ ନେଇ ଗଦାଧରଙ୍କ ପରିବାର ଲୋକେ ଓ ସମ୍ପର୍କୀୟମାନେ ସନ୍ଦିହାନ ହୋଇପଡୁଛନ୍ତି।

■ ୬୭ତମ ଏକାମ୍ର ଐତିହ୍ୟ ପଦଯାତ୍ରା

# ପର୍ଯ୍ୟଟକଙ୍କୁ କଳିଙ୍ଗ ଗାଥା



**ଭୁବନେଶ୍ୱର, ୩୦।୩(ବ୍ୟୁରୋ)**

ଶନିବାର ଥିଲା ଏକାମ୍ର ଐତିହ୍ୟ ପଦଯାତ୍ରାର ୬୭ତମ ଦିବସ। ବିଦେଶୀଙ୍କ ସହ ଜାତି ସଂଘ କର୍ମଚାରୀ, କେରଳ, ଆନ୍ଧ୍ରପ୍ରଦେଶ ଓ କର୍ନାଟକର ପର୍ଯ୍ୟଟକ, ଭୁବନେଶ୍ୱର ଏମ୍ସ ଓ ଆଇଆଇଟିର ଛାତ୍ରଛାତ୍ରୀମାନେ ଭାଗ ନେଇ ଖଣ୍ଡଗିରି ଓ ଉଦୟଗିରି ବୁଲିଥିଲେ। ଦୁଇ ଐତିହ୍ୟର ଗୁମ୍ଫା ଓ ଶିଳାଲିପିରୁ କଳିଙ୍ଗର ଇତିହାସକୁ ଜାଣିବାର ସୁଯୋଗ ପାଇଥିଲେ। ବିଶେଷକରି ଏହି ପଦଯାତ୍ରା ବିଦେଶୀ ଓ ବାହାର ରାଜ୍ୟର ପର୍ଯ୍ୟଟକଙ୍କୁ କଳିଙ୍ଗର ଗାଥା ବଖାଣିଥିଲା। ସେମାନେ କଳିଙ୍ଗ ସମ୍ପର୍କରେ ଜ୍ଞାନ ଅର୍ଜନ କରିବା ସହ ଭରପୂର ମଜା ନେଇଥିଲେ। ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ମହାବୀର ଜୈନଙ୍କ ସମୟରେ ଏହି ଐତିହ୍ୟ କିପରି ଗଢି ଉଠିଥିଲା ଓ କଳିଙ୍ଗ ବୀର ରାଜା ଖାରବେଳଙ୍କ ଯଶକୀର୍ତ୍ତି କ'ଣ ଥିଲା ତାହା ସେମାନେ ଜାଣିବାକୁ ପାଇଥିଲେ।

ପୋଲାଣ୍ଡର ପର୍ଯ୍ୟଟକ ରବର୍ଟ ରକଲାକ୍ସି କହିଛନ୍ତି, ଗତ ରବିବାର ଐତିହ୍ୟ ପଦଯାତ୍ରାରେ ସାମିଲ୍ ହୋଇଥିଲେ। ଏଥର ଆଉ କିଛି ନୂଆ ଜ୍ଞାନ ମିଳିଲା। ପୂର୍ବରୁ ଓଡ଼ିଶା କଳିଙ୍ଗ ନାମରେ ପରିଚିତ ଥିଲା। ରାଜା ଖାରବେଳ ଓ ଓଡ଼ିଶାର ଇତିହାସ ବିଷୟରେ ଜାଣି ବହୁ ଖୁସି ଲାଗୁଛି ବୋଲି ସେ କହିଥିଲେ। ୟୁନିସେଫ୍ ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମୋନିକା ନାଇଲସେନ କହିଥିଲେ, ଭୁବନେଶ୍ୱରର ଇତିହାସକୁ ଲୋକଲୋଚନକୁ ଆଣିବା ଲାଗି ଏହି ହେରିଟେଜ୍ ଟ୍ରେଲ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ପର୍ଯ୍ୟଟକମାନେ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଉଛନ୍ତି ବୋଲି ସେ କହିଛନ୍ତି।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ଶନିବାର ରିଦିମ୍ ଡ୍ୟାନ୍ସ ଏକାଡ଼େମୀ ପକ୍ଷରୁ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ଶିଶୁ କଳାକାରମାନେ।

### ଦୟାବ୍ରିଜ୍ ନିକଟରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

**ପୁରୁଣା ଭୁବନେଶ୍ୱର,୩୦।୩(ଡି.ଏନ.ଏ.)**

ଶନିବାର ଭୋରୁ ଧଉଳି ଥାନା ପୋଲିସ ଦୟାବ୍ରିଜ୍ ନିକଟରୁ ଜଣେ ଶ୍ରମିକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କନ୍ଧମାଳ ଜିଲା ଟିକ୍କାପାଲ୍ଲୀ ଥାନା ଅଧୀନ ତିଳଭଙ୍ଗା ଗାଁର ସହଦେବ ପ୍ରଧାନ। ପୋଲିସ ସୂଚନା ମୁତାବକ, ସହଦେବଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ବିକ୍ଷତ ଚିହ୍ନ ରହିଥିବାବେଳେ ମୁଣ୍ଡ ଏବଂ ନାକରୁ ରକ୍ତସ୍ରାବ ହେଉଥିଲା। ପୋଲିସ୍ ସହଦେବଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସହଦେବଙ୍କୁ ଏହି ପାରିପାର୍ଶ୍ୱିକ ଅବସ୍ଥାକୁ ତର୍ଜମା କଲେ କେହି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ପୋଲିସ ନଂ.୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ଅନୁସନ୍ଧାନ ପରେ ଏହି ଘଟଣାର ପର୍ଦ୍ଦାଫାଶ ହେବା ସହ ମାମଲା ରୁଜୁ ହୋଇପାରେ ବୋଲି ଥାନା ଅଧିକାରୀ ବିଶ୍ୱଜିତ ଜୟଦୀପ କହିଛନ୍ତି। ସୂଚନାଥାଉ କି, ସହଦେବଙ୍କ ପରିବାର ଲୋକ ଆସିବା ପର୍ଯ୍ୟନ୍ତ ଶବ ସଂରକ୍ଷଣ ଗୃହରେ ରଖାଯାଇଥିବା ପୋଲିସ କହିଛି।

### ପ୍ୟାକେଟ୍‌କୁ ନେଇ ବୋମା ଗୁଜବ

**କଟକ ରୋଡ,୩୦।୩(ଡି.ଏନ୍.ଏ.)**

ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଶନିବାର ଏକ ବୋମା ରଖାଯାଇଥିବା ଗୁଜବ ପୋଲିସକୁ ଚିନ୍ତାରେ ପକାଇଥିବା ବେଳେ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଥିଲା। ସୂଚନା ଅନୁଯାୟୀ, ପୁରୁଣା ଷ୍ଟେଶନ ବଜାର ନିକଟରେ ଥିବା ଏକ ହୋଟେଲ ପାଖରେ କେହି ବ୍ୟକ୍ତି ଏକ ପ୍ୟାକେଟ ରଖିଥିଲେ। କିଛି ସମୟ ଧରି ପ୍ୟାକେଟ ରହିବା ପରେ ସେଥିରେ ବୋମା ଥିବା ନେଇ ଲୋକେ ସନ୍ଦେହ କରିବା ସହ ଥାନାକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ପ୍ୟାକେଟ ଖୋଲିବାକୁ ଭୟ କରିଥିଲା। ପରେ ବମ ସ୍କ୍ୱାଡ୍‌ର ଏକ ଟିମ୍ ପହଞ୍ଚି ଯାଞ୍ଚ କରିଥିଲା। ପ୍ୟାକେଟ ଖୋଲାଯିବା ପରେ ସେଥି ମଧ୍ୟରେ କେତେକ ବହି ସହ ଏକ କଣ୍ଢେଇ ଥିବା ଦେଖିବାକୁ ମିଳିଥିଲା।

■ ଯୁବ ରେଡକ୍ରସ୍ ମହିଳା ସ୍ୱେଚ୍ଛାସେବୀ ତାଲିମ ଶିବିର ଉଦ୍‌ଯାପିତ

# ଦୃଢ଼ ରହିଲେ ଲକ୍ଷ୍ୟ ହାତରେ ମିଳିଥାଏ



**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

ସେବାରୁ ହିଁ ଅପାର ଆନନ୍ଦ ମିଳେ। ତେଣୁ ଯିଏ ଯେଉଁଠି ଥାଉନା କାହିଁକି ସମସ୍ତେ କିଛି କିଛି ନିଜ ସାମର୍ଥ୍ୟ ଅନୁସାରେ ଅନ୍ୟକୁ ସେବା ସହଯୋଗ କରିବା ଉଚିତ। ଅନ୍ୟର ଦୁଃଖକୁ ଯେ ବୁଝିପାରେ, ଅନ୍ୟର ଅସୁବିଧାକୁ ଯେ ଅନୁଧାନ କରିପାରେ ସେ ସମସ୍ତଙ୍କୁ ପ୍ରଭାବିତ କରିପାରିଥାଏ। ଜୀବନର ଲକ୍ଷ୍ୟକୁ ନେଇ ଦୃଢ଼ ରହିଲେ ଲକ୍ଷ୍ୟ ହାତରେ ମିଳିଥାଏ ବୋଲି କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ସସ୍ମିତା ସାମନ୍ତ କହିଛନ୍ତି। ରେଡ୍‌କ୍ରସ ଭବନଠାରେ ଚାଲିଥିବା ତିନିଦିନିଆ ରାଜ୍ୟସ୍ତରୀୟ ଯୁବ ରେଡ଼କ୍ରସ୍ ମହିଳା ସ୍ୱେଚ୍ଛାସେବୀ ଶିକ୍ଷା ତଥା ତାଲିମ ଶିବିରର ଶନିବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ସାମନ୍ତ ଏହା କହିଛନ୍ତି।

ଭାରତୀୟ ରେଡ଼କ୍ରସ୍ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ଏହାର ସଚିବ ମେଜର ଡ. କଳ୍ପନା ଦାସ କହିଲେ, ଯେଉଁମାନେ ନିଜ ପାଦରେ ଛିଡ଼ାହୋଇ ପରିଚୟ ସୃଷ୍ଟି କରିପାରିଛନ୍ତି ସେମାନେ ଆମ ପାଇଁ ଆଦର୍ଶ। ସେମାନେ ହିଁ ଆମ ମାର୍ଗ ଦର୍ଶକ। ନିଜ କର୍ମ ଉପରେ ଗଭୀର ବିଶ୍ୱାସ ଥିଲେ ସଫଳତା ସ୍ୱତଃ ଆସିଥାଏ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ୧୫୦ରୁ ଅଧିକ ଯୁବ ରେଡକ୍ରସ୍ ମହିଳା ସାମାଜିକକର୍ମୀ ଅଂଶଗ୍ରହଣ କରିଥିଲେ। ରେଡକ୍ରସ୍‌ର ଇତିହାସ, ମୌଳିକ ନୀତି, ରେଡକ୍ରସ୍‌ର ଚିହ୍ନ ଓ ବ୍ୟବହାର, ଏଡ୍‌ସ୍ ସଚେତନତା ଓ ରେଡ୍ ରିବନ କ୍ଲବର କାର୍ଯ୍ୟକ୍ରମ, ବିପର୍ଯ୍ୟୟ ପରିଚାଳନାରେ ମନୋସ୍ତାତ୍ତ୍ୱିକ ଯତ୍ନ, ସ୍ୱେଚ୍ଛାକୃତ ରକ୍ତଦାନ, ବିପର୍ଯ୍ୟୟ ପରିଚାଳନା, ଜଳବାୟୁ ପରିବର୍ତ୍ତନ, ପରିବେଶ ସୁରକ୍ଷା, ଅନୁସନ୍ଧାନ ଓ ଉଦ୍ଧାର ଆଦି ବିଷୟରେ ବିଭିନ୍ନ ଦକ୍ଷ ବ୍ୟକ୍ତିମାନେ ଆସି ପ୍ରଶିକ୍ଷଣ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଶିବିରାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଯୁବ ରେଡ଼କ୍ରସ୍ ପରାମର୍ଶଦାତା ସୁଶୀଲ ପଟ୍ଟନାୟକ ଅତିଥି ପରିଚୟ, ଲିଙ୍ଗରାଜ ପଣ୍ଡା ପରିଚାଳନାରେ ସହଯୋଗ ଓ ଶାନ୍ତନୁ ପରିଡ଼ା ଧନ୍ୟବାଦ ଦେଇଥିଲେ।

■ ବାଇକ୍‌କୁ ଧକ୍କାଦେଲା ଟ୍ରକ୍: ୨ ମୃତ

# କ୍ଷତିପୂରଣ ଦାବିରେ ୪ ଘଣ୍ଟା ରାସ୍ତାରୋକୋ



କ୍ଷତିପୂରଣ ଦାବିକରି ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

**କଟକ ସଦର, ୩୦।୩ (ଡି.ଏନ୍.ଏ.)**

**ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ, ଚାଳକ ଫେରାର**

କଟକ-ପାରାଦୀପ ରାଜ୍ୟ ରାଜପଥ ନଂ.୧୨ର ଶିଉଳି ନିକଟରେ ଶନିବାର ସକାଳେ ଏକ ବାଇକ୍‌କୁ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେଇଛି। ଏଥିରେ ଘଟଣାସ୍ଥଳରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଧୀନ ବର୍ତ୍ତି ଗ୍ରାମର ନାରାୟଣ ଖୁଣ୍ଟିଆ(୪୦) ଓ ରାଧାନଗର ଗ୍ରାମର ପ୍ରଶାନ୍ତ ସ୍ୱାଇଁ (୩୮)। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ଟାୟାର ଜାଳି ୪ ଘଣ୍ଟା ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିବାରୁ ଲୋକମାନେ ହଇରାଣ ହୋଇଥିଲେ। ଅନେକ ଲୋକ ଚାଲି ଚାଲି କଟକ ଅଭିମୁଖେ ଯାଉଥିବା ଦେଖିବାକୁ ମିଳିଥିଲା।

ପୋଲିସ ସୂତ୍ରରୁ ପ୍ରକାଶ, ନାରାୟଣ ଓ ପ୍ରଶାନ୍ତ ମାର୍ବଲ ମିସ୍ତ୍ରି ଭାବେ କାମ କରନ୍ତି। ସେମାନେ ପୂର୍ବାହ୍ନ ପ୍ରାୟ ୯ଟାରେ ଏକ ବାଇକ୍(ଓଡି୦୨ଏଫ-୬୭୧୦)ରେ କାମ କରିବା ପାଇଁ କଟକ ଯାଉଥିବାବେଳେ ପଛପଟୁ ଦ୍ରୁତଗତିରେ ଆସୁଥିବା ଟ୍ରକ୍(ନଂ.ଓଆର୦୧ଏଲ-୮୯୫୮) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ଜଣାପଡିବା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବା ସହ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବରପାଇ କିଶୋରନଗର ଥାନା ଅଧିକାରୀ ବାମଦେବ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ କିଶୋରନଗର ତହସିଲଦାର ସୁଚେତା ମହାପାତ୍ର ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରେଡ୍‌କ୍ରସ୍ ପାଣ୍ଠିରୁ ମୃତକ ଦ୍ୱୟଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ ପରେ ଅପରାହ୍ନ ୧ଟାରେ ରାସ୍ତାରୋକୋ ହଟିଥିଲା। ଅନ୍ୟପକ୍ଷରେ ଦୁର୍ଘଟଣା ଘଟିବା ପରେ ଚାଳକ ଟ୍ରକ୍ ନେଇ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ପୋଲିସ ମହାନଦୀ ବନ୍ଧ ରାସ୍ତାରୁ ଉକ୍ତ ଟ୍ରକ୍‌କୁ ଜବତ କରିଥିଲା। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଚଳାଇଛି।

# କଲୋନୀ ରାସ୍ତାକୁ ଖୋଳିଦେଲେ ଦୁର୍ବୃତ୍ତ

**ବାରଙ୍ଗ,୩୦।୩(ଡି.ଏନ୍.ଏ.)**

ଚାନ୍ଦା ଆଦାୟକୁ କେନ୍ଦ୍ରକରି ଚନ୍ଦକା ଥାନା ଅନ୍ତର୍ଗତ ମଳିପଡା ଗ୍ରାମପାଖରେ ଥିବା କ୍ରିଷ୍ଣାପଲୀ କଲୋନୀ ରାସ୍ତାକୁ କେତେଜଣ ଦୁର୍ବୃତ୍ତ ଖୋଳିଦେଇଛନ୍ତି। ଫଳରେ କଲୋନୀବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ବିଷୟରେ କଲୋନୀବାସୀ ଶନିବାର ଥାନାରେ ଅଭିଯୋଗ କରି ନ ଥିଲେ ମଧ୍ୟ ମୌଖିକ ଭାବେ କହି ଫେରିଥିବାର ଜଣାପଡିଛି। ପ୍ରକାଶ ଯେ, ସ୍ଥାନୀୟ ଗ୍ରାମର କେତେଜଣ ଯୁବକ ଉକ୍ତ କଲୋନୀବାସୀଙ୍କୁ ଚାନ୍ଦା ମାଗିବାକୁ ନେଇ ଶୁକ୍ରବାର ବିବାଦ ଦେଖାଦେଇଥିଲା। ପରଦିନ ସକାଳେ କଲୋନୀରୁ ମୁଖ୍ୟରାସ୍ତାକୁ ସଂଯୋଗ ଥିବା ରାସ୍ତା ଖୋଳା ହୋଇଥିବାର ଜଣାପଡିଥିଲା। ଏହାପରେ କଲୋନୀର ୫୦ରୁ ଊର୍ଦ୍ଧ୍ୱ ବାସିନ୍ଦା ଆସି ଥାନାରେ ମୌଖିକ ଭାବେ କହିଥିଲେ। କିନ୍ତୁ ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ଦେବେନ୍ଦ୍ର ବିଶ୍ୱାଳ କହିଛନ୍ତି। ଏଣୁ ଉକ୍ତ ଅଞ୍ଚଳ ଉପରେ ପୋଲିସ ନଜର ରଖିଛି। ଅପରପକ୍ଷେ ରାସ୍ତାଖୋଳା ହୋଇଥିବାରୁ କଲୋନୀବାସୀଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଥିବାର ଜଣାପଡିଛି।



# ମହିଳାଙ୍କୁ ଗାଁ ଦାଣ୍ଡରେ ଉଲଗ୍ନ କରି ମାଡ଼

**ଖୋର୍ଦ୍ଧା ଅଫିସ,୩୦।୩**

- କଙ୍ଗାରୁ କୋର୍ଟରେ ବାସନ୍ଦ ହୋଇଥିଲେ
- ହତ୍ୟା ଧମକ, ଘର ଛାଡ଼ିଲେ ପରିବାର ମୁଖ୍ୟ

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଦେଉଳିପାଟଣା ଅରାଙ୍ଗ ଗାଁର କଙ୍ଗାରୁ କୋର୍ଟରେ ପୂର୍ବରୁ ଦୀର୍ଘଦିନ ଧରି ବାସନ୍ଦ ହୋଇଥିବା ଏକ ପରିବାରକୁ ପୁଣି ବାସନ୍ଦ ହେବାକୁ ପଡିଛି। ଦୋଳ ଠାକୁର ତାଙ୍କ ଘରୁ ଚାଚେରି ଭୋଗ ଖାଇବାକୁ କହିବାରୁ ଗ୍ରାମର କେତେଜଣ ବ୍ୟକ୍ତି ଉକ୍ତ ପରିବାରର ଜଣେ ମହିଳାଙ୍କୁ ଗାଁ ଦାଣ୍ଡରେ ଉଲଗ୍ନ କରି ଗୋଡ଼େଇ ମାଡ଼ ମାରିଛନ୍ତି। ଏପରିକି ସମସ୍ୟାର ସମାଧାନ କରିବାକୁ ଆସି ମହିଳାଙ୍କ ବିବାହିତ ଝିଅ ମଧ୍ୟ ମାଡ଼ ଖାଇଛନ୍ତି। ଅନ୍ୟପକ୍ଷରେ ହତ୍ୟା କରିବାକୁ ଧମକ ଦିଆଯାଉଥିବାରୁ ପରିବାର ମୁଖ୍ୟ ଏବେ ଗାଁ ଛାଡ଼ି ଅନ୍ୟତ୍ର ମୁଣ୍ଡଗୁଞ୍ଜିଛନ୍ତି। ଏଭଳିସ୍ଥଳେ ସୁରକ୍ଷା ସହ ନ୍ୟାୟ ଦେବାକୁ ମହିଳା ଜଣକ ଗତ ୨୧ ତାରିଖରେ ଏସ୍‌ପି, ଥାନା ଆଇଆଇସିଙ୍କୁ ଚିଠି ମାଧ୍ୟମରେ ଅଭିଯୋଗ କରିଛନ୍ତି।

ମହିଳାଙ୍କ ଅଭିଯୋଗ ଅନୁସାରେ, ବିନା କାରଣରେ ଗତବର୍ଷ କଙ୍ଗାରୁ କୋର୍ଟରେ ତାଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ତେବେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପରେ ଘଟଣା ସମାଧାନ କରାଯାଇଥିଲା। ଦୋଳ ସମୟରେ ତାଙ୍କ ଘରୁ ଠାକୁର ଚାଚେରି ଭୋଗ ଖାଇବେ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଏପରି କି ଆଉ ବାସନ୍ଦ କରାଯିବ ନାହିଁ ବୋଲି କୁହାଯାଇଥିଲା।

କିନ୍ତୁ ଚଳିତବର୍ଷ ଠାକୁର ଭୋଗ ଖାଇଲେ ନାହିଁ। ବରଂ ମାରପିଟ୍ କରି ଭୟର ବାତାବରଣ ସୃଷ୍ଟି କରାଇଲେ। ଘଟଣା ସମ୍ପର୍କରେ ଥାନା, ଗଣମାଧ୍ୟମକୁ ଅବଗତ କରାଇଲେ ପରିବାରର ସଦସ୍ୟଙ୍କୁ ଜୀବନରେ ମାରିଦେବାକୁ ଧମକ ଦିଆଯାଇଛି। ଘର ଉପରେ ଜେସିବି ଚଢ଼ାଇ ଦେବା ସହ ମିଛ ମାମଲାରେ ଫସାଇ ଦେବେ ବୋଲି ଗାଁର କେତେଜଣ ଲୋକ କହି ବୁଲୁଛନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମାରଣାସ୍ତ୍ର ଧରି କେତେଜଣ ଲୋକ ଗାଁ ବୁଲୁଛନ୍ତି। ଅନ୍ୟପକ୍ଷେ ନିଆଁପାଣି, ଦୋକାନବଜାର ବନ୍ଦ କରାଯାଇଛି। ଗୋଚର ଜମିରେ ତାଙ୍କ ଗୃହପାଳିତ ପଶୁଙ୍କୁ ଚରିବା ବାରଣ କରାଯାଇଥିବାବେଳେ ସ୍କୁଲରେ ନାତୁଣୀଙ୍କୁ ସହପାଠୀଙ୍କ ସହ କଥାବାର୍ତ୍ତା ଓ ଗାଁରେ ଖେଳକୁଦ କରାଇବା ବନ୍ଦ କରାଯାଇଛି।




## BRIDE WANTED

Wanted a beautiful homely bride for a handsome M.Tech (32 years) of Madhu Vaisya caste, only son of a Chief Engineer, settled in Bhubaneswar. Mob: 9437115731. D-11825

Widower groom JE 43, Manager 38, Business 40 (caste-no-bar). 7873374269. D-66419

Hindu divorcee Teli/ 39 yrs/ 5'6"/ BTech/ Rs.- 20 lakhs PA seeks beautiful educated bride. Caste-no -bar. Mob: 9900176521. D-11892

Wanted beautiful educated Odia Homely Brahmin bride for our son aged 32, 5'9", MCA Software Developer, Bhubaneswar. Mobile. 9658250177, 8847882970. D-11886

Wanted Brahmin homely bride for 1980 born 5'9", Diploma Engineer Brahmin boy. Contact: 8917628852, 6370737397. D-66115

## GROOM WANTED

Beautiful Mali girl 1992/ 5'5", MA, M.Phil, PhD. 9777344118, 9337336614. D-66116

Hindu, Gudia, 28/5'2", (Ph.D) serving as a Research Officer, fair beautiful girl searching for a suitable groom preferably OAS, Doctor, Lecturer, SBI PO/ similar type from same caste. Phone No.: 7749895427. D-65867

Awaiting high profile employed Brahmin groom with parental establishment in Bhubaneswar/ Cuttack for aspirant well qualified fairly beautiful 34+ bride. Contact: 9437391615. D-11898

Now Matrimonial ads. only on Wednesday & Sunday Book 1 Get 1 FREE




## SALE

2 Nos. 10 wheelers HYWA model 2018-19 with running condition, bank loan available. Contact: 9938812818. D-56639

Eicher Tractor- 380, 333, Indica Vista, Mahindra Alfa Dala Auto, Bolero. 9437619903. D-66315

Bullet 350 CC, B2 Engine, Customised, one piece in India. 06370180060. D-66209




## SALE

Fully developed ready for construction gated community gharabari boundary wall plot sale in Uttara close to blacktop road. 9238902929, 7992736330. D-66312

Bhubaneswar AIIMS front Govt. roadକୁ ଲାଗି gharabari yellowzone plot ବିକ୍ରିହେବ: 9439206202. D-66308

Morningsun residency simplex near Hanspal 32,00,000/- Handover within 1 month. 8908015464, 9853347909. D-65399

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Book premium 3BHK/ 4BHK duplex at Gudiapokhari, Uttara. Bank loan available pay EMI after take possession. 7537874306. D-66049

Bhubaneswar Patia ଅଞ୍ଚଳରେ litigation free ଘରବାଡ଼ି, boundary, electri ସୁବିଧାଥାଇ plot କିଣି ଘର କରନ୍ତୁ (other site available). 7008524523, 9439489460. D-65400

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66056

3BHK flat at prime location of Ashok Nagar, Bhubaneswar, sound parties. Contact: 9861122710, 7008695474. D-65623

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

36000 sqft. IDCO plot for sale near KIIT College, Patia suitable for school, college, medical, guest house, wire house etc. Cost- 1500/- sqft. negotiable. 7008371750. D-11819

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-11578

Bhubaneswar ପିତାପଲ୍ଲି ଛକରେ BDA plot electric, 30'road available. 9090963952. D-65389

Book 4BHK flat with 3 toilet near AIIMS Square 150 mtr. Aiginia Overbridge. 7978584549. D-66057

sLand available for farm house near Mancheswar Rajadhani Engineering College, just 3.5 km. from Hi-Tech Chhak, Bhubaneswar. 9040686695. D-62172

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66304

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର Infosys-2 ପଛପଟେ boundarywall ସହିତ sqft.- 600/-. 8658962508, 8480864171. D-66302

Booking 2BHK simplex Tankapani road Sai Temple 20,50,000/- gharabari plots Jharapada, Badagada, Canal road: 7735738102. D-11820

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5km. ବାସୋପଯୋଗୀ plot 1200 sqft. 4,80,000/- immediate registration/ possession. 9937032327, 9583328312. D-66303

Centering sale. Contact: 9937853999. D-64953

Patia KIIT ଜଗନ୍ନାଥ ମନ୍ଦିରଠାରେ residential plot 30'road, electricity ପାଚେରିସହ 1150/-. 8658935829. D-65392

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact 9937059891, 9348253463, 8908292617.** D-11883

Plot for sale at Puri, near Lokanath Mandir back side, Mouza, Sankarpur, sthitiban, pata plot, 30' wide revenue road, 20' branch road, 1.5 km. from Jagannath Temple, 1 km. from Sea Beach, 1km. from N.H. Contact Pradeep: 9438422888. D-66055

**Residential plot sale at Bhubaneswar Dadhichi College @ 4,50,000/- Nakhara DPS- 15,00,000/-, Satyabhamapur (Rangabazar) 12,50,000/-, Jharapada- 31,00,000/-, Balianta- 9,00,000/-, Pahala- 19,50,000/-. Contact Sujata: 06371082405.** D-66314

1200 sqft. yellow zone gharabari plot near Royal Lagoon, Raghunathpur 30' wide black top road. Cost- 3000/- sqft. 7008371750. D-11818

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 9348253463, 8908292617.** D-11882

ଭୁବନେଶ୍ୱର Tamando Kendriya Vihar Colony ନିକଟରେ yellowzone 30' road plot. 9348767829. D-66310

Bhubaneswar prime location gharabari plots re-sale ready to move Puri by-pass Jharapada, Patia, Hanspalରେ available. 7077402141. D-11871

Kalingavihar 1250/-, CV Raman College 600/-, Xavier University 140/-. 9337381796. D-56638

Bhubaneswar ଉପକଣ୍ଠ ହଂସପାଳ locality 16,20,000/- ମୂଲ୍ୟରେ ଘରବାରି plot କିଣନ୍ତୁ। 9439487505. D-11839

**1414 sqft. flat for sale Ratna Castle, 105 1st floor New Forestpark, BBSR. Contact: 9938363698.** D-36460

Bhubaneswar KIIT Jagannath Temple ପାଖରେ ଘରବାରି plot boundary, electricity ସୁବିଧା ଥାଇ sameday registration କରାଯାଉଛି। 9078156134. D-11840

Gharabari plots with boundary for sale at Phulnakhara, Pahal, Hanspal, Atala, Balianta. Finance available. Contact: 9938720763, 7992781448. D-11890

Sthitiban 32'X28' plot for sale at Sasan Padia Old Town Bhubaneswar. 9937950024. D-62173

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-11895

3BHK 1612 sqft. flat 3rd floor, Bijayavihar, Nuagaon Chhak, Bhubaneswar. Contact: 8917296260, 9861102937. D-58067

Ready to move apartment Jaydev Vihar, duplex Rangabazar, plot Pandara, Bhubaneswar. 6371040313, 7978321918. D-59854

## PURCHASE

Required 50 to 200 acres of agriculture low cost land at Ganjam and Nayagarh. Contact: 7990065093, 7978585396. D-66051




Construct your building @ 1100/- with all branded materials, delivery in time. 1 year service free. 7327043914. D-66050

**Built your resudential & commercial project with best quality material @ 1349/- Onwards with 20 years experienced technical team. We provide architecture, structural & BDA Plan approval. SMPL Infratech: 9040008777.** D-11884

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388

German Shepherd Pups for sale. Contact: 9096245306. D-66311

Xerox machine Samsung SCX- 4100, Rs.- 23000/-, projector Braun Paxilux- 285, Rs.- 20,000/-. 07381773870. D-66208




3BHK marbled flat at Unit-8, Soubhagya Nagar, Main road. Contact: 9000001508. D-64952

300 sqft. shop at 1st floor Deendayal Bhawan, Ashok Nagar, Bhubaneswar. Contact: 9861122710, 7008695474. D-65624

Single room (20'X15') at Jharapada for office/ bachelors. Contact: 9668644665. D-11857

Open space available at Pahal near Utkal Signature (Audi Showroom) 15000 sqft. and 25000 sqft. Contact: 9338401309, 9853916309. D-62171

**First floor 3bed, dining, drawing, kitchen, parkings, Rs. 14000/- for lease office, guest house near Cuttack road. 8847882402, 8763862809.** D-11779

2BHK at Aerodrome area Pallaspally, Bhubaneswar for residence. 9437082192, 9437119146. D-65626

2 BHK flat in Gokul Plaza, Bomikhal, Bhubaneswar available for rental (Office) purpose. Contact: 7749841532. D-59291

Three rooms, dining kitchen, veranda near GGP Colony, Rasulgarh. 8270894870. D-11869

First floor 1400 sqft. commercial space at 12th Lane, Bapuji Nagar, Bhubaneswar for rent. Contact: 9861082582. D-66058

**Sahid Nagar, Bhubaneswar, 1200 & 1800 sqft. office space in prime location. 8598923231.** D-66054

House at Nayapalli near DAV/ Stewart School for family. 9438490107. D-65866

**1800 sqft. office space in ICICI Bank commercial complex on Vivekand Marg Road, Bhubaneswar. 8598923231.** D-66053

2000+2000 sqft. commercial property at Jagatpur Cuttack available on rent for godown/ small industry at reasonable price. Contact: 8249357618, 9658647848. D-11842

Home stay at Puri avail paying guest facility having Aadhaar Card with your family to stay at Puri. Contact: 7008041140. D-11891

2BHK flat for rent in Reeta Valley near Krupajal College, Gudiapokhari, BBSR. Contact: 7978097047. D-52891

Store/ gowdown/ office space available at Satyavihar, Pandara. 9437355156, 6372476583. D-65902

260 sqft. shop at NH-16, Rasulgarh, Bhubaneswar. Phone: 9861031002, 8480830749. D-11900

Office spaces for rent: 1.625 sqft. (X2 units, 2nd floor) in Basudha trade centre, Master Canteen, 2.1240 sqft. (6th floor) in Esplanade Mall, Rasulgarh, 3.1225 sqft. (2nd floor) in DLF Cybercity, Patia. Contact: 9437020530. Email: auro.akc@gmail.com. D-66062




Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Herbal full body massage by smart/ expert therapist. Contact: 8338067247. D-66040

Herbal full body massage with refreshment by well trained therapist. 7381239385, 06742540855. D-66038

Experience full body massage with us by experts. Enquiry. 0674259782 2, 7377048581. D-66039

Newly opening ayurvedic body massage smart therapist, Shree herbal. 7750020754. D-66041

Improving your health, skin care through expert therapist, excellent offer. 9668374480. D-66042

Physiotherapy, full body massage by trained ladies/ gents therapist: 7008773793. D-66418

Ayurvedic full body massage ladies/ gents experts therapist. 8338097451. D-65867

Sampark ayurvedic massage club fully relaxed by smart lady, home service available. 8280102993. D-65868




ଘରେରହି Distance course କରିପାରିବେ। BAMS, BHMS, BUMS, D.Pharma, Nursing, B.Tech, MBA, MCA, B.Ed, D.Ed, M.Ed, BA, B.Com, B.Sc, MA. Call: 9893869473. D-66061

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

By virtue of an affidavit sworn before the Notary Public, Rourkela, Dtd.- 30.3.19. I Awadh Prasad Sahoo, S/o- Late Badri Sahoo, R/o- H.No.- F/L-210, Basanti Nagar, Rourkela, Dist.- Sundargarh (Khata No.- 75, Plot No.- 66) for the extent of 1200 sft. That the said original ROR has been kept in Odisha State Housing Board. That the full details of property Vill- Basanti Nagar, Rourkela, P.S.- Uditnagar, Dist.- Sundargarh (Khata No.- 75, Plot No.- 66), Area-1200 sft. I swearing this affidavit to produce before S.B.I A.D.B, Branch Code- 07163 (Kalunga) for sanction of Loan. D-11918

By virtue of an affidavit before Notary Public, Kantabanji bearing No.- 376 on 28.03.2019 my name is recorded in my Educational Certificate as "Ritubai Jain", D/o- Bijay Kumar Jain but in my Aadhaar Card bearing No.- 2408 8935 0149 mentioned as Ritu Jain, D/o- Bijaya Jain in Voter Identity Card bearing No.- SID0508531 my name mentioned as Ritu Jain, W/o- Sunil Jain and in PAN Card my name is mentioned as "Ritu Jain, D/o- Bijay Kumar Jain" whereas Ritubai Jain and Ritu Jain is one and same and I known as Ritu Jain, W/o- Sunil Jain for all purposes. Sd/- Ritu Jain. D-11917

ମୁଁ ଶୁକଦେଇ, ସ୍ୱା- ସ୍ୱର୍ଗତ ଭୁବନେଶ୍ୱର ପ୍ରଧାନ, ଗ୍ରା/ପୋ- ଗୋଳାପୋରୀ, ବ୍ରଜରାଜପୁର, ଥାନା- ରଣପୁର, ଜି- ନୟାଗଡ଼, ସତ୍ୟପାଠ କରି ତା ୨୫।୦୩।୨୦୧୯ରିଖ ପୂର୍ବନାମ ସୁକଦେଇକୁ ବଦଳାଇ ଆଜିଠାରୁ ସୁକୁମାରୀ ଦେଇ ନାମରେ ପରିଚିତ ହେଲି। ଧ-୧୧୯୧୬

## ସରକାରି ଚାକିରିରୁ ଅବସର



**ଡଃ ପ୍ରଦୀପ କୁମାର ଦାସ**

ଜନ୍ମ: ୧୯୫୯

ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକର ଚଣାହାଟ ଗ୍ରାମରେ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ଦାସ ଓ ସୁନ୍ଦରମଣୀ ଦାସଙ୍କ ସୁପୁତ୍ର। ସେ ଗାଁ ସ୍କୁଲରୁ ଅଧ୍ୟୟନ ଆରମ୍ଭ କରି ଉତ୍କଳ ବିଶ୍ୱବିଦ୍ୟାଳୟରେ ଏମ୍.ଏ., ଏମ୍.ଫିଲ୍. ଡିଗ୍ରୀ ଓ ପିଏଚ୍.ଡି ଉପାଧି ହାସଲ କରିଥିଲେ। ସେ ସରକାରୀ ଅଧ୍ୟାପକ ଭାବରେ କାର୍ଯ୍ୟ ଆରମ୍ଭ କରି ସରକାରଙ୍କ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରରେ ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟକରି ଆଜି ମାର୍ଚ୍ଚ ୩୧ ତାରିଖରେ ଅବସର ଗ୍ରହଣ କରୁଛନ୍ତି। ତାଙ୍କ ଜୀବନରେ ସେ ଜଣେ ପ୍ରବୀଣ ଅଧ୍ୟାପକ, ସୁଲେଖକ, ସୁବକ୍ତା ତଥା ମଞ୍ଚ ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ ଭାବରେ ପରିଚିତ ଥିଲେ। ଶ୍ରୀ ଦାସଙ୍କୁ ଶିକ୍ଷା ନିର୍ଦ୍ଦେଶାଳୟର ସାଂସ୍କୃତିକ ସଂସଦ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଧ-୧୧୯୨୦

## ଜନ୍ମଦିନର ଶୁଭେଚ୍ଛା



**ଆଦ୍ୟାଶା ପ୍ରିୟଦର୍ଶିନୀ**

୧ବର୍ଷ, ଜନ୍ମତାରିଖ: ୩୧।୦୩।୨୦୧୮
ଗ୍ରା: ଡିହକଣ୍ଟି, ଜେନାପୁର (ଯାଜପୁର)

ଆଜି ତୋର ପ୍ରଥମ ଜନ୍ମବାର୍ଷିକ ଶୁଭ ଅବସରରେ ସକଳ ସୁଖ, ସମୃଦ୍ଧି ମଙ୍ଗଳ ଯଶସ୍ୱୀ ପାଇଁ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ବାପା, ମା, ଜେଜେବାପା, ଜେଜେମା, ମାମୁ, ମାଇଁ, ଅଜା, ଆଇ, ବବି। ଧ-୧୧୯୧୫

## ୧୬ତମ ଜନ୍ମବାର୍ଷିକ ଶୁଭେଚ୍ଛା



(ଶୋନମ୍)

**ଶୋନମ୍ ଦାସ**

ଚୁଡ଼ଙ୍ଗ ସାହି, ପୁରୀ

ତୁମର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛି। ତୁମେ ଆଗାମୀ ଦିନ ଗୁଡିକରେ ତୁମର ଲକ୍ଷ୍ୟରେ ପହଞ୍ଚିପାର। ବାପା, ମାମା, ଦିଦି, ଗାଗୁଲୁ ଓ ପରିବାରବର୍ଗ। ଧ-୬୩୭୭୦

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା କମଳାମଣୀ ଦେବୀ**

ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ

ଚାହୁଁ ଚାହୁଁ ବର୍ଷପରେ ବର୍ଷ ବିତିଗଲା ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରି ଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୫୯୮୫୫

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ପ୍ରଭାବତୀ ନାୟକ**

8-1C-14, Sec-8, CDA, Cuttack
ଆବିର୍ଭାବ: ୦୫।୦୧।୧୯୩୫
ତିରୋଧାନ: ୨୨।୦୩।୨୦୧୯

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ, କନ୍ୟା, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀଜ୍ୱାଇଁ, ନାତୁଣୀବୋହୂ, ଅଣନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୫୮୬୯

### ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଇନ୍ଦୁମତୀ ଆଚାର୍ଯ୍ୟ**

ଆବିର୍ଭାବ: ୧୫।୦୨।୧୯୩୦
ତିରୋଧାନ: ୨୦।୦୩।୨୦୧୯
ଅଲାରପୁର, ବାଲିଅନ୍ତା, ଖୋର୍ଦ୍ଧା

ତୁମ ସ୍ନେହ, ସଦିଚ୍ଛା ଓ କଲ୍ୟାଣପଦ ମନୋଭାବ ଅବିସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ- ଶ୍ରୀ ବାଇଧର ଆଚାର୍ଯ୍ୟ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନଗଣ। ଧ-୧୧୮୭୮

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ବିଭୂଦତ୍ତ ମହାନ୍ତି (ଶିକୁନି)**

ଆବିର୍ଭାବ: ୦୮।୦୯।୧୯୮୯
ତିରୋଧାନ: ୨୧।୦୩।୨୦୧୯
ସମିଲ ଲେନ, ଗୁଣ୍ଡିଚା ବିହାର, ପୁରୀ

ବନ୍ଧୁ ଓ ପରିବାରବର୍ଗ। ଧ-୬୩୭୬୯

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଜୟକୃଷ୍ଣ ତ୍ରିପାଠୀ**

କାବିଲପୁର, ପାଟକୁରା, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୩।୦୬।୧୯୫୬
ତିରୋଧାନ: ୨୦।୦୩।୨୦୧୯

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା। ପୁଅ- ପ୍ରଶାନ୍ତ କୁମାର ତ୍ରିପାଠୀ, ପୁତ୍ରବଧୂ- ମନୋରମା ତ୍ରିପାଠୀ, ନାତୁଣୀ- ଡୋନ, ନାତି- ମୁନା ଓ ପରିବାରବର୍ଗ, ଆତ୍ମୀୟସ୍ୱଜନ। ଧ-୧୧୯୧୯

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

**ସଂକ୍ଷେପରେ**

## ରବିବାର ଖୋଲା ରହିବ ଆୟକର, ଜିଏସ୍‌ଟି ଅଫିସ

ନୂଆଦିଲ୍ଲୀ,୩୦-୩: ଚଳିତ ଆର୍ଥିକ ବର୍ଷର ଶେଷ ଦିନ ରବିବାର ପଡୁଥିବାରୁ ବ୍ୟାଙ୍କ ସହିତ ଆୟକର ଓ ଜିଏସ୍‌ଟି ଅଫିସ ଖୋଲାରହିବ ବୋଲି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ହାସଲ ପାଇଁ ଚେଷ୍ଟିତ ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ ଆଣ୍ଡ କଷ୍ଟମ୍ସ (ସିବିଆଇସି) ପକ୍ଷରୁ ଏ ସଂକ୍ରାନ୍ତରେ ଆୟକର ଓ ଜିଏସ୍‌ଟି ବିଭାଗକୁ ଜଣାଇ ଦିଆଯାଇଛି। ସିବିଆଇସି ପକ୍ଷରୁ ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକୁ ଏଥି-ନେଇ ଏକ ସର୍କୁଲାର ଜାରି କରାଯାଇଛି। ସେହିପରି ସିବିଡିଟି ପକ୍ଷରୁ ଏକ ସର୍କୁଲାର ଜାରି କରି ଆୟକରଦାତାଙ୍କୁ ରିଟର୍ନ ଦାଖଲରେ ସୁବିଧା ପ୍ରଦାନ ପାଇଁ ବିଭାଗ ପକ୍ଷରୁ ରବିବାର ଅତିରିକ୍ତ କାଉଣ୍ଟର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଜଣାଇ ଦିଆଯାଇଥିବାରୁ ଶନିବାର ଛୁଟିଦିନ ଥିଲେ ମଧ୍ୟ ଆୟକର ଓ ଜିଏସ୍‌ଟି କାର୍ଯ୍ୟାଳୟ ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଖୋଲା ରହିଥିଲା। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ଲାଗି ଜିଏସ୍‌ଟି ଆଦାୟ ୧୧.୪୭ ଲକ୍ଷ କୋଟି ଟଙ୍କାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେହିପରି ୧୨ ଲକ୍ଷ କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ତେବେ ଫେବୃୟାରୀ ସୁଦ୍ଧା ସରକାର ୧୦.୭୦ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ କରିପାରିଛନ୍ତି। ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ସରକାର ମାର୍ଚ୍ଚ ୨୩ ସୁଦ୍ଧା ୧୦.୨୧ ଲକ୍ଷ କୋଟି ଟଙ୍କା ଆଦାୟ କରିଛନ୍ତି।

## ଆମ୍‌ୱେର ନୂଆ ପ୍ରଡକ୍ଟ

ନୂଆଦିଲ୍ଲୀ,୩୦-୩
ଆମୱେ ଇଣ୍ଡିଆ ପକ୍ଷରୁ ପର୍ସନାଲ କେୟାର ବର୍ଗରେ ଏହାର ସଦ୍ୟତମ ଉତ୍ପାଦ ପର୍ସୋନା ଜର୍ମ ପ୍ରୋଟେକ୍ସନ ଆଣ୍ଡ ମଇଶ୍ଚରାଇଜିଂ ଲିକ୍ୱିଡ ହ୍ୟାଣ୍ଡୱାସକୁ ଉନ୍ମୋଚନ କରାଯାଇଛି। ଏହା ଦ୍ୱାରା କମ୍ପାନୀ ଏହାର ପର୍ସନାଲ କେୟାର ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିଛି। ନୂଆ ପ୍ରଡକ୍ଟରେ ଗ୍ରାହକମାନେ ଆଲୋଭେରାର ପୋଷଣ ପାଇପାରିବେ। ପରିମଳ କ୍ଷେତ୍ରରେ ହେଉଥିବା ଅଭିବୃଦ୍ଧିକୁ ଧ୍ୟାନରେ ରଖି ନୂଆ ପ୍ରଡକ୍ଟ ବଜାରକୁ ଆଣିଥିବା କମ୍ପାନୀର ମୁଖ୍ୟ ମାର୍କେଟିଂ ଅଧିକାରୀ ସୁନ୍ଦୀପ ଶାହ ସୂଚନା ଦେଇଛନ୍ତି।

## ବିବେକ ଗୁପ୍ତା ସେଲ୍‌ର ନୂଆ ନିର୍ଦ୍ଦେଶକ

ଭୁବନେଶ୍ୱର,୩୦-୩
ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ(ସେଲ୍)ର ନୂଆ ନିର୍ଦ୍ଦେଶକ ଭାବେ ବିବେକ ଗୁପ୍ତା ଅବସ୍ଥାପିତ ହୋଇଛନ୍ତି। ସେ କମ୍ପାନୀର କଞ୍ଚାମାଲ ତଥା ଲଜିଷ୍ଟିକ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିବେ। ୧୯୮୦ରେ ଏନ୍‌ଆଇଟି ଆଲ୍ଲାହାବାଦରୁ ସିଭିଲ୍ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ସେ ସେଲ୍‌ରେ ଜଣେ ମ୍ୟାନେଜମେଣ୍ଟ ଟ୍ରେନିଂ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ସେଲ୍‌ରେ ତାଙ୍କର ଦୀର୍ଘ ୩୮ ବର୍ଷର କାର୍ଯ୍ୟ ଅଭିଜ୍ଞତା ରହିଛି। ସେଲ୍‌ର ବିଭିନ୍ନ ଫାସିଲିଟିରେ ଗୁପ୍ତା ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଛନ୍ତି।

## ଚିତ୍ରକୋଣ୍ଡାରେ ଏଚ୍‌ଡିଏଫ୍‌ସିର ନୂଆ ଶାଖା

ଭୁବନେଶ୍ୱର,୩୦-୩
ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ଗ୍ରାମ ପଞ୍ଚାୟତ ଅଫିସ ଗ୍ରାଉଣ୍ଡ ଫ୍ଲୋରଠାରେ ନୂଆ ଶାଖା ଶୁଭାରମ୍ଭ ହୋଇଛି। ବିଏସ୍‌ଏଫ୍ କମାଣ୍ଡାଣ୍ଟ ୮ ବିଏନ୍ ଏ.କେ. ଆର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଶାଖା ପ୍ରବନ୍ଧକ ହେମନ୍ତ ସିଲ୍, ବ୍ୟାଙ୍କର ଦକ୍ଷିଣ ଓଡ଼ିଶା ସମୂହର ଡେପୁଟି ଉପସଭାପତି ଦେବେନ୍ଦ୍ର ନାଥ ଜେନା ଏବଂ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ନୂଆ ଶାଖା ଦ୍ୱାରା ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଉପକୃତ ହେବେ ବୋଲି ଶାଖା ପ୍ରବନ୍ଧକ ସିଲ୍ କହିଛନ୍ତି। ପୂର୍ବରୁ ଏହି ଅଞ୍ଚଳର ଲୋକମାନଙ୍କୁ ବ୍ୟାଙ୍କ ସେବା ପାଇଁ ୨୫ କିମି ପର୍ଯ୍ୟନ୍ତ ଯିବାକୁ ପଡୁଥିଲା। ଲୋକଙ୍କ ନିକଟରେ ବ୍ୟାଙ୍କ ସେବା ପହଞ୍ଚାଇବା ନେଇ ବ୍ୟାଙ୍କର ପ୍ରତିଶ୍ରୁତିକୁ ପାଳନ କରି ଏହି ଶାଖା ଖୋଲାଯାଇଥିବା ସିଲ୍ ସୂଚନା ଦେଇଛନ୍ତି। ବ୍ୟାଙ୍କ ଏହାର ୫୩% ଶାଖା ଛୋଟ ସହର ଏବଂ ଗ୍ରାମାଞ୍ଚଳରେ ଖୋଲିଥିବା ସୂଚନା ରହିଛି।

> ସଫଳତା ପାଇବା ମନୋବୃତ୍ତି ରଖି ତୁମେ ଏକ ନିର୍ଦ୍ଦିଷ୍ଟ ପଥରେ ଆଗେଇଲେ ଯେକୌଣସି ବୟସ ଏଥିପାଇଁ ବାଧକ ନୁହେଁ।
> –ସଚିନ ବଂଶଲ, ଉଦ୍ୟୋଗୀ



> ଲୋକଙ୍କୁ ସଶକ୍ତ କରିବାର ଆବଶ୍ୟକତା ରହିଥିବା ବେଳେ ଏ ନେଇ ରହିଥିବା ବ୍ୟବସ୍ଥା ସେଥି ପାଇଁ ସକ୍ଷମ ନୁହେଁ।
> –ରଘୁରାମ ରାଜନ, ପୂର୍ବତନ ଆର୍‌ବିଆଇ ଗଭର୍ଣ୍ଣର



■ଟିକସ ଫାଙ୍କି ରୋକିବା ଉଦ୍ୟମ

# ସୋସିଆଲ ମିଡିଆ ଉପରେ ରହିବ ନଜର

ନୂଆଦିଲ୍ଲୀ,୩୦-୩




- ■ପ୍ରୋଜେକ୍ଟ ଇନ୍‌ସାଇଟର ବ୍ୟବହାର କରିବ ଆୟକର ବିଭାଗ
- ■୧୦୦୦ କୋଟିର କାର୍ଯ୍ୟକ୍ରମ
- ■ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ
- ■ମାର୍ଚ୍ଚ ୧୫ରୁ ଅଧିକାରୀଙ୍କୁ ସଫ୍ଟୱେର ବ୍ୟବହାର ଅନୁମତି

ଟିକସ ଫାଙ୍କିବା ଏବେ ଅସମ୍ଭବ ନ ହେଲେ ମଧ୍ୟ କଷ୍ଟକର ହେବ। କାରଣ ଆୟକର ବିଭାଗ ଟିକସ ଫାଙ୍କି ଉପରେ ଅଙ୍କୁଶ ଲଗାଇବା ଲାଗି ଏପ୍ରିଲ ପହିଲାରୁ ବିଗ୍ ଡାଟା ଆନାଲିଟିକ୍ସ ବ୍ୟବହାର କରିବାକୁ ଯାଉଛି। 'ପ୍ରୋଜେକ୍ଟ ଇନ୍‌ସାଇଟ' ନାମକ ୧୦୦୦ କୋଟି ଟଙ୍କାର କାର୍ଯ୍ୟକ୍ରମ ଜରିଆରେ ଟିକସଦାତାଙ୍କ ସୋସିଆଲ ନେଟୱର୍କିଂ ପ୍ରୋଫାଇଲ ଉପରେ ନଜର ରଖିବ ଆୟକର ବିଭାଗ। ଏପ୍ରିଲ ପହିଲାରୁ ସୋସିଆଲ ମିଡିଆରେ ଅପ୍‌ଲୋଡ କରାଯାଉଥିବା ଫଟୋ ଓ ଭିଡିଓ ଜରିଆରେ ଟିକସଦାତାଙ୍କ ଖର୍ଚ୍ଚର ପରିମାଣ ଜାଣିବାକୁ ଆୟକର ବିଭାଗ ଚେଷ୍ଟା କରିବ।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କୌଣସି ଟିକସଦାତା ଘୋଷିତ ଆୟ ତୁଳନାରେ ସାମଗ୍ରୀ କ୍ରୟ ଓ ଯାତ୍ରାରେ ଅଧିକ ଖର୍ଚ୍ଚ କରିଥିଲେ ଏବଂ ରିଟର୍ନରେ ଏ ସମ୍ପର୍କରେ ଉଲ୍ଲେଖ କରି ନ ଥିଲେ ଅଡୁଆରେ ପଡିବା ନିଶ୍ଚିତ। ତାଙ୍କ ବିରୋଧରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆୟକର ଅଧିକାରୀମାନଙ୍କୁ ଚଳିତ ମାସ ୧୫ରୁ ଏ ସମ୍ପର୍କିତ ସଫ୍ଟୱେର ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ଏ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ଜଣେ ଅଧିକାରୀ କହିଛନ୍ତି ଯେ, ଜଣେ ଟିକସଦାତା ବିଦେଶ ଯାତ୍ରା କରିବା ପରେ ଅଥବା ମହଙ୍ଗା କାର୍, ଘର ଆଦି କିଣା ସମ୍ପର୍କରେ ସୋସିଆଲ ମିଡିଆରେ ଫଟୋ ଓ ଭିଡିଓ ପୋଷ୍ଟ କରିଥିଲେ ତାଙ୍କର ଆୟକର ରିଟର୍ନକୁ ତୁରନ୍ତ ଯାଞ୍ଚ କରାଯିବ। ତାଙ୍କର ଆୟର ସୂତ୍ର ଜାଣିବା ପରେ ଖର୍ଚ୍ଚ ଅଧିକ କରାଯାଇଥିଲେ ବିଭାଗୀୟ ଅଧିକାରୀମାନେ ଏହାର ବିଶ୍ଳେଷଣ କରିବା ଲାଗି ବିଗ୍ ଡାଟା ବ୍ୟବହାର କରିପାରିବେ ଏବଂ ଟିକସଦାତାଙ୍କ ଆୟ-ବ୍ୟୟରେ ଥିବା ଅସମାନତା ସମ୍ପର୍କରେ ଯାଞ୍ଚ କରିବେ। ସୂଚନାନୁଯାୟୀ, ବିଭାଗୀୟ ଅଧିକାରୀମାନେ ଏକ ମାଷ୍ଟର ଫାଇଲ ମଧ୍ୟ ବ୍ୟବହାର କରିପାରନ୍ତି। ଏଥିରେ ବ୍ୟକ୍ତି ଓ କର୍ପୋରେଟ ଜଗତର ସମ୍ପୂର୍ଣ୍ଣ ମହତ୍ତ୍ୱପୂର୍ଣ୍ଣ ବିବରଣୀ ସଂଗ୍ରହ କରି ରଖାଯାଇଛି। ଟିକସ ଫାଙ୍କୁଥିବା ବ୍ୟକ୍ତିବିଶେଷଙ୍କୁ ଧରିବା, ରିଟର୍ନ ଦାଖଲ କରିବା ଏବଂ ଟିକସ ପୈଠକାରୀଙ୍କ ସଂଖ୍ୟା ବୃଦ୍ଧି କରିବା ପ୍ରୋଜେକ୍ଟର ମୁଖ୍ୟ ଉଦ୍ଦେଶ୍ୟ। ଇନ୍‌ସାଇଟ ପ୍ରୋଜେକ୍ଟ ଏକୀକୃତ ସୂଚନା ପରିଚାଳନା ପ୍ରଣାଳୀ ହେବ, ଯାହାଦ୍ୱାରା ଠିକ୍ ସମୟରେ ଉଚିତ୍ ପଦକ୍ଷେପ ନେବାରେ ମେଶିନ ଲର୍ନିଂର ସହାୟତା ନେଇ ହେବ। ଟିକସ ଫାଙ୍କି ରୋକିବା ଲାଗି ବିଗ୍ ଡାଟା ବ୍ୟବହାର କରୁଥିବା ଦେଶ ବେଲଜିୟମ, କାନାଡା ଏବଂ ଅଷ୍ଟ୍ରେଲିଆ ସହ ଭାରତ ଯୋଡି ହୋଇଯିବ। ୨୦୧୦ରେ ବ୍ରିଟେନରେ ଏହି ପ୍ରଯୁକ୍ତି ଆରମ୍ଭ ହେବା ପରଠାରୁ ଏପରି ପ୍ରଣାଳୀରେ ପ୍ରାୟ ୪.୧ ବିଲିୟନ ପାଉଣ୍ଡ ରାଜସ୍ୱ କ୍ଷତିକୁ ରୋକାଯାଇପାରିଛି।

# ହିରୋ ମୋଟୋକର୍ପ ସମ୍ମାନିତ




ଭୁବନେଶ୍ୱର,୩୦-୩

କ୍ରୀଡା କ୍ଷେତ୍ରର ବିକାଶ ଲାଗି ପ୍ରମୁଖ ଦୁଇ ଚକିଆଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ୍ ଇଣ୍ଟରନ୍ୟାଶନାଲ କନ୍‌ଭେନସନ ଅନ୍ ବିଜନେସ ଅଫ ଫୁଟବଲ- 'ଗୋଲ -୨୦୧୯' କାର୍ଯ୍ୟକ୍ରମରେ ପୁରସ୍କୃତ ହୋଇଛି। ବିଶେଷକରି ଫୁଟବଲ କ୍ରୀଡାର ବିକାଶ ଦିଗରେ କମ୍ପାନୀର ଯୋଗଦାନ ଥିବାରୁ ଶିଳ୍ପ ସଂଘ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି) ପକ୍ଷରୁ ଏହା ସମ୍ମାନିତ ହୋଇଛି। ବନଡେସିଲଗା ଇଣ୍ଟରନ୍ୟାଶନାଲର ସିଇଓ ରବର୍ଟ କ୍ଲେଇନ,ହିରୋ ମୋଟୋକର୍ପର କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ଭରତେନ୍ଦୁ କବିଙ୍କୁ ଏକ ସ୍ମୃତିଫଳକ ପ୍ରଦାନ ସହ ପୁରସ୍କୃତ କରିଛନ୍ତି।

# ଜିଡିପି ଡାଟାକୁ ସୁବ୍ରମଣ୍ୟନଙ୍କ ସମର୍ଥନ

ଚେନ୍ନାଇ,୩୦-୩


କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ।

ଜିଡିପି ଡାଟାକୁ ନେଇ ଏବେ ଦେଶବ୍ୟାପୀ ବିତର୍କ ଚାଲିଥିବା ବେଳେ ମୁଖ୍ୟ ଆର୍ଥିକ ପରାମର୍ଶଦାତା କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ ଏବେ ଏଥିରେ କୁଦି ପଡ଼ିଛନ୍ତି। ସରକାରଙ୍କ ଡାଟାକୁ ସମର୍ଥନ କରି ସେ ନିଜର ମତ ରଖିଥିବା ବେଳେ ଆର୍‌ବିଆଇର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କ ଯୁକ୍ତିକୁ ପରୋକ୍ଷରେ ବିରୋଧ କରିଛନ୍ତି। ସେ କହିଛନ୍ତି ଯେ, ପ୍ରକାଶ ପାଇଥିବା ଜିଡିପି ଡାଟା ଠିକ୍ ଅଛି। ଦେଶ ୭.୫% ହାରରେ ଆଗେଉଥିବା ବେଳେ ସତ୍ୟକୁ ଲୁଚାଇବା ଲାଗି ମିଥ୍ୟା ସ୍ଲୋଗାନ ଜାରି କରିବା ଲୋକଙ୍କ ପାଇଁ କଷ୍ଟକର ହୋଇପଡୁଛି।

ସୂଚନାଥାଉ କି, ମିଡିଆ ସହ ଆଲୋଚନା କାଳରେ ରାଜନ ଭାରତରେ ଅଧିକ ନିଯୁକ୍ତି ସୃଷ୍ଟି ନ ହୋଇ କିପରି ୭% ହାରରେ ଜିଡିପି ଅଭିବୃଦ୍ଧି ହେଉଛି ସେ ନେଇ ସନ୍ଦେହ ବ୍ୟକ୍ତ କରିଥିଲେ। ଜିଡିପି ଡାଟାକୁ ନେଇ ସୃଷ୍ଟି ହୋଇଥିବା ସନ୍ଦେହ ଦୂର ପାଇଁ ସ୍ୱାଧୀନ ଅର୍ଥନୀତିଜ୍ଞଙ୍କ ଦ୍ୱାରା ଏହାର ଆକଳନ କରାଯାଉ ବୋଲି ସେ ଦାବି କରିଥିଲେ। ସିଆଇଆଇ ବୈଠକରେ ଯୋଗଦେଇ ଭାରତର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ସୁବ୍ରମଣ୍ୟନ କହିଛନ୍ତି ଯେ, ଦେଶର ଅର୍ଥନୀତି ଦ୍ରୁତଗତିରେ ଅଭିବୃଦ୍ଧି ହାସଲ କରୁଛି। ଖବରକାଗଜରେ ଜିଡିପି ଡାଟା ନେଇ ଆରମ୍ଭ ହୋଇଥିବା ବିବାଦ ଭିତରେ ଗତ ୫ ବର୍ଷ ଭିତରେ ଏହା ଅତି ଉଚ୍ଚ ହାରରେ ଅଭିବୃଦ୍ଧି ହାସଲ କରୁଛି। ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବେ ଗତବର୍ଷ ଡିସେମ୍ବରରେ ଯୋଗଦେବା ପରେ ମାତ୍ର ୩ ମାସ ମଧ୍ୟରେ ସେ ଜିଡିପି ଅଭିବୃଦ୍ଧିର ବିଭିନ୍ନ ଦିଗ ଖୋଜି ପାଇଛନ୍ତି ବୋଲି ସୁବ୍ରମଣ୍ୟନ କହିଛନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟହୋଇଛି ଯେ,ସତକୁ ଲୁଚାଇବା ଲାଗି ମିଥ୍ୟା ସ୍ଲୋଗାନ ତିଆରି କରିବା କଷ୍ଟକର ହୋଇପଡୁଛି। ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ଏବେ ଦେଶର ଜିଡିପି ବିକାଶ ହାର ସବୁଠୁ ଅଧିକ ବୋଲି ସେ କହିଛନ୍ତି। କିଭଳି ଏହାକୁ ଆକଳନ କରାଯାଉଛି ,ତାହାକୁ ନେଇ ଭିନ୍ନ ମତ ଥାଇପାରେ,କିନ୍ତୁ ଦେଶ ଉଚ୍ଚ ବିକାଶ ପଥରେ ଆଗେଇ ଚାଲିଛି। ବିଶ୍ୱରେ ବିରୂପ ଆର୍ଥିକ ଗତିବିଧି ଚାଲିବା ଏବଂ ବ୍ୟାଙ୍କଗୁଡ଼ିକ ନିକଟରେ ଅର୍ଥର ଅଭାବ ରହିବା ସତ୍ତ୍ୱେ ଦେଶର ବିକାଶ ଆଗେଇଛି। ଜିଏସ୍‌ଟି ଓ ଆଇବିସି ସବୁ କିଛି ବଦଳାଇ ଦେଇଛି।

## ବିଜୟା, ଦେନା ବ୍ୟାଙ୍କ ଶାଖା ବିଓବିର ଶାଖା ଭାବେ କାର୍ଯ୍ୟ କରିବ

ମୁମ୍ବାଇ,୩୦-୩: ଆସନ୍ତା ସୋମବାରରୁ ବିଜୟା ବ୍ୟାଙ୍କ, ଦେନା ବ୍ୟାଙ୍କର ସମସ୍ତ ଶାଖା ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ଶାଖା ଭାବେ କାର୍ଯ୍ୟ କରିବେ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଶନିବାର ସ୍ପଷ୍ଟ କରିଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଏପ୍ରିଲ ପହିଲାରୁ ବିଓବି ସହ ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କର ମିଶ୍ରଣ କାର୍ଯ୍ୟକାରୀ ହେବ। ବିଜୟା ବ୍ୟାଙ୍କ, ଦେନା ବ୍ୟାଙ୍କର ଗ୍ରାହକ, ଜମାକାରୀ ଏପ୍ରିଲ ପହିଲାରୁ ବିଓବିର ଗ୍ରାହକ ଓ ଜମାକାରୀ ଭାବେ ପରିଗଣିତ ହେବେ। ମିଶ୍ରଣ ପ୍ରକ୍ରିୟା ଅନୁଯାୟୀ, ବିଜୟା ବ୍ୟାଙ୍କର ଶେୟାରଧାରୀ ପ୍ରତି ୧୦୦୦ ଶେୟାର ବଦଳରେ ୪୦୨ ଶେୟାର ଓ ଦେନା ବ୍ୟାଙ୍କ ଶେୟାରଧାରୀଙ୍କୁ ୧୧୦ ଶେୟାର ମିଳିବ। ବିଓବିର ଋଣ ପ୍ରଦାନ କ୍ଷମତାକୁ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାର ଏହାକୁ ୫୦୪୨ କୋଟି ଟଙ୍କାର ପୁଞ୍ଜି ଦେବାକୁ ଘୋଷଣା କରିସାରିଛନ୍ତି।

# ରିଲାଏନ୍ସ ସ୍ମାର୍ଟର ନୂଆ ଷ୍ଟୋର




ଭୁବନେଶ୍ୱର,୩୦-୩

ରିଲାଏନ୍ସ ରିଟେଲ୍‌ର ଲାର୍ଜ ଫର୍ମାଟ ସୁପରମାର୍କେଟ 'ରିଲାଏନ୍ସ ସ୍ମାର୍ଟ' ପକ୍ଷରୁ ସ୍ଥାନୀୟ ନୟାପଲ୍ଲୀରେ ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ଏହା ଇସ୍କନ ମନ୍ଦିରର ବିପରୀତ ପାର୍ଶ୍ୱରେ ଅବସ୍ଥିତ। ଗୋଟିଏ ଛାତ ତଳେ ବିସ୍ତୃତ ରେଞ୍ଜର ସାମଗ୍ରୀ ଏହି ଷ୍ଟୋର ଦ୍ୱାରା ଗ୍ରାହକ ଲାଭ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଡେଜରାଜି,ଫଳ, ପନିପରିବା, ଦୁଗ୍ଧ, କିଚେନୱେର, ହୋମୱେର ଏବଂ ପୋଷାକ ପତ୍ର ଭଳି ଅନ୍ୟାନ୍ୟ ବର୍ଗରେ ପ୍ରଡକ୍ଟ ଏଠାରେ ଉପଲବ୍ଧ ରହିଛି। ଷ୍ଟୋରରେ ଗ୍ରାହକଙ୍କୁ ପ୍ରଡକ୍ଟର ଏମ୍‌ଆର୍‌ପି ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ନୂଆ ଷ୍ଟୋରଟି ୨୧ ହଜାର ବର୍ଗଫୁଟ ସ୍ଥାନରେ ଖୋଲିଛି। ଏହା ରାଜ୍ୟର ଉକ୍ତ ବର୍ଗର ୪ର୍ଥ କମ୍ପାନୀ ଷ୍ଟୋର। ଦେଶର ୧୦୦ ସହରରେ କମ୍ପାନୀ ବର୍ତ୍ତମାନ ୧୫୦ ଏଭଳି ଷ୍ଟୋର ସହ ସେବା ଯୋଗାଉଥିବା କମ୍ପାନୀ ସୂଚନା ଦେଇଛି।

# ଜେଟ୍ ପାଇଲଟଙ୍କୁ ମିଳିବ ଡିସେମ୍ବର ଦରମାର ୮୭%

ନୂଆଦିଲ୍ଲୀ,୩୦-୩

ଦରମା ନ ପାଇବା ଏବଂ କମ୍ପାନୀର ପୁନରୁଦ୍ଧାର ଯୋଜନା ସ୍ପଷ୍ଟ ନ ହେବା କାରଣରୁ ଜେଟ୍ ଏୟାରୱେଜର ପ୍ରାୟ ୧୧୦୦ ପାଇଲଟ ଓ ଇଞ୍ଜିନିୟର ଏପ୍ରିଲ ପହିଲାରୁ ବିମାନ ନ ଉଡ଼ାଇବାକୁ ନିଷ୍ପତ୍ତି ନେବା ପରେ ସେମାନଙ୍କୁ ଡିସେମ୍ବର ଦରମାର ବକେୟା ୮୭.୫% ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ପାଇଲଟ ସଂଗଠନ ନ୍ୟାଶନାଲ ଏଭିଏଟର୍ସ ଗିଲ୍ଡ ପକ୍ଷରୁ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ନିଜ ନିଷ୍ପତ୍ତିର ପୁନର୍ବିଚାର କରାଯିବା ନେଇ ରବିବାର ଆଲୋଚନା କରାଯିବ ବୋଲି ଗିଲ୍ଡ ପକ୍ଷରୁ କୁହାଯାଇଛି। ଜେଟ୍ ଏୟାରୱେଜର ପ୍ରାୟ ୧୧୦୦ ପାଇଲଟଙ୍କୁ ପ୍ରତିନିଧିତ୍ୱ କରୁଥିବା ସଂଗଠନ ନ୍ୟାଶନାଲ ଏଭିଏଟର୍ସ ଗିଲ୍ଡ ବେତନ ନ ମିଳିବା ଏବଂ ୩୧ ମାର୍ଚ୍ଚ ସୁଦ୍ଧା କମ୍ପାନୀର ପୁନରୁଦ୍ଧାର ଯୋଜନା ସ୍ପଷ୍ଟ ନ ହେବା କାରଣରୁ ଏପ୍ରିଲ ପହିଲାରୁ ବିମାନ ଉଡ଼ାଇବେ ନାହିଁ ବୋଲି ଗତ ସପ୍ତାହରେ ଚେତାବନୀ ଶୁଣାଇଥିଲେ। ଜେଟ୍ ଏୟାରୱେଜ ସିଇଓ ବିନୟ ଦୁବେ ଗିଲ୍ଡକୁ ପତ୍ର ଲେଖି କହିଛନ୍ତି ଯେ, ରିଜଲ୍ୟୁଶନ ପ୍ଲାନ୍ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଛି। ଏହା ଏକ ଜଟିଳ ପ୍ରକ୍ରିୟା। ତଥାପି କମ୍ପାନୀ ଏ ଦିଗରେ ପଦକ୍ଷେପ ନେଉଛି। ସୂଚନାଥାଉ କି, ପାଇଲଟ ଓ ଇଞ୍ଜିନିୟରମାନଙ୍କର ପ୍ରାୟ ୪ ମାସର ଦରମା ବକେୟା ରହିଛି। ବକେୟା ବେତନ ପୈଠ କରିବା ଲାଗି ଗିଲ୍ଡ ପକ୍ଷରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଧ୍ୟକ୍ଷ ରଜନୀଶ କୁମାରଙ୍କୁ ପତ୍ର ଲେଖାଯାଇଥିଲା।

## ଉଦ୍ୟୋଗ ବିକାଶ ସଂକ୍ରାନ୍ତ ଯୁବ ସମ୍ମିଳନୀ ଏପ୍ରିଲ ୧ରେ

ଭୁବନେଶ୍ୱର,୩୦-୩

ତୃଣମୂଳ ସ୍ତରରେ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ଲାଗି ଏକ ଯୁବ ସମ୍ମିଳନୀ ସ୍ଥାନୀୟ ରେଳ ଅଡିଟୋରିୟମଠାରେ ଏପ୍ରିଲ ୧ରେ ଅନୁଷ୍ଠିତ ହେବ। ଭାରତୀୟ ଯୁବା ଶକ୍ତି ଟ୍ରଷ୍ଟ(ବିୱାଇଏସ୍‌ଟି) ପକ୍ଷରୁ ଆୟୋଜନ ହେଉଥିବା ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ନିଯୁକ୍ତି ସୃଷ୍ଟି ଲାଗି ଗ୍ରାମାଞ୍ଚଳର ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ।

■ଆମେରିକା ସାମଗ୍ରୀ ଉପରେ ସୀମା ଶୁଳ୍କ ବୃଦ୍ଧି ପ୍ରସଙ୍ଗ

# ପୁଣି ସମୟ ସୀମା ବଢ଼ାଇଲା ଭାରତ

ନୂଆଦିଲ୍ଲୀ,୩୦-୩

ଆମେରିକାରୁ ଆମଦାନୀ ହେଉଥିବା ପ୍ରାୟ ୨୯ ଉତ୍ପାଦ ଉପରେ ଉଚ୍ଚ ସୀମା ଶୁଳ୍କ ଲାଗୁ କରିବା ନେଇ ଭାରତ ନିଷ୍ପତ୍ତି ନେଇଥିବା ବେଳେ ଏଥି ଲାଗି ରହିଥିବା ସମୟ ସୀମାକୁ ପୁଣି ବଢାଇଛି। ଅର୍ଥାତ ମେ ୨ ପର୍ଯ୍ୟନ୍ତ ଭାରତ ଆମେରିକାର ନିର୍ଦ୍ଦିଷ୍ଟ ସାମଗ୍ରୀ ଉପରେ ଉଚ୍ଚ ସୀମା ଟିକସ ଲାଗୁ କରିବ ନାହିଁ ବୋଲି ଜଣା ପଡିଛି। ଆଲମଣ୍ଡ, ଡାଲି, ବାଦାମ ସମେତ ଅନ୍ୟାନ୍ୟ ସାମଗ୍ରୀ ଏହି ତାଲିକାରେ ରହିଛି। ଏପ୍ରିଲ ପହିଲାରୁ ଉଚ୍ଚ ଟିକସ ଲାଗୁ କରିବାକୁ ପୂର୍ବରୁ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଏହା ମେ ୨କୁ ଘୁଞ୍ଚାଯାଇଥିବା ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଏକ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ୨୦୧୮ ଜୁନ ପରଠାରୁ ଭାରତ ଏହି ସମୟ ସୀମାକୁ ପ୍ରାୟ ୬ରୁ ଊର୍ଦ୍ଧ୍ୱଥର ପରିବର୍ତ୍ତନ କରିଛି। ଭାରତର ଆଲୁମିନିୟମ ଏବଂ ଇସ୍ପାତ ଉତ୍ପାଦ ଉପରେ ଆମେରିକା ଉଚ୍ଚ ଟିକସ ଲାଗୁ କରକରବା ପରେ ଭାରତ ଆମେରିକାର ପ୍ରଡକ୍ଟ ଉପରେ ମଧ୍ୟ ଏଭଳି ଟିକସ ଲାଗୁ ନିଷ୍ପତ୍ତି ନେଇଥିଲା।

ଦୁଇ ପକ୍ଷ ମଧ୍ୟରେ ଆପୋଷ ବୁଝାମଣା ଦ୍ୱାରା ସମସ୍ୟା ସମାଧାନ କରିବାକୁ ଭାରତ ଚାହୁଁଛି। ମାତ୍ର ଭାରତୀୟ ରପ୍ତାନିକାରୀଙ୍କୁ ପ୍ରଦାନ କରାଯାଉଥିବା ରପ୍ତାନି ପ୍ରୋତ୍ସାହନକୁ ପ୍ରତ୍ୟାହାର କରିନେବାକୁ ଆମେରିକା ନିଷ୍ପତ୍ତି ନେଇଛି। ଭାରତୀୟ ରପ୍ତାନିକାରୀମାନେ ଜେନେରାଲାଇଜଡ ସିଷ୍ଟମ ଅଫ୍ ପ୍ରିଫରେନ୍ସ(ଜିପିଏସ୍) କାର୍ଯ୍ୟକ୍ରମରେ ପ୍ରୋତ୍ସାହନ ସୁବିଧା ସୁଯୋଗ ପାଉଥିଲେ। ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କକୁ ଦୃଢ କରିବା ଲାଗି ଭାରତ ପ୍ରୟାସ ଜାରି ରଖିଥିବା ଜଣାପଡିଛି।

### ଅପେକ୍ଷା କରିପାରେ ଆମେରିକା

**ୱାଶିଂଟନ୍,୩୦-୩:** ଭାରତକୁ ପ୍ରିଫରେନ୍ସିଆଲ ଟ୍ରେଡ ଟ୍ରିଟ୍‌ମେଣ୍ଟରୁ ବାଦ୍ ଦେବା ନେଇ ଆମେରିକା ପ୍ରଶାସନ ଏବେ ଅପେକ୍ଷା କରିପାରେ। ଜଣେ ବରିଷ୍ଠ ରିପବ୍ଲିକାନ ଏମ୍‌ପି ଜର୍ଜ ହୋଲ୍ଡିଂ ଭାରତରେ ସାଧାରଣ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବାଣିଜ୍ୟ ସଚିବ ରବର୍ଟ ଲାଇଟହାଇଜରଙ୍କୁ ଅନୁରୋଧ କରିଛନ୍ତି। ନିର୍ବାଚନ ପରେ ଅଧିକ ଆଲୋଚନା ପାଇଁ ବାଟ ଫିଟିବ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ଉଲ୍ଲେଖଥାଉ କି, ହୋଲ୍ଡିଂ ଭାରତ ସମର୍ଥକ ଇଣ୍ଡିଆ କକସ୍‌ର ସହ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ସେ କହିଛନ୍ତି ଯେ, ଭାରତ ଏବେ ଅଳ୍ପ ବିକଶିତ ଦେଶ ହୋଇ ରହିନାହିଁ। ଏହାକୁ ଉକ୍ତ ମାନ୍ୟତା ଦିଆଯିବା ବେଳଠାରୁ ଆଜି ଭିତରେ ଅନେକ ଫରକ ରହିଛି। ଆମେରିକାକୁ ଏ ବିଷୟରେ ପୁନର୍ବିଚାର କରିବାକୁ ହେବ। ଭାରତରେ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଏହାକୁ ନେଇ ଏବେ ଭାବିବାର ଆବଶ୍ୟକତା ନାହିଁ।

**PARADIP PORT TRUST**
CORRIGENDUM (I) TO E-TENDER CALL NOTICE
No. EM/MM/PE/04/2018/1902TDR41, Dt. 28/02/2019
FOR SUPPLY OF ELECTRICAL ITEMS
The due date of submission of Tender & opening of EMD Bid is hereby further extended as below : (1) Last Date of submission of tender up to **5.00 PM of 18.04.2019**. (2) Opening of EMD Bid at **3.30 PM of 20.04.2019**. All other terms and conditions in the original tender remained unaltered. For details, log on to our website : **https://eprocure.gov.in/eprocure/app** or contact the office of the undersigned.
Sr. Dy. Materials Manager
PPT/PR/707/18-19 Dt : 30.03.19

**PARADIP PORT TRUST**
E-AUCTION NOTICE
Paradip Port Trust intent to Dispose of old used/damaged Transformer Oil on "as is where is basis" by e-auction through M/s. MSTC. For details, interested bidders may log on to **MSTC website www.mstcindia.co.in/ www.mstcecommerce.com.**
Sr. Dy. Materials Manager
PPT/PR/712/18-19 Dt : 30.03.2019

**PARADIP PORT TRUST**
CORRIGENDUM to e-TENDER CALL NOTICE
Name of the work **"Maintenance & Repair 45 nos. of GHC Quarter at Madhuban, Paradip"**. Last Date & time of submission of Bid: **02.04.2019** upto 17:00 Hrs. and opening of bid **04.04.19.** For details please refer our Website : **eprocure.gov.in/eprocure/app.**
Executive Engineer, Planning Division.
PPT/PR/705/18-19 Dated : 30.3.2019

**OFFICE OF THE CDM & PHO, GANJAM**
**CORRIGENDUM**
In pursuance to the Tender Call Advertisement No.3893/18-19 dtd: 28.02.2019, the last date of receipt of application for management of BMW in the District Tender is here by extended up to 15.04.2019 by 5 PM. and the proposals will be opened on 16.04.2019 at 4 PM. in the office chamber of the under signed in presence of the committee member and applied bidders. The revised terms and conditions are participating in the bidding is as follows.
The criteria for having own CBMW TF of service provider is here by relaxed looking into the non participation of such type of bidders. However it will take into consideration only in the case of non participating such bidders with due approval of competent authority. Other terms and conditions are remaining unchanged.
The undersigned reserves the right to reject any or all the proposals without assigning any reason thereof. The authority will not be responsible for any postal delay.
Sd./- CDM & PHO, Ganjam

**ବିଶେଷ ସୂଚନା**
ଆସନ୍ତା ସାଧାରଣ ନିର୍ବାଚନ-୨୦୧୯ ପାଇଁ ନିର୍ବାଚନ କମିଶନରଙ୍କ ଦ୍ୱାରା ନିଯୁକ୍ତି ହୋଇଥିବା ସାଧାରଣ ଏବଂ ବ୍ୟୟ ପର୍ଯ୍ୟବେକ୍ଷକ ଗଜପତି ଜିଲ୍ଲାରେ ପହଞ୍ଚିଛନ୍ତି। ଆବଶ୍ୟକ ସ୍ଥଳେ ଜନସାଧାରଣ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ।
1) Name of the General Observer : Sri Kamleshwar Prasad Singh, IAS
Mobile No. : (1) 9431507191 (2) 6200476921 (3) 7291192444
Landline : 06815-222098
E-Mail : singhkamleshwarprasad@gmail.com
Camp Office : Circuit House, Paralakhemundi
2) Name of the Expenditure Observer : Sri Om Prakash Bishnoi, IRS
Mobile No. : 9950310117
Landline 06815-222098
E-Mail observar136.137@gmail.com
Camp Office : Circuit House, Paralakhemundi
3) Name of the Expenditure Observer for PC : Dr. Sankar Prasad, IRS
Mobile No. : 8762301612
Sd./-
Collector & District Election Officer
Gajapati

“ ଲାଇସେନ୍ସପ୍ରାପ୍ତ ଫୁଟବଲ କ୍ଲବଗୁଡ଼ିକ ନିଜ ଅଞ୍ଚଳର ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ବିକଶିତ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଉଚିତ୍ ।

–ସୁନନ୍ଦୋ ଧର, ଆଇ–ଲିଗ୍ ସିଇଓ



“ ବର୍ତ୍ତମାନ ସମୟରେ ବ୍ୟାଡ୍‌ମିଣ୍ଟନ ଖେଳରେ ଲକ୍ଷ୍ୟ ହାସଲ କରିବାକୁ ହେଲେ ଶାରୀରିକ ଫିଟ୍‌ନେସ୍‌ରେ ଯଥେଷ୍ଟ ଉନ୍ନତି ଆଣିବାକୁ ପଡ଼ିବ ।

–କିଡାମ୍ବି ଶ୍ରୀକାନ୍ତ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



## ସଂକ୍ଷେପରେ

### ଦିବାକର ସ୍ମାରକୀ ଫୁଟ୍‌ବଲ: ସେମି ଲାଇନ୍‌ଅପ୍ ଚୂଡ଼ାନ୍ତ

**ନରାଜ/କଟକ ଅଫିସ,୩୦।୩:** ନରଣପୁର ଖେଳ ପଡ଼ିଆରେ ଚାଲିଥିବା ୮ମ ଜିଲାସ୍ତରୀୟ ଦିବାକର ସ୍ୱାଇଁ ସ୍ମାରକୀ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନଅପ ଚୂଡ଼ାନ୍ତ ହୋଇଛି। ରବିବାର ପ୍ରଥମ ସେମିଫାଇନାଲରେ ସିଆର୍‌ଆର୍‌ଆଇ-ଗବବସ୍ତ ଓ ଦ୍ୱିତୀୟ ସେମି ବଉଳକୁଦ-ନରଣପୁର ମଧ୍ୟରେ ମୁକାବିଲା ହେବ। ଦ୍ୱିତୀୟ ଦିବସରେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କନ୍ହେଇପଡା ପୂର୍ବତନ ସରପଞ୍ଚ ରିତାଞ୍ଜଳି ସାମଲ, ଅବସରପ୍ରାପ୍ତ କମାଣ୍ଡର ବିଭୂତି ପଟ୍ଟନାୟକ, ନରଣପୁର ଗ୍ରାମକମିଟିର ବାବାଜୀ ଚରଣ ସ୍ୱାଇଁ ଉପସ୍ଥିତ ଥିଲେ।

### ଫାଇନାଲରେ ଫେଡରର

**ମାୟାମି,୩୦।୩(ଏଏଫ୍‌ପି):** ସୁଇଜରଲାଣ୍ଡର କିମ୍ବଦନ୍ତୀ ପୁରୁଷ ସିଙ୍ଗଲ୍ସ ଖେଳାଳି ରୋଜର ଫେଡରର ମାୟାମି ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଟାଇଟଲ ମୁକାବିଲାରେ ସେ ଜନ ଇସ୍ନରଙ୍କୁ ଭେଟିବେ। ଶନିବାର ଖେଳାଯିବାକୁ ଥିବା ସେମିଫାଇନାଲରେ ଫେଡରର ୬-୨, ୬-୩ ସେଟ୍‌ରେ ଡେନିସ ଶାପଭାଲୋଭଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ଯୋଗୁ ପୂର୍ବତନ ଶୀର୍ଷ ର‍୍ୟାଙ୍କଧାରୀ ଖେଳାଳି କ୍ୟାରିୟରର ୫୦ତମ ଏଟିପି ମାଷ୍ଟର୍ସ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

### ଆୟରେ ସାଇନା ଦ୍ୱିତୀୟ

**ନୂଆଦିଲ୍ଲୀ,୩୦।୩(ପିଟି):** ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକଧାରୀ ସାଇନା ନେହ୍ୱାଲ ଚଳିତ ବର୍ଷର ପ୍ରଥମ କ୍ୱାର୍ଟରରେ ସର୍ବାଧିକ ଆୟ କରିଥିବା ମହିଳା ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୨୮ ବର୍ଷୀୟା ସାଇନା ଚଳିତ ସିଜନରେ ଇଣ୍ଡୋନେସିଆ ମାଷ୍ଟର୍ସ ଟାଇଟଲ ଜିତିବା ସହ ମାଲେସିଆ ମାଷ୍ଟର୍ସ ଟୁର୍ନାମେଣ୍ଟର ସେମିଫାଇନାଲ ଓ ଅଲ ଇଂଲଣ୍ଡ ଚାମ୍ପିୟନଶିପର କ୍ୱାର୍ଟର ଫାଇନାଲରେ ସ୍ଥାନ ପାଇଥିଲେ। ଏଥିରୁ ସେ ୩୬,୮୨୫ ଆମେରିକୀୟ ଡଲାର ଆୟ କରିଛନ୍ତି। ଏହା ଭାରତୀୟ ମୁଦ୍ରାରେ ୨୫.୩୭ ଲକ୍ଷ ଟଙ୍କା। ଅଲ୍ ଇଂଲଣ୍ଡ ଚାମ୍ପିୟନ ଚେନ ୟୁଫେଇ ଚଳିତ ସିଜନର ପ୍ରଥମ କ୍ୱାର୍ଟରରେ ସର୍ବାଧିକ ଆୟ କରିଛନ୍ତି। ସେ ଏପର୍ଯ୍ୟନ୍ତ ୮୬,୩୨୫ ଆମେରିକୀୟ ଡଲାର ଆୟ କରିଛନ୍ତି। ଏହି ତାଲିକାରେ ଶୀର୍ଷ ର‍୍ୟାଙ୍କଧାରୀ ଚାଇନିଜ ତାଇପେ ଖେଳାଳି ତାଇ ଜୁ ୟିଙ୍ଗ (୩୬,୧୦୦ ଡଲାର) ୩ୟ ସ୍ଥାନରେ ରହିଛନ୍ତି। ତାଲିକାର ୪ର୍ଥ ସ୍ଥାନ ରହିଛନ୍ତି ପିଭି ସିନ୍ଧୁ। ପୁରୁଷ ବିଭାଗରେ ଜର୍ମାନୀ ଓପନ ଓ ଅଲ ଇଂଲଣ୍ଡ ଚାମ୍ପିୟନ ଜାପାନର କେଣ୍ଟୋ ମୋମୋଟା ସର୍ବାଧିକ ୯୪,୫୫୦ ଡଲାର ଆୟ ସହ ଶୀର୍ଷରେ ରହିଛନ୍ତି।

# ଫାଇନାଲରେ ଭାରତ ହାରିଲା

**ଇପୋ,୩୦।୩(ପି.ଟି.)**

ଏଠାରେ ଖେଳାଯାଇଥିବା ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟରେ ଭାରତ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଶନିବାର ଖେଳାଯାଇଥିବା ଟାଇଟଲ ମୁକାବିଲାରେ ଭାରତ ଶୁଟ୍ ଆଉଟ୍‌ରେ ଦକ୍ଷିଣ କୋରିଆଠାରୁ ୪–୨ ଗୋଲରେ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଛି। ୫ଥର ଟାଇଟଲ ହାସଲ କରିଥିବା ଭାରତର ପୁରୁଣା ଶୁଟ୍ ଆଉଟ୍ ସମସ୍ୟା ଜାରି ରହିଛି ଓ ଦଳ ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହୋଇଛି।

**ଆଜଲାନ ଶାହ କପ୍ ହକି**

ବିଶ୍ୱ ର‍୍ୟାଙ୍କିଙ୍ଗର ୫ ନମ୍ବର ସ୍ଥାନରେ ଥିବା ଭାରତ ଟାଇଟଲ ମୁକାବିଲାରେ ଫେଭରାଇଟ ବିବେଚିତ ହେଉଥିଲା। ଅନ୍ୟପରେ ୧୭ ନମ୍ବର ସ୍ଥାନରେ ଥିବା କୋରିଆ ଶେଷରେ ବାଜି ମାରିଛି।

ମ୍ୟାଚ୍‌ର ନବମ ମିନିଟରେ ସିମରନଜିତ୍ ସିଂ ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ତେବେ ଭାରତ ଏହାକୁ ବେଶି ସମୟ ବଜାୟ ରଖିପାରି ନ ଥିଲା। ୪୭ତମ ମିନିଟରେ କୋରିଆ ପେନାଲ୍ଟି ଷ୍ଟ୍ରୋକ ଜରିଆରେ ଗୋଲ ଦେଇ ମ୍ୟାଚ୍‌କୁ ସମାନସ୍ତରକୁ ଆଣିଥିଲା। ଏହି ପେନାଲ୍ଟି ଷ୍ଟ୍ରୋକ ନେଇ ଭାରତ ଭିଡିଓ ରେଫରାଲ ସହାୟତା ନେଇଥିଲା। ତେବେ କୌଣସି ଫଳ ମିଳି ନ ଥିଲା। ଫଳରେ କୋରିଆର ଜାଙ୍ଗ୍ ଜୋଙ୍ଗ ହ୍ୟୁନ କୌଣସି ତ୍ରୁଟି ନ କରି ଗୋଲ ଦେଇଥିଲେ। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ ୧–୧ ଗୋଲ ସମାନସ୍ତରରେ ରହିଥିଲା। ଫଳରେ ଶୁଟ୍ ଆଉଟର ସହାୟତା ନିଆଯାଇଥିଲା। ଶେଷରେ ଭାରତ ଏଥିରେ ୪–୨ରେ ପରାସ୍ତ ହୋଇଥିଲା।



କୋରିଆ ବିପକ୍ଷ ମ୍ୟାଚ୍‌ରେ ଭାରତର ମନପ୍ରୀତ୍ ସିଂ (ଡାହାଣ)।

ଶୁଟ୍ ଆଉଟ୍‌ରେ ଭାରତ ପ୍ରଥମ, ଚତୁର୍ଥ ଓ ପଞ୍ଚମ ପ୍ରୟାସରେ ବିଫଳ ହୋଇଥିଲା ଓ ଦୁଇଟି ପ୍ରୟାସରେ ଗୋଲ ସ୍କୋର କରିଥିଲା। ଅପରପକ୍ଷରେ କୋରିଆ ତୃତୀୟ ପ୍ରୟାସରେ ବିଫଳ ହୋଇଥିଲା। ଏଥି ସହିତ କୋରିଆ ତୃତୀୟଥର ପାଇଁ ଆଜଲାନ ଶାହା କପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଭାରତ ପାଇଁ ମନଦୀପ ସିଂ, ସୁମିତ କୁମାର ଜୁନିୟର ଓ ସୁମିତ ୱାନ– ଅନ – ୱାନ ପେନାଲ୍ଟି ଶୁଟ୍ ଆଉଟ୍‌ରେ ସୁଯୋଗ ହାତଛଡା କରିଥିଲେ। ତେବେ ଅଭିଜ୍ଞ ବୀରେନ୍ଦ୍ର ଲାକ୍ରା ଓ ବରୁଣ କୁମାର ସୁଯୋଗର ସଦ୍ ବ୍ୟବହାର କରିଥିଲେ। ଅଭିଜ୍ଞ ପି.ଆର. ଶ୍ରୀଜେସଙ୍କ ବଦଳରେ ଯୁବ ଗୋଲ କିପର କିଷନ ବି ପାଠକ ଶୁଟ୍ ଆଉଟରେ ଦାୟିତ୍ୱ ତୁଲାଇଥିଲେ। ଅନ୍ୟପଟେ ଆୟୋଜକ ମାଲେସିଆ ତୃତୀୟ–ଚତୁର୍ଥ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ କାନାଡ଼ାକୁ ୪–୨ ଗୋଲରେ ହରାଇଛି ଓ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଶେଷଥର ପାଇଁ ଭାରତ ୨୦୧୦ରେ ଚାମ୍ପିୟନ ହୋଇଥିଲା। ବର୍ଷା କାରଣରୁ ଫାଇନାଲ ମ୍ୟାଚ୍ ବାତିଲ ହେବା ଫଳରେ ଭାରତ ଓ କୋରିଆ ଯୁଗ୍ମ ବିଜେତା ଘୋଷିତ ହୋଇଥିଲେ। ଟୁର୍ନାମେଣ୍ଟରେ ଭାରତୀୟ ଉପ–ଅଧିନାୟକ ସୁରେନ୍ଦ୍ର କୁମାର ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଛନ୍ତି।

### ଏସିଆନ ଏୟାରଗନ୍: ଭାରତକୁ ଆଉ ୩ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ,୩୦।୩(ପିଟି):** ଚାଇନିଜ ତାଇପେଠାରେ ଚାଲିଥିବା ୧୨ତମ ଏସିଆନ ଏୟାର ଗନ ପ୍ରତିଯୋଗିତାରେ ଶନିବାର ଭାରତକୁ ଆଉ ୩ ସ୍ୱର୍ଣ୍ଣ ପଦକ ମିଳିଛି। ସରବଜୋତ ସିଂ ଓ ଇଶା ସିଂ ୧୦ମିଟର ଏୟାର ପିସ୍ତଲ ପୁରୁଷ ଓ ମହିଳା ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଜୁନିୟର ଦଳଗତ ଇଭେଣ୍ଟରେ ସରବଜୋତ, ଅର୍ଜୁନ ଚିମା ଓ ବିଜୟବୀର ସିନ୍ଧୁଙ୍କୁ ନେଇ ଗଠିତ ଭାରତ ଦଳ ମଧ୍ୟ ଶୀର୍ଷ ସଫଳତା ପାଇଛି। ଏହାକୁ ମିଶାଇ ଟୁର୍ନାମେଣ୍ଟରେ ଭାରତୀୟ ଦଳର ପଦକ ସଂଖ୍ୟା ୧୪ରେ ପହଞ୍ଚିଛି। ଏଥିରେ ୮ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ରହିଛି। ଯୋଗ୍ୟତା ପର୍ଯ୍ୟାୟରେ ୫୭୯ ପଏଣ୍ଟ ସହ ଶୀର୍ଷ ସ୍ଥାନ ଅଧିକାର କରିଥିବା ସରବଜୋତ ଫାଇନାଲରେ ୨୩୭.୮ ସ୍କୋର କରିଥିଲେ। ତାଙ୍କ ପଛକୁ କୋରିଆର କିମ ଉଜଙ୍ଗ (୨୩୬.୬) ରହିଥିଲେ। ସମାନ ଇଭେଣ୍ଟରେ ବିଜୟବୀର (୨୧୭.୫) ବ୍ରୋଞ୍ଜ ପଦକ ଜିତିଥିଲେ। ସରବଜୋତ ଓ ବିଜୟବୀର ଓ ଅର୍ଜୁନ ଚିମାଙ୍କୁ ନେଇ ଗଠିତ ଭାରତୀୟ ଦଳ ସର୍ବାଧିକ ୧୭୧୮ ପଏଣ୍ଟ ହାସଲ କରି ଶୀର୍ଷ ସଫଳତା ପାଇଛନ୍ତି। ଇଶା ଯୋଗ୍ୟତା ପର୍ଯ୍ୟାୟରେ ଟପ୍ କରିବା ସହ ଫାଇନାଲରେ ସର୍ବାଧିକ ୨୩୫ ସ୍କୋର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅନ୍ୟ ମହିଳା ଶୁଟର ହର୍ଶଦା ନିଥଭେ ଓ ଦେବାଂଶୀ ଧମା ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପଦକ ହାସଲ କରିବାରେ ସଫଳ ହୋଇନାହାନ୍ତି। ଏହି ତିନି ମହିଳା ଶୁଟର ମିଳିତ ଭାବେ ଦଳଗତ ଇଭେଣ୍ଟରେ ରୌପ୍ୟ ପଦକ ହାତେଇଥିଲେ।

## ବେଦାନ୍ତ ନକ୍‌ଆଉଟ କ୍ରିକେଟ ଆରମ୍ଭ



ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର, ୩୦।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ବେଦାନ୍ତ ଲିମିଟେଡ୍ ଲାଞ୍ଜିଗଡ଼ ୟୁନିଟ୍ ଆନୁକୂଲ୍ୟରେ ‘ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ ୨୦୧୯’ ଆରମ୍ଭ ହୋଇଛି। ଗୋଲ୍‌ଡେନ ସ୍ପୋର୍ଟ୍ସ କ୍ଲବର ସହଯୋଗରେ ଏପ୍ରିଲ ୧୪ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ୩୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବେଦାନ୍ତ ଲିଃ ଲାଞ୍ଜିଗଡ଼ ୟୁନିଟ୍‌ର ସିଇଓ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ୧୨ଓଭର ବିଶିଷ୍ଟ ଏହି ପ୍ରତିଯୋଗିତାରେ ଇତିମଧ୍ୟରେ ବେଦାନ୍ତ ଟାଉନ୍‌ଶିପ୍ ଦଳ, ଚମ୍ପାଦେଇପୁର, ଲାଞ୍ଜିଗଡ଼, ବସନ୍ତପଡ଼ା, ଏନଭିଏନ୍ ଚାଟିକୋଣା ଓ ରେଙ୍ଗାପଲୀ ଦଳ ସେମାନଙ୍କ ମ୍ୟାଚରେ ବିଜୟ ହାସଲ କରିସାରିଛନ୍ତି।

## କିକ୍ ବକ୍ସିଂରେ ଓଡ଼ିଶାକୁ ୩୮ ପଦକ

**ଭୁବନେଶ୍ୱର, ୩୦।୩(ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ମାସ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ପୁଣେର ବାଲେବାଡ଼ି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ କିକ୍‌ବକ୍ସିଂ ଫେଡେରେଶନ କପ୍‌ରେ ଓଡ଼ିଶା ମୋଟ୍ ୩୮ ଗୋଟି ପଦକ ଜିତିଛି। ଏଥିରେ ୧୧ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୧୫ ବ୍ରୋଞ୍ଜ ପଦକ ରହିଛି। ପ୍ରତିଯୋଗିତାରେ ଓଡ଼ିଶାରୁ ୩୧ଜଣ ଖେଳାଳି କ୍ୟାଡେଟ୍, ଜୁନିୟର, ସିନିୟର ପଏଣ୍ଟ ଫାଇଟ୍, ଲାଇଟ୍ କଣ୍ଟାକ୍ଟ, କିକ୍ ଲାଇଟ୍ ଓ ମ୍ୟୁଜିକାଲ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ସେହିଭଳି ଓଡ଼ିଶାରୁ କାର୍ତ୍ତିକ ଡାକୁଆ, ଗଙ୍ଗାଧର ସାହୁ, ବିଚିତ୍ର ନାରାୟଣ ଜେନା, ସଞ୍ଜୀବ ଖେସ, ବିଚିତ୍ରାନନ୍ଦ ବେହେରା ଓ ବିକାଶ ଦାସ ମହାପାତ୍ର ଏହି ସମ୍ମାନଜନକ ପ୍ରତିଯୋଗିତାରେ ମ୍ୟାଚ ପରିଚାଳନା ପାଇଁ ମନୋନୀତ ହୋଇଥିଲେ। ଏଥିସହ ଫେଡେରେଶନ କପ୍‌ରେ ହୋଇଥିବା ବ୍ଲାକ ବେଲ୍ଟ ପରୀକ୍ଷାରେ ଓଡ଼ିଶାର ସାଇଗୌରବ ମହାପାତ୍ର, ସ୍ୱୟମ ସଙ୍କେତ ପ୍ରଧାନ, ଆୟୁଷ ସରକାର, ନମ୍ରତା ନନ୍ଦ ଓ ବିଶ୍ୱଦେବ ପ୍ରଥମ ଡାନ ବ୍ଲାକ ବେଲ୍ଟ ଏବଂ ଅଂଶୁମାନ ୨ୟ ଡାନ ଓ ଅମନ ନନ୍ଦା ୩ୟ ଡାନ ବ୍ଲାକ ବେଲ୍ଟ ସାର୍ଟିଫିକେଟ ୱାକୋ ଇଣ୍ଡିଆର ସଭାପତି ସନ୍ତୋଷ ଅଗ୍ରୱାଲଙ୍କଠାରୁ ଗ୍ରହଣ କରିଥିଲେ। ଏହି ଫେଡେରେଶନ କପ୍‌ରେ ୨୫ ରାଜ୍ୟରୁ ୧୩ ଶହ ଖେଳାଳି ଅଂଶଗ୍ରହଣ କରିଥିଲେ।

ଓଡ଼ିଶା ଖେଳାଳିଙ୍କର ଜାତୀୟସ୍ତରର କୃତିତ୍ୱ ପାଇଁ ଆମେଚର କିକ୍ ବକ୍ସିଂ ଆସୋସିଏଶନର ମୁଖ୍ୟ ଉପଦେଷ୍ଟା ଭବାନୀ ପ୍ରସାଦ ମିଶ୍ର ଓ ଉପାଧ୍ୟକ୍ଷ ହେମନ୍ତ ଦାସ ଅଭିନନ୍ଦନ ଜଣାଇଛନ୍ତି।



ପଦକ ସହ କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା କିକ୍ ବକ୍ସିଂ ଦଳର ଖେଳାଳିମାନେ।

**ଫେଡେରେଶନ କପ୍**

**ଓଡ଼ିଶାର ପଦକ ବିଜେତା: କ୍ୟାଡେଟ୍–**ଅସ୍ମିତ ଶେଖର (୧ ସ୍ୱର୍ଣ୍ଣ, ୧ ରୌପ୍ୟ), ସାଇଗୌରବ ମହାପାତ୍ର (୧ ସ୍ୱର୍ଣ୍ଣ, ୧ ରୌପ୍ୟ), ସ୍ୱୟମ ସଙ୍କେତ ପ୍ରଧାନ (୨ ସ୍ୱର୍ଣ୍ଣ), ସତ୍ୟଜିତ୍ ଦାସ (୧ ରୌପ୍ୟ), **ଜୁନିୟର ବର୍ଗ–** ଅଂଶୁମାନ ଡାକୁଆ (୧ ସ୍ୱର୍ଣ୍ଣ), ଆୟୁଷ ସରକାର (୨ ରୌପ୍ୟ), ସନ୍ଦୀପ ଘୋଷ (୧ ବ୍ରୋଞ୍ଜ), ପ୍ରତୀକ କୁମାର ଖାଲକୋ (୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ), କେ. ମୁକେଶ (୧ ବ୍ରୋଞ୍ଜ), ରୋହନ ଖାଁ (୧ ବ୍ରୋଞ୍ଜ), **ସିନିୟର ବର୍ଗ–** ଅମନ ନନ୍ଦା (୧ ବ୍ରୋଞ୍ଜ), ମିହିର କୁମାର ସାହୁ (୧ ସ୍ୱର୍ଣ୍ଣ ଓ ରୌପ୍ୟ), ପ୍ରେମାନନ୍ଦ ପରିଡ଼ା (୨ ବ୍ରୋଞ୍ଜ), ଶ୍ରୀଧର ଗୋଚ୍ଛାୟତ (୧ ରୌପ୍ୟ ଓ ବ୍ରୋଞ୍ଜ), ସଂଗ୍ରାମ ବେହେରା (୧ ବ୍ରୋଞ୍ଜ), ଗଣେଶ ବେହେରା (୧ ବ୍ରୋଞ୍ଜ), ଧର୍ମେନ୍ଦ୍ର ବେହେରା (୨ ବ୍ରୋଞ୍ଜ), ସୋନୁ ଓରାମ (୧ ରୌପ୍ୟ), ଅଶୋକ କୁନବର (୧ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ), ନମ୍ରତା ନନ୍ଦା (୧ ସ୍ୱର୍ଣ୍ଣ), ପୂଜା ଖାଲକୋ (୨ ରୌପ୍ୟ ଓ ୧ ବ୍ରୋଞ୍ଜ), ସେଲିନା ଟିଗା (୨ ରୌପ୍ୟ), ଅଶମିନ ମିଞ୍ଜ (୧ ସ୍ୱର୍ଣ୍ଣ), ନଜମା ଖାଁ (୧ ସ୍ୱର୍ଣ୍ଣ)।

## ମୋହନ ବାଗାନ ଓହରିଲା

**ଭୁବନେଶ୍ୱର,୩୦।୩(ସ୍ପୋର୍ଟ୍ସ ବ୍ୟୁରୋ):** ଏଠାରେ ଚାଲିଥିବା ସୁପରକପ୍ ଫୁଟବଲ ଟୁର୍ନାମେଣ୍ଟରେ ଗତଥରର ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛି। ତେବେ ବିନା ମ୍ୟାଚ୍ ଖେଳିବା ସହିତ ବେଙ୍ଗାଲୁରୁ ସିଧା ବାଇ ପାଇବା ସହ କ୍ୱାର୍ଟରକୁ ଉଠିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଖେଳାଯିବାକୁ ଥିବା ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରୁ ମୋହନ ବାଗାନ ଓହରିଯିବା ଫଳରେ ବେଙ୍ଗାଲୁରୁ ବିନା ବାଧାରେ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛି। ପଞ୍ଜିକରଣ ତାରିଖ ସୁଦ୍ଧା ମୋହନବାଗାନ ତା’ର ଖେଳାଳି ଓ ଷ୍ଟାଫ୍ ଏଣ୍ଟ୍ରି ଦାଖଲ ନ କରି ନ ଥିଲା। ଫଳରେ ଟୁର୍ନାମେଣ୍ଟରୁ ମୋହନ ବାଗାନ ଓହରିଯିବା ସ୍ପଷ୍ଟ ହୋଇଥିଲା।

### ୱାକଓଭର ପାଇ କ୍ୱାର୍ଟରରେ ଦିଲ୍ଲୀ

ସେହିପରି ଶନିବାର ଖେଳାଯିବାକୁ ଥିବା ରାଉଣ୍ଡ ଅଫ୍ ୧୬ର ଦ୍ୱିତୀୟ ମ୍ୟାଚ୍‌ରୁ ଇଷ୍ଟ ବେଙ୍ଗଲ ଓହରିଯିବା ଫଳରେ ଦିଲ୍ଲୀ ଡାଇନାମୋସ ୱାକ୍ ଓଭର ପାଇଛି। ଏଥି ସହିତ ଦିଲ୍ଲୀ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରକାଶ ଯୋଗ୍ୟ, ଯୋଗ୍ୟତା ପର୍ଯ୍ୟାୟରେ ଗୋକୁଲମ୍ କେରଳ ନ ଖେଳିବାରୁ ଦିଲ୍ଲୀ ଡାଇନାମୋସ ୱାକଓଭର ପାଇ ପ୍ରି–କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

## ଆରୋଜକୁ ହରାଇ କ୍ୱାର୍ଟରରେ ଗୋଆ

**ଭୁବନେଶ୍ୱର, ୩୦।୩(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ଏଫ୍ ସି ଗୋଆ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ଗୋଆ ୩–୦ ଗୋଲରେ ଫ୍ଲଏଡ ପିଣ୍ଟୋଙ୍କ ଇଣ୍ଡିଆନ ଆରୋଜକୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। ଏହି ଏକପାଖିଆ ମ୍ୟାଚ୍‌ରେ ଗୋଆ ତରଫରୁ ପେରାନ କୋରୋମିନାସ ୧୮ତମ ମିନିଟରେ ପ୍ରଥମ ଗୋଲ

**ସୁପର କପ୍ ଫୁଟବଲ୍**

ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ୬୦ତମ ମିନିଟ୍‌ରେ ହୁଗୋ ବୋମୋସ ଗୋଲ ଦେଇଥିଲେ। ଗୋଆ ୨–୦ରେ ଅଗ୍ରଣୀ ଥିବା ବେଳେ ଆରୋଜର ଦୀପକ ଟାଙ୍ଗ୍ରୀ ୮୦ ତମ ମିନିଟ ଆତ୍ମଘାତୀ ଗୋଲ ଦେଇଥିଲେ। ଫଳରେ ଶେଷରେ ଗୋଆ ୩–୦ରେ ବିଜୟୀ ହୋଇଥିଲା। ଏଥିସହିତ ଟୁର୍ନାମେଣ୍ଟର ୪ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବେଙ୍ଗାଲୁରୁ ସମେତ ଦିଲ୍ଲୀ ଡାଇନାମୋସ, ଗୋଆ ଓ ଚେନ୍ନାଇନ୍ ମଧ୍ୟ କ୍ୱାର୍ଟରକୁ ଉଠିଛି। ୪ଟି ଯାକ କ୍ୱାର୍ଟର ଫାଇନାଲ ଏପ୍ରିଲ ୪,୫,୬ ଓ ୭ ତାରିଖରେ ଖେଳାଯିବ।

ଆରମ୍ଭରୁ ଗୋଆ ପ୍ରଭାବ ବିସ୍ତାର କରି ଖେଳିଥିଲା। ନିଜ ପେସ୍ ଓ ଚତୁରତା ସହ ଦାଏଦ କ୍ରୋଚ, ହୁଗୋ ବୋମୋସ ଓ ଜ୍ୟାକିଚାନ୍ଦ ସିଂ ଆରୋଜ ଡିଫେନ୍ସକୁ ଭେଦ କରିବାରେ ସକ୍ଷମ ହୋଇଥିଲେ। ପ୍ରାରମ୍ଭିକ ୨୦ ମିନିଟ୍‌ରେ ଗୋଆ ତରଫରୁ କ୍ରୋଚ୍ ପେନାଲ୍ଟି ପାଇଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନ ଥିଲେ। ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖାଦେଇଥିଲା। ତେବେ ଆରୋଜ ମଧ୍ୟ କେତୋଟି ସୁଯୋଗ ହାତଛଡ଼ା କରିଥିଲା। ୨–୦ରେ ପଛରେ ପଡି ପ୍ରତ୍ୟାବର୍ତ୍ତନ କରିବା ଆରୋଜ ପାଇଁ କଷ୍ଟକର ଥିଲା। ଆରୋଜ ବଦଳ ଖେଳାଳି ବ୍ରାଣ୍ଡନ ଫର୍ଣ୍ଣାଣ୍ଡିଜ୍ ଏକ ବିପଜ୍ଜନକ ଶଟ୍ ମାରିଥିଲେ ଓ ଏହା ଟାଙ୍ଗ୍ରୀଙ୍କ ଜଙ୍ଘରେ ବାଜି ନିଜ ସାଇଡ୍‌ର ନେଟକୁ ଚାଲିଯାଇଥିଲା। ଫଳରେ ଏହା ଆରୋଜ ପାଇଁ ଆତ୍ମଘାତୀ ଗୋଲ ସାବ୍ୟସ୍ତ ହୋଇଥିଲା। ଏହି ବୃହତ୍ ପରାଜୟ ସହ ଆରୋଜ ଟୁର୍ନାମେଣ୍ଟରୁ ବାଦ୍ ପଡିଛି।



ଇଣ୍ଡିଆନ୍ ଆରୋଜ୍ ଓ ଗୋଆ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ସୁପର କପ୍ ଖେଳିବ ଚେନ୍ନାଇ ସିଟି ଏଫ୍‌ସି

**ଭୁବନେଶ୍ୱର, ୩୦।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆଇ–ଲିଗ୍‌ର ନୂଆ ଚାମ୍ପିୟନ ଚେନ୍ନାଇ ସିଟି ଏଫ୍‌ସି ଅଂଶଗ୍ରହଣ କରିବ। ଦଳ ରବିବାର ଏକ ପ୍ରି–କ୍ୱାର୍ଟର ଫାଇନାଲ ମ୍ୟାଚରେ ଏଫ୍‌ସି ପୁଣେ ସିଟିକୁ ଭେଟିବ। ଆଇ–ଲିଗ୍‌ର ଯେଉଁ ୮ଟି ଦଳ ଦାବି କରିଥିଲେ ସେମାନଙ୍କ ମଧ୍ୟରେ ଚେନ୍ନାଇ ସିଟି ଅନ୍ୟତମ ଥିଲା। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରାଯାଉଛି ବୋଲି ଦର୍ଶାଇ ଏହି ୮ଟି କ୍ଲବ ପ୍ରଥମେ ଟୁର୍ନାମେଣ୍ଟରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଥିଲେ। ମାତ୍ର ଏଆଇଏଫ୍‌ଏଫ୍ ସଭାପତି ପ୍ରଫୁଲ୍ଲ ପଟେଲ ସେମାନଙ୍କ ଦାବି ନେଇ ଆଲୋଚନା ପାଇଁ ଡାକିବାରୁ ଏହି କ୍ଲବଗୁଡ଼ିକ କାର୍ଯ୍ୟସୂଚୀ ପୁନଃ ନିର୍ଦ୍ଧାରଣ କରିବା ଲାଗି ଦାବି କରିଥିଲେ। ମାତ୍ର ଫୁଟ୍‌ବଲ ମହାସଂଘ ଏଥିରେ ରାଜି ହୋଇ ନ ଥିଲା। ଇଷ୍ଟବେଙ୍ଗଲ, ମିନର୍ଭା ପଞ୍ଜାବ, ଆଇଜଲ ଏଫ୍‌ସି ଓ ଗୋକୁଲମ କେରଳ ଭଳି ଦଳ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ଏହି ମେଣ୍ଟରେ ମୋହନ ବାଗାନ ଦଳ ମଧ୍ୟ ସାମିଲ ହୋଇଛି। ଶନିବାର ସୁଦ୍ଧା ଦଳ ଏହାର ଖେଳାଳି ତାଲିକା ପଞ୍ଜୀକୃତ କରି ନ ଥିବାରୁ ରବିବାର ଇଣ୍ଡିଆନ ସୁପର ଲିଗ୍ ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷ ମ୍ୟାଚ ନଖେଳିବା ସ୍ପଷ୍ଟ ହୋଇଛି। ଫଳରେ ବେଙ୍ଗାଲୁରୁକୁ ଆଗୁଆ ବିଜୟୀ ଘୋଷଣା କରାଯାଇଛି। ଆଗକୁ ଚର୍ଚ୍ଚିଲ ବ୍ରଦର୍ସ ଓ ନେରୋକା ଏଫ୍‌ସି ସେମାନଙ୍କ ପ୍ରି–କ୍ୱାର୍ଟର ମ୍ୟାଚ ଖେଳୁଛନ୍ତି କି ନା ତାହା ଦେଖିବାକୁ ବାକି ରହିଲା।

ଆପଣ ଏ ପର୍ଯ୍ୟନ୍ତ
ଆୟକର ରିଟର୍ନ ଫାଇଲ୍ କରିନାହାନ୍ତି କି ?
ପ୍ରତ୍ୟେକ ଟିକସଦାତା ଜଣେ ରାଷ୍ଟ୍ରନିର୍ମାତା
ନିର୍ଦ୍ଧାରଣ ବର୍ଷ ୨୦୧୮-୧୯ ପାଇଁ
ଆୟକର ରିଟର୍ନ ଫାଇଲ୍ କରିବାର ଶେଷ ତାରିଖ ହେଉଛି
୩୧ ମାର୍ଚ୍ଚ, ୨୦୧୯
(₹୧୦,୦୦୦/- ମାତ୍ର ବିଳମ୍ବ ଦେୟ ସହିତ)
@IncomeTaxIndia
ଆୟକର ବିଭାଗ
ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ
davp 15401/13/0084/1819
ଅଧିକ ବିବରଣୀ ପାଇଁ: www.incometaxindiaefiling.gov.in ଯୋଗାଯୋଗ: 1800-103-0025/+91 8046122000

## ଆଜିର ମ୍ୟାଚ



ସନ୍‌ରାଇଜର୍ସ ହାଇଦ୍ରାବାଦ
ବନାମ
ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର
ସ୍ଥାନ : ହାଇଦ୍ରାବାଦ
ସମୟ : ଅପରାହ୍ନ ୪ଟା

ଚେନ୍ନାଇ ସୁପର୍ କିଙ୍ଗ୍ସ
ବନାମ
ରାଜସ୍ଥାନ ରୟାଲ୍ସ
ସ୍ଥାନ : ଚେନ୍ନାଇ
ସମୟ: ରାତି ୮ଟା

ପ୍ରସାରଣ
ଷ୍ଟାର ସ୍ପୋର୍ଟ୍ସ

## ରୋହିତଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା



ମୋହାଲି,୩୦।୩ (ପି.ଟି.): ମନ୍ଥର ବୋଲିଂ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା ଅର୍ଥ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ଶନିବାର ଅନୁଷ୍ଠିତ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚରେ ମୁମ୍ବାଇ ମନ୍ଥର ବୋଲିଂ କରିଥିଲା। ଏଥିପାଇଁ ରୋହିତଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ ହୋଇଛନ୍ତି। ପ୍ରଥମ ଥର ପାଇଁ ମୁମ୍ବାଇ ଏପରି କରିଥିବାରୁ ଆଇପିଏଲ ଆଚରଣ ବିଧି ଅନୁସାରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଏହି ମ୍ୟାଚ୍‌ରେ ପଞ୍ଜାବ ୮ ଉଇକେଟରେ ବିଜୟୀ ହୋଇଥିଲା।

# କିଙ୍ଗ୍ସ ଇଲେଭେନର ୨ୟ ବିଜୟ

ମୋହାଲି, ୩୦।୩ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦ୍ୱାଦଶ ସଂସ୍କରଣରେ ଶନିବାର ଅପରାହ୍ଣରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଘରୋଇ କିଙ୍ଗ୍ସ ଇଲେଭେନ ପଞ୍ଜାବ ୮ ଉଇକେଟରେ ତାରକା ଖଚିତ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ପକ୍ଷରୁ ଧାର୍ଯ୍ୟ ୧୭୭ ରନର ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପଞ୍ଜାବ ୮ ବଲ୍ ଓ ୮ ଉଇକେଟ୍ ବଳକା ଥାଇ ହାସଲ କରିନେଇଥିଲା। ଫର୍ମକୁ ଫେରିଥିବା ଲୋକେଶ ରାହୁଲଙ୍କୁ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ପାଇଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ସିଜନରେ ପଞ୍ଜାବର ଏହା ୩ୟ ମ୍ୟାଚ୍‌ରୁ ୨ୟ ବିଜୟ। ଅପରପକ୍ଷରେ ମୁମ୍ବାଇ ୩ୟ ମ୍ୟାଚ୍‌ରୁ ୨ୟ ପରାଜୟବରଣ କରି ୨ ପଏଣ୍ଟ ସହ ଟେବୁଲ ତାଲିକାର ୬ଷ୍ଠ ସ୍ଥାନରେ ରହିଛି।

ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ପାଇଁ ଓପନିଂ ଯୋଡ଼ିରେ ଅଧିନାୟକ ରୋହିତ୍ ଓ ଉଇକେଟ୍‌କିପର କ୍ୱିଣ୍ଟନ ଡି'କକ୍ ଭଲ ଆରମ୍ଭ କରିଥିଲେ। ଦଳୀୟ ସ୍କୋର ୫.୨ ଓଭରରେ ୫୧ ରନ ହୋଇଥିବା ବେଳେ ରୋହିତ୍ ୩୨ ରନ (୧୮ ବଲ୍, ୫ ଚୌକା) କରି ଆଉଟ୍ ହୋଇଥିଲେ। ଏହାପରେ ମୁମ୍ବାଇର ପରବର୍ତ୍ତୀ ବ୍ୟାଟ୍ସମ୍ୟାନ ସୂର୍ଯ୍ୟ କୁମାର ଯାଦବ (୧୧ ରନ) ଓ ଯୁବରାଜ ସିଂ (୧୮ ରନ) ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ସ୍କୋରରେ ପରିଣତ କରିବାରେ ବିଫଳ ହୋଇଥିଲେ। ଡି କକ୍ ମଧ୍ୟ ୩୯ ବଲରୁ ୬୦ ରନ (୬ ଚୌକା, ୨ ଛକା) କରି ତ୍ରୟୋଦଶ ଓଭରରେ ମହମ୍ମଦ ସାମିଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇ ବିଦାୟ ନେଇଥିଲେ। ତେବେ ଅନ୍ତିମ ଭାଗରେ ହାର୍ଦ୍ଦିକ ପାଣ୍ଡ୍ୟା ୧୯ ବଲରୁ ୩୧ ରନର ଦ୍ରୁତ ଇନିଂସ ଖେଳିବା ଯୋଗୁ ମୁମ୍ବାଇ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୭୬ ରନର ଏକ ସମ୍ମାନଜନକ ସ୍କୋର ଠିଆ କରାଇପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ କିରଣ ପୋଲାର୍ଡ (୭ ରନ), କ୍ରୁନାଲ ପାଣ୍ଡ୍ୟା (୧୦) ନିରାଶ କରିଥିଲେ। ଘରୋଇ ବୋଲର ସାମି, ମୁରଗାନ ଅଶ୍ୱିନ ଓ ହାର୍ଡୁସ ଭିଜନ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ।



ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଲୋକେଶ ରାହୁଲ।

### ସଂକ୍ଷିପ୍ତ ସ୍କୋର

ମୁମ୍ବାଇ ଇଣ୍ଡିଆନ୍ସ- ୧୭୬/୭, ୨୦ ଓଭର (ରୋହିତ୍ ୩୨, ଡି କକ୍ ୬୦, ଯୁବରାଜ ୧୮, ପୋଲାର୍ଡ ୭, ହାର୍ଦ୍ଦିକ ୩୧, ମୁରଗାନ ୨/୨୫, ସାମି ୨/୪୨)।

କିଙ୍ଗ୍ସ ଇଲେଭେନ ପଞ୍ଜାବ- ୧୭୭/୨, ୧୮.୪ ଓଭର (ରାହୁଲ ୭୧*, ଗେଲ ୪୦, ମୟଙ୍କ ୪୩, ମିଲର ୧୫*, କ୍ରୁନାଲ ୨/୪୩)।

ଜବାବରେ କିଙ୍ଗ୍ସ ଇଲେଭେନ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ବଳରେ ଏହି ଟାର୍ଗେଟ୍‌କୁ ୧୮.୪ ଓଭରରେ ମାତ୍ର ୨ ଉଇକେଟ୍ ହରାଇ ହାସଲ କରିନେଇଥିଲା। ଓପନର ରାହୁଲ ୫୭ ବଲରୁ ୭୧ ରନର ଅପରାଜିତ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିଲେ। ଏହାମଧ୍ୟରେ ସେ ୬ ଚୌକା ଓ ଗୋଟିଏ ଛକା ମାରିଥିଲେ। ଡେଭିଡ୍ ମିଲର ୧୦ ବଲରୁ ୧୫ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିସ୍ଫୋରକ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ଗେଲ୍ ୨୪ ବଲରୁ ୪୦ ରନର ଦ୍ରୁତ ଇନିଂସ ଖେଳି ପ୍ରଥମ ଖେଳାଳିଭାବେ ଆଉଟ୍ ହୋଇଥିଲେ। ଓପନିଂ ଯୋଡ଼ିରେ ରାହୁଲଙ୍କ ସହ ମିଶି ଗେଲ ୫୩ ରନର ଭାଗୀଦାରି କରିଥିଲେ। ଯୁବ ଭାରତୀୟ ବ୍ୟାଟ୍ସମ୍ୟାନ ମୟଙ୍କ ଅଗ୍ରୱାଲ ମଧ୍ୟ ୨୧ ବଲର ଇନିଂସ ମଧ୍ୟରେ ୪ ଚୌକା ଓ ୨ ଛକା ସହାୟତାରେ ୪୩ ରନ କରିଥିଲେ। କ୍ରୁନାଲଙ୍କୁ ୨ଟି ଯାକ ଉଇକେଟ୍ ମିଳିଥିଲା।



### ଗେଲ୍ ପ୍ରଥମ ଖେଳାଳି

ଆଇପିଏଲ୍ ଇତିହାସରେ ପ୍ରଥମ ଖେଳାଳି ଭାବେ କିଙ୍ଗ୍ସ ଇଲେଭେନ ପଞ୍ଜାବ ଓପନର କ୍ରିସ ଗେଲ୍ ୩୦୦ ଛକା ମାରିବାର କୃତିତ୍ୱ ଅର୍ଜନ କରିଛନ୍ତି। ଶନିବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ଅବସରରେ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଏହି ମ୍ୟାଚ୍‌ରେ ସେ ୨୪ ବଲରୁ ୪୦ ରନର ଦ୍ରୁତ ଇନିଂସ ଖେଳିଥିଲେ, ଯାହା ମଧ୍ୟରେ ୩ ଚୌକା ଓ ୪ଟି ଛକା ସାମିଲ ଥିଲା। ମୁମ୍ବାଇର ମିଚେଲ ମ୍ୟାକଲେନଘାନଙ୍କୁ ଲଗାତର ୨ଟି ଛକା ମାରି ଗେଲ୍ ଏହି ବିରଳ କ୍ଲବରେ ସାମିଲ ହୋଇଥିଲେ। ୨୦୦୯ ସଂସ୍କରଣରେ କୋଲକାତା ନାଇଟ୍‌ରାଇଡର୍ସ ପକ୍ଷରୁ ଖେଳିଲା ବେଳେ ଡେକାନ ଚାର୍ଜର୍ସ ବିପକ୍ଷରେ ଗେଲ୍ ପ୍ରଥମ ଆଇପିଏଲ୍ ଛକା ମାରିଥିଲେ। ଗେଲ୍ ୨୦୧୧ରୁ ୨୦୧୭ ପର୍ଯ୍ୟନ୍ତ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ପ୍ରତିନିଧିତ୍ୱ କରି ସର୍ବାଧିକ ୨୩୯ ଛକା ମାରିଥିଲେ।

### ଆଇପିଏଲ୍‌ରେ ସର୍ବାଧିକ ଛକା

| ଖେଳାଳି | ମ୍ୟାଚ୍ | ଛକା | ବଲ୍ ଖେଳିଛନ୍ତି |
|---|---|---|---|
| କ୍ରିସ ଗେଲ୍ | ୧୧୫ | ୩୦୨ | ୨,୭୩୪ |
| ଏବି ଡି ଭିଲର୍ସ | ୧୪୩ | ୧୯୨ | ୨,୬୭୦ |
| ମହେନ୍ଦ୍ର ସିଂ ଧୋନୀ | ୧୭୭ | ୧୮୭ | ୨,୯୪୧ |
| ସୁରେଶ ରାଇନା | ୧୭୮ | ୧୮୬ | ୩,୬୩୭ |
| ରୋହିତ୍ ଶର୍ମା | ୧୭୬ | ୧୮୫ | ୩,୪୯୩ |

# ସୁପର ଓଭରରେ ଜିତିଲା ଦିଲ୍ଲୀ

ନୂଆଦିଲ୍ଲୀ,୩୦।୩ (ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦ୍ୱାଦଶ ସଂସ୍କରଣରେ ଶନିବାର କୋଲକାତା ନାଇଟ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଟାଇ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ୨୦ ଓଭରରେ ୮ ଉଇକେଟ ହରାଇ ୧୮୫ ରନ ସଂଗ୍ରହ କରିଥିଲା। ଜବାବରେ ଦିଲ୍ଲୀ ଯୁବ ଓପନର ପୃଥ୍ୱୀ ଶ'ଙ୍କ ୯୯ ରନର ଦ୍ରୁତ ଇନିଂସ ବଳରେ ୨୦ ଓଭରରେ ୬ ଉଇକେଟ ହରାଇ ସମାନ ୧୮୫ ରନରେ ସୀମିତ ରହିଥିଲା। ଫଳରେ ଚଳିତ ଆଇପିଏଲରେ ପ୍ରଥମ ଥର ପାଇଁ କୌଣସି ମ୍ୟାଚ ଟାଇ ହୋଇଛି। ଏହାପରେ ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ ଦିଲ୍ଲୀ ବିଜୟୀ ହୋଇଛି। ସୁପର ଓଭରରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ଗୋଟିଏ ଉଇକେଟ ହରାଇ ୧୦ ରନ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୧ ଉଇକେଟ ହରାଇ ୭ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ପୃଥ୍ୱୀ ଶ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୧୮୬ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଦିଲ୍ଲୀ ଅଭିଜ୍ଞ ଓପନର ଶିଖର ଧାୱନଙ୍କ ଉଇକେଟ ସଅଳ ହରାଇଥିଲା। ଧାୱନ ୧୬ ରନ କରି ପୀୟୁଷ ଚାୱଲାଙ୍କ ବଲ୍‌ରେ ଆନ୍ଦ୍ରେ ରସେଲଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅଧିନାୟକ ଶ୍ରେୟାସ ଆୟର ୩୨ ବଲରୁ ୪ ଚୌକା ୨ ଛକା ସହ ୪୩ ରନ କରି ରସେଲଙ୍କ ବଲ୍‌ରେ ଶୁବମନ ଗିଲଙ୍କୁ କ୍ୟାଚ୍ ଦେଇଥିଲେ। ରିଷଭ ପନ୍ତ ୧୧ରନ କରି ପ୍ୟାଭିଲିୟନ ଫେରିଥିଲେ। ଯୁବ ଓପନର ପୃଥ୍ୱୀ ଶ ୯୯ ରନ (୫୫ ବଲ, ୧୨ ଚୌକା, ୩ ଛକା) ଦ୍ରୁତ ପାଳି ଖେଳି ଆଉଟ ହେବା ସହ ଶତକରୁ ବଞ୍ଚିତ ହୋଇଥିଲେ। ସେ ଲୋକି ଫର୍ଗୁସନଙ୍କ ବଲ୍‌ରେ ଉଇକେଟ ପଛରେ ଦୀନେଶ କାର୍ତ୍ତିକଙ୍କୁ କ୍ୟାଚ୍ ଦେଇଥିଲେ। ବିଜୟ ପାଇଁ ୨ ରନ ଆବଶ୍ୟକ ହେଉଥିବା ବେଳେ ହନୁମା ବିହାରୀ ୨ ରନ କରି କୁଲଦୀପଙ୍କ ବଲ୍‌ରେ ଶୁବମନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅନ୍ତିମ ବଲରେ ବିଜୟ ପାଇଁ ୨ ରନ ଆବଶ୍ୟକ ହୋଇଥିବା ବେଳେ କଲିନ୍ ଇନ୍‌ଗ୍ରାମ୍ ଦ୍ୱିତୀୟ ରନ ନେବାକୁ ଯାଇ ରନ୍ ଆଉଟ ହୋଇଥିଲେ। ଫଳରେ ଦିଲ୍ଲୀ ୧୮୫/୬ରେ ସୀମିତ ରହିଥିଲା ଓ ମ୍ୟାଚ୍ ଟାଇ ହୋଇଥିଲା। ବୋଲିଂରେ କୋଲକାତା ତରଫରୁ କୁଲଦୀପ ୨, ଫର୍ଗୁସନ, ଚାୱଲା, ରସେଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।



ଦିଲ୍ଲୀ ପକ୍ଷରୁ ୯୯ ରନ୍ କରିଥିବା ପୃଥ୍ୱୀ ଶ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା କୋଲକାତା ପାଇଁ ପୁଣି ଥରେ ଆନ୍ଦ୍ରେ ରସେଲ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ଅଧିନାୟକ ଦୀନେଶ କାର୍ତ୍ତିକ ମଧ୍ୟ ଦ୍ରୁତ ଗତିରେ ରନ ସଂଗ୍ରହ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଦଳର ଟପ୍ ଅର୍ଡର ଫେଲ୍ ମାରିଥିଲା। ଫଳରେ ଦଳ ୪୪ ରନରେ ୪ ଉଇକେଟ ହରାଇଥିଲା। ତେବେ ଷଷ୍ଠ ଉଇକେଟ ଯୋଡିରେ କାର୍ତ୍ତିକ ଓ ରସେଲ ୫୩ ବଲର ଦ୍ରୁତ ୯୫ ରନକରି ସ୍ଥିତି ସମ୍ଭାଳିଥିଲେ। ୩୬ଟି ବଲ୍ ଖେଳି କାର୍ତ୍ତିକ ୫ ଚୌକା ଓ ୨ ଛକା ସହ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସ୍ପିନର ଅମିତ ମିଶ୍ରା ବଲରେ ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ରସେଲ ୨୮ଟି ବଲରୁ ୪ ଚୌକା ଓ ୬ ଛକା ସହ ଦ୍ରୁତ ୬୨ ରନ କରି କ୍ରିସ୍ ମୋରିସଙ୍କ ବଲ୍‌ରେ ବଦଳ ଖେଳାଳି ରାହୁଲ ଟେୱାଟିଆଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରିସ ଲିନ୍ ୨୦, ପୀୟୁଷ ଚାୱଲା ୧୨, ରବିନ ଉଥାପ୍ପା ୧୧ ରନ କରି ଆଉଟ ହୋଇଥିବା ବେଳେ କୁଲଦୀପ ଯାଦବ ୧୦ ରନ କରି ଅପରାଜିତ ରହିଥିଲେ। ଓପନର ନିଖିଲ ନାଏକ ୭, ଇନ୍‌ଫର୍ମ ନୀତୀଶ ରାଣା ୧, ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲ ୪ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ହର୍ଷଲ ପଟେଲ ୨, କାଗିସୋ ରାବାଡ଼ା, ସନ୍ଦୀପ ଲାମିଚେନ, ମୋରିଶ ଓ ମିଶ୍ରା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

### ସଂକ୍ଷିପ୍ତ ସ୍କୋର

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୮୫/୮ (ରସେଲ- ୬୨, କାର୍ତ୍ତିକ- ୫୦, ହର୍ଷଲ- ୨/୪୦, ରାବାଡ଼ା- ୧/୪୧, ଲାମିଚେନ- ୧/ ୨୯, ମୋରିସ- ୧/ ୩୫, ମିଶ୍ରା- ୧/୩୬ )।

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୮୫/୬ (ପୃଥ୍ୱୀ- ୯୯, ଆୟର- ୪୩, କୁଲଦୀପ- ୨/୪୧, ଫର୍ଗୁସନ- ୧/୩୮, ଚାୱଲା- ୧/୩୬, ରସେଲ- ୧/୨୮)

# ଇନିସ କପ୍‌ରେ ପ୍ରମୋଦଙ୍କୁ ସ୍ୱର୍ଣ୍ଣ

କଟକ ଅଫିସ, ୩୦।୩:

ତୁର୍କୀର ଆଣ୍ଟାଲ୍ୟା ସହରରେ ଚାଲିଥିବା ୫ମ ପାରା ବ୍ୟାଡମିଣ୍ଟନ ଅନ୍ତର୍ଜାତୀୟ ଇନିସ କପ୍‌ରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଖେଳାଳି ପ୍ରମୋଦ ଭଗତ ୨ଟି ପଦକ ଜିତିଛନ୍ତି। ସିଙ୍ଗଲ୍ସ ବିଭାଗରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଫାଇନାଲ ମୁକାବିଲାରେ ସେ ଜାପାନର ପ୍ରତିଦ୍ୱନ୍ଦୀ ଡାଇସୁକି ଫୁଜିହାରାଙ୍କୁ ୨୧-୧୯, ୨୧-୧୭ ସେଟରେ ସିଧାସଳଖ ପରାସ୍ତ କରି ସ୍ୱର୍ଣ୍ଣ ଜିତିଛନ୍ତି। ଡବଲ୍ସ ବିଭାଗରେ ପ୍ରମୋଦ ଓ ମନୋଜ ସରକାରଙ୍କ ଯୋଡ଼ି ସେମିଫାଇନାଲରୁ ବିଦା ହେବା ସହ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେମି ମୁକାବିଲାରେ ଇଣ୍ଡୋନେସିଆର ଯୋଡ଼ି ଫେଡ୍ରି ସତ୍ୟବାନ - ଡୁକୋୟୋଙ୍କ ଠାରୁ ପ୍ରମୋଦ-ମନୋଜ ୧୨-୨୧, ୨୧-୧୨, ୧୨-୨୧ ସେଟରେ ହାରିଥିଲେ। ସୂଚନା ଥାଉକି ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ୪ଜଣ ଖେଳାଳି ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରୁଥିଲେ।



# ଶ୍ରୀକାନ୍ତ ଫାଇନାଲରେ, ସିନ୍ଧୁ ପରାସ୍ତ

ନୂଆଦିଲ୍ଲୀ, ୩୦।୩ (ପି.ଟି.)

ଏଠାରେ ଚାଲିଥିବା ୩୫୦,୦୦୦ ଡଲାର ପୁରସ୍କାର ବିଶିଷ୍ଟ ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ପୂର୍ବତନ ଚାମ୍ପିୟନ କିଡାମ୍ବି ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ପି.ଭି ସିନ୍ଧୁ ମହିଳା ସେମିଫାଇନାଲରେ ପରାସ୍ତ ହୋଇଛନ୍ତି। ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ତଥା ଏଠାରେ ୨୦୧୭ ସଂସ୍କରଣ ଚାମ୍ପିୟନ ସିନ୍ଧୁ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଚାଇନାର ହି' ବିଙ୍ଗ୍‌ଜିଆଓଙ୍କଠାରୁ ୨୧-୨୩, ୧୮-୨୧ରେ ପରାଜିତ ହୋଇଛନ୍ତି। ତୃତୀୟ ସିଡ୍ ବିଙ୍ଗ୍‌ଜିଆଓ ରବିବାର ଫାଇନାଲରେ ଥାଇଲାଣ୍ଡର ରାଚାନୋକ୍ ଇନ୍ଥାନନ୍‌ଙ୍କୁ ଭେଟିବେ। ସିନ୍ଧୁ କହିଛନ୍ତି, ପ୍ରଥମ ସେଟ୍‌ରେ ମୋତେ ଧୈର୍ଯ୍ୟ ଆବଶ୍ୟକତା ଥିଲା। ଏହା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରଥମ ସେଟ୍ ହାରିଯିବା ପରେ ମୁଁ ନର୍ଭସ ହୋଇଯାଇଥିଲି। ଫଳରେ ଦ୍ୱିତୀୟ ଗେମ୍‌ରେ ମୁଁ ତ୍ରୁଟି କରିଥିଲି। ଅନ୍ୟପକ୍ଷରେ ୨୦୧୭ରେ ଫ୍ରେଞ୍ଚ ଓପନ ଜିତିବାପରଠାରୁ ଶ୍ରୀକାନ୍ତ କୌଣସି ବିଡବ୍ଲ୍ୟୁଏଫ୍ ସୁପର ସିରିଜ ଅବା କୌଣସି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଟୁର୍ନାମେଣ୍ଟର ଫାଇନାଲକୁ ଉନ୍ନୀତ ହୋଇପାରି ନାହାନ୍ତି। ଗୁଣ୍ଟୁରର ଏହି ୨୬ ବର୍ଷୀୟ ଖେଳାଳି ଶନିବାର ସେମିଫାଇନାଲରେ ଚାଇନାର ହୁଆଙ୍ଗ ୟୁଜିଆଙ୍ଗଙ୍କୁ ୧୪-୨୧, ୨୧-୧୬, ୨୧-୧୯ରେ ହରାଇ ଦେଇଛନ୍ତି। ସେ ଫାଇନାଲରେ ଦ୍ୱିତୀୟ ସିଡ୍ ଭିକ୍ଟର ଏକ୍ସେଲସେନଙ୍କୁ ଭେଟିବେ। ଏକ୍ସେଲସେନ ଭାରତର ପାରୁପାଲ୍ଲୀ କାଶ୍ୟପଙ୍କୁ ୨୧-୧୧, ୨୧-୧୭ରେ ହରାଇ ଦେଇଛନ୍ତି।



ବିଜୟ ହାସଲ ପରେ କିଡ଼ାମ୍ବି ଶ୍ରୀକାନ୍ତ।


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ








# ଅପହରଣ ପରେ ଯୁବତୀଙ୍କୁ ବଳାତ୍କାର: ଯୁବକ ଗିରଫ

**ସାକ୍ଷୀଗୋପାଳ, ୩୦।୩ (ଡି.ଏନ୍.ଏ.):** ସତ୍ୟବାଦୀ ଥାନା ଅନ୍ତର୍ଗତ ଏକ ଗ୍ରାମର ଜନୈକା ଯୁବତୀଙ୍କୁ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ପୋଲିସ ମୁନୀଷ ବେହେରା(୨୮)ଙ୍କୁ ଗିରଫ କରି ଶନିବାର ପୁରୀ କୋର୍ଟକୁ ପଠାଇଛି। ଅଭିଯୋଗ ଆଧାରରେ ସତ୍ୟବାଦୀ ଥାନା କେସ୍ ନଂ ୫୪/୧୯ରେ ମାମଲା ରୁଜୁକରି ଉଭୟଙ୍କୁ ଡାକ୍ତରୀ ମାଇନା କରିଥିଲା। ଅଭିଯୁକ୍ତଙ୍କୁ ଦଫା ୩୬୩/ ୩୭୬/ ୩୪୨/ ୩୨୩/ ୫୦୬ ଧାରାରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ତଦନ୍ତ ଅଧିକାରୀ ଏସଆଇ ଏସ୍.ପି ନନ୍ଦ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ୧୦ତାରିଖରେ ଯୁବତୀ ଜଣଙ୍କ ସାକ୍ଷୀଗୋପାଳ ବଜାରରୁ ଘରକୁ ଫେରୁଥିବା ବେଳେ ଘରେ ଛାଡିଦେବାକୁ କହି ମୁନୀଷ ତାଙ୍କୁ ଭୁବେନେଶ୍ୱର ନେଇ ଯାଇଥିଲେ। ବିବାହ କରିବାକୁ କହି ସେଠାରେ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ ଗାଁକୁ ଆଣି ଘରେ ରଖିଥିଲେ ମଧ ଯୁବତୀଙ୍କ ପରିବାର ସହ ସମ୍ପର୍କ ରଖିବାକୁ ସୁଯୋଗ ଦେଇ ନ ଥିଲେ। ତାଙ୍କ କଥାରେ ବ୍ୟତିକ୍ରମ କଲେ ଜୀବନରେ ମାରି ଦେବେ ବୋଲି ଧମକ ଦେଇଥିଲେ। ଏ ନେଇ ଯୁବତୀଙ୍କ ବାପା ସତ୍ୟବାଦୀ ଥାନାରେ ଗତ ୧୦ତାରିଖରେ ଅଭିଯୋଗ କରିଥିଲେ।

# ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**କଣାସ, ୩୦।୩(ସ୍ୱ.ପ୍ର.):** କଣାସ ଥାନା ଅନ୍ତର୍ଗତ ରକ୍ତପଟା ଗ୍ରାମର ଜଣେ କଲେଜ ଛାତ୍ର ଶନିବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେହି ଗ୍ରାମର ସୁଜିତ୍ ପଟ୍ଟନାୟକଙ୍କ ପୁତ୍ର ଶାନ୍ତନୁ ପଟ୍ଟନାୟକ(୧୭) ମଧ୍ୟାହ୍ନରେ ଗାଧୋଇବା ପାଇଁ ଗ୍ରାମ ପୋଖରୀକୁ ଯାଇଥିବାବେଳେ ପାଦ ଖସିଯିବାରୁ ଗଭୀର ଜଳକୁ ଚାଲିଯାଇଥିଲେ। ନିକଟରେ ଗାଧୋଉଥିବା ଲୋକମାନେ ଶାନ୍ତନୁ ବୁଡିଯିବା ଦେଖି ଖୋଜାଖୋଜି କରି ତାଙ୍କୁ ଗଭୀର ଜଳରୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ ପରିବାର ଲୋକେ କଣାସ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ପୁରୀ ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଇଦିଆଯାଇଥିଲା। ସେଠରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶାନ୍ତନୁ କଣାସ ମହାବିଦ୍ୟାଳୟରେ ଯୁକ୍ତ୨ ପ୍ରଥମ ବର୍ଷର କଳା ଛାତ୍ର ହୋଇଥିବାରୁ ମୃତ୍ୟୁ ଖବର ପହଞ୍ଚିବା ପରେ ମହାବିଦ୍ୟାଳୟରେ ଶୋକରଛାୟା ଖେଳିଯାଇଥିଲା।












ସତ୍ୟ ନିମନ୍ତେ ସବୁକିଛି ତ୍ୟାଗ କରାଯାଇପାରେ। କିନ୍ତୁ ସତ୍ୟକୁ କୌଣସି ବସ୍ତୁ ପାଇଁ ତ୍ୟାଗ କରାଯାଇନପାରେ।

- ବ୍ୟାସଦେବ



## ସଂକ୍ଷେପରେ

### ପୋଡ଼ିହୋଇ ମହିଳାଙ୍କ ଆତ୍ମହତ୍ୟା

**ନିଶ୍ଚିନ୍ତକୋଇଲି,୩୦।୩(ସ୍ୱ.ପ୍ର.):** ନେମାଳ ଥାନା ଅଧୀନ ଦାଉଦପୁର ପଞ୍ଚାୟତ ଗୋପୀନାଥପୁର ଗ୍ରାମରେ ଶନିବାର ଜଣେ ବିଧବା ମହିଳା ନିଜ ପାଇଖାନାରେ କିରୋସିନ ଢ଼ାଳି ପୋଡ଼ିହୋଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର କନକ ସାହୁ। ତାଙ୍କ ସ୍ୱାମୀ ରବୀନ୍ଦ୍ରଙ୍କ କିଛି ଦିନତଳେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। କନକଙ୍କ ଏକ ୪ ବର୍ଷର ପୁତ୍ର ସନ୍ତାନ ଅଛି। ସ୍ୱାମୀଙ୍କ ମୃତ୍ୟୁପରେ ସେ ମାନସିକ ଚାପରେ ଥିଲେ। ତେଣୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ସୂଚନା ଅନୁସାରେ, ଭୋର ପ୍ରାୟ ୪ଟା ସମୟରେ କନକ କିଛି ଲୁଗା ନେଇ ପାଇଖାନାକୁ ଯାଇଥିଲେ। ଏହାପରେ ସମସ୍ତ ଲୁଗା ଓ ପିନ୍ଧାଲୁଗା ଦେହରେ ଗୁଡାଇ ହୋଇ କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଏଥିରେ ତାଙ୍କ ଶରୀର ୮୦ ଭାଗ ପୋଡି ଯାଇଥିଲା। ଯଦ୍ୱାରା ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ କନକଙ୍କ ବାପଘର ଲୋକେ ଖବର ପାଇ ପହଞ୍ଚିଥିଲେ। ସତ୍ୟାସତ୍ୟ ବୁଝିବା ପରେ ମୃତଦେହ ସତ୍କାର କରିଥିଲେ। ଏନେଇ ଥାନରେ କୌଣସି ଅଭିଯୋଗ ହୋଇନାହିଁ। ଅନ୍ୟପକ୍ଷରେ କନକ ମାନସିକ ବିକାରଗ୍ରସ୍ତ ଥିଲେ ବୋଲି ତାଙ୍କ ଶାଶୁ ଓ ନଣନ୍ଦ ପ୍ରକାଶ କରିଛନ୍ତି।

### ନାଳି ଖୋଳିବାବେଳେ ଶିବ ଲିଙ୍ଗ ଉଦ୍ଧାର



**ସାଲେପୁର,୩୦।୩(ଡି.ଏନ.ଏ.):** ସାଲେପୁର ବ୍ଲକ ଅଧୀନ ମହଣ ପଞ୍ଚାୟତର ଏକ ଚାଷଜମିରେ ନାଳି ଖୋଳା ହେଉଥିବାବେଳେ ଏକ ପ୍ରାଚୀନ ଶିବଲିଙ୍ଗ ଉଦ୍ଧାର କରାଯାଇଛି। ଗ୍ରାମର ଅବଦୁଲ୍ ହମିଦ୍‌ଙ୍କ ଚାଷଜମିରେ ନାଳି ଖୋଳାଯାଉଥିଲା। ନାଳିକୁ କୁମାର ଦୀପକ୍ ଖୋଳୁଥିବାବେଳେ ଫାଉଡ଼ାରେ ପଥର ବାଜିଥିଲା। ପରେ ସେ ଉକ୍ତ ସ୍ଥାନକୁ ଖୋଳିବାରୁ ଶିବଲିଙ୍ଗ ଥିବା ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହେବାପରେ ସେଠାରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ପହଞ୍ଚି ଶିବଲିଙ୍ଗଙ୍କୁ ପୂଜାର୍ଚ୍ଚନା କରିଥିଲେ। ଅପରପକ୍ଷେ ଉକ୍ତ ସ୍ଥାନରେ ଏକ ବିରାଟ ପଥର ଥିବା କୁହାଯାଉଛି। ପତ୍ନତତ୍ତ୍ୱ ବିଭାଗ ଘଟଣାର ଅନୁସନ୍ଧାନ କରିବାକୁ ସାଧାରଣରେ ଦାବି ହୋଇଛି।

### ବାଙ୍କୀରେ ପ୍ରଥମ ନାମାଙ୍କନ ପତ୍ର ଦାଖଲ



**ବାଙ୍କୀ,୩୦।୩(ସ୍ୱ.ପ୍ର.):** ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପଦ ପାଇଁ ଶନିବାର ପ୍ରଥମ ନାମାଙ୍କନ ପତ୍ର ଦାଖଲ ହୋଇଛି। ଏସ୍‌ୟୁସିଆଇ(ସି) ଦଳ ପକ୍ଷରୁ ଯୁବନେତା ଆଡ୍‌ଭୋକେଟ୍ ଅରବିନ୍ଦ ବେହେରା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିର୍ବାଚନ ଅଧିକାରୀଙ୍କ ପାଖରେ ନିଜ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି ଉପଲକ୍ଷେ ସେ ବାଙ୍କୀ ବଜାରରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଇଥିଲେ। ଶୋଭାଯାତ୍ରାରେ ଏସ୍‌ୟୁସିଆଇ(ସି)ର କଟକ ଲୋକସଭା ପ୍ରାର୍ଥୀ ତଥା ବିଶିଷ୍ଟ ଶ୍ରମିକ ନେତା କମ୍ରେଡ୍ ରାଜକିଶୋର ମଲ୍ଲିକ ସାମିଲ ହୋଇଥିଲେ। କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାଶ, ଜିଲା କମିଟି ସଦସ୍ୟ ଖଗେଶ୍ୱର ସେଠୀ, ସିଦ୍ଧାର୍ଥ ରଥ, ଏସ୍‌ୟୁସିଆଇ ସଙ୍ଗଠକ ଅଭିରାମ ବେହେରା, ମାଳବିକା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

■ ବାଇକ୍‌କୁ ଧକ୍କାଦେଲା ଟ୍ରକ୍: ୨ ମୃତ

# କ୍ଷତିପୂରଣ ଦାବିରେ ୪ ଘଣ୍ଟା ରାସ୍ତାରୋକୋ

**କଟକ ସଦର, ୩୦।୩ (ଡି.ଏନ୍.ଏ.)**



କ୍ଷତିପୂରଣ ଦାବିକରି ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

କଟକ-ପାରାଦୀପ ରାଜ୍ୟ ରାଜପଥ ନଂ.୧୨ର ଶିଉଳି ନିକଟରେ ଶନିବାର ସକାଳେ ଏକ ବାଇକ୍‌କୁ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେଇଛି। ଏଥିରେ ଘଟଣାସ୍ଥଳରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଧୀନ ବର୍ତ୍ତି ଗ୍ରାମର ନାରାୟଣ ଖୁଣ୍ଟିଆ(୪୦) ଓ ରାଧାନଗର ଗ୍ରାମର ପ୍ରଶାନ୍ତ ସ୍ୱାଇଁ (୩୮)। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ଟାୟାର ଜାଳି ୪ ଘଣ୍ଟା ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିବାରୁ ଲୋକମାନେ ହଇରାଣ ହୋଇଥିଲେ। ଅନେକ ଲୋକ ଚାଲି ଚାଲି କଟକ ଅଭିମୁଖେ ଯାଉଥିବା ଦେଖିବାକୁ ମିଳିଥିଲା।

ପୋଲିସ ସୂତ୍ରରୁ ପ୍ରକାଶ, ନାରାୟଣ ଓ ପ୍ରଶାନ୍ତ ମାର୍ବଲ ମିସ୍ତ୍ରି ଭାବେ କାମ କରନ୍ତି। ସେମାନେ ପୂର୍ବାହ୍ନ ପ୍ରାୟ ୯ଟାରେ ଏକ ବାଇକ୍(ଓଡି୦୨ଏଫ-୬୭୧୦)ରେ କାମ କରିବା ପାଇଁ କଟକ ଯାଉଥିବାବେଳେ ପଛପଟୁ ଦ୍ରୁତଗତିରେ ଆସୁଥିବା ଟ୍ରକ୍(ନଂ.ଓଆର୦୧ଏଲ-୮୯୫୮) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ଜଣାପଡିବା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବା ସହ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବରପାଇ କିଶୋରନଗର ଥାନା ଅଧିକାରୀ ବାମଦେବ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ କିଶୋରନଗର ତହସିଲଦାର ସୁଚେତା ମହାପାତ୍ର ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରେଡ୍‌କ୍ରସ୍ ପାଣ୍ଠିରୁ ମୃତକ ଦ୍ୱୟଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ ପରେ ଅପରାହ୍ନ ୧ଟାରେ ରାସ୍ତାରୋକୋ ହଟିଥିଲା।

**ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ, ଚାଳକ ଫେରାର**

ଅନ୍ୟପକ୍ଷରେ ଦୁର୍ଘଟଣା ଘଟିବା ପରେ ଚାଳକ ଟ୍ରକ୍ ନେଇ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ପୋଲିସ ମହାନଦୀ ବନ୍ଧ ରାସ୍ତାରୁ ଉକ୍ତ ଟ୍ରକ୍‌କୁ ଜବତ କରିଥିଲା। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଚଳାଇଛି।

■ ବାଙ୍କୀ-କଟକ ମୁଖ୍ୟ ରାସ୍ତା

# ଦୁର୍ଘଟଣା ବଢ଼ାଉଛି ବେଆଇନ ହମ୍ପସ୍



ବାଙ୍କୀ-କଟକ ମୁଖ୍ୟ ରାସ୍ତାରେ ନିର୍ମାଣ ହୋଇଥିବା ବେଆଇନ୍ ହମ୍ପସ୍।

**ବାଙ୍କୀ, ୩୦।୩(ସ୍ୱ.ପ୍ର.)**

ବାଙ୍କୀ-କଟକ ମୁଖ୍ୟ ରାସ୍ତାର ବାଙ୍କୀଠାରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ନବୀକରଣ କରାଯାଇଛି। ଏହି ସମୟରେ ଅନେକ ସ୍ଥାନରେ ବେଆଇନ୍ ହମ୍ପସ୍ ନିର୍ମାଣ ହୋଇଛି। ହମ୍ପସ୍ ମାନଙ୍କରେ ଧଳାଦାଗ କିମ୍ବା ଆଗରେ ହମ୍ପସ୍ ଅଛି ବୋଲି କୌଣସି ସଙ୍କେତ ରାସ୍ତାକଡରେ ସ୍ଥାନ ପାଇନାହିଁ। ଯାହା ଫଳରେ ରାତିରେ ବହୁ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ଜନସାଧାରଣ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱର କଡ ରାସ୍ତାଠାରୁ ବହୁ ତଳେ ଥିବାରୁ ବହୁ ଲୋକ ପଡି କ୍ଷତାକ୍ତ ହେଉଛନ୍ତି। ସାମାଜିକ କର୍ମୀ ଗୌତମ ମିଶ୍ର ଏହି ସମସ୍ୟା ସମ୍ପର୍କରେ ପୂର୍ତ୍ତବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ହମ୍ପସଗୁଡିକ ସରକାରୀ ନିୟମ ଅନୁସାରେ ନିର୍ମାଣ କରିବାକୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ କହିଛନ୍ତି, ହମ୍ପସ୍ ତାଙ୍କ ଜ୍ଞାତସାରରେ ହୋଇନାହିଁ। ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନେବେ।

■ ଆର ପାରିରେ ବାପା, ଅନ୍ୟତ୍ର ଚାଲିଗଲେ ମା'

# ଅନ୍ଧାରରେ ୨ ଅନାଥ ଶିଶୁଙ୍କ ଭବିଷ୍ୟତ

**ଆଠଗଡ଼/ ଖୁଣ୍ଟୁଣୀ, ୩୦।୩ (ସ୍ୱ.ପ୍ର./ଡି.ଏନ.ଏ.)**

ଜ୍ୱରରେ ପୀଡିତ ହୋଇ ପ୍ରାୟ ୨ବର୍ଷ ତଳେ ଆଖି ବୁଜିଥିଲେ ଖୁଣ୍ଟୁଣୀ ପଞ୍ଚାୟତ ଅନ୍ତର୍ଗତ ନୃସିଂହପୁରର ଦାସ କାରୁଆ। ଏହାର ଏକ ବର୍ଷ ପରେ ତାଙ୍କ ସ୍ତ୍ରୀ ନାଗି କାରୁଆ ୨ଅନାଥ ଶିଶୁଙ୍କୁ ଛାଡି ଅନ୍ୟତ୍ର ଚାଲିଗଲେ। ଫଳରେ ବେସାହାରା ହୋଇଗଲେ ୨ଶିଶୁ ରାମାଇ କାରୁଆ(୮) ଓ ଘନ କାରୁଆ(୬)। ସେମାନେ ପୂର୍ବରୁ ତାଙ୍କ ମା'ଙ୍କ ପାଖରେ ରହୁଥିଲେ। ମା' ନାଗି କାରୁଆ ୨ଶିଶୁଙ୍କୁ ଛାଡି ଅନ୍ୟତ୍ର ଚାଲିଯିବା ପରେ ବାଧ୍ୟ ହୋଇ ବଡବାପା ଶ୍ରୀକାନ୍ତ କାରୁଆ ଓରଫ ପଣ୍ଡେ ଶିଶୁଦ୍ୱୟଙ୍କୁ ଆପଣାଇ ନେଇଥିଲେ। ଅପରପକ୍ଷରେ ପଣ୍ଡେଙ୍କ ୪ପୁଅ ଓ ୪ଝିଅ ଅଛନ୍ତି। ପଣ୍ଡେ ମୂଲ ଲାଗି ଯାହା ମଜୁରୀ ପାଆନ୍ତି ସେଥିରେ ପରିବାର ଚଳାଇବା କଷ୍ଟକର ହୋଇପଡୁଥିଲା। ଗତ ୧ବର୍ଷ ହେବ ପଣ୍ଡେ ରୋଗାଗ୍ରସ୍ତ ହୋଇ କାମ କରିବା ପାଇଁ ଆଉ ସକ୍ଷମ ହୋଇପାରିଲେ ନାହିଁ। ଫଳରେ ପରିବାର ସମସ୍ତ ସଦସ୍ୟ ଜୀବନ ଧାରଣ କରିବା ଦୁର୍ବିସହ ହୋଇପଡିଛି। ବାପ ମା'ନ ଥିବା ରାମାଇ ଓ ଘନଙ୍କୁ ବଡବାପା ସ୍ଥାନୀୟ ସ୍କୁଲରେ ପାଠପଢିବା ପାଇଁ ନାମ ଲେଖାଇଛନ୍ତି। ମାତ୍ର ଦେଖାଶୁଣା କରିବା ପାଇଁ କେହି ନ ଥିବାରୁ ଅନାଥ ଶିଶୁ ଦ୍ୱୟ ସ୍କୁଲରେ ନିୟମିତ ଉପସ୍ଥିତ ହେଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଫୁଲ ବେହେରା କହିଛନ୍ତି, ସେ ଅବଗତ ନାହାନ୍ତି। ଏବେ ଗ୍ରାମକୁ ଯାଇ ସତ୍ୟାସତ୍ୟ ବୁଝିବା ପରେ ବିଡିଓଙ୍କୁ ଜଣାଇବେ ବୋଲି କହିଥିଲେ। ଉପଜିଲାପାଳ ଅମୀୟ କୁମାର ସାହୁ କହିଛନ୍ତି, ସହକାରୀ ଜିଲାମଙ୍ଗଳ ଅଧିକାରୀ ଏହାର ସରଜମିନ ତଦନ୍ତ କରିବା ପରେ ଶିଶୁ ଦ୍ୱୟଙ୍କୁ ଥଇଥାନ କରାଯିବା ବ୍ୟବସ୍ଥା କରାଯିବ। ଦୀପତଳ ଅନ୍ଧାର ଭଳି ୫୫ ନମ୍ବର ଜାତୀୟ ରାଜପଥଠାରୁ ମାତ୍ର ୫୦୦ମିଟର ଦୂରରେ ଅବସ୍ଥିତ ଏହି ବସ୍ତିରେ ଅନାଥ ଶିଶୁଙ୍କ ଭବିଷ୍ୟତ ଅନ୍ଧାରରେ ରହିଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

## ଦୁର୍ଘଟଣାରେ ୨ ଗୁରୁତର

**ନିଶ୍ଚିନ୍ତକୋଇଲି,୩୦।୩(ସ୍ୱ.ପ୍ର.)**

କଟକ-ଚାନ୍ଦବାଲି ରାସ୍ତାରେ ଶନିବାର ୨ ପୃଥକ୍ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣ ଗୁରୁତର ହୋଇଛନ୍ତି। ପୂର୍ବାହ୍ନରେ କଟକ ଅଞ୍ଚଳର ବିଭୂପ୍ରତାପ ମିଶ୍ର କେନ୍ଦ୍ରାପଡ଼ା ଅଭିମୁଖେ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ଶୁକରପଡା ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ବିଭୂପ୍ରତାପ ଗୁରୁତର ହୋଇଥିଲେ। ସ୍ଥାନୀୟ ଦମକଳବାହିନୀ କର୍ମଚାରୀ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ଶୁକରପଡ଼ା ପଞ୍ଚାୟତ ହଳଧରପୁର ଗ୍ରାମର ବାବୁ ଖାଁଙ୍କ ଝିଅ ତମନା ବେଗମ ସ୍କୁଟି ଯୋଗେ ଶୁକରପଡ଼ାରୁ ନିଶ୍ଚିନ୍ତକୋଇଲି ଆସୁଥିଲେ। ନିଶ୍ଚିନ୍ତକୋଇଲି ଗାନ୍ଧିଛକ ନିକଟରେ ତାଙ୍କୁ ଏକ ବାଇକ୍ ଧକ୍କା ଦେଇଥିଲା। ସେ ଘଟଣାସ୍ଥଳରେ ଗୁରୁତର ହେବାରୁ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏହି ୨ ଘଟଣା ସମ୍ପର୍କରେ ପୋଲିସ ପାଖରେ ଖବର ଥିଲେ ହେଁ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ନିର୍ବାଚନ ପରିଚାଳନା ପ୍ରସ୍ତୁତି ବୈଠକ



ନିର୍ବାଚନ ପରିଚାଳନା ବୈଠକରେ ଯୋଗ ଦେଇଥିବା ଅଧିକାରୀ।

**ଆଠଗଡ଼,୩୦।୩(ସ୍ୱ.ପ୍ର.)**

ଏପ୍ରିଲ ୨୩ରେ ଅନୁଷ୍ଠିତ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଠଗଡ଼ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ସନ୍ଧ୍ୟାରେ ନିର୍ବାଚନ ପରିଚାଳନା ନେଇ ଉପଖଣ୍ଡ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଅମୀୟ ସାହୁଙ୍କ ଅଧ୍ୟକ୍ଷତାରେ ୨ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳଙ୍କ ବୈଠକ ଗୃହରେ ଅନୁଷ୍ଠିତ ୧ମ ପର୍ଯ୍ୟାୟ ବୈଠକରେ ନିର୍ବାଚନ ପରିଚାଳନା କ୍ଷେତ୍ରରେ ନିୟୋଜିତ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଓ ଅନ୍ୟ ଅଧିକାରୀମାନଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପର୍କରେ ନିର୍ବାଚନ ଅଧିକାରୀ ସାହୁ ଅବଗତ କରାଇଥିଲେ। ଏଥିସହିତ ଆଠଗଡ଼ ଓ ବଡମ୍ବା ନିର୍ବାଚନମଣ୍ଡଳୀରେ ଥିବା ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ୨ ପର୍ଯ୍ୟାୟ ବୈଠକରେ କଟକ ଜିଲା ଆରକ୍ଷୀ ଅଧୀକ୍ଷକ ରାଧାମାଧବ ପାଣିଗ୍ରାହୀ ଓ ସମସ୍ତ ଥାନା ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ପାଣିଗ୍ରାହୀ ଥାନା ଅଧିକାରୀମାନଙ୍କ ସହ ଆଇନ ଶୃଙ୍ଖଳା ରକ୍ଷା ଉପରେ ଆଲୋଚନା କରିଥିଲେ। ଯେପିରି ଆଚରଣ ବିଧି ଉଲଂଘନ ନ ହୁଏ ସେଥିପ୍ରତି ପୋଲିସ ସଚେତନ ରହିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ରିଟର୍ଣ୍ଣିଂ ଅଫିସର ତପନ ଖୁଣ୍ଟିଆ ଓ ସଦାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ନିଶ୍ଚିନ୍ତକୋଇଲି,୩୦।୩(ସ୍ୱ.ପ୍ର.)**



ମନ୍ତ୍ରୀ ପ୍ରତାପ ଜେନା ଦଳୀୟ କର୍ମୀଙ୍କ ସହ ଶୋଭାଯାତ୍ରାରେ ଯାଉଛନ୍ତି।

ନିଶ୍ଚିନ୍ତକୋଇଲି ବ୍ଲକ ବିଜୁଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଶନିବାର ବିଭିନ୍ନ ସ୍ଥାନରେ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଉଦାସୀନତା ଉପରେ ବର୍ଷିଥିଲେ। ସେ ନିଜ ଅଭିଭାଷଣରେ ମୁଁ ମାହାଙ୍ଗାରେ ଲଢୁନାହିଁ ରାଜନୀତି କରିବାକୁ। ମୁଁ ଲଢୁଛି ମାହାଙ୍ଗାକୁ ବିକଶିତ କରିବା ପାଇଁ ବୋଲି ପ୍ରକାଶ କରିଥିଲେ। ବ୍ଲକ ଅଧ୍ୟକ୍ଷା ସବିତା ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଯୁବ ବିଜେଡି ସଭାପତି ମିହିର ମିଶ୍ର, ଛାତ୍ର ବିଜେଡି ସଭାପତି ଜଗନ୍ନାଥ ଲେଙ୍କା, ଉପାଧ୍ୟକ୍ଷା ସବିତା ମହାନ୍ତି, ବ୍ଲକ ସୋସିଆଲ ମିଡିଆ କୋଡିନେଟର ଅଶୋକ ଓଝା, ଜିଲା ପରିଷଦ ସଭ୍ୟା ସବିତା ସାମଲ, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏକ ବାଇକ୍ ଶୋଭାଯାତ୍ରା କୋଲଣପୁର ପଞ୍ଚାୟତର କୁଳିଆଠାରୁ ଆରମ୍ଭ ହୋଇ କେନ୍ଦୁପାଟଣା, ନିଶ୍ଚିନ୍ତକୋଇଲି, ବଡ଼କ୍ଷୀର, କଟରପଡ଼ା, ଶୁକରପଡା, କଟିକଟା, ଅଶୁରେଶ୍ୱର, ତରତ, ବନ୍ଧକାଟିଆ ଓ ବାଲିଆପଦା ଦେଇ ବୁହାଳରେ ଶେଷ ହୋଇଥିଲା। ଶୋଭାଯାତ୍ରା ମାଧ୍ୟମରେ ମନ୍ତ୍ରୀ ଜେନା ନିଜର ଦମ୍ ଦେଖାଇଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି।

## ସାର ଦୋକାନରୁ ଚୋରି

**ନିଶ୍ଚିନ୍ତକୋଇଲି,୩୦।୩(ସ୍ୱ.ପ୍ର.)**

ନେମାଳ ଥାନା ଅଧୀନ ତରତ ବଜାରରେ ଥିବା ଏକ ସାର ଦୋକାନରୁ ଶୁକ୍ରବାର ରାତ୍ରିରେ ଦୁର୍ବୃତ୍ତ ତାଲା ଭାଙ୍ଗି ୫୦ରୁ ଊର୍ଦ୍ଧ ସାରବସ୍ତା ଚୋରି କରି ନେଇଛନ୍ତି। ଶନିବାର ସକାଳେ ମାଲିକ କୈଳାସ ଦାସ ଦୋକାନ ଖୋଲିବାକୁ ଆସିଲାବେଳକୁ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଭିତରକୁ ଯାଇ ସାର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପରେ ସେ ଘଟଣା ସମ୍ପର୍କରେ ନେମାଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଜମୁଛି ବୈଶାଖୀ ବାଣିଜ୍ୟ ମେଳା

**କଟକ ଅଫିସ, ୩୦।୩**

ବାଲିଯାତ୍ରା ପଡ଼ିଆରେ ଚାଲିଥିବା ବୈଶାଖୀ ବାଣିଜ୍ୟ ମେଳାର ଶନିବାର ଥିଲା ଦ୍ୱିତୀୟ ଦିବସ। ପ୍ରଥମ ଦିନ ଅପେକ୍ଷା ଦ୍ୱିତୀୟ ଦିନରେ ଲୋକଙ୍କ ଅଧିକ ଗହଳି ଦେଖିବାକୁ ମିଳିଥିଲା। ଏହି ଅବସରରେ ସନ୍ଧ୍ୟାରେ ବାଣିଜ୍ୟମେଳା ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମେଳାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଆସାମ, ମଣିପୁର, ଅରୁଣାଞ୍ଚଳ ପ୍ରଦେଶ, ନାଗାଲାଣ୍ଡ, ଉତ୍ତର ପ୍ରଦେଶ, କର୍ଣାଟକରୁ ଆସିଥିବା ବ୍ୟବସାୟୀମାନେ ସେମାନଙ୍କ ସାମଗ୍ରୀ ବିକ୍ରି କରିବା ପାଇଁ ଆସିଛନ୍ତି। ଏ ନେଇ ବ୍ୟବସାୟୀ ଅରସଦ କହିଛନ୍ତି, ମେଳାକୁ ୪ବର୍ଷ ହେଲା ଆସୁଛି। ପ୍ରତିବର୍ଷ ଲୋକଙ୍କ ଭିଡ ସାଙ୍ଗକୁ ବେପାର ମଧ୍ୟ ବହୁତ ଭଲ ହୁଏ। ଚଳିତବର୍ଷ ପିତଳ ତିଆରି ଗ୍ଲାସ, ପ୍ଲେଟ, କପ, ଥାଳିଆ, ହାତୀ, ହରିଣ, ବାଘ ଆଦି ବିକ୍ରି କରିବାକୁ ଆସିଛି। ସେହିପରି ପଶ୍ଚିମବଙ୍ଗରୁ ଆସିଥିବା ବ୍ୟବସାୟୀ ନଳନିକାନ୍ତ ସାସମଲ କହିଛନ୍ତି, ଆମେ ଏହି ମେଳାକୁ ସାତ ବର୍ଷ ହେବ ଆସୁଛୁ। ଷ୍ଟଲରେ ସଲପକାଠି ଓ ସୂତାରେ ନିର୍ମିତ ବିଭିନ୍ନ ପ୍ରକାର ଆସନ, ବ୍ୟାଗ, ଲେଡିଜ ପର୍ସ, ଫୋଲଡିଙ୍ଗ ମେଟ୍, ସବାଇ ଘାଷରେ ତିଆରି ଫୁଲଦାନି ବିକ୍ରି କରୁଛି। ଗ୍ରାହକଙ୍କ ନିମନ୍ତେ ବିଭିନ୍ନ ସାମଗ୍ରୀ ୫୦ଟଙ୍କାରୁ ଆରମ୍ଭ କରି ୮୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ବ୍ରହ୍ମପୁରରୁ ଆସିଥିବା ବ୍ୟବସାୟୀ ରଞ୍ଜନ ନାୟକ କହିଛନ୍ତି, ଏଠାରେ ଆଚାର, ପାମ୍ପଡ ବହୁତ ଚାହିଦା ରହିଛି। ଆମ୍ବ, ଟମାଟୋ, ଖଜରା, ଆମ୍ବସଢା, ରସୁଣ ଆଦି ବିଭିନ୍ନ ପ୍ରକାରର ରାଗ ଓ ମିଠା ଆଚାର ମିଳୁଛି। ଏହାର ମୂଲ୍ୟ ୧୦୦ଗ୍ରାମ ପିଛା ୧୨ଟଙ୍କାରୁ ୫୦ଟଙ୍କା ପର୍ଯ୍ୟନ୍ତ ରହିଛି।

## ଆଠଗଡ଼ର ୫, ବଡ଼ମ୍ବାର ୯ ପ୍ରାର୍ଥୀ କିଣିଲେ ନାମାଙ୍କନ ପତ୍ର

**ଆଠଗଡ଼,୩୦।୩(ସ୍ୱ.ପ୍ର.)**

ଆଠଗଡ଼ ଓ ବଡ଼ମ୍ବା-ନରସିଂହପୁର ନିର୍ବାଚନମଣ୍ଡଳୀରେ ବିଧାୟକ ପଦ ପାଇଁ ଲଢୁଥିବା ପ୍ରାର୍ଥୀ ନାମାଙ୍କନ ପତ୍ର କ୍ରୟ କରିଛନ୍ତି। ଆଠଗଡ଼ ପାଇଁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଉମାବଲ୍ଲଭ ରଥ, ବିଶ୍ୱଜିତ ସାହୁ, ସୁବାସ ସାହୁ ଓ ରଶ୍ମିରଞ୍ଜନ ପରିଡା ନାମାଙ୍କନ ପତ୍ର କ୍ରୟ କରିଛନ୍ତି। ବଡ଼ମ୍ବା-ନରସିଂହପୁର ପାଇଁ କିଶୋର ଜେନା, ପରେଶ ବେହେରା, ଯୁଗଳ କିଶୋର ରାଉତ, ବିଜୟ ଦଳ ବେହେରା, ରବିମହାନ୍ତି, ଦେବୀ ପ୍ରସାଦ ମିଶ୍ର, ମନୋଜ ନନ୍ଦ, ସୁବାସ ସାହୁ ଓ ଖଗେଶ୍ୱର ମହାପାତ୍ର ନାମାଙ୍କନ ପତ୍ର କ୍ରୟ କରିଛନ୍ତି। ଶନିବାର ସୁଦ୍ଧା କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି। ମଙ୍ଗଳବାର ଓ ବୁଧବାର ସମସ୍ତ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ସୂଚନା ମିଳିଛି।

## ବାଙ୍କୀ ଭାଜପା ପକ୍ଷରୁ ପ୍ରକାଶ ମିଶ୍ରଙ୍କୁ ସମ୍ବର୍ଦ୍ଧନା

**ବାଙ୍କୀ,୩୦।୩(ସ୍ୱ.ପ୍ର.)**

କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ପ୍ରକାଶଚନ୍ଦ୍ର ମିଶ୍ରଙ୍କୁ ଶନିବାର ବାଙ୍କୀ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଆଦିମାତା ଛକସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଭାଜପା କାର୍ଯ୍ୟକାରିଣୀ କମିଟି ସଭ୍ୟ ଅଜୟ ସ୍ୱାଇଁ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ତୁଷାରକାନ୍ତ ଚକ୍ରବର୍ତ୍ତୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶୁଭ୍ରାଂଶୁ ମୋହନ ପାତ୍ରୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଜୟ ସ୍ୱାଇଁ, ସୁବଳ ବେହେରା, ପଦ୍ମଜା ଦେବାତା, ସିଦ୍ଧେଶ୍ୱର ପାଇକରାୟ, ଲକ୍ଷ୍ମୀଧର ବେହେରା ଓ ସ୍ମୃତି ପଟ୍ଟନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପରେ ସେ ମା'ଚର୍ଚ୍ଚିକାଙ୍କ ପୀଠକୁ ଯାଇ ମା'ଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ଢଁସର ଏବଂ ବରପୁଟ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ।




ଭାଜପା କର୍ମୀମାନେ ପ୍ରକାଶ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ବିଭିନ୍ନ ସ୍ଥାନରେ ଓକିଲ ସଂଘ ନିର୍ବାଚନ

**ଆଠଗଡ଼,୩୦।୩(ସ୍ୱ.ପ୍ର.)**

ରାଜ୍ୟ ବାର କାଉନସିଲ ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ସମସ୍ତ ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ଆଠଗଡ ଓକିଲ ସଂଘ ପକ୍ଷରୁ ଅନୁଷ୍ଠିତ ନିର୍ବାଚନରେ ପ୍ରସନ୍ନ ରାଉତ ସଭାପତି, ଦୀପକ ପ୍ରସାଦ ମାନସିଂ ଉପସଭାପତି, ମନୋରଞ୍ଜନ ମହାନ୍ତି ସମ୍ପାଦକ, ସୁବାସ ଚନ୍ଦ୍ର ସାହୁ ସହସମ୍ପାଦକ ଓ ସୁଜିତ ପଟ୍ଟନାୟକ କୋଷାଧ୍ୟକ୍ଷଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଶୃଙ୍ଖଳାର ସହ ହୋଇଥିବା ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର ଓ ପ୍ରତାପ ଚନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି।

**ନରସିଂହପୁର,(ଡି.ଏନ.ଏ.)**

ନରସିଂହପୁର ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ସଭାପତିଭାବେ ସରୋଜ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସାଧାରଣ ସମ୍ପାଦକ ବିଭୂଦତ୍ତ ମିଶ୍ର, ଉପସଭାପତି ଗୋଲକ ବିହାରୀ ସାହୁ, ସହସମ୍ପାଦକ ଅମୀୟ ରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ଅଞ୍ଜନ ପ୍ରସାଦ ପଣ୍ଡା, ଗ୍ରନ୍ଥାଗାରିକଭାବେ ପବିତ୍ର ଘୋଷ ବିଜୟୀ ହୋଇଛନ୍ତି। ୪୧ ଆଇନଜୀବୀ ନିଜର ମତଦାନ ସାବ୍ୟସ୍ତ କରିଥିଲେ। ଆଇନଜୀବୀ ବିର କିଶୋର ଦେହୁରୀ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ।



ଆଠଗଡ଼ରେ ଜଣେ ଆଇନଜୀବୀ ମତଦାନ କରିବାକୁ ଫର୍ମ ନେଉଛନ୍ତି।

**ସାଲେପୁର,(ଡି.ଏନ.ଏ.)**

ସାଲେପୁର ବାର୍ ଆସୋସିଏଶନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତିଭାବେ ବିକ୍ରମକେଶରୀ ବଳ ଓ ସମ୍ପାଦକଭାବେ ମାନସ ଦାଶ ନିର୍ବାଚିତ ହୋଇଛନ୍ତି। ଉପସଭାପତି ସୁଶାନ୍ତ ମହାନ୍ତି, ସହସମ୍ପାଦକ ରାଜୀବ ଷଡ଼ଙ୍ଗୀ, ସାଂସ୍କୃତିକ ସମ୍ପାଦକ ପ୍ରଦୀପ ସେଠୀ, କ୍ରୀଡ଼ା ସମ୍ପାଦକ ହରପ୍ରସନ୍ନ ମିଶ୍ର, ଲାଇବ୍ରେରିଆନ୍ ପଦ୍ମଲୋଚନ ସିଂ ଓ କୋଷାଧ୍ୟକ୍ଷଭାବେ କରୁଣାକର ମହାପାତ୍ର ନିର୍ବାଚିତ ହୋଇଛନ୍ତି।

**ବଡ଼ମ୍ବା,(ଡି.ଏନ.ଏ.)**

ବଡ଼ମ୍ବା ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଛି। ଏଥିରେ କୈଳାସଚନ୍ଦ୍ର ଜେନା ସଭାପତି, ମାୟାଧର ମଲ୍ଲିକ ଉପସଭାପତି, ପରେଶ ମହାନ୍ତି ସମ୍ପାଦକ, ବିଭୂତି ଭୂଷଣ ପ୍ରଧାନ ସହ ସମ୍ପାଦକ, ପୂର୍ଣ୍ଣଚନ୍ଦ୍ର ସାହୁ କୋଷାଧ୍ୟକ୍ଷ ଓ ସୁଦାମ ଚରଣ ନାୟକ (ନିର୍ଦ୍ୱନ୍ଦ୍ୱରେ)ଗ୍ରନ୍ଥାଗାରିକଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ମନୋଜ ପଣ୍ଡା, ପ୍ରଭାତ ରଞ୍ଜନ ବଳିଆରସିଂ, ସଞ୍ଜୁଲତା ଦେଇ, ସଲିଳ କୁମାର ଜେନା ଓ ତ୍ରିଲୋଚନ ପଢ଼ିଆରି ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ଦୁର୍ଗାପ୍ରସାଦ ସାହୁ ନିର୍ବାଚନ ଅଧିକାରୀଭାବେ ପରିଚାଳନା କରିଥିଲେ।

ସତ୍ୟ ନିମନ୍ତେ ସବୁକିଛି ତ୍ୟାଗ କରାଯାଇପାରେ। କିନ୍ତୁ ସତ୍ୟକୁ କୌଣସି ବସ୍ତୁ ପାଇଁ ତ୍ୟାଗ କରାଯାଇନପାରେ।
- ବ୍ୟାସଦେବ



## ସଂକ୍ଷେପରେ

### ନାଳି ଖୋଳିବାବେଳେ ଶିବ ଲିଙ୍ଗ ଉଦ୍ଧାର

**ସାଲେପୁର,୩୦।୩(ଡି.ଏନ.ଏ.):** ସାଲେପୁର ବ୍ଲକ ଅଧୀନ ମହଣ ପଞ୍ଚାୟତର ଏକ ଚାଷଜମିରେ ନାଳି ଖୋଳା ହେଉଥିବାବେଳେ ଏକ ପ୍ରାଚୀନ ଶିବଲିଙ୍ଗ ଉଦ୍ଧାର କରାଯାଇଛି। ଗ୍ରାମର ଅବଦୁଲ୍ ହମିଦ୍‌ଙ୍କ ଚାଷଜମିରେ ନାଳି ଖୋଳାଯାଉଥିଲା। ନାଳିକୁ କୁମାର ଦୀପକ୍ ଖୋଳୁଥିବାବେଳେ ଫାଉଡ଼ାରେ ପଥର ବାଜିଥିଲା। ପରେ ସେ ଉକ୍ତ ସ୍ଥାନକୁ ଖୋଳିବାରୁ ଶିବଲିଙ୍ଗ ଥିବା ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହେବାପରେ ସେଠାରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ପହଞ୍ଚି ଶିବଲିଙ୍ଗଙ୍କୁ ପୂଜାର୍ଚ୍ଚନା କରିଥିଲେ। ଅପରପକ୍ଷେ ଉକ୍ତ ସ୍ଥାନରେ ଏକ ବିରାଟ ପଥର ଥିବା କୁହାଯାଉଛି। ପତ୍ନତତ୍ତ୍ୱ ବିଭାଗ ଘଟଣାର ଅନୁସନ୍ଧାନ କରିବାକୁ ସାଧାରଣରେ ଦାବି ହୋଇଛି।

### ୭୭୫ଲିଟର ଦେଶୀମଦ ଜବତ

**ବାରଙ୍ଗ,୩୦।୩(ଡି.ଏନ୍.ଏ.):** ଚନ୍ଦକା ଥାନା ପୋଲିସ ଶୁକ୍ରବାର ରାତିରେ ଦାରୁଠେଙ୍ଗ ଗ୍ରାମର ଜଣଙ୍କ ଘରୁ ୨୦ ବ୍ୟାରେଲରେ ଥିବା ୭୭୫ଲିଟର ଦେଶୀମଦ ଜବତ କରିବାସହ ଘର ମାଲିକଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଗ୍ରାମ ନୂଆଗଡ ସାହିର ପ୍ରଶାନ୍ତ ବେଉରା। ବିଶେଷସୂତ୍ରରୁ ଖବରପାଇ ପୋଲିସ ବିଳମ୍ବିତ ରାତିରେ ପ୍ରଶାନ୍ତଙ୍କ ଘରେ ଚଢ଼ାଉ କରିଥିଲେ। ଏହି ସମୟରେ ସେ ବ୍ୟବହାର କରୁଥିବା ଓଡି୩୩ଭି-୯୧୨୧ନଂ ସ୍କୁଟିକୁ ଜବତ କରିଛନ୍ତି। ଏହାପୂର୍ବରୁ ପୋଲିସ ଦାରୁଠେଙ୍ଗ ଗ୍ରାମରେ ଯାତ୍ରା ଚାଲିଥିବା ବେଳେ କେତେଜଣଙ୍କ ଘରେ ଚଢ଼ାଉ କରି ଦେଶୀ ଓ ବିଦେଶୀ ମଦ ଧରିଥିଲେ। ଶନିବାର ପ୍ରଶାନ୍ତକୁ କୋର୍ଟଚାଲାଣ କରିଛି।

### କଲୋନୀ ରାସ୍ତାକୁ ଖୋଳି ଦେଲେ ଦୁର୍ବୃତ୍ତ

**ବାରଙ୍ଗ,୩୦।୩(ଡି.ଏନ୍.ଏ.):** ଚାନ୍ଦା ଆଦାୟକୁ କେନ୍ଦ୍ରକରି ଚନ୍ଦକା ଥାନା ଅନ୍ତର୍ଗତ ମଳିପଡା ଗ୍ରାମପାଖରେ ଥିବା କ୍ରିଷ୍ଣାପଲୀ କଲୋନୀ ରାସ୍ତାକୁ କେତେଜଣ ଦୁର୍ବୃତ୍ତ ଖୋଳିଦେଇଛନ୍ତି। ଫଳରେ କଲୋନୀବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ବିଷୟରେ କଲୋନୀବାସୀ ଶନିବାର ଥାନାରେ ଅଭିଯୋଗ କରି ନ ଥିଲେ ମଧ ମୌଖିକ ଭାବେ କହି ଫେରିଥିବାର ଜଣାପଡିଛି। ପ୍ରକାଶ ଯେ, ସ୍ଥାନୀୟ ଗ୍ରାମର କେତେଜଣ ଯୁବକ ଉକ୍ତ କଲୋନୀବାସୀଙ୍କୁ ଚାନ୍ଦା ମାଗିବାକୁ ନେଇ ଶୁକ୍ରବାର ବିବାଦ ଦେଖାଦେଇଥିଲା। ପରଦିନ ସକାଳେ କଲୋନୀରୁ ମୁଖ୍ୟରାସ୍ତାକୁ ସଂଯୋଗ ଥିବା ରାସ୍ତା ଖୋଳା ହୋଇଥିବାର ଜଣାପଡିଥିଲା। ଏହାପରେ କଲୋନୀର ୫୦ରୁ ଊର୍ଦ୍ଧ୍ୱ ବାସିନ୍ଦା ଆସି ଥାନାରେ ମୌଖିକ ଭାବେ କହିଥିଲେ। କିନ୍ତୁ ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ଦେବେନ୍ଦ୍ର ବିଶ୍ୱାଳ କହିଛନ୍ତି। ଏଣୁ ଉକ୍ତ ଅଞ୍ଚଳ ଉପରେ ପୋଲିସ ନଜର ରଖିଛି। ଅପରପକ୍ଷେ ରାସ୍ତାଖୋଳା ହୋଇଥିବାରୁ କଲୋନୀବାସୀଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଥିବାର ଜଣାପଡିଛି।

### ନିର୍ବାଚନ ପରିଚାଳନା ବୈଠକ

**ଆଠଗଡ଼,୩୦।୩(ସ୍ୱ.ପ୍ର.):** ଏପ୍ରିଲ ୨୩ରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଠଗଡ଼ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ସନ୍ଧ୍ୟାରେ ନିର୍ବାଚନ ପରିଚାଳନା ନେଇ ଉପଖଣ୍ଡ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଅମୀୟ ସାହୁଙ୍କ ଅଧକ୍ଷତାରେ ୨ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କଟକ ଜିଲା ଆରକ୍ଷୀ ଅଧୀକ୍ଷକ ରାଧାମାଧବ ପାଣିଗ୍ରାହୀ ଓ ସମସ୍ତ ଥାନା ଅଧିକାରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସହକାରୀ ରିଟର୍ଣ୍ଣିଂ ଅଫିସର ତପନ ଖୁଣ୍ଟିଆ ଓ ସଦାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

■ ବାଇକ୍‌କୁ ଧକ୍କାଦେଲା ଟ୍ରକ୍: ୨ ମୃତ

# କ୍ଷତିପୂରଣ ଦାବିରେ ୪ ଘଣ୍ଟା ରାସ୍ତାରୋକୋ

**କଟକ ସଦର, ୩୦।୩ (ଡି.ଏନ୍.ଏ.)**

କଟକ-ପାରାଦୀପ ରାଜ୍ୟ ରାଜପଥ ନଂ.୧୨ର ଶିଉଳି ନିକଟରେ ଶନିବାର ସକାଳେ ଏକ ବାଇକ୍‌କୁ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେଇଛି। ଏଥିରେ ଘଟଣାସ୍ଥଳରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଧୀନ ବର୍ତ୍ତି ଗ୍ରାମର ନାରାୟଣ ଖୁଣ୍ଟିଆ(୪୦) ଓ ରାଧାନଗର ଗ୍ରାମର ପ୍ରଶାନ୍ତ ସ୍ୱାଇଁ (୩୮)। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ଟାୟାର ଜାଳି ୪ ଘଣ୍ଟା ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିବାରୁ ଲୋକମାନେ ହଇରାଣ ହୋଇଥିଲେ। ଅନେକ ଲୋକ ଚାଲି ଚାଲି କଟକ ଅଭିମୁଖେ ଯାଉଥିବା ଦେଖିବାକୁ ମିଳିଥିଲା।


କ୍ଷତିପୂରଣ ଦାବିକରି ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ନାରାୟଣ ଓ ପ୍ରଶାନ୍ତ ମାର୍ବଲ ମିସ୍ତ୍ରି ଭାବେ କାମ କରନ୍ତି। ସେମାନେ ପୂର୍ବାହ୍ନ ପ୍ରାୟ ୯ଟାରେ ଏକ ବାଇକ୍(ଓଡି୦୨ଏଫ-୬୭୧୦)ରେ କାମ କରିବା ପାଇଁ କଟକ ଯାଉଥିବାବେଳେ ପଛପଟୁ ଦ୍ରୁତଗତିରେ ଆସୁଥିବା ଟ୍ରକ୍(ନଂ.ଓଆର୦୧ଏଲ-୮୯୫୮) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ଜଣାପଡିବା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବା ସହ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବରପାଇ କିଶୋରନଗର ଥାନା ଅଧିକାରୀ ବାମଦେବ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ ବିଫଳ ହୋଇଥିଲେ। ପରେ କିଶୋରନଗର ତହସିଲଦାର ସୁଚେତା ମହାପାତ୍ର ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରେଡ୍‌କ୍ରସ୍ ପାଣ୍ଠିରୁ ମୃତକ ଦ୍ୱୟଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ ପରେ ଅପରାହ୍ନ ୧ଟାରେ ରାସ୍ତାରୋକୋ ହଟିଥିଲା।

**ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ, ଚାଳକ ଫେରାର**

ଅନ୍ୟପକ୍ଷରେ ଦୁର୍ଘଟଣା ଘଟିବା ପରେ ଚାଳକ ଟ୍ରକ୍ ନେଇ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ପୋଲିସ ମହାନଦୀ ବନ୍ଧ ରାସ୍ତାରୁ ଉକ୍ତ ଟ୍ରକ୍‌କୁ ଜବତ କରିଥିଲା। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଚଳାଇଛି।

# ଜମୁଛି ବୈଶାଖୀ ବାଣିଜ୍ୟ ମେଳା

**କଟକ ଅଫିସ,୩୦।୩**

ବାଲିଯାତ୍ରା ପଡ଼ିଆରେ ଚାଲିଥିବା ବୈଶାଖୀ ବାଣିଜ୍ୟ ମେଳାର ଶନିବାର ଥିଲା ଦ୍ୱିତୀୟ ଦିବସ। ପ୍ରଥମ ଦିନ ଅପେକ୍ଷା ଦ୍ୱିତୀୟ ଦିନରେ ଲୋକଙ୍କ ଅଧିକ ଗହଳି ଦେଖିବାକୁ ମିଳିଥିଲା। ଏହି ଅବସରରେ ସନ୍ଧ୍ୟାରେ ବାଣିଜ୍ୟମେଳା ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମେଳାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଆସାମ, ମଣିପୁର, ଅରୁଣାଞ୍ଚଳ ପ୍ରଦେଶ, ନାଗାଲାଣ୍ଡ, ଉତ୍ତର ପ୍ରଦେଶ, କର୍ଣାଟକରୁ ଆସିଥିବା ବ୍ୟବସାୟୀମାନେ ସେମାନଙ୍କ ସାମଗ୍ରୀ ବିକ୍ରି କରିବା ପାଇଁ ଆସିଛନ୍ତି। ଏ ନେଇ ବ୍ୟବସାୟୀ ଅରସଦ କହିଛନ୍ତି, ମେଳାକୁ ୪ବର୍ଷ ହେଲା ଆସୁଛି। ପ୍ରତିବର୍ଷ ଲୋକଙ୍କ ଭିଡ ସାଙ୍ଗକୁ ବେପାର ମଧ ବହୁତ ଭଲ ହୁଏ। ଚଳିତବର୍ଷ ପିତଳ ତିଆରି ଗ୍ଲାସ, ପ୍ଲେଟ, କପ, ଥାଳିଆ, ହାତୀ, ହରିଣ, ବାଘ ଆଦି ବିକ୍ରି କରିବାକୁ ଆସିଛି। ସେହିପରି ପଶ୍ଚିମବଙ୍ଗରୁ ଆସିଥିବା ବ୍ୟବସାୟୀ ନଳନିକାନ୍ତ ସାସମଲ କହିଛନ୍ତି, ଆମେ ଏହି ମେଳାକୁ ସାତ ବର୍ଷ ହେବ ଆସୁଛୁ। ଷ୍ଟଲରେ ସଲପକାଠି ଓ ସୂତାରେ ନିର୍ମିତ ବିଭିନ୍ନ ପ୍ରକାର ଆସନ, ବ୍ୟାଗ, ଲେଡିଜ ପର୍ସ, ଫୋଲଡିଙ୍ଗ ମେଟ୍, ସବାଇ ଘାଷରେ ତିଆରି ଫୁଲଦାନି ବିକ୍ରି କରୁଛି। ଗ୍ରାହକଙ୍କ ନିମନ୍ତେ ବିଭିନ୍ନ ସାମଗ୍ରୀ ୫୦ଟଙ୍କାରୁ ଆରମ୍ଭ କରି ୮୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ବ୍ରହ୍ମପୁରରୁ ଆସିଥିବା ବ୍ୟବସାୟୀ ରଞ୍ଜନ ନାୟକ କହିଛନ୍ତି, ଏଠାରେ ଆଚାର, ପାମ୍ପଡ ବହୁତ ଚାହିଦା ରହିଛି। ଆମ୍ବ, ଟମାଟୋ, ଖଜରା, ଆମ୍ବସଢା, ରସୁଣ ଆଦି ବିଭିନ୍ନ ପ୍ରକାରର ରାଗ ଓ ମିଠା ଆଚାର ମିଳୁଛି। ଏହାର ମୂଲ୍ୟ ୧୦୦ଗ୍ରାମ ପିଛା ୧୨ଟଙ୍କାରୁ ୫୦ଟଙ୍କା ପର୍ଯ୍ୟନ୍ତ ରହିଛି।

# ମଣିଷ ଟେକ୍ନୋଲୋଜିର ଦାସ ହେଉଛି


ଆଲୋଚନାଚକ୍ରରେ ଯୋଗଦେଇଥିବା ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ର।

**କଟକ ଅଫିସ,୩୦।୩**

ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମ ସ୍ଥିତ ଆନେକ୍ସ-୧ ଠାରେ ଶନିବାର ଶିକ୍ଷାନୁଷ୍ଠାନର ୧୫୦ବର୍ଷ ପୂର୍ତ୍ତି ଅବସରରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶାନ୍ତିସ୍ୱରୂପ ଭଟାନାଗର ପୁରସ୍କାର ପ୍ରାପ୍ତ ପ୍ରଫେସର କୋଲାବରନ ମଇତି ବକ୍ତା ଭାବେ ଯୋଗଦେଇ ସାଧାରଣ ଜୀବନରେ ପଦାର୍ଥ ବିଜ୍ଞାନର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଜୀବନରେ ମୌଳିକ ସମସ୍ୟାର ସମାଧାନ ଦିଗରେ ପଦାର୍ଥ ବିଜ୍ଞାନର ବ୍ୟବହାର ସମ୍ପର୍କରେ ମଇତି ମତ ଦେଇଥିଲେ। ପାର୍ଥ ସାରଥି ମିଶ୍ର ଅନ୍ୟତମ ବକ୍ତା ଭାବେ ଯୋଗ ଦେଇ କହିଥିଲେ, ମଣିଷ ଟେକ୍ନୋଲୋଜିର ଦାସ ହେବାରେ ଲାଗିଛି। ମୋବାଇଲ ଫୋନର ବ୍ୟବହାର ମଣିଷ ନିମନ୍ତେ ଯେତିକି ଲାଭଦାୟକ ହେଉଛି ତା ଠାରୁ ଅଧିକ କ୍ଷତି ପହଞ୍ଚାଉଛି ବୋଲି ସେ କହିଛନ୍ତି। କୁଳପତି ପ୍ରଫେସର ଇଶାନ କୁମାର ପାତ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଡ. ନେତାଜୀ ଅଭିନନ୍ଦନ ଅତିଥି ପରିଚୟ ପ୍ରଦାନ ଓ ପ୍ରଫେସର ରବି ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।

## ୧୧୦ ଦଫାରେ ଅଭିଯୁକ୍ତ ଗିରଫ

**କଟକ ଅଫିସ,୩୦।୩**

ଆଇପିସି ଦଫା ୧୧୦ ବଳରେ ଲାଲବାଗ ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଆଲିସା ବଜାର ଅଞ୍ଚଳର ପ୍ରକାଶ ବେହେରା(୪୨)। ପୋଲିସ ସୂଚନା ଅନୁଯାୟୀ, ୨୦୧୩ ମସିହା ଏକ ଗଣ୍ଡଗୋଳ ମାମଲାରେ ପ୍ରକାଶଙ୍କ ସମ୍ପୃକ୍ତି ଥିଲା। ଏହି ମାମଲା ଏବେ କୋର୍ଟରେ ବିଚାରଧୀନ ଥିବାବେଳେ ପ୍ରକାଶ କୋର୍ଟରେ ହାଜର ହେଉ ନ ଥିଲେ। ତେଣୁ ପୋଲିସ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିବା ସହ ତାଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଅଭିଯୁକ୍ତଙ୍କ ବିରୋଧରେ ଏକାଧିକ ମାମଲା ଥିବାରୁ ପୋଲିସ ତାଙ୍କ ବିରୋଧରେ ୧୧୦ ଦଫା ଲଗାଇଥିଲା।

# ଭାଜପାର ବିଜୟ ସଂକଳ୍ପ ସମାବେଶ


ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇଥିବା ଭାଜପା ନେତୃବୃନ୍ଦ।

**ଚୌଦ୍ୱାର,୩୦।୩(ଡି.ଏନ୍.ଏ.)**

ଭାଜପାର ବିଜୟ ସଂକଳ୍ପ ସମାବେଶ ଓ ମିଶ୍ରଣ ପର୍ବ ଶନିବାର ସ୍ଥାନୀୟ ମହିମା ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ମଣ୍ଡଳ ସଭାପତି ବୈରାଗୀ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଯୋଗଦେଇ ମତବ୍ୟକ୍ତ କରିଥିଲେ। କଟକ ଲୋକ ସଭା ପ୍ରାର୍ଥୀ ପ୍ରକାଶ ମିଶ୍ର ଏବଂ ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ନୟନ କିଶୋର ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇ ଆଗାମୀ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। କଟକ ଜିଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, ପ୍ରଶାନ୍ତ ହୋତା, ରବି ନାରାୟଣ ମିଶ୍ର, ଜିଲା କାର୍ଯ୍ୟକାରିଣୀ ସଞ୍ଜୟ ଜେନା, ବିପିନ୍ କୁମାର ସ୍ୱାଇଁ, ଅଜିତ୍ କୁମାର ସୁବୁଦ୍ଧିରାୟ, ଜ୍ଞାନେନ୍ଦ୍ର ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ମିଶ୍ରଣ ପର୍ବରେ ଚୌଦ୍ୱାର ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ବେହେରା, ମନୋଜ କୁମାର ପଟ୍ଟନାୟକ ସମର୍ଥକଙ୍କ ସହ ଭାଜପାରେ ଯୋଗଦେଇଥିଲେ। ଜିଲା ମୁଖପାତ୍ର ପ୍ରକାଶ ଚନ୍ଦ୍ର ବଡ଼ଜେନା ଧନ୍ୟବାଦ ଦେଇଥିଲେ। ଚୌଦ୍ୱାର ତଥା ଏହାର ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# କଂଗ୍ରେସକୁ ସମର୍ଥନ ଦେଲା ସମୃଦ୍ଧ ଓଡ଼ିଶା


ସମୃଦ୍ଧ ଓଡ଼ିଶାର କର୍ମୀମାନେ କଂଗ୍ରେସରେ ଯୋଗଦେଉଛନ୍ତି।

**କଟକ ଅଫିସ,୩୦।୩**

କଂଗ୍ରେସକୁ ସମର୍ଥନ ଜଣାଇଛି ସମୃଦ୍ଧ ଓଡିଶା। ଏ ନେଇ କଂଗ୍ରେସ କାର୍ଯ୍ୟାଳୟରେ ଇଂ. ମହମ୍ମଦ ମୋକିମଙ୍କ ପୌରୋହିତ୍ୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମୃଦ୍ଧ ଓଡ଼ିଶା ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଫେସର ମନୋରଞ୍ଜନ ଦାସଙ୍କ ନେତୃତ୍ୱରେ ଦଳର ଶତାଧିକ କର୍ମକର୍ତ୍ତା ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀଙ୍କୁ ନିଃସର୍ତ୍ତ ସମର୍ଥନ କରି ପ୍ରଚାର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କେନ୍ଦ୍ର ଓ ରାଜ୍ୟର ଦୁର୍ନୀତିଗ୍ରସ୍ତ ଭ୍ରଷ୍ଟାଚାରୀ ସରକାର ବିରୋଧରେ ସାଣିତ ସ୍ୱର ଉଠାଇଥିବା କଂଗ୍ରେସ ଦଳ ଏକମାତ୍ର ବିକଳ୍ପ। ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଇଂ. ମହମ୍ମଦ ମୋକିମଙ୍କର ନିର୍ମଳ ଭାବମୂର୍ତ୍ତି ଏବଂ ଦୁର୍ଦ୍ଦିନ ବେଳେ ସହରବାସୀଙ୍କ ସେବାରେ ନିଜକୁ ନିୟୋଜିତ କରି ଆସିଥିବାରୁ ତାଙ୍କର ଆଦର୍ଶ ଓ କାର୍ଯ୍ୟଶୈଳୀକୁ ପାଥେୟ କରି ନିର୍ବାଚନ ପ୍ରଚାରରେ ସହଯୋଗ କରିବା ପାଇଁ ଦାସ ପ୍ରତିବଦ୍ଧତା ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମୃଦ୍ଧ ଓଡିଶାର କଟକ ଜିଲା ସଭାପତି ଆରିଫ ଖାନ, ଉପ ସଭାପତି ଚିତ୍ତରଞ୍ଜନ ଦାସ, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ନାୟକ, ସମୃଦ୍ଧ ଓଡିଶା ଯୁବ ସଭାପତି ସଂଗ୍ରାମ ସିଂହ, ଯୁବ ଉପସଭାପତି ଜ୍ଞାନେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ଆତ୍ମହତ୍ୟା

**ନିଶ୍ଚିନ୍ତକୋଇଲି,୩୦।୩(ସ୍ୱ.ପ୍ର.)**

ନେମାଳ ଥାନା ଅଧୀନ ଦାଉଦପୁର ପଞ୍ଚାୟତ ଗୋପୀନାଥପୁର ଗ୍ରାମରେ ଶନିବାର ଜଣେ ବିଧବା ମହିଳା ନିଜ ପାଇଖାନାରେ କିରୋସିନ ଢ଼ାଳି ପୋଡ଼ିହୋଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର କନକ ସାହୁ। ତାଙ୍କ ସ୍ୱାମୀ ରବୀନ୍ଦ୍ରଙ୍କ କିଛି ଦିନତଳେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। କନକଙ୍କ ଏକ ୪ ବର୍ଷର ପୁତ୍ର ସନ୍ତାନ ଅଛି। ସ୍ୱାମୀଙ୍କ ମୃତ୍ୟୁପରେ ସେ ମାନସିକ ଚାପରେ ଥିଲେ। ତେଣୁ ମାନସିକ ଭାରସ୍ୟାମ ହରାଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ସୂଚନା ଅନୁସାରେ, ଭୋର ପ୍ରାୟ ୪ଟା ସମୟରେ କନକ କିଛି ଲୁଗା ନେଇ ପାଇଖାନାକୁ ଯାଇଥିଲେ। ଏହାପରେ ସମସ୍ତ ଲୁଗା ଓ ପିନ୍ଧାଲୁଗା ଦେହରେ ଗୁଡାଇ ହୋଇ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଏଥିରେ ତାଙ୍କ ଶରୀର ୮୦ ଭାଗ ପୋଡି ଯାଇଥିଲା। ଯଦ୍ୱାରା ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ କନକଙ୍କ ବାପଘର ଲୋକେ ଖବର ପାଇ ପହଞ୍ଚିଥିଲେ। ସତ୍ୟାସତ୍ୟ ବୁଝିବା ପରେ ମୃତଦେହ ସତ୍କାର କରିଥିଲେ। ଏନେଇ ଥାନରେ କୌଣସି ଅଭିଯୋଗ ହୋଇନାହିଁ। ଅନ୍ୟପକ୍ଷରେ କନକ ମାନସିକ ବିକାରଗ୍ରସ୍ତ ଥିଲେ ବୋଲି ତାଙ୍କ ଶାଶୁ ଓ ନଣନ୍ଦ ପ୍ରକାଶ କରିଛନ୍ତି।

# ଗୁରୁଡିଝାଟିଆରେ କଂଗ୍ରେସର କର୍ମୀ ସମ୍ମିଳନୀ

**ଖୁଣ୍ଟୁଣୀ,୩୦।୩(ଡି.ଏନ୍.ଏ.)**

ଶନିବାର ୨ନଂ.ଜୋନ୍‌ର କଂଗ୍ରେସ କର୍ମୀଙ୍କ ଏକ ସମ୍ମିଳନୀ ଗୁରୁଡିଝାଟିଆଠାରେ ଜୋନ୍ ସଭାପତି ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ରଥ ଯୋଗଦେଇ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ନ୍ୟାୟ ଯୋଜନାରେ ପ୍ରତି ଗରିବ ପରିବାରକୁ ବର୍ଷରେ ୭୨ହଜାର ଟଙ୍କା ପ୍ରଦାନ, କୃଷି ଋଣ ସମ୍ପୂର୍ଣ୍ଣ ଛାଡ, ବାର୍ଦ୍ଧକ୍ୟ ଭତ୍ତା ୨ହଜାର ଟଙ୍କା, ଧାନର କ୍ରୟ ମୂଲ୍ୟ ୨୬ଶହ ଟଙ୍କା, କନ୍ୟାରତ୍ନଙ୍କ ପାଠପଢ଼ାର ସମସ୍ତ ଖର୍ଚ୍ଚ ବହନ ସହ ବିବାହ ପାଇଁ ଆର୍ଥିକ ସହାୟତା ପ୍ରଦାନ ଓ କୃଷକଙ୍କୁ ୫୦ହଜାର ଟଙ୍କାର ମାଗଣା ସୌରଚାଳିତ ପାଣି ପମ୍ପ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିବା ଗ୍ୟାରେଣ୍ଟି କାର୍ଡ ଘରେ ଘରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ଜିଲା ଉପସଭାପତି କିଶୋର କୁମାର ସାମନ୍ତରାୟ, ସାଧାରଣ ସମ୍ପାଦକ ନିଶିକାନ୍ତ ସ୍ୱାଇଁ, ସମ୍ପାଦକ ବିକ୍ରମ ସେନ ଧଳ, ବିଭୁତି ଦାସ ଓ ସୁନୀଲ ସୂତାର, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ଜେନା, ୧ନଂ. ଜୋନ ସଭାପତି ଅକ୍ଷୟ ମହାରଣା, ଗୁରୁଚରଣ ପ୍ରଧାନ, ସଦାନନ୍ଦ ପଟ୍ଟନାୟକ ଓ ସୁରେଶ ପରିଡାଙ୍କ ସମେତ ୫ଶହରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

■ ଆରପାରିରେ ବାପା, ଅନ୍ୟତ୍ର ଚାଲିଗଲେ ମା'

# ଅନ୍ଧାରରେ ୨ ଅନାଥ ଶିଶୁଙ୍କ ଭବିଷ୍ୟତ

**ଆଠଗଡ଼/ଖୁଣ୍ଟୁଣୀ,୩୦।୩ (ସ୍ୱ.ପ୍ର./ଡି.ଏନ.ଏ.)**

ଜ୍ୱରରେ ପୀଡିତ ହୋଇ ପ୍ରାୟ ୨ବର୍ଷ ତଳେ ଆଖି ବୁଜିଥିଲେ ଖୁଣ୍ଟୁଣୀ ପଞ୍ଚାୟତ ଅନ୍ତର୍ଗତ ନୃସିଂହପୁରର ଦାସ କାରୁଆ। ଏହାର ଏକ ବର୍ଷ ପରେ ତାଙ୍କ ସ୍ତ୍ରୀ ନାଗି କାରୁଆ ୨ଅନାଥ ଶିଶୁଙ୍କୁ ଛାଡି ଅନ୍ୟତ୍ର ଚାଲିଗଲେ। ଫଳରେ ବେସାହାରା ହୋଇଗଲେ ୨ଶିଶୁ ରାମାଇ କାରୁଆ(୮) ଓ ଘନ କାରୁଆ(୬)। ସେମାନେ ପୂର୍ବରୁ ତାଙ୍କ ମା'ଙ୍କ ପାଖରେ ରହୁଥିଲେ। ମା' ନାଗି କାରୁଆ ୨ଶିଶୁଙ୍କୁ ଛାଡି ଅନ୍ୟତ୍ର ଚାଲିଯିବା ପରେ ବାଧ ହୋଇ ବଡବାପା ଶ୍ରୀକାନ୍ତ କାରୁଆ ଓରଫ ପଣ୍ଡେ ଶିଶୁଦ୍ୱୟଙ୍କୁ ଆପଣାଇ ନେଇଥିଲେ। ଅପରପକ୍ଷରେ ପଣ୍ଡେଙ୍କ ୪ପୁଅ ଓ ୪ଝିଅ ଅଛନ୍ତି। ପଣ୍ଡେ ମୂଲ ଲାଗି ଯାହା ମଜୁରୀ ପାଆନ୍ତି ସେଥିରେ ପରିବାର ଚଳାଇବା କଷ୍ଟକର ହୋଇପଡୁଥିଲା। ଗତ ୧ବର୍ଷ ହେବ ପଣ୍ଡେ ରୋଗାଗ୍ରସ୍ତ ହୋଇ କାମ କରିବା ପାଇଁ ଆଉ ସକ୍ଷମ ହୋଇପାରିଲେ ନାହିଁ। ଫଳରେ ପରିବାର ସମସ୍ତ ସଦସ୍ୟ ଜୀବନ ଧାରଣ କରିବା ଦୁର୍ବିସହ ହୋଇପଡିଛି। ବାପ ମା'ନ ଥିବା ରାମାଇ ଓ ଘନଙ୍କୁ ବଡବାପା ସ୍ଥାନୀୟ ସ୍କୁଲରେ ପାଠପଢିବା ପାଇଁ ନାମ ଲେଖାଇଛନ୍ତି। ମାତ୍ର ଦେଖାଶୁଣା କରିବା ପାଇଁ କେହି ନ ଥିବାରୁ ଅନାଥ ଶିଶୁ ଦ୍ୱୟ ସ୍କୁଲରେ ନିୟମିତ ଉପସ୍ଥିତ ହେଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଫୁଲ ବେହେରା କହିଛନ୍ତି, ସେ ଅବଗତ ନାହାନ୍ତି। ଏବେ ଗ୍ରାମକୁ ଯାଇ ସତ୍ୟାସତ୍ୟ ବୁଝିବା ପରେ ବିଡିଓଙ୍କୁ ଜଣାଇବେ ବୋଲି କହିଥିଲେ। ଉପଜିଲାପାଳ ଅମୀୟ କୁମାର ସାହୁ କହିଛନ୍ତି, ସହକାରୀ ଜିଲାମଙ୍ଗଳ ଅଧିକାରୀ ଏହାର ସରଜମିନ ତଦନ୍ତ କରିବା ପରେ ଶିଶୁ ଦ୍ୱୟଙ୍କୁ ଥଇଥାନ କରାଯିବା ବ୍ୟବସ୍ଥା କରାଯିବ। ଦୀପତଳ ଅନ୍ଧାର ଭଳି ୫୫ ନମ୍ବର ଜାତୀୟ ରାଜପଥଠାରୁ ମାତ୍ର ୫୦୦ମିଟର ଦୂରରେ ଅବସ୍ଥିତ ଏହି ବସ୍ତିରେ ଅନାଥ ଶିଶୁଙ୍କ ଭବିଷ୍ୟତ ଅନ୍ଧାରରେ ରହିଥିବା ନେଇ ସାଧାରଣରେ ଆଲୋଚନା ହେଉଛି।



କଟକ ବାରବାଟୀ ଦୁର୍ଗ ପରିସରରେ ଥିବା ବାବା ବୁଖାରି ମଜାର ଠାରେ ମିଳିତ ଏଜୁକେଶନାଲ ଓ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ବାର୍ଷିକ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।



କଟକ ସହରରେ ଚାଲିଥିବା ଅବାଧ ମଦ ବ୍ୟବସାୟକୁ ରୋକିବା ଦାବି ନେଇ ଶନିବାର ହିନ୍ଦୁ ସେନା ପକ୍ଷରୁ ଡିଜିପିଙ୍କୁ ଭେଟି ସ୍ମାରକପତ୍ର ଦେବାକୁ ଯାଉଥିବା ପ୍ରତିନିଧିମାନେ।



କଟକ ଶିଶୁଭବନ ପରିସରରେ ଥିବା ରମାଦେବୀ ଶିଶୁ ବିହାରଠାରେ ଉତ୍କଳ ବ୍ରହ୍ମ ବିଦ୍ୟା ସଂଘ ବାରବାଟୀ ଶାଖା ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ସହଦେବ ପାତ୍ର ଉଦ୍‌ବୋଧନ ଦେଉଛନ୍ତି।



ସତ୍ୟ ନିମନ୍ତେ ସବୁକିଛି ତ୍ୟାଗ କରାଯାଇପାରେ। କିନ୍ତୁ ସତ୍ୟକୁ କୌଣସି ବସ୍ତୁ ପାଇଁ ତ୍ୟାଗ କରାଯାଇନପାରେ।
-ବ୍ୟାସଦେବ



## ସଂକ୍ଷେପରେ

### କାର୍ ଧକ୍କାରେ ବାଇକ ଆରୋହୀ ଗୁରୁତର

**ବୋଲଗଡ,୩୦।୩(ଡି.ଏନ.ଏ.):** ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ ଜାତୀୟ ରାଜପଥର ବୋଲଗଡ ଥାନା ଚୁଡା ଗ୍ରାମ ନିକଟରେ ଶନିବାର ଅପରାହ୍ନରେ ଏକ କାର ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଡାବରଧୁଆପାଟଣା ଗ୍ରାମର ରଶ୍ମିରଞ୍ଜନ ମହାପାତ୍ର(୪୬)। ରଶ୍ମିରଞ୍ଜନ ରାଜସୁନାଖଳା ଆଡୁ ନିଜ ଗ୍ରାମକୁ ବାଇକ ଯୋଗେ ଫେରୁଥିବା ବେଳେ ନୟାଗଡ ପଟରୁ ଆସୁଥିବା ଓଡି ୨୫ଏମ ୪୧୭୧ନଂ ବିଶିଷ୍ଟ କାର ତାଙ୍କ ବାଇକକୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାରଟିକୁ ଜବତ କରିଛି ।

### ଅଗ୍ନିକାଣ୍ଡରେ ୮ ପାଳଗଦା ଭସ୍ମୀଭୂତ

**ବୋଲଗଡ,୩୦।୩(ଡି.ଏନ.ଏ.):** ବୋଲଗଡ ତହସିଲ ବାଙ୍କୋଇ ଆରଆଇ କାର୍ଯ୍ୟାଳୟ ଅଞ୍ଚଳର ପୋଡାପାଟଣା ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ୮ ପାଳଗଦା ପୋଡି ଭସ୍ମୀଭୂତ ହୋଇଯାଇଛି । କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବାର ସନ୍ଦେହ କରାଯାଉଛି । ଗ୍ରାମର ଅର୍ଜୁନ ବେହେରା, ନବକିଶୋର ବେହେରା, ବିଶ୍ୱନାଥ ସାହୁ, ରାଜକିଶୋର ବେହେରା, ମାଗୁଣି ଦାସ ପ୍ରମୁଖଙ୍କ ବାରିରେ ଥିବା ପାଳଗଦା ଗୁଡିକ ପୋଡିଯାଇଛି। ବୋଲଗଡ ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

### ମାଣିକେଶ୍ୱରଦେବଙ୍କ ଦଶଦୋଳ ପାଇଁ ପ୍ରସ୍ତୁତି

**ବୋଲଗଡ,୩୦।୩(ଡି.ଏନ.ଏ.):** ବୋଲଗଡ ବ୍ଲକ ମାଣିବନ୍ଧ ସ୍ଥିତ ମାଣିକେଶ୍ୱରଦେବଙ୍କ ଦଶଦୋଳ ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଗ୍ରାମ କମିଟି ପକ୍ଷରୁ ଆୟୋଜିତ ହୋଇଆସୁଥିବା ଦଶଦୋଳ ଯାତ୍ରା ଯେପରି ଶାନ୍ତି ଶୃଙ୍ଖଳାର ସହିତ ପାଳିତ ହେବ ଓ ଆକର୍ଷଣୀୟ ହୋଇପାରିବ ସେଥିପାଇଁ ପ୍ରସ୍ତୁତି କରାଯାଇଛି। ଶନିବାର ଅନୁଷ୍ଠିତ ଚୂଡାନ୍ତ ପ୍ରସ୍ତୁତି ବୈଠକରେ ଗ୍ରାମ କମିଟିର ସଭାପତି ଡ. ଦିଲୀପ କୁମାର ଛୋଟରାୟ ପୌରୋହିତ୍ୟ କରିଥିଲେ ।

### ବାଣପୁର ଓକିଲ ସଂଘର ନିର୍ବାଚନ

**ଖୋର୍ଦ୍ଧା ଅଫିସ,୩୦।୩:** ୱାନ ବାର ୱାନ ଭୋଟ କାର୍ଯ୍ୟକ୍ରମ ଅନୁଯାୟୀ ଶନିବାରେ ବାଣପୁର କୋର୍ଟ ପରିସରରେ ଓକିଲ ସଂଘର କର୍ମକର୍ତ୍ତାମାନଙ୍କର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ବୃନ୍ଦାବନ ପ୍ରଧାନ ସଭାପତି, ଜଗନ୍ନାଥ ଭୋଳ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ନିରୋଜ କୁମାର ମହାନ୍ତି, ସହସମ୍ପାଦକ ଭାବେ ନରେନ୍ଦ୍ର କୁମାର ନାୟକ ଅନୁରୂପ ଭାବେ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ଶିବ ଶଙ୍କର ସେନାପତି, ଅଲେଖ ପ୍ରସାଦ ମହାନ୍ତି ଓ ବିନୋଦ ବିହାରୀ ସ୍ୱାଇଁ ନିର୍ବାଚନ ପରିଚାଳନା କରିଥିଲେ।

### ବାପପୁଅଙ୍କୁ ହାଣି ଲୁଟିନେଲେ ବାଇକ୍, ଟଙ୍କା ଓ ସୁନା

**ଖୋର୍ଦ୍ଧା ଅଫିସ,୩୦।୩:** ଜଙ୍କିଆ ଥାନା ଶରଣକୁଳ-ପୁରୀ ନୂଆ ଜଗନ୍ନାଥ ସଡ଼କର ହଜ ବଜାର ନିକଟରେ ଶୁକ୍ରବାର ରାତିରେ ମାରଣାସ୍ତ୍ରରେ ବାପପୁଅଙ୍କୁ ହାଣି ବାଇକ୍, ସୁନା ଚେନ ଓ ମୋବାଇଲ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଜଙ୍କିଆ ଥାନାର ହଜ ଦୋଳଯାତ୍ରା ଦେଖି ସର୍ବେଶ୍ୱର ମାଝି ବାଇକ୍ ଯୋଗେ ହଜ ବଜାରକୁ ଫେରୁଥିଲେ। ସମୟ ରାତି ପ୍ରାୟ ସାଢ଼େ ୯ଟା। ୫ରୁ ୧୦ ଜଣ ବାଇକ୍ ଅଟକାଇ ତାଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ। ଖବରପାଇ ପୁଅ ମଳୟ ପହଞ୍ଚିବା ପରେ ତାଙ୍କୁ ମଧ ହାଣିଥିଲେ। ବାପପୁଅ ଚିକିତ୍ସା ପାଇଁ ବୋତଲମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପରେ ରାତିରେ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ।

■ କଙ୍ଗାରୁ କୋର୍ଟରେ ବାସନ୍ଦ ହୋଇଥିଲେ

# ମହିଳାଙ୍କୁ ଗାଁ ଦାଣ୍ଡରେ ଉଲଗ୍ନ କରି ମାଡ଼

**ଖୋର୍ଦ୍ଧା ଅଫିସ,୩୦।୩**

■ଚାଟେରି ଭୋଗ ଖାଇଲେ ନାହିଁ ଦୋଳଠାକୁର
■ପୁଣି ବାସନ୍ଦ କଲେ, ହତ୍ୟା ଧମକ ଦେଲେ
■ଘର ଛାଡ଼ିଲେ ପରିବାରର ମୁଖ୍ୟ

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଦେଉଳିପାଟଣା ଅରାଙ୍ଗ ଗାଁର କଙ୍ଗାରୁ କୋର୍ଟରେ ପୂର୍ବରୁ ଦୀର୍ଘଦିନ ଧରି ବାସନ୍ଦ ହୋଇଥିବା ଏକ ପରିବାରକୁ ପୁଣି ବାସନ୍ଦ ହେବାକୁ ପଡିଛି। ଦୋଳ ଠାକୁର ତାଙ୍କ ଘରୁ ଚାଟେରି ଭୋଗ ଖାଇବାକୁ କହିବାରୁ ଗ୍ରାମର କେତେଜଣ ବ୍ୟକ୍ତି ଉକ୍ତ ପରିବାରର ଜଣେ ମହିଳାଙ୍କୁ ଗାଁ ଦାଣ୍ଡରେ ଉଲଗ୍ନ କରି ଗୋଡ଼େଇ ମାଡ଼ ମାରିଛନ୍ତି। ଏପରିକି ସମସ୍ୟାର ସମାଧାନ କରିବାକୁ ଆସି ମହିଳାଙ୍କ ବିବାହିତ ଝିଅ ମଧ ମାଡ଼ ଖାଇଛନ୍ତି। ଅନ୍ୟପକ୍ଷରେ ହତ୍ୟା କରିବାକୁ ଧମକ ଦିଆଯାଉଥିବାରୁ ପରିବାର ମୁଖ୍ୟ ଏବେ ଗାଁ ଛାଡ଼ି ଅନ୍ୟତ୍ର ମୁଣ୍ଡଗୁଞ୍ଜିଛନ୍ତି। ଏଭଳିସ୍ଥଳେ ସୁରକ୍ଷା ସହ ନ୍ୟାୟ ଦେବାକୁ ମହିଳା ଜଣକ ଗତ ୨୧ ତାରିଖରେ ଏସ୍‌ପି, ଥାନା ଆଇଆଇସିଙ୍କୁ ଚିଠି ମାଧମରେ ଅଭିଯୋଗ କରିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁସାରେ, ବିନା କାରଣରେ ଗତବର୍ଷ କଙ୍ଗାରୁ କୋର୍ଟରେ ତାଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ତେବେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପରେ ଘଟଣା ସମାଧାନ କରାଯାଇଥିଲା। ଦୋଳ ସମୟରେ ତାଙ୍କ ଘରୁ ଠାକୁର ଚାଟେରି ଭୋଗ ଖାଇବେ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଏପରି କି ଆଉ ବାସନ୍ଦ କରାଯିବ ନାହିଁ ବୋଲି କୁହାଯାଇଥିଲା। କିନ୍ତୁ ଚଳିତବର୍ଷ ଠାକୁର ଭୋଗ ଖାଇଲେ ନାହିଁ। ବରଂ ମାରପିଟ୍ କରି ଭୟର ବାତାବରଣ ସୃଷ୍ଟି କରାଇଲେ। ଘଟଣା ସମ୍ପର୍କରେ ଥାନା, ଗଣମାଧ୍ୟମକୁ ଅବଗତ କରାଇଲେ ପରିବାରର ସଦସ୍ୟଙ୍କୁ ଜୀବନରେ ମାରିଦେବାକୁ ଧମକ ଦିଆଯାଉଛି। ଘର ଉପରେ ଜେସିବି ଚଢ଼ାଇ ଦେବା ସହ ମିଛ ମାମଲାରେ ଫସାଇ ଦେବେ ବୋଲି ଗାଁର କେତେଜଣ ଲୋକ କହି ବୁଲୁଛନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମାରଣାସ୍ତ୍ର ଧରି କେତେଜଣ ଲୋକ ଗାଁ ବୁଲୁଛନ୍ତି। ଅନ୍ୟପକ୍ଷେ ନିଆଁପାଣି, ଦୋକାନବଜାର ବନ୍ଦ କରାଯାଇଛି। ଗୋଚର ଜମିରେ ତାଙ୍କ ଗୃହପାଳିତ ପଶୁଙ୍କୁ ଚରିବା ବାରଣ କରାଯାଇଥିବାବେଳେ ସ୍କୁଲରେ ନାତୁଣୀଙ୍କୁ ସହପାଠୀଙ୍କ ସହ କଥାବାର୍ତ୍ତା ଓ ଗାଁରେ ଖେଳକୁଦ କରାଇବା ବନ୍ଦ କରାଯାଇଛି।



ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ଶନିବାର ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଶୁଭ୍ରାଂଶୁ ଶେଖର ପାଢ଼ୀ ଜିଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

## ଜଟଣୀରେ ବଢ଼ିଲା ରାଜନୈତିକ ଉଷ୍ମତା

**ଖୋର୍ଦ୍ଧା ଅଫିସ,୩୦।୩**

ଖୋର୍ଦ୍ଧା ଜିଲାର ଜଟଣୀ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ପାଣିପାଗ ଉଷ୍ମତା ହେବାରେ ଲାଗିଛି। ବିଜେଡିରୁ ବିଭୂତି ଭୂଷଣ ବଳବନ୍ତରାୟ ଟିକେଟ ପାଇବା ଓ କଂଗ୍ରେସ ପ୍ରାର୍ଥୀ ସୁରେଶ ରାଉତରାୟ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିବା ରାଜନୈତିକ ପାଣିପାଗକୁ ଗରମ କରିଛି। ଏଠାରେ ଭାଜପାର ବିଶ୍ୱ ରଞ୍ଜନ ବଡଜେନା ପ୍ରାର୍ଥୀ ହୋଇଛନ୍ତି । ଭାଜପା ଓ ବିଜେଡି ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ ପରେ ପ୍ରଚାର ବି ତ୍ୱରାନ୍ୱିତ ହେବ। ୨୦୧୪ ନିର୍ବାଚନରେ ଜଟଣୀରେ ଭାଗୀରଥି ବଡଜେନା ବିଜୟୀ ହୋଇ ଶାସକ ଦଳର ବିଧାୟକ ଅଛନ୍ତି। ତେବେ ଜିଲା ସଭାପତି ବିଭୂତି ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଟିକେଟ ପାଇ ବାଜି ମାରି ନେଇଛନ୍ତି। ପୂର୍ବରୁ ବିଭୂତି ଜଟଣୀ ବିଧାୟକ ଭାବେ କାମ କରି ସାରିଛନ୍ତି।

### ପୁଣି ଝୁଲିଲା ୩ ନିର୍ବାଚନମଣ୍ଡଳୀ

ବିଜେଡି ପକ୍ଷରୁ ଜିଲାର ବେଗୁନିଆ, ଖୋର୍ଦ୍ଧା ଓ ଚିଲିକା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା ପୁଣି ଝୁଲି ରହିଲା। ଏଠାରେ କିଏ ବିଧାୟକ ପ୍ରାର୍ଥୀ ହେବେ କିଛି ଜଣା ପଡୁନି। ଟିକେଟ ବଣ୍ଟନରେ ବିଳମ୍ବ ହେଉଥିବାରୁ ନୂଆ ନୂଆ ନେତାଙ୍କ ନାମ ଶୁଣିବାକୁ ମିଳୁଛି। କିନ୍ତୁ ଆଶାୟୀଙ୍କ ସମର୍ଥକମାନେ ନିଜ ନିଜ ନେତା ଟିକେଟ୍ ପାଉଛନ୍ତି ବୋଲି ଚର୍ଚ୍ଚା କରୁଛନ୍ତି। ପୂର୍ବରୁ ୪ଟି ନିର୍ବାଚନମଣ୍ଡଳୀରେ କାହାରିକୁ ଟିକେଟ୍ ଦିଆ ଯାଇ ନ ଥିଲା । ଶୁକ୍ରବାର କେବଳ ଜଟଣୀରେ ପ୍ରାର୍ଥୀ ଘୋଷଣା ହୋଇଛି।

### ଦାଖଲ ହେଉନି ନାମାଙ୍କନପତ୍ର

ଖୋର୍ଦ୍ଧା ସବ୍‌ଡିଭିଜନ ଅଧୀନରେ ବେଗୁନିଆ, ଖୋର୍ଦ୍ଧା, ଚିଲିକା ନିର୍ବାଚନମଣ୍ଡଳୀ ପାଇଁ ଦଳୀୟ ହେଉ ବା ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ଇତିମଧରେ ନାମାଙ୍କନପତ୍ର ଦାଖଲର ୨ ଦିନ ବିତି ଯାଇଛି।

■ ନାଳନ୍ଦା ସ୍କୁଲର ବାର୍ଷିକ ଉତ୍ସବ

## ମାତୃ ସ୍ନେହ ହିଁ ପିଲାଙ୍କ ଭବିଷ୍ୟତର ଅସଲ ଚାବିକାଠି

**ବେଗୁନିଆ,୩୦।୩ (ଡି.ଏନ.ଏ.)**




ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥି।

ପିଲାମାନଙ୍କର ଶୈଶବ ଅବସ୍ଥାରୁ ଭବିଷ୍ୟତରେ ଭଲ ମଣିଷ ହେବାର ସ୍ୱପ୍ନ ଦେଖନ୍ତି ମାତାପିତା। ତାହା ହିଁ ବର୍ତ୍ତମାନ ସମାଜରେ ସମ୍ପୂର୍ଣ୍ଣ ଭୁଲ୍ ଧାରଣା। ପିଲାମାନଙ୍କୁ ନିର୍ଯାତନା ବଦଳରେ ମାତୃତ୍ୱର ସ୍ନେହ ହିଁ ଭବିଷ୍ୟତର ଅସଲ ଚାବିକାଠି। ତେବେ ମାଆର ସ୍ନେହ ହିଁ ପିଲାମାନଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିଥାଏ। ଆମେ ସମସ୍ତେ କେବଳ ପାଠ ପ୍ରତି ପିଲାମାନଙ୍କୁ ଚାପ ପ୍ରୟୋଗ କରୁଛେ। ତାହା ବଦଳରେ ଖେଳ, ନାଚ, ଗୀତ, ଜ୍ଞାନ ଓ ବିଜ୍ଞାନ ଆଦି ବିଭିନ୍ନ ପ୍ରତିଯୋଗିତା ମାଧମରେ ପିଲାମାନଙ୍କୁ ଉତ୍ସାହିତ କରିବା ନିହାତି ଆବଶ୍ୟକ ବୋଲି ଏକ ଘରୋଇ ସ୍କୁଲର ବାର୍ଷିକ ଉତ୍ସବରେ ଉପସ୍ଥିତ ଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ବେଗୁନିଆ ସଦର ମହକୁମାରେ ଥିବା ନାଳନ୍ଦା ଘରୋଇ ସ୍କୁଲର ଶନିବାର ଥିଲା ୨ୟ ବାର୍ଷିକ ଓ ପୁରସ୍କାର ବିତରଣ ଉତ୍ସବ। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଅଜୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଛମନ ପରିଡା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ବଂଶୀଧର ମହାନ୍ତି, ମୁଖ୍ୟବକ୍ତା ଭାବେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ପ୍ରାଧାପକ ଡ. ପବିତ୍ର ସୁବୁଦ୍ଧି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଷ୍ଣୁ ପ୍ରସାଦ ମିଶ୍ର, ଆଇନଜୀବୀ ଲିଙ୍ଗରାଜ ସାହୁ, କଣ୍ଟିଲୋ ମହାବିଦ୍ୟାଳୟର ଅଧାପକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଅଞ୍ଚଳରେ ସୁନାମ ଅର୍ଜନ କରିଥିବା ୧୦ ଜଣ ଶିକ୍ଷୟିତ୍ରୀଶିକ୍ଷକ, ଗଣମାଧମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେଶ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ବିଦ୍ୟାଳୟର ବାର୍ଷିକୋତ୍ସବ

**ଖୋର୍ଦ୍ଧା ଅଫିସ,୩୦।୩**

ବାଣପୁର ବ୍ଲକ ଭାପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି, ଗାଳ୍ପିକ ଶିବ ମିଶ୍ର ମୁଖ୍ୟବକ୍ତା ଓ ପ୍ରଫେସର ନୃସିଂହ ଚରଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିବାର ଶିଶୁଙ୍କର ପ୍ରଥମ ବିଦ୍ୟାଳୟ ହୋଇଥିବାରୁ ଶିଶୁମାନେ ଅଭିଭାବକଙ୍କୁ ଅନୁକରଣ କରି ଶିକ୍ଷା ଲାଭ କରିଥାନ୍ତି। ଏଣୁ ପରିବାରର ଚାଲି ଚଳଣି, ବ୍ୟବହାର ଶିଶୁଙ୍କ ଉପରେ ପଡିବ ବୋଲି ପ୍ରକାଶ କରିବା ସହ ବାଣପୁରର ବରପୁତ୍ର ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ। ପ୍ରଧାନ ଶିକ୍ଷକ ବିରାଜ କୁମାର ମିଶ୍ର ସଭାପତିତ୍ୱରେ ଶିକ୍ଷକ ଅଜୟ କରଣ ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ଶ୍ରୀନିବାସ ଆଚାରୀ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଶେଷରେ ବିଦ୍ୟାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ମାଲୁଦ ପଞ୍ଚୁଦୋଳ ଶେଷ



ମେଳନ ସରିବା ପରେ ଠାକୁର ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି।

**କୃଷ୍ଣପ୍ରସାଦ, ୩୦।୩ (ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକର ମାଲୁଦରେ ମଙ୍ଗଳବାର ଆରମ୍ଭ ହୋଇଥିବା ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ଶନିବାର ଶେଷ ହୋଇଛି। ମାଲୁଦ ଦଧିବାମନ ଦେବ ଏବଂ ବଜ୍ରକୋଟ ଗାଁ କୁଞ୍ଜେଶ୍ୱରୀଙ୍କ ପୀଠରୁ ୨ଟି ଶୁଭଖୁଣ୍ଟ ପଡିଆରେ ପହଞ୍ଚି ଥିଲା। ପରମ୍ପରା ଅନୁଯାୟୀ ୨୪ ମୌଜାର ବିଭିନ୍ନ ଗ୍ରାମରୁ ୨୩ ଠାକୁର ସୁସଜ୍ଜିତ ମେଢରେ ପଟୁଆର, ଆତସବାଜି, ବାଘ, ସିଂହ ନୃତ୍ୟ, ପାଇକ ଆଖଡା, ସଂକୀର୍ତ୍ତନ ଆଦି ପଟୁଆର ସହ ପଞ୍ଚୁଦୋଳ ପଡିଆରେ ପହଞ୍ଚିଥିଲେ। ୨୩ ଠାକୁର ନିଜ ନିଜ ଆସ୍ଥାନରେ ନିର୍ଦ୍ଧାରିତ ସମୟରେ ଅବସ୍ଥାନ କରିଥିଲେ। ପାଟ ପଟୁଆର ସହ ବିଶେଷ ଆକର୍ଷଣ ଥିଲା ସୁନେଲି ରୁପେଲି କାଗଜ ତିଆରି ମେଢ। ମେଢକୁ ପ୍ରସ୍ତୁତ କରିବାକୁ ମାସ ମାସ ସମୟ ଲାଗି ଯାଇଥାଏ ବୋଲି କାରିଗରମାନେ କୁହନ୍ତି। ମଜୁରି ବାବଦରେ ୪୦ରୁ ୫୦ ହଜାର ସେମାନେ ନେଇଥାନ୍ତି। ୨ଟି ଗଣନାଟ୍ୟ ସେମାନଙ୍କ ଯାତ୍ରା ପରିବେଷଣ କରିଥିଲେ। ୧୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଯାତ୍ରା ଉପଭୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳ ସହ ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ ଆଦି ପଡୋଶୀ ଜିଲାରୁ ବହୁ ଲୋକଙ୍କ ଭିଡ ହୋଇଥିଲା । ଶନିବାର ଭୋର ୫ ଟାରେ ସମସ୍ତ ୨୩ ଠାକୁରଙ୍କ ସକାଳ ଭୋଗ ପରେ ମେଳଣ କାର୍ଯ୍ୟ ହୋଇଥିଲା । ସମସ୍ତ ଠାକୁରଙ୍କ ଅପୂର୍ବ ବିଦାୟକାଳୀନ ମେଳଣକୁ ଦେଖିବା ପାଇଁ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ପଞ୍ଚୁଦୋଳ ଯାତ୍ରା ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଥିବାରୁ ପରିଚାଳନା କମିଟି ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି।

## ବିପଦସଙ୍କୁଳ ଟ୍ରାନ୍ସଫର୍ମର

**ଖୋର୍ଦ୍ଧା ଅଫିସ, ୩୦।୩**

କଟକ ଜିଲା କଳାପଥରର ଗୋଲେଇ ଛକରେ ୨୨୦ କେଭି ଟ୍ରାନ୍ସଫର୍ମର ବିପଦସଙ୍କୁଳ ଭାବେ ରହିଛି। ଟ୍ରାନ୍ସଫର୍ମର ଚାରିପଟେ ପ୍ରାଚୀର ନିର୍ମାଣ ମଧ କରାଯାଇନି। ଏହାର ତଳେ ଅଳିଆ ଆବର୍ଜନା ଗଦା କରାଯାଉଛି। ନିକଟରେ ଆବର୍ଜନାରେ ନିଆଁ ଲାଗି ୩ଟି ଦୋକାନ ଜଳି ଯାଇଥିଲା। ତଥାପି ବିଦ୍ୟୁତ୍ ବିଭାଗର ଦୃଷ୍ଟି ପଡୁନି। ଯଦି କିଛି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।



ମୁକୁଳା ହୋଇ ପଡିଥିବା ଟ୍ରାନ୍ସଫର୍ମର।

## ରକ୍ତଦାନ ଶିବିର

**ଝାଁଳା,୩୦।୩ (ଡି.ଏନ.ଏ.)**

ତମାଣ୍ଡୋ ଥାନା ଅନ୍ତର୍ଗତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ ଓ ଭୁବନେଶ୍ୱର ରେଡକ୍ରସର କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ଛାତ୍ରୀଛାତ୍ର ଓ କର୍ମଚାରୀଙ୍କଠାରୁ ୨୧୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କମିଶନରେଟ୍ ପୋଲିସର ପଦାଧିକାରୀଙ୍କ ସହ କଲେଜର ଅଧକ୍ଷ, କର୍ମଚାରୀ ଓ ପିଲାମାନେ ସହଯୋଗ କରିଥିଲେ।

## ବଢୁଛି ଦୋକାନରୁ ଚୋରି

**ଖୋର୍ଦ୍ଧା ଅଫିସ,୩୦।୩**

ଖୋର୍ଦ୍ଧା ପୋଲିସ ଜିଲାରେ ଶଟର ଭାଙ୍ଗି ଚୋରି ବଢ଼ିବାରେ ଲାଗିଛି। ୨୦୧୮ ଡିସେମ୍ବରରେ ବାଣପୁର, ଖୋର୍ଦ୍ଧା ଟାଉନ, ନିରାକାରପୁର ଓ ବେଗୁନିଆ ଥାନା ଅଞ୍ଚଳରୁ ୧୧ଟି ଚୋରି ହୋଇଛି। ପୋଲିସର ପାଟ୍ରୋଲିଂ ନ ଥିବାରୁ ଏହି ଚୋରି ବଢୁଥିବା କୁହାଯାଉଛି। ଡିସେମ୍ବର ୮ ରାତିରେ ବାଣପୁର ଥାନା ପାର୍କ ବଜାରର ଲକ୍ଷ୍ମୀଧର ଦାସଙ୍କ ମୋବାଇଲ ଦୋକାନ ଓ ଶ୍ରୀଧର ପଟ୍ଟନାୟକଙ୍କ ଔଷଧ ଦୋକାନରୁ ଦୁର୍ବୃତ୍ତମାନେ ପାଖାପାଖି ୬୫ ହଜାର ଟଙ୍କା ଲୁଟି ନେଇଥିଲେ। ସେହିଦିନ ନିରାକାରପୁର ଥାନାର ସ୍ଥାନୀୟ ବଜାରରେ ୨ଟି ଓ ଲେମ୍ବୁ ଦୋକାନରୁ ଗୋଟିଏ ଦୋକାନର ଶଟର ଭାଙ୍ଗି ଚୋରି ହୋଇଥିଲା। ଡିସେମ୍ବର ୨୬ ବିଳମ୍ବିତ ରାତିରେ ୫୭ ନଂ. ଜାତୀୟ ରାଜପଥର ନୂଆସାହିସ୍ଥିତ ଶରଧାପୁର ତରଡୁଆ ବଜାରର ଏମ.ଡି. ଆଲ୍ଲାଉଦ୍ଦିନଙ୍କ ସିଫା ମେଡିସିନ୍ ଷ୍ଟୋର, ମାଷ୍ଟର ଟେଲର, ବାବୁ ତେଜରାତି ଦୋକାନ, ଖୋର୍ଦ୍ଧା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଜୟ ଜଗନ୍ନାଥ ମେଡିସିନ ଷ୍ଟୋର ଓ ମେଡିକାଲ ରୋଡର ଗୋରା ଚପଲ ଦୋକାନରୁ ଚୋରି ହୋଇଥିଲା। ପୁଣି ବେଗୁନିଆ ଥାନା ବଡବେରଣାର ଅକ୍ଷୟ ନାୟକଙ୍କ ଲୁଗା ଦୋକାନରୁ ୧୫ ହଜାର ଟଙ୍କା ସହ ୫୦ ହଜାର ଟଙ୍କାର ପ୍ୟାଣ୍ଟଶାର୍ଟ କପଡା ଓ ଦାମୀ ଲୁଗା ଚୋରି ହୋଇଥିଲା।

### ସିରିଜ୍ ଚୋରିର ଟେର୍ ପାଉନି ପୋଲିସ

ନଭେମ୍ବର ୨୩ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଖୋର୍ଦ୍ଧା ସହରରେ ଶଟର ଭାଙ୍ଗି ଚୋରି ନଜରକୁ ଆସିଥିଲା। ସହରର ନୟାଗଡ ରୋଡରେ ଥିବା ଚଣ୍ଡିଟୁଆ ଛକର ମହାବୀର ଭେରାଇଟ୍ ଷ୍ଟୋର ଓ ସଙ୍କଟ ମୋଚନ ଅଲଟ୍ରା ସାଉଣ୍ଡ ଦୋକାନ, ପ୍ରାକ୍ଟିସି ସ୍କୁଲ ଛକର ମା' କୃପା ଭେରାଇଟ୍ ଷ୍ଟୋର ଓ ଡେଲସିୟସ ଭେରାଇଟ୍ ଷ୍ଟୋର, ଶ୍ରୀବିହାର ଛକର ବିଜୟଲକ୍ଷ୍ମୀ ଭେରାଇଟ୍ ଷ୍ଟୋର, ମେଡିକାଲ ଛକର ସନ୍ତୋଷ ହାର୍ଡ ଓ୍ୟାରଷ୍ଟୋର, ଫରେଷ୍ଟ କଲୋନୀର ସଙ୍ଗୀତ ରାୟଙ୍କ ଗାଡି ସ୍ପେୟାର ପାର୍ଟସ ଆଦି ୯ ଦୋକାନରୁ ଶଟର ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଥିଲେ। ସବୁ ଚୋରି ୫୭ ନଂ. ଜାତୀୟ ରାଜପଥ ଓ ଖୋର୍ଦ୍ଧାର ମୁଖ୍ୟ ସଡ଼କ ପାର୍ଶ୍ୱରୁ କରି ଦୁର୍ବୃତ୍ତମାନେ ପୋଲିସ ପାଇଁ ଚ୍ୟାଲେଞ୍ଜ ଦେଇଥିଲେ। ତେବେ ଆଦର୍ଶ ଥାନା ହୋଇଥିବା ଖୋର୍ଦ୍ଧା ଟାଉନ ଥାନା ପୋଲିସ ଚୋରଙ୍କ ଟେର ପାଉନି। ଖୋର୍ଦ୍ଧା ପୋଲିସ ଜିଲାର ବିଭିନ୍ନ ବଜାରର ଶଟର ଲାଗିଥିବା ଦୋକାନକୁ ଚୋରମାନେ ଟାର୍ଗେଟ କରିଛନ୍ତି। ଯୋଜନା ବଦ୍ଧ ଭାବେ ଏହି ଚୋରି ହୋଇଥିବା ଚର୍ଚ୍ଚା ହେଉଛି। ରାତିରେ ଦୋକାନର ସୁରକ୍ଷା କିପରି କରିବେ ସେ ନେଇ ବ୍ୟବସାୟୀମାନେ ଚିନ୍ତିତ ହୋଇପଡିଛନ୍ତି।

■ବଡ଼ପଦର-କୋଲୁହାପାଟଣା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ

## କାମ ଅଧାରୁ ବନ୍ଦ, ଯାତ୍ରୀ ହଟହଟା

**ନିମ୍ନମାନର କାମ ହେଉଥିବା ଅଭିଯୋଗ ସହ ଅବଧି ସରିଲା**

**ବେଗୁନିଆ,୩୦।୩ (ଡି.ଏନ.ଏ.)**




ଲଗାଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ



ଅଧାପନ୍ତରିଆ ହୋଇ ପଡିଥିବା ରାସ୍ତା।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତର କୋଲୁହାପାଟଣାଠାରୁ ବଡପଦରକୁ ନିର୍ମାଣାଧୀନ ଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ କାମ ନିମ୍ନମାନର ହେଉଥିବା ଅଭିଯୋଗ ଉଠିଛି। ହେଲେ ରାସ୍ତା କାର୍ଯ୍ୟର ଅବଧି ଶେଷ ହୋଇଯାଇଥିଲେ ମଧ ଏଯାଏ ସମ୍ପୂର୍ଣ୍ଣ ନ ହୋଇ ଅଧାପନ୍ତରିଆ ଠିକାଦାର ଛାଡି ଦେଇଛନ୍ତି। ଏଥିଯୋଗୁ ରାସ୍ତା ଉପରେ ନିର୍ଭର କରୁଥିବା ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ମାତ୍ର କାମ ଆରମ୍ଭରୁ ବର୍ଷେ ହେଲା ମନ୍ଥରତା ଦେଖାଦେଇଥିଲା। ଏବେ ମେଟାଲ ଓ ଡଷ୍ଟ ବିଛେଇବା କାମ ନିମ୍ନମାନର ହେଉଥିବା କୋଲୁହାପାଟଣା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

କୋଲୁହାପାଟଣା ଓ ବଡପଦର ଗ୍ରାମବାସୀ ଭଲ ରାସ୍ତାଟିଏ ପାଇଁ ଦୀର୍ଘବର୍ଷ ହେଲା ହଟହଟା ହେଉଥିଲେ। ଏପରିକି ବହୁବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ। ବହୁ ବିଳମ୍ବରେ ହେଲେ ମଧ ଗ୍ରାମବାସୀଙ୍କ ଦୁଃଖ ସରକାରଙ୍କ ପକ୍ଷରୁ ବୁଝାଯାଇଥିଲା। ୨୦୧୮ ମେ ୨୫ରେ ଜଣେ ଠିକାଦାରଙ୍କ ନାମରେ ମାଣିବନ୍ଧଠାରୁ ବେଗୁନିଆ ବର୍ଡର ରାସ୍ତାକୁ ୨କିମି ୫୪୦ ମି. ଦର୍ଶାଇ ୧କୋଟି ୬ ଲକ୍ଷ ୮୩ ହଜାର ଟଙ୍କା ମଞ୍ଜୁର କରାଯାଇ ୨୦୧୯ ଫେବୃୟାରୀ ୨୪ ସୁଦ୍ଧା କାମ ଶେଷ ହେବାକୁ ଧାର୍ଯ୍ୟ ସମୟ ରହିଥିଲା। ହେଲେ ତାହା ଅବଧିଠାରୁ ମାସେ ଗଡି ଯାଇଥିଲେ ମଧ କାର୍ଯ୍ୟ ଏଯାଏ ୪୦ ପ୍ରତିଶତ ଶେଷ ହୋଇନାହିଁ। ଏଥିସହ ମୋରମ ଓ ବାଲି ବିଛା ସହ ପାଣି ସିଞ୍ଚନ ଏବଂ ରୋଲିଂ ଠିକ୍ ଭାବେ ନ ହେବାରୁ କୋଲୁହାପାଟଣା ଗ୍ରାମବାସୀ ପ୍ରତିବାଦ ଉଠାଇଥିଲେ। ଏପରି କି ବିଭାଗୀୟ ଅଧିକାରୀମାନଙ୍କ ପାଖରେ ବାରମ୍ବାର ଲିଖିତ ଅଭିଯୋଗ ମଧ କରିଥିଲେ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା କାମର ତଦାରଖ କରିବାକୁ ମଧ କୌଣସି ବିଭାଗୀୟ ଅଧିକାରୀମାନେ ଏଠାକୁ ଆସୁନାହାନ୍ତି। ଏ ସମ୍ପର୍କରେ ଅଭିଯୋଗ କରାଯାଇଥିଲେ ହେଁ କୌଣସି ସୁଫଳ ଗ୍ରାମବାସୀଙ୍କୁ ମିଳୁନାହିଁ। କାମ ନ ସରୁଣୁ ରାସ୍ତାର ଉଭୟପାର୍ଶ୍ୱରେ ବିଛା ଯାଇଥିବା ମାଟିଗୁଡିକ ଅସରାଏ ବର୍ଷାରେ ଧୋଇ ହୋଇଗଲାଣି। ସେହିପରି ରାସ୍ତାର ମଧବର୍ତ୍ତୀ ଭାଗରେ ବହି ଯାଇଥିବା ନାଳ ଉପରେ ନିର୍ମାଣ ହେବାକୁ ଥିବା ପ୍ରମୁଖ ପୋଲଟି ଏଯାଏ ମୂଳଦୁଆ ପଡିନାହିଁ। ଏ ସଂକ୍ରାନ୍ତରେ ଆର୍‌ଡି ବିଭାଗୀୟ ଏସ୍‌ଡିଓ ଅନିଲ ସେଠୀଙ୍କୁ ପଚାରିବାରେ ଏବେ ମାର୍ଚ୍ଚ ମାସ ଚାଲିଥିବା ଯୋଗୁ କଞ୍ଚାମାଲ ତଥା ପିଚୁ ଓ ଚିପସର ଅଭାବ ପରିଲକ୍ଷିତ ହେଉଛି। ନିମ୍ନମାନର ହେଉଥିବା ଅଭିଯୋଗ ଆମ ପାଖକୁ ଆସିଛି। ଏହାର ତଦାରଖ କରାଯାଇ ବିଧିବଦ୍ଧ ଭାବେ କାମ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଯଥାଶୀଘ୍ର ରାସ୍ତାକାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି କହିଥିଲେ।



ସାଧାରଣ ନିର୍ବାଚନ ପୂର୍ବରୁ ଭୋଟରଙ୍କ ମଧ୍ୟରେ ମତଦାନ ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶନିବାର ଚେନ୍ନାଇର ମେଡିକାଲ ଛାତ୍ରୀମାନେ ପ୍ଲାକାର୍ଡ ଧରିଛନ୍ତି।


ଜମ୍ମୁର ଏକ ପ୍ରଶିକ୍ଷଣ କେନ୍ଦ୍ରରେ ଶନିବାର ଜଣେ ଇଲେକ୍ଟୋରାଲ ଅଫିସର ଇଭିଏମ୍ ଏବଂ ଭିଭିପିଏଟି ମେଶିନ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ବିଜେଡିରୁ ୩ ନେତା ବହିଷ୍କୃତ

ଭୁବନେଶ୍ୱର,୩୦।୩(ବ୍ୟୁରୋ): ଦଳ ବିରୋଧୀ କାର୍ଯ୍ୟ ପାଇଁ ରାୟଗଡା ଜିଲା ଗୁଣପୁରର ଶିବ ପ୍ରସାଦ ଗୌଡ ଏବଂ କେ. ରାମକୃଷ୍ଣମ୍‌ଙ୍କୁ ବିଜେଡିରୁ ବହିଷ୍କୃତ କରାଯାଇଛି। ସେହିପରି କଟକ ଜିଲା ବାଙ୍କୀ ନିର୍ବାଚନମଣ୍ଡଳୀର କାହ୍ନୁ ସିଂଙ୍କୁ ମଧ ବହିଷ୍କାର କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ବହିଷ୍କାର କରାଯାଇଛି। ଏନେଇ ବିଜେଡି ପକ୍ଷରୁ ରାଜ୍ୟ ସମ୍ପାଦକ ବିଜୟ ନାୟକ ଗଣମାଧମକୁ ଅବଗତ କରାଇଛନ୍ତି।

### ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ପଦରୁ ରଘୁ ମହାନ୍ତିଙ୍କ ଇସ୍ତଫା



ଭୁବନେଶ୍ୱର, ୩୦।୩(ବ୍ୟୁରୋ): ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓଡ଼ିଶା ଉଠା ଜଳସେଚନ ନିଗମ(ଓଏଲ୍‌ଆଇସି) ଅଧ୍ୟକ୍ଷ ପଦରୁ ଶନିବାର ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛନ୍ତି ବୋଲି ରଘୁ କହୁଥିବାବେଳେ ବାଲେଶ୍ୱର ଜିଲା ବସ୍ତା ବିଧାନସଭା ଆସନରୁ ସେ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଛି। ହେଲେ ଇସ୍ତଫା ଦେବା ପରେ ରଘୁ ଏ ନେଇ ମୁହଁ ଖୋଲୁନାହାନ୍ତି। ସୂଚନାଯୋଗ୍ୟ ଯେ, ରଘୁଙ୍କ ବିରୋଧରେ ବଧୂ ନିର୍ଯାତନା ଅଭିଯୋଗ ଆସିବା ପରେ ସେ ୨୦୧୩ରେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ଏଥିପାଇଁ ତାଙ୍କୁ ଜେଲ ଯିବାକୁ ପଡିଥିଲା। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ନିଲମ୍ବିତ କରିଥିଲେ। ଫଳରେ ସେ ୨୦୧୪ରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରି ନ ଥିଲେ। ନିର୍ଯାତନା ଝମେଲା ତୁଟିବା ପରେ ରଘୁଙ୍କ ଉପରୁ ନିଲମ୍ବନ ଆଦେଶ ଉଠିଥିଲା।

### ପେଟ୍ରୋଲ ପମ୍ପ, ଗ୍ୟାସ୍ ଏଜେନ୍ସିରେ ଗଚ୍ଛିତ ହେଉଛି କଳାଧନ: ବିଜେଡି

ଭୁବନେଶ୍ୱର, ୩୦।୩(ବ୍ୟୁରୋ): ଚଳିତ ନିର୍ବାଚନ ପାଇଁ ପେଟ୍ରୋଲ ପମ୍ପ ଏବଂ ଗ୍ୟାସ ଏଜେନ୍ସିଗୁଡିକରେ ଭାଜପା ବିପୁଳ ପରିମାଣର କଳାଟଙ୍କା ଗଚ୍ଛିତ ରଖିଛି। ଏହି ଅର୍ଥ ନିର୍ବାଚନରେ ଖର୍ଚ୍ଚ ହେବାର ଆଶଙ୍କା ରହିଛି। ମାର୍ଚ୍ଚ ୨୬ରେ ବରଗଡ଼ ଜିଲାର ଗୁଡୁରପାଲିଠାରେ ଭାଜପା ସମର୍ଥକଙ୍କଠାରୁ ୨ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ୨୭ ତାରିଖରେ ଗଜପତି ଜିଲାରେ ମଧ ୪ ଜଣଙ୍କଠାରୁ ୫.୩୬ ଲକ୍ଷ ଜବତ କରାଯାଇଛି। ସେମାନଙ୍କ ମଧ୍ୟରେ ଭାଜପାର ଜିଲା ପ୍ରଭାରୀ ରହିଛନ୍ତି। ଏହାଛଡ଼ା ଛତିଶଗଡ଼ ଓ ଝାଡ଼ଖଣ୍ଡରୁ ବିପୁଳ ଅର୍ଥ ଓଡ଼ିଶାକୁ ଆସୁଥିବା ବଳେ ବହୁ ଅସାମାଜିକ ବ୍ୟକ୍ତି ନିର୍ବାଚନକୁ ପ୍ରଭାବିତ କରିବାକୁ ଆସୁଛନ୍ତି। ଦୁଇ ରାଜ୍ୟର ସୀମାକୁ ସିଲ୍ କରିବାକୁ ବିଜେଡିର ଏକ ପ୍ରତିନିଧି ଦଳ ଶନିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ ସେମାନେ ଦାବି କରଛନ୍ତି।

# ବିଜେଡିରେ ଅସନ୍ତୋଷ ଜାରି

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ବିଜେଡି ପକ୍ଷରୁ ଇତିମଧ୍ୟରେ ୧୮ ଲୋକ ସଭା ଏବଂ ୧୧୯ ବିଧାନସଭା ପାଇଁ ଟିକେଟ ଘୋଷଣା ସରିଯାଇଛି। ପ୍ରଥମ ପର୍ଯ୍ୟାୟ ଘୋଷଣା ପରେ ବହୁ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ଘୋଷଣା ବେଳେ ତାହା ସାମାନ୍ୟ ହ୍ରାସ ପାଇଥିଲା। ହେଲେ ୪ର୍ଥ ଓ ୫ମ ପର୍ଯ୍ୟାୟ ଟିକେଟ ଘୋଷଣାକୁ ନେଇ ଥମିଯାଇଥିବା ଅସନ୍ତୋଷ ପୁଣି ବୃଦ୍ଧି ପାଇଥିଲା। ଏକାଧିକ ଆସନ ପାଇଁ ଘୋଷିତ ପ୍ରାର୍ଥୀଙ୍କୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଏହାର ଝଲକ ଶନିବାର ନବୀନ ନିବାସ ସମ୍ମୁଖରେ ପ୍ରତିଫଳିତ ହୋଇଥିଲା।

ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ପୁତ୍ର ସମ୍ବିତ ରାଉତରାୟ ପାରାଦୀପ ଟିକେଟ ପାଇଛନ୍ତି। ହେଲେ ଏହାକୁ କେତେକ କର୍ମୀ ସହଜରେ ହଜମ କରିପାରୁ ନାହାନ୍ତି। କିଛିମାସ ପୂର୍ବେ ଦାମଙ୍କୁ ବାଦ୍ ଦେଇ ସେଠାରେ ବିଜେଡି ସଙ୍ଗଠନ କଥା ଚିନ୍ତା କରାଯାଉଥିଲା। ଦାମଙ୍କ ବିକଳ୍ପ ଭାବେ ପ୍ରାର୍ଥୀ ଖୋଜା ଯାଉଥିଲା। ହେଲେ ଏବେ ପୁନର୍ବାର ଦାମ ରାଉତଙ୍କ ପରିବାରକୁ ଟିକେଟ ଯାଇଥିବାରୁ ଅସନ୍ତୋଷ ଦେଖାଦେଇଛି। ସେହିଭଳି ଭଦ୍ରକ ବିଧାୟକ ଯୁଗଳ ପଟ୍ଟନାୟକଙ୍କୁ ଟିକେଟ ଦିଆଯାଇନାହିଁ। ତାଙ୍କ ବଦଳରେ ସଞ୍ଜୀବ ମଲିକଙ୍କୁ ପ୍ରାର୍ଥୀ କରାଯାଇଛି। ଯୁଗଳ ତାଙ୍କ ପୁତ୍ର ଅସୀତ ପଟ୍ଟନାୟକଙ୍କୁ ବିଧାୟକ ପ୍ରାର୍ଥୀ କରିବା ପାଇଁ ଉଦ୍ୟମ କରିଥିଲେ, ହେଲେ ସେଥିରେ ସଫଳ ହୋଇପାରିଲେ ନାହିଁ। ଅସୀତଙ୍କ ରାଜନୈତିକ ଭବିଷ୍ୟତ ପାଇଁ ଯୁଗଳ ନିଜର ପୁରୁଣା ଦଳ କଂଗ୍ରେସକୁ ଫେରିପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଲାଣି। ଏମିତିକି ଶତାଧିକ କର୍ମୀ ରାଜଧାନୀସ୍ଥିତ ଯୁଗଳଙ୍କ ସରକାରୀ ବାସଭବନରେ ରୁଣ୍ଡ ହୋଇ ପରବର୍ତ୍ତୀ ରଣନୀତି ନେଇ ଆଲୋଚନା କରୁଥିବା ଦେଖାଯାଇଛି। ବାଙ୍କୀରେ ଦେବୀରଞ୍ଜନ ତ୍ରିପାଠୀଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଥିବା ନେତାଙ୍କୁ ବିଜେଡି ବହିଷ୍କୃତ କରିଛି।

ସେହିପରି ବିଜେଡି କେନ୍ଦ୍ରାପଡା ବିଧାନସଭା ଆସନକୁ ନେଇ ପ୍ରାର୍ଥୀ ସ୍ଥିର କରିପାରୁନାହିଁ। ବର୍ତ୍ତମାନ ବିଧାୟକ ଥିବା କିଶୋର ତରାଇଙ୍କ ପ୍ରାର୍ଥିତ୍ୱକୁ ଏ ପର୍ଯ୍ୟନ୍ତ ମୋହର ମିଳିନାହିଁ। ତେଣୁ ତାଙ୍କୁ ବଦଳାଯିବା ନେଇ ଚର୍ଚ୍ଚା ଜୋର ଧରିଛି। ଶୁକ୍ରବାର କିଶୋରଙ୍କ ସମର୍ଥକ ନବୀନ ନିବାସ ଆସି ଟିକେଟ ପାଇଁ ଦାବି କରିଥିବାବେଳେ ଶନିବାର କେତେଜଣ ବିରୋଧୀ ତାଙ୍କ ପ୍ରାର୍ଥିତ୍ୱ ବିପକ୍ଷରେ ଫେରାଦ ହୋଇଛନ୍ତି। ଅତୀତରେ କିଶୋର ସଂପୃକ୍ତ ଥିବା କେତେକ ଆପରାଧିକ କାର୍ଯ୍ୟ ସମ୍ପର୍କିତ ଲିଫ୍‌ଲେଟ୍ ଏବଂ ଖବରକାଗଜ ପୃଷ୍ଠା ବାଣ୍ଟିଥିଲେ। ସିପ୍ରା ମଲିକଙ୍କୁ ଡକାଯାଇ ଆଲୋଚନା ଜାରିରହିଛି। ହେଲେ ନୂତନ ପ୍ରାର୍ଥୀ ଦେବା ପାଇଁ ଆଲୋଚନା ଚାଲିଥିବା ସୂତ୍ରରୁ ପ୍ରକାଶ।

ସେହିପରି କେନ୍ଦ୍ରାପଡା ଜିଲାର ରାଜନଗର ଆସନରେ ଧ୍ରୁବ ସାହୁଙ୍କ ପ୍ରାର୍ଥିତ୍ୱ ମଧ୍ୟ କେତେକ କର୍ମୀ ଗ୍ରହଣ କରିପାରିନାହାନ୍ତି। ତାଙ୍କୁ ପରିବର୍ତ୍ତନ କରିବା ପାଇଁ ମଧ୍ୟ ଦାବି କରାଯାଇଛି। ଯାଜପୁର ଜିଲା ବରୀ ବିଧାନସଭାରୁ ଦେବାଶିଷ ନାୟକ ଏବଂ ବିଜୟ ନାୟକଙ୍କୁ ପ୍ରାର୍ଥୀ କରିବା ପାଇଁ ୨ ଭିନ୍ନ ଗୋଷ୍ଠୀ ଦାବି କରିଛନ୍ତି। ଜଗତ୍‌ସିଂହପୁର ଲୋକ ସଭା ଅର୍ନ୍ତଗତ ଏକାଧିକ ବିଧାନସଭା ଆସନର ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ଜଗତ୍‌ସିଂହପୁର ବିଧାନସଭାରୁ ଅମରେନ୍ଦ୍ର ଦାଶଙ୍କୁ ପ୍ରାର୍ଥୀ କରିବା ପାଇଁ ମଧ ଏକ ଗୋଷ୍ଠୀ ନବୀନ ନିବାସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ଛାତ୍ର ଏବଂ ଯୁବ ବିଜେଡି ମଧ୍ୟରୁ କେତେକଙ୍କୁ ଟିକେଟ୍ ପ୍ରଦାନ ନେଇ ମଧ ଦାବି ଜୋର ଧରିଛି। ଏମିତିକି ଏହି ପ୍ରସଙ୍ଗରେ ଛାତ୍ର,ଯୁବଗୋଷ୍ଠୀ ବିଜେଡି ଶୀର୍ଷ ନେତୃତ୍ୱକୁ ଭେଟି ଦାବିପତ୍ର ଦେଇଥିବା ଜଣାପଡିଛି।

## ୧ରେ ଉମରକୋଟ ଆସିବେ ଶାହ

ଉମରକୋଟ,୩୦।୩(ଡି.ଏନ.ଏ)



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଆସନ୍ତା ଏପ୍ରିଲ ୧ ତାରିଖରେ ନବରଙ୍ଗପୁର ଜିଲା ଉମରକୋଟ ଆସିବେ। ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଭାଜପାର ନିର୍ବାଚନୀ ସଭା ଓ ବିଜୟ ସଙ୍କଳ୍ପ ସମାବେଶରେ ସେ ଯୋଗ ଦେଇ ଜନସାଧାରଣଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଭାଜପା ଜିଲା ସଭାପତି ଗୋବିନ୍ଦ ଜୈନ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିଜୟ ସଙ୍କଳ୍ପ ସଭାରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ଉମରକୋଟ ବିଧାୟକ ପ୍ରାର୍ଥୀ ନିତ୍ୟାନନ୍ଦ ଗଣ୍ଡ, ଜିଲା ସମ୍ପାଦକ ଅଶୋକ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜବତ ହେଲାଣି ୨.୨୪ କୋଟିର ମଦ

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ତୃତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ଶନିବାର ୬ ଲୋକ ସଭା ପାଇଁ ୬ ଜଣ ଓ ୪୨ ବିଧାନସଭା ଆସନ ପାଇଁ ୧୦ ପ୍ରାର୍ଥୀ ସେମାନଙ୍କର ନାମଙ୍କନପତ୍ର ଦାଖଲ କରିଛନ୍ତି। ଏବେ ସୁଦ୍ଧା ତୃତୀୟ ପର୍ଯ୍ୟାୟ ଲୋକ ସଭା ପାଇଁ ମୋଟ ୧୨ ଜଣ ଓ ବିଧାନସଭା ପାଇଁ ୩୩ ପ୍ରାର୍ଥୀ ନାମାନଙ୍କନପତ୍ର ଦାଖଲ କରିସାରିଛନ୍ତି। ସେହିପରି ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ୬୬୦୮ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିବାବେଳେ ୩୨୯୫୧ ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସ ପ୍ରାପ୍ତ ୪୧୭୦ଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନଠାରେ ଦାଖଲ କରାଯାଇଛି। ଲାଇସେନ୍ସ ନ ଥିବା ୧୬୨ଟି ଅସ୍ତ୍ରଶସ୍ତ୍ର ଏବଂ ୨୪୯. ୩୨ କେ.ଜି. ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଅବାକରୀ ବିଭାଗ ଓ ପୋଲିସର ମିଳିତ ଚଢାଉ ଫଳରେ ୭୭୯୭୯.୨୨୫ ଲିଟର ମଦ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୨ କୋଟି ୨୪ ଲକ୍ଷ ୫୪ ହଜାର ୫୯ ଟଙ୍କା। ଶନିବାର ସୁଦ୍ଧା ରାଜ୍ୟରେ ଫ୍ଲାଇଂ ସ୍କାଡ୍ ଏବଂ ପୋଲିସ ଦ୍ୱାରା ୭୦ ଲକ୍ଷ ୭୬ ହଜାର ୭୦ ଟଙ୍କା ଜବତ କରାଯାଇଛି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୧୧ ଲକ୍ଷ ୫୯ ହଜାର ୧୦୭ ହୋଡିଂ ଓ ପୋଷ୍ଟରକୁ ହଟାଇ ଦିଆଯାଇଛି। ରାଜ୍ୟସ୍ତରରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷକୁ ୪୪୬ଟି ଅଭିଯୋଗ ଆସିଛି। ସି-ଭିଜିଲ ଆପ୍ ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୪୭୮ଟି ଅଭିଯୋଗ ଗ୍ରହଣ କରାଯାଇ ସେଥିରୁ ୪୫୧ଟି ସମାଧାନ କରାଯାଇଛି।


ଲୋକ ସଭା ନିର୍ବାଚନ ପାଇଁ କୋଲକାତାରେ ସିପିଆଇଏମ୍‌ର ଦଳୀୟ ଚିହ୍ନ ପ୍ରସ୍ତୁତିରେ ବ୍ୟସ୍ତ ଶ୍ରମିକମାନେ।

## ନିର୍ବାଚନ ଲଢ଼ିବେ ଜିତେନ୍ଦ୍ର ହରିପାଲ

ସମ୍ବଲପୁର,୩୦।୩ (ବ୍ୟୁରୋ)

ଜନସେବା ପାଇଁ ରାଜନୀତିକୁ ଓହ୍ଲାଇବେ ପ୍ରସିଦ୍ଧ 'ରଙ୍ଗବତୀ' ଗୀତର ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ। ତେବେ କୌଣସି ଦଳରୁ ନୁହେଁ ବରଂ ସ୍ୱାଧୀନ ଭାବେ ସେ ନିର୍ବାଚନ ଲଢିବାକୁ ନିଷ୍ପତ୍ତି ନେଇଛନ୍ତି। ସମ୍ବଲପୁର ବିଧାନସଭା ଆସନ କିମ୍ବା ଲୋକ ସଭା ଆସନରୁ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଆସନ୍ତା ୩ କିମ୍ବା ୪ ତାରିଖରେ ସେ ନାମାଙ୍କନ ଦାଖଲ କରିବେ।

ଏ ନେଇ ହରିପାଲ କହିଛନ୍ତି, ମୁଁ ଅନେକ ନିର୍ବାଚନ ଦେଖିଛି। ଅନେକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛି। ରାଜନୀତି କ'ଣ, କେମିତି ହୁଏ ତାହା ସେ ଅତି ପାଖରୁ ପରଖିଛି। ବହୁ ଦଳ ଓ ନେତାଙ୍କ ସହ ମୋର ଭଲ ସମ୍ପର୍କ ରହିଛି। ସମସ୍ତେ ସ୍ନେହ, ଶ୍ରଦ୍ଧା, ସମ୍ମାନ କରନ୍ତି। ଆଜି ନିର୍ବାଚନରେ ଠିଆ ହେବାକୁ ବିଭିନ୍ନ ଦଳର ଲୋକ ଟିକେଟ ପାଇଁ ଲବି କରୁଛନ୍ତି। ଟିକେଟ ନ ମିଳିଲେ ଅନ୍ୟ ଦଳକୁ ମାଙ୍କଡ ଡେଇଁଲା ଭଳି ଡେଇଁ ପଡୁଛନ୍ତି। ଏହା କି ପ୍ରକାର ରାଜନୀତି ଓ ଜନପ୍ରତିନିଧି ବୋଲି ହରିପାଲ ପ୍ରଶ୍ନ କରିଛନ୍ତି। ତାଙ୍କ ପାଖରେ ଟଙ୍କା ନାହିଁ, ତଥାପି ସେ ଜନସେବାକୁ ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ପ୍ରସ୍ତୁତ। ଅନେକ ସମୟରେ ଟଙ୍କା କାମ ଦିଏନି। ଲୋକେ ବ୍ୟକ୍ତିର ଭାବମୂର୍ତ୍ତି ଦେଖି ନିଜର ମୂଲ୍ୟବାନ ମତଦାନ କରନ୍ତି। ନିଜ ସ୍ୱାର୍ଥ ପାଇଁ ସେ ନିର୍ବାଚନ ଲଢିବେନି। ସମାଜର ଗରିବ, ମଲିମୁଣ୍ଡିଆଙ୍କ ସ୍ୱାର୍ଥ ପାଇଁ ରାଜନୀତିକୁ ଓହ୍ଲାଇବାକୁ ଇଚ୍ଛା କରିଥିବା ହରିପାଲ କହିଛନ୍ତି।


ଜିତେନ୍ଦ୍ର ହରିପାଲ

ସୂଚନାଯୋଗ୍ୟ, ଜିତେନ୍ଦ୍ର ରଙ୍ଗବତୀ ଗୀତ ପାଇଁ ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହି ଗୀତ ପାଇଁ ମଧ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ ହୋଇଛନ୍ତି। ଆଜି ବି ତାଙ୍କ ସଙ୍ଗୀତ ସାଧନା ଜାରି ରହିଛି। ଜୀବନରେ କେବେ ରାଜନୀତି କରି ନ ଥିବା ଜିତେନ୍ଦ୍ରଙ୍କୁ ଭୋଟରମାନେ କେତେ ଗ୍ରହଣ କରିବେ ସେ ନେଇ ସମ୍ବଲପୁରରେ ଚର୍ଚ୍ଚା ଜୋର ଧରିଛି।


ଆନ୍ଧ୍ରପ୍ରଦେଶର କୁର୍ନୁଲରେ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ଅଧ୍ୟକ୍ଷ ୱାଇ.ଏସ୍. ଜଗନ୍‌ମୋହନ୍ ରେଡ୍ଡୀ ଏକ ସଭାକୁ ସମ୍ବୋଧିତ କରୁଛନ୍ତି।

## ପ୍ରଚାର ଗାଡ଼ିରୁ ମୃତଦେହ ଉଦ୍ଧାର

ଭବାନୀପାଟଣା,୩୦।୩(ଡି.ଏନ୍.ଏ.): ପ୍ରଥମ ପର୍ଯ୍ୟାୟ ଭୋଟ ପ୍ରଚାର ପାଇଁ ଅନ୍ୟ ରାଜ୍ୟରୁ ଆସିଥିବା ଏକ ପ୍ରଚାର ଗାଡିରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ମାମିଡି ଲୋକେସ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚରେ ବିଷୟ ହୋଇଛି। ଅନ୍ୟପକ୍ଷେ ଯୁବକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ଭବାନୀପାଟଣା ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଗାଡିରେ ଥିବା ଅନ୍ୟ କର୍ମଚାରୀଙ୍କୁ ପୋଲିସ ପଚରାଉଚୁରା କରୁଛି।

## ବିଜେଡିର ହୋଲୋଗ୍ରାମ ପ୍ରଚାର

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣାଠାରୁ ଆରମ୍ଭ କରି ପ୍ରାର୍ଥିପତ୍ର ଦାଖଲ ଚାଲିଲାଣି। ସବୁ ଦଳର ନେତା ମଧ ପ୍ରଚାରରେ ମାତିଲେଣି। କମ୍ ସମୟରେ ଅଧିକ ଲୋକଙ୍କୁ ପ୍ରଚାରରେ ସାମିଲ କରିବା ପାଇଁ ଶନିବାର ବିଜେଡି ପକ୍ଷରୁ ହାଇଟେକ୍ ହୋଲୋଗ୍ରାମ ପ୍ରଚାର ଆରମ୍ଭ ହୋଇଛି। ସାରା ରାଜ୍ୟରେ ଏକକାଳୀନ ୨୦ ପ୍ରମୁଖ ସ୍ଥାନରେ ଏହା ପ୍ରଦର୍ଶନ କରାଯାଉଛି। ପ୍ରତିଦିନ ୬୦ଟି ହୋଲୋଗ୍ରାମ ଦ୍ୱାରା ପ୍ରଚାର କରାଯାଉଛି। ପର୍ଯ୍ୟାୟକ୍ରମେ ଏହି ପ୍ରଚାର ୩୦ ଜିଲାରେ କରାଯିବ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରତି ଭୋଟରଙ୍କ ପାଖରେ ପହଞ୍ଚାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଦଳ ପକ୍ଷରୁ କୁହାଯାଇଛି। ପ୍ରଥମ ଦିନରେ ରାଜଧାନୀର ସାଲିଆସାହି ମେଲଣ ପଡିଆ ନିକଟସ୍ଥ ହାତୀଆଣ୍ଡୁଣି ବସ୍ତି, ୟୁନିଟ୍-୩ସ୍ଥିତ ମସଜିଦ୍ ବସ୍ତି ଏବଂ ବିଜେଡି କଲେଜ ନିକଟସ୍ଥ ମହିଷାଖାଲ ବସ୍ତିରେ ଏହି ହୋଲୋଗ୍ରାମ ପ୍ରଚାର କରାଯାଇଛି। ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ବସ୍‌ରେ ଆସନ୍ତା ୩ରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାରରେ ଯିବେ।





ସତ୍ୟ ନିମନ୍ତେ ସବୁକିଛି ତ୍ୟାଗ କରାଯାଇପାରେ। କିନ୍ତୁ ସତ୍ୟକୁ କୌଣସି ବସ୍ତୁ ପାଇଁ ତ୍ୟାଗ କରାଯାଇନପାରେ
:ବ୍ୟାସଦେବ



## ସଂକ୍ଷେପରେ

### ପୁରୀ ହିଂସା: ଜଣେ ଗିରଫ

ପୁରୀ ଅଫିସ,୩୦।୩: ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସା ଘଟଣାରେ ସିଂହଦ୍ୱାର ଥାନା ପୋଲିସ ଶନିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଦୋଳମଣ୍ଡପ ସାହି ଦଇତାଗଳିର ବିଶ୍ୱନାଥ ନାୟକ। ସୂଚନା ମୁତାବକ, ସିଂହଦ୍ୱାର ସୂଚନାକେନ୍ଦ୍ର ଭଙ୍ଗାରୁଜା ଘଟଣାରେ ଏକ ମାମଲା (ନଂ.୮୩/୧୮) ରୁଜୁ ହୋଇଥିଲା । ଏହି ଘଟଣାରେ ଅଭିଯୁକ୍ତ ବିଶ୍ୱନାଥଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଥିବା ଥାନାଧିକାରୀ ଶ୍ରବଣ କୁମାର ବେହେରା କହିଛନ୍ତି ।

### ଷ୍ଟେଶନ ପ୍ରବେଶ ପଥ କଡ଼ରୁ ମୃତଦେହ ଉଦ୍ଧାର

ପୁରୀ ଅଫିସ,୩୦।୩: ପୁରୀ ରେଳଷ୍ଟେଶନ ପରିସରସ୍ଥ ପ୍ରବେଶ ପଥରୁ ଶନିବାର ଅପରାହ୍ଣରେ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ସୂଚନା ଅନୁଯାୟୀ, ପ୍ରବେଶ ପଥରେ ଜଣେ ବୃଦ୍ଧ ଅଚେତ ଅବସ୍ଥାରେ ପଡି ରହିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସ, ଜିଆର୍‌ପି ଏବଂ ଆରପିଏଫ୍‌କୁ ଖବର ଦେଇଥିଲେ। ବିଳମ୍ବରେ ସଦର ଥାନା ପୋଲିସ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ମେଡିକାଲ ଆଣିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

### ଦୁର୍ଘଟଣାରେ ଜଣେ ଗୁରୁତର

କଣାସ, ୩୦।୩(ସ୍ୱ.ପ୍ର.)-କଣାସ ଥାନା ଅନ୍ତର୍ଗତ ନୂଆଜଗନ୍ନାଥ ସଡକର ପେଟ୍ରୋଲପମ୍ପ ନିକଟରେ ଦୁଇଟି ମୋଟରସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ସରସ୍ୱତୀନଗରର ଅମିନ ବେହେରା (୪୫) ଗୁରୁତର ଭାବେ ଆହତ ହୋଇଛନ୍ତି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। କଣାସ ଥାନା ପକ୍ଷରୁ ଦୁଇଟି ଯାକ ମୋଟରସାଇକେଲ ଜବତ କରାଯାଇ ତଦନ୍ତ ଜାରି ରହିଛି।

### ୬ରୁ ସର୍ବଭାରତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ଗୋପ, ୩୦।୩(ଡି.ଏନ୍.ଏ.)-ଗୋପ ବ୍ଲକ ଅଧୀନ ନାଗପୁର ହାଟପଡ଼ିଆଠାରେ ନାଗପୁର ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଦୁଇଦିନିଆ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଏପ୍ରିଲ୍ ୬ରେ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ନାଗପୁର ସ୍ପୋର୍ଟସ କ୍ଲବ ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ସୁକାନ୍ତ କିଶୋର ମିଶ୍ର ସୂଚନା ଦେଇଛନ୍ତି। ଆଗାମୀ ୬ ଓ ୭ ତାରିଖ ୨ଦିନ ଧରି ନାଗପୁର ହାଟପଡ଼ିଆ ଠାରେ ଅନୁଷ୍ଠିତ ହେବ। ଏଥିରେ ଉତ୍ତରପ୍ରଦେଶ ବନାରସର ସାଇ ଟିମ୍, ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଟିମ୍, ସ୍ପୋର୍ଟସ ହଷ୍ଟେଲ ଭୁବନେଶ୍ୱର, ବାଲେଶ୍ୱର ସ୍ପୋର୍ଟସ ହଷ୍ଟେଲ, ଘରୋଇ ଟିମ୍ ନାଗପୁର ସ୍ପୋର୍ଟସ କ୍ଲବ୍ ଆଦି ଟିମ୍ ସହିତ ଅନ୍ୟ ୧୧ଟି ଭଲିବଲ୍ କ୍ଲବ ଭାଗନେବେ।

### ମୁଗ ଫସଲରେ ପୋକ ମିଳୁନି ସରକାରୀ କୀଟନାଶକ

ଗୋପ, ୩୦।୩(ଡି.ଏନ୍.ଏ.): ଚଳିତ ବର୍ଷ ଗୋପ ବ୍ଲକ୍‌ରେ ୭୬୫୦ ହେକ୍ଟର ମୁଗ ଚାଷ କରାଯାଇଥିବା ବେଳେ ୫୦୦ ହେକ୍ଟର ଚାଷଜମି ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଚାଷ କରାଯାଇଛି। ମୁଗ ଫସଲରେ ଗୁଣ୍ଡିପୋକଙ୍କ ପ୍ରାଦୁର୍ଭାବ ଯୋଗୁ ମୁଗ ଫସଲ ନଷ୍ଟ ହେବାରେ ଲାଗିଛି। ଏହା ସହ ପୋଲହରା ଓ ଗୁଣ୍ଡି ପୋକ ଲାଗି ଗଛର ପତ୍ର ସହ ଡଙ୍କ ଖାଇଯିବା ଫଳରେ ତାହା ଦିନକୁ ଦିନ ଶୁଖିବାରେ ଲାଗିଛି। ଚାଷୀ ହଜାର ହଜାର ଟଙ୍କା ଖର୍ଚ୍ଚ କରି ମୁଗ ଫସଲ କରିଥିବାବେଳେ ତାହା ଏବେ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲାଣି। ମାତ୍ର କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ରିହାତିରେ ସରକାରୀ କୀଟନାଶକ ମିଳୁ ନାହିଁ। ଫଳରେ ସେମାନେ ବଜାରରୁ ଚଢ଼ା ଦରରେ କୀଟନାଶକ କିଣି ଏହି ଫସଲକୁ ବଞ୍ଚାଇବା ଲାଗି ଚେଷ୍ଟା ଚଳାଇଛନ୍ତି। ଏଥିପ୍ରତି କୃଷି ବିଭାଗର ଉଚ୍ଚ ପଦାଧିକାରୀମାନେ ଦୃଷ୍ଟି ଦେଇ ଏହାର ନିରାକରଣ ପାଇଁ ଚେଷ୍ଟିତ ହେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ଲୋପାମୁଦ୍ରା ଦାସଙ୍କୁ ପଚାରିବାରେ ସରକାରୀ ନିୟମ ଅନୁଯାୟୀ ରିହାତି ଦରରେ ଚାଷୀମାନଙ୍କୁ କୀଟନାଶକ ଯୋଗାଣ କରାଯାଉଛି ଓ ବିଭିନ୍ନ ସମୟରେ କୃଷି କର୍ମଚାରୀମାନେ ଖେତ ପରିଦର୍ଶନ କରି ଚାଷୀମାନଙ୍କୁ ଫସଲକୁ ପୋକ ଦାଉରୁ ରକ୍ଷା କରିବା ସମ୍ପର୍କରେ ସଚେତନ କରୁଥିବା କହିଥିଲେ।

■ ପାଚେରି ତିଆରି ହେଉନି, ଫାଟିଗଲାଣି ବାଲିବସ୍ତା

# ଇନ୍ଦ୍ରଦ୍ୟୁମ୍ନରେ ପଶୁଛି ମଇଳାପାଣି

ପୁରୀ ଅଫିସ,୩୦।୩:



ପୁରୀ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ଭୁଶୁଡ଼ି ପଡିଥିବା ପାଚେରି ପୁନଃ ନିର୍ମାଣ ହୋଇନାହିଁ।

ବିପଦରେ ଶ୍ରୀକ୍ଷେତ୍ରର ଐତିହ୍ୟ ପୁଷ୍କରିଣୀ। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଗୋଟିଏ ପରେ ଗୋଟିଏ ପୁଷ୍କରିଣୀର ସ୍ଥିତି ସଙ୍ଗୀନ ହେବାରେ ଲାଗିଛି। ପାର୍ବତୀ ସାଗର ହେଉ କି ମାର୍କଣ୍ଡ ପୁଷ୍କରିଣୀ ଏହି ପବିତ୍ର ପୁଷ୍କରିଣୀର ପାଚେରି ଭୁଶୁଡ଼ି ପଡିଥିବାବେଳେ ଏହାର ମରାମତି ଦିଗରେ ଧ୍ୟାନ ଦିଆଯାଉନାହିଁ। ସବୁଠୁ ପରିତାପର ବିଷୟ ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ଇନ୍ଦ୍ରଦ୍ୟୁମ୍ନ ଅବସ୍ଥା ବି ତଦ୍ରୂପ। ତିନି ପାର୍ଶ୍ୱରେ ପାଚେରି ଭୁଶୁଡି ପଡ଼ି ଏହା ଅସୁନ୍ଦର ଲାଗୁଥିବାବେଳେ ଏଥିରେ ଏବେ ସ୍ୱରେଜ ମଇଳା ପାଣି ବି ପଶୁଛି । ଭାଙ୍ଗିଯାଇଥିବା ପାଚେରି ତିଆରି କରାଯାଇ ନ ଥିବା ବେଳେ ଅସ୍ଥାୟୀ ଭାବେ ବାଲିବସ୍ତା ଏବଂ ସିମେଣ୍ଟ କାନ୍ଥ ବାଡା କରାଯାଇଛି । ହେଲେ ବାଲିବସ୍ତାଗୁଡ଼ିକ ଫାଟି ପୁଷ୍କରିଣୀ ଭିତରେ ବାଲି ପଡୁଥିବାବେଳେ ଅନେକ ସମୟରେ ସ୍ୱରେଜ ନଳା ଫାଟି ମଇଳା ପାଣି ପବିତ୍ର ଇନ୍ଦ୍ରଦ୍ୟୁମ୍ନରେ ମିଶୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ତୀର୍ଥ ପୁଷ୍କରିଣୀର ଏଭଳି ଅବସ୍ଥାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ତୀର୍ଥ ହେଉଛି ଇନ୍ଦ୍ରଦ୍ୟୁମ୍ନ। ହିନ୍ଦୁଧର୍ମାଲମ୍ବୀମାନେ ପବିତ୍ର ପଞ୍ଚ ତୀର୍ଥରେ ବୁଡ଼ ପକାଇଲେ ପୁରୀକୁ କରିଥିବା ତୀର୍ଥଯାତ୍ରା ସଫଳ ହୁଏ ବୋଲି ବିଶ୍ୱାସ ରଖନ୍ତି । ଏଭଳି ତୀର୍ଥଯାତ୍ରୀଙ୍କ ଭାବାବେଗ ସହ ଜଡ଼ିତ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉନାହିଁ । ବିପଦପୂର୍ଣ୍ଣ ହୋଇପଡିଛି ପାଚେରି, ପ୍ରଦୂଷିତ ହୋଇଛି ଏହାର ପାଣି। ଗତବର୍ଷ ଅଗଷ୍ଟ ୬ତାରିଖ ରାତିରେ ହୋଇଥିବା ପ୍ରବଳ ବର୍ଷାରେ ଏହାର ପୂର୍ବ ପାର୍ଶ୍ୱ ପାଚେରି ପ୍ରାୟ ୫୬ଫୁଟ ଏବଂ ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ୫୦ଫୁଟରୁ ଊର୍ଦ୍ଧ୍ୱ ପାଚେରି ଭୁଶୁଡ଼ି ପଡିଥିଲା। ସେହିପରି ଗତବର୍ଷ ଅକ୍ଟୋବର ୧୧ ତାରିଖ ରାତିରେ ହୋଇଥିବା ବର୍ଷାରେ ଉତ୍ତର ପାର୍ଶ୍ୱ ପାଚେରି ପ୍ରାୟ ୪୦ରୁ ୫୦ ଫୁଟ ପୁଷ୍କରିଣୀ ମଧ୍ୟକୁ ଭୁଶୁଡି ପଡିଥିଲା ।

ପ୍ରାୟ ୬ମାସ ହୋଇଗଲାଣି ଭାଙ୍ଗିଥିବା ପାଚେରି ତିଆରି ହୋଇନାହିଁ। ଶ୍ରୀମନ୍ଦିର ପ୍ରଶାସନ ପୂର୍ବ ପାର୍ଶ୍ୱରେ ଭାଙ୍ଗିଥିବା ପାଚେରି କଡ଼ରେ ସିମେଣ୍ଟ କାନ୍ଥ ବାଡା ତିଆରି କରିଥିବାବେଳେ ଉତ୍ତର ପାର୍ଶ୍ୱରେ ଇଟା ଯୋଡେଇ କାନ୍ଥ କରିଛି । ଏହା ପାଚେରିଠାରୁ ପଛକୁ ନିର୍ମାଣ ହୋଇଛି। ଆଗରେ ବାଲିବସ୍ତା ପ୍ୟାକ୍ ଦିଆଯାଇଛି, ଯାହାକି ଇନ୍ଦ୍ରଦ୍ୟୁମ୍ନର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି । ପୂର୍ବପଟେ ରାସ୍ତା ତଳେ ଯାଇଥିବା ସ୍ୱରେଜ ବୋର୍ଡ ନଳାର ଗୋଟିଏ ଜଏଣ୍ଟ ସ୍ଥାନ ଫାଟିଯିବାରୁ ଏଠାରୁ ମଇଳା ପାଣି ବାହାରି ବାଲିବସ୍ତା ଉପର ଦେଇ ନରେନ୍ଦ୍ର ପୁଷ୍କରିଣୀରେ ମିଶୁଛି । ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ । ସେହିପରି ମ୍ୟୁନିସିପାଲିଟି ସଫେଇ କର୍ମଚାରୀମାନେ ଇନ୍ଦ୍ରଦ୍ୟୁମ୍ନ କଡ଼ରେ ଅଳିଆ ଗଦା କରୁଛନ୍ତି । ପବନ ହେଲେ ଅଳିଆ ଆବର୍ଜନା ପୋଖରୀରେ ମିଶୁଛି । ଫଳରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ପାଣି ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି । ତୁରନ୍ତ ପାଚେରି ନିର୍ମାଣ ସହ ଏହାର ପାଣିକୁ ପ୍ରଦୂଷଣମୁକ୍ତ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ଶ୍ରୀମନ୍ଦିରର ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ସୁବୁଦ୍ଧିଙ୍କୁ ପଚାରିବାରେ କହିଛନ୍ତି ଯେ, ଏହି କାମ ପିଡବ୍ଲୁଡିକୁ ଦିଆଯାଇଛି। ସେହି ବିଭାଗ ଏହାର ମରାମତି କାମ କରିବ।

## ଜିଏମ୍ ଆଇନ କଲେଜରେ ମୁଟ୍ କୋର୍ଟ

ପୁରୀ ଅଫିସ,୩୦।୩ :

ଜିଏମ୍ ଆଇନ କଲେଜ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ମୁଟ୍ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ୧୦ଟି ଆଇନ କଲେଜର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୁମ୍ବାଇ ନ୍ୟାଶନାଲ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଭବାନୀ ପ୍ରସାଦ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ପୁରୀ ସିଭିଲ କୋର୍ଟ ରେଜିଷ୍ଟ୍ରାର ମନୋଜ କୁମାର, ବରିଷ୍ଠ ଆଇନଜୀବୀ ବିଶ୍ୱଜିତ ଷଡ଼ଙ୍ଗୀ, ସନ୍ତୋଷ କୁମାର ସାହୁ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଏଡିଜେ ଶୁଭଦର୍ଶୀ ପଟ୍ଟନାୟକ, ପ୍ରଫେସର ଏସ. କେ.ଆଜାଦ୍, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ମଧୁସୂଦନ ଆଇନ କଲେଜକୁ ଆଇନଜୀବୀ ସୁରେଶ ଚନ୍ଦ୍ର ନାୟକ ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ମୁଟ୍ ଭାବେ କଟକ ଦି' ଲ କଲେଜ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। କଲେଜର ଅଧ୍ୟକ୍ଷ ଡ. ଶେଷଦେବ ମହାପାତ୍ର, ପ୍ରଫେସର ଲୋକନାଥ ସୁଆର, ଅଧ୍ୟାପକ ପ୍ରଫୁଲ୍ଲ କୁମାର ନାୟକ, ଡ. କୈଳାସ ଚନ୍ଦ୍ର ରଥ, ରଜନୀକାନ୍ତ ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାର୍ଗବୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବଳଙ୍ଗା,୩୦ ।୩(ଡି.ଏନ୍.ଏ.)

ବଳଙ୍ଗା ବକ୍ରେଶ୍ୱର ଦେବଙ୍କ ପଞ୍ଚୁଦୋଳ ମେଳଣ ପଡିଆରେ ଆୟୋଜିତ ୫ମ ଭାର୍ଗବୀ ମହୋତ୍ସବର ଶନିବାର ୨ୟ ସନ୍ଧ୍ୟା ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ତଥା ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର ଯୋଗଦେଇ ଓଡ଼ିଶାର ଐତିହ ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତି ପରିଡା ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ମେଳଣ କମିଟିର ସଭାପତି ସ୍ଥିତପ୍ରଜ୍ଞା ହୋତା, ଦିଲୀପ କୁମାର ପଟ୍ଟନାୟକ, ମହୋତ୍ସବ କମିଟିର ସମ୍ପାଦକ ସୁବାସ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ପରେ ଗ୍ରାମାଞ୍ଚଳର ୩୦ଜଣ କଳାକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଶୋକ କୁମାର ମିଶ୍ର ପରିଚାଳନା କରିଥିଲେ ଏବଂ ଭାର୍ଗବୀ ମହୋତ୍ସବ କମିଟିର ସଦସ୍ୟ ସହଯୋଗର ହାତ ବଢାଇ ଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ସାକ୍ଷୀଗୋପାଳ, ୩୦ ।୩(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ପରହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସତ୍ୟବାଦୀ ବ୍ଲକ ସହଶିକ୍ଷା ଅଧିକାରୀ ତ୍ରିଲୋଚନା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏବିଓ ଆର୍ତ୍ତତ୍ରାଣ ମିଶ୍ର ଓ ବାଇନ ବରାଳ ଯୋଗଦେଇଥିଲେ। ଅତିଥିମାନେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଅଜୟ ପ୍ରଧାନ ଉତ୍ସବରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ନିରୋଜିନୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ସୌଦାମିନୀ ମୁଦୁଲି ଧନ୍ୟବାଦ ଦେଇଥିଲେ।

■ ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ସଂଘ ବୈଠକ

## ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଦାବି

ପୁରୀ ଅଫିସ,୩୦।୩ :



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ।

ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସାଧାରଣ ବୈଠକ ଶନିବାର ସ୍ଥାନୀୟ ଅବକାଶ ଲେନ୍‌ସ୍ଥିତ ଭୁବନେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଉତ୍କଳ ପ୍ରଦେଶ ଗଠନର ପୁରୋଧାମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଦେଶ ମାତୃକା ଲାଗି ନିଜ ଜୀବନକୁ ଉତ୍ସର୍ଗ କରିଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଅବହେଳା କରାଯାଉଛି। ବର୍ଷସାରା ପ୍ରତିମୂର୍ତ୍ତିଗୁଡିକ ଅପରିଚ୍ଛନ୍ନ ଅବସ୍ଥାରେ ପଡିରହୁଥିବାବେଳେ କେବଳ କୌଣସି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଥବା ଜୟନ୍ତୀ ପାଳନରେ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉଛି। ଅନ୍ୟ ଦିନରେ କୌଣସି ପଦକ୍ଷେପ ନିଆଯାଇନଥାଏ ବୋଲି ମତ ପ୍ରକାଶ ପାଇଥିଲା। ସଂଘ ସମ୍ପାଦକ ବିଶ୍ୱନାଥ ବେହେରା କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟବାଦୀ ବକୁଳ ବନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ମାତ୍ର ଏଯାବତ କୌଣସି ଆଖିଦୃଶିଆ କାମ ହୋଇନାହିଁ। ତୁରନ୍ତ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ଲାଗି ସେ ଦାବି କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ମତଦାନ ଜଣେ ବ୍ୟକ୍ତିର ସାମ୍ବିଧାନିକ ଅଧିକାର। ପ୍ରତ୍ୟେକ ବ୍ୟକ୍ତି ମତଦାନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ସନ୍ତୋଷ କୁମାର ମହାନ୍ତି, ସତ୍ୟବାନ ରଥ, ସଦାଶିବ ସ୍ୱାଇଁ, ବ୍ରହ୍ମାନନ୍ଦ ଦାସ, ପୂର୍ଣ୍ଣଚନ୍ଦ୍ର ବିଜୟ ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ନିଖୋଜ ଛାତ୍ରଙ୍କ ମୃତଦେହ ମିଳିଲା

ସମୁଦ୍ର ସ୍ନାନ ବେଳେ ଭାସିଯାଇଥିଲେ

ପୁରୀ ଅଫିସ,୩୦।୩ :

ସମୁଦ୍ର ସ୍ନାନର ମଜା ଉଠାଉଥିବାବେଳେ ଭାସିଯାଇ ନିଖୋଜ ଥିବା ଜଣେ ଛାତ୍ରଙ୍କ ମୃତଦେହ ଶନିବାର ମିଳିଛି। ସେ କଟକ ଜିଲା ବାଙ୍କୀ କଲେଜର ଛାତ୍ର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶୁକ୍ରବାର ବାଙ୍କୀ କଲେଜର ୪ଜଣ ଛାତ୍ର ପୁରୀ ବୁଲିବାକୁ ଆସିଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ବେଳାଭୂମିରେ ପହଞ୍ଚିଥିଲେ। ସେଠାରେ ସମୁଦ୍ର ସ୍ନାନବେଳେ ଜଣେ ଛାତ୍ର କରେଣ୍ଟରେ ପଡ଼ି ଗଭୀର ଜଳ ଭିତରକୁ ଚାଲିଯାଇଥିଲେ। ମୁଲିୟନ ଲାଇଫଗାର୍ଡମାନେ ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କୁ ଠାବ କରିପାରି ନ ଥିଲେ। ଏନେଇ ସମୁଦ୍ର କୂଳ ଥାନାରେ ନିଖୋଜ ମାମଲା ରୁଜୁ ହୋଇଥିଲା। ଶନିବାର ଅପରାହ୍ଣରେ ପୁରୀ ସଦର ଅନ୍ତର୍ଗତ ବେଲଦଳ ବେଳାଭୂମିରେ ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ୨ ପଞ୍ଚାୟତରେ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

ଗୋପ, ୩୦ ।୩(ଡି.ଏନ୍.ଏ.)

ଗୋପ-ନିମାପଡ଼ା ନିର୍ବାଚନ ମଣ୍ଡଳୀର ପୟରା ଓ ଗୋପ ଗ୍ରାମପଞ୍ଚାୟତର ଶନିବାର ବିଜେଡି ପକ୍ଷରୁ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ନବୀନ ସରକାରଙ୍କ ବିକାଶ ଧାରାକୁ ଆହୁରି ମଜଭୁତ୍ କରିବା ପାଇଁ ଗ୍ରାମାଞ୍ଚଳର ସାଧାରଣ ଲୋକମାନେ ଚଳିତ ନିର୍ବାଚନରେ ନିଶ୍ଚିତ ଭାବରେ ବିରୋଧୀ ଦଳକୁ ଉଚିତ ଜବାବ ଦେବେ ବୋଲି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ କହିଥିଲେ। ଏହି କାର୍ଯ୍ୟକ୍ରମରେ ନିମପଡ଼ା ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ଯୁବନେତା ମନଦୀପ ପାଇକରାୟ, ମଧୁସୂଦନ ପାଇକରାୟ ପ୍ରମୁଖ ଯୋଗ ଦେଇ ବିରୋଧୀ ଦଳ କାର୍ଯ୍ୟ ସମ୍ପର୍କରେ ମତ ରଖିଥିଲେ।

## କଂଗ୍ରେସରୁ ପିସିସି ପୂର୍ବତନ ସମ୍ପାଦକଙ୍କ ଇସ୍ତଫା

ପୁରୀ ଅଫିସ,୩୦।୩:

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସମ୍ପାଦକ ପ୍ରେମାନନ୍ଦ ବେହେରା କଂଗ୍ରେସ ଛାଡିଛନ୍ତି । ଶନିବାର ସେ ତାଙ୍କ ଇସ୍ତଫାପତ୍ର ପିସିସି ସଭାପତିଙ୍କ ନିକଟକୁ ପଠାଇଛନ୍ତି । ସତ୍ୟବାଦୀ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ, ପୁରୀ ଜିଲାପରିଷଦର ପୂର୍ବତନ ସଦସ୍ୟ ରହିଥିବା ବେହେରା ବ୍ୟକ୍ତିଗତ କାରଣରୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଉଥିବା ଉଲ୍ଲେଖ କରିଛନ୍ତି ।

## ବାବା ବୈଦ୍ୟନାଥଙ୍କ ଦଶଦୋଳ ମେଳଣ ଜମିଲା

କଣାସ, ୩୦ ।୩(ସ୍ୱ.ପ୍ର.)

କଣାସ ବ୍ଲକ ବଡାସ ଗ୍ରାମର ଆରାଧ୍ୟ ଠାକୁର ବାବା ବୈଦ୍ୟନାଥ ଦେବଙ୍କ ଦଶଦୋଳ ମେଳଣ ଶନିବାର ଜମିଛି। ମେଳଣର ଥାନାପତି ବାବା ବୈଦ୍ୟନାଥ ଦେବ ସୁସଜ୍ଜିତ ବିମାନରେ ବସି ବଡାସ ଗ୍ରାମ ପରିକ୍ରମା କରି ମେଳଣ ପଡିଆକୁ ଆସିଥିଲେ। ପରିକ୍ରମା ସମୟରେ ଘଣ୍ଟ, ଘଣ୍ଟି, ବାଦ୍ୟ, ଆତସବାଜି ସହିତ ନାଗାନାଚ, ଘୋଡାନାଚ, ସଖୀନାଚ, ମେଳଣ ପଡିଆକୁ ଆସିଥିଲେ। ଆଖପାଖ ଗ୍ରାମର ଠାକୁରମାନେ ଦଶଦୋଳ ମେଳଣ ପଡିଆକୁ ଆସି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ଶନିବାର ବିନାୟକ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

■ ମାନବିକତା ଭୁଲିଗଲେ ଡାକ୍ତର

## ଚିକିତ୍ସାଧୀନ ନାବାଳକଙ୍କୁ ମାଡ଼ ମାରିଲେ

ପୁରୀ ଅଫିସ,୩୦।୩ :

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ଅପରାହ୍ଣରେ ଏକ ଅଭାବନୀୟ ଘଟଣା ଘଟିଛି। ଚିକିତ୍ସାଧୀନ ଜଣେ ନାବାଳକଙ୍କୁ ଡାକ୍ତର ମାଡ଼ ମାରି ଲହୁଲୁହାଣ କରିଛନ୍ତି। ନାବାଳକଙ୍କ ଆଖିପତା, ଗାଲ, ଓଠରେ ଗଭୀର ଆଘାତ ଲାଗିଛି। ଏନେଇ ପରିବାର ପକ୍ଷରୁ ସିଡିଏମଓଙ୍କ ନିକଟରେ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରାଯିବ ବୋଲି ସିଡିଏମଓ ରାମଚନ୍ଦ୍ର ରାଉତ କହିଛନ୍ତି।

ସୂଚନା ଅନୁଯାୟୀ, ପୁରୀ ସହରସ୍ଥ ମିଶ୍ରସାହିର ଅର୍ଜୁନ ମାନସିଂ ତାଙ୍କ ପୁଅ ଜୟରାମ ମାନସିଂ(୮)ଙ୍କୁ ଅସୁସ୍ଥତା କାରଣରୁ ଏହି ଚିକିତ୍ସାଳୟକୁ ଆଣିଥିଲେ। ଜୟରାମଙ୍କର ଏକ ଛୋଟ ଅପରେଶନର ଆବଶ୍ୟକତା ପଡ଼ିବାରୁ ତାଙ୍କୁ ସର୍ଜରୀ ଓଟିକୁ ନିଆଯାଇଥିଲା। ଓଟି ଡ୍ୟୁଟିରେ ଡାକ୍ତର ପି.କେ.ଜେନା ରହିଥିଲେ। ସେଠାରେ କୌଣସି କାରଣକୁ ନେଇ ଡା. ଜେନା ଉତ୍ତେଜିତ ହୋଇ ଜୟରାମଙ୍କୁ ମାଡ଼ ମାରିଥିଲେ। ଫଳରେ ତାଙ୍କ ଆଖି ତଳ ପତା ଏବଂ ଓଠରେ ଆଘାତ ଲାଗିଥିବାବେଳେ ଦୁଇ ଗାଲରେ ଶକ୍ତ ଚାପୁଡା ଦାଗ ରହିଛି। ପରିବାର ଲୋକେ ଏହି ଘଟଣା ଜାଣିବା ପରେ ଏହାର ତୀବ୍ର ବିରୋଧ କରିଥିଲେ। ସେଠାରେ ଉପସ୍ଥିତ ଥିବା କେତେଜଣ ରୋଗୀଙ୍କ ସମ୍ପର୍କୀୟ ମଧ୍ୟ ଏଭଳି କାର୍ଯ୍ୟକୁ ନିନ୍ଦା କରିଥିଲେ। ଘଟଣାର ତଦନ୍ତ ପାଇଁ ସିଡିଏମ୍‌ଓ ପ୍ରତିଶ୍ରୁତି ଦେଇଥିବାବେଳେ ଡା. ଜେନା ଏହି ଅଭିଯୋଗକୁ ଖଣ୍ଡନ କରି ମାଡ଼ ମାରି ନ ଥିବା କହିଛନ୍ତି।

## ଶହୀଦ ଲକ୍ଷ୍ମଣ ନାୟକ ଓଡ଼ିଶା ମାଟିର ଗର୍ବ

ପୁରୀ ଅଫିସ,୩୦।୩:

ଗୋଏଙ୍କା ଧର୍ମଶାଳା ପରିସରରେ ଶନିବାର ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ସଂସଦର ଉପଦେଷ୍ଟା ରମାକାନ୍ତ କର ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଶିକ୍ଷାବିତ୍ ପ୍ରଭାତ ଚନ୍ଦ୍ର ରଥ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଜନ୍ମମାଟିକୁ ଇଂରେଜ କବଳରୁ ରକ୍ଷା କରିବା ପାଇଁ ପ୍ରାଣବଳି ଦେଇଥିବା ବୀରପୁତ୍ରମାନଙ୍କ ମଧ୍ୟରେ ଓଡ଼ିଶା ମାଟିର ଗର୍ବ ଏବଂ ଗୌରବ ହେଉଛନ୍ତି ଲକ୍ଷ୍ମଣ ନାୟକ। ଓଡ଼ିଶାର ଏକ ଉପାନ୍ତ ଗାଁରେ ଜନ୍ମ ହୋଇଥିଲେ ମଧ୍ୟ ଦେଶମ ମାତୃକା ପାଇଁ ତାଙ୍କ ହୃଦୟ କାନ୍ଦି ଉଠିଥିଲା । ଏଥିପାଇଁ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ନାଟ୍ୟକାର ଦୟାନିଧି ତ୍ରିପାଠୀ କହିଥିଲେ, ମହାତ୍ମା ଗାନ୍ଧୀଙ୍କ ନୀତି, ଆଦର୍ଶରେ ଶହୀଦ ଲକ୍ଷ୍ମଣ ଅନୁପ୍ରାଣିତ ହୋଇ କୋରାପୁଟରେ ଖଦି ଓ ଅହିଂସାର ପ୍ରଚାର କରିଥିଲେ । ୧୯୪୨ ଅଗଷ୍ଟ ୨୧ ତାରିଖରେ ତାଙ୍କ ନେତୃତ୍ୱରେ ମାଥିଲି ଥାନା ଘେରାଉ କରାଯାଇଥିଲା। ଫଳରେ ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ଲାଠି ଚାଳନା ସହ ଗୁଳିଚାଳନା ମଧ୍ୟ କରିଥିଲା। ଉକ୍ତ ଘଟଣାରେ ସମସ୍ତ ଆନ୍ଦୋଳନକାରୀଙ୍କୁ ମିଥ୍ୟା ମକଦ୍ଦମାରେ ଫସାଇ ବ୍ରହ୍ମପୁର ଜେଲ୍‌ରେ ବନ୍ଦୀ ଭାବେ ରଖାଯାଇଥିଲା। ପରେ ଫାଶୀ ଦଣ୍ଡାଦେଶ ହୋଇଥିଲା । ଶହୀଦ ଲକ୍ଷ୍ମଣ ନାୟକ ମାଲକାନଗିରିର ଗାନ୍ଧୀ ଭାବେ ବେଶ୍ ଜଣାଶୁଣା ଥିଲେ ବୋଲି ତ୍ରିପାଠୀ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ, କବି କୃଷ୍ଣଚନ୍ଦ୍ର ରଥ, ଶିକ୍ଷାବିତ୍ ରବିନାରାୟଣ ହୋତା, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଭବାନୀ ପ୍ରସାଦ ବଳିୟାରସିଂ, ହରେକୃଷ୍ଣ ପ୍ରଧାନୀ, ହେମାଙ୍ଗିନୀ ମହାନ୍ତି ପ୍ରମୁଖ ଶହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ସଂସଦର ଉପସଭାପତି ଆଇନଜୀବୀ ଅଶୋକ ଆଢ୍ୟ ଧନ୍ୟବାଦ ଦେଇଥିଲେ ।